# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୧/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 21/2026 Page 14 ₹ 7.00

୫୨ଶ ଭାଗ ୧୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 115 ମୂଲ୍ୟ₹୭/-




## ୨୦୨୭ ଇଦ୍ ପାଇଁ ପ୍ରସ୍ତୁତି ଚଳାଇଲେଣି ସଲମାନ

ଚଳିତ ବର୍ଷ ଇଦ୍‌ରେ ସଲମାନ ଖାନ୍‌ଙ୍କ କୌଣସି ଫିଲ୍ମ ରିଲିଜ ହୋଇ ନ ଥିବାବେଳେ ୨୦୨୭ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

୧୨

୧୪

## ରାହୁଲଙ୍କ ଡବଲ ଗୋଲ୍

ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷ ଆଇଏସ୍ଏଲ୍ ମ୍ୟାଚରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଓଡ଼ିଶା ଏଫ୍‌ସିର ରାହୁଲ କେପି।




DADLS-88





## ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-



indriya.com



ADITYA BIRLA JEWELLERY

ଏପରି ଚମକ ଯାହା ଆପଣ ଆଗରୁ କେବେ ଦେଖି ନଥିବେ

INDRIYA
ADITYA BIRLA | JEWELLERY

ସ୍ପାର୍କଲିଙ୍ଗ୍ ଅଫର୍ସ

30% ପର୍ଯ୍ୟନ୍ତର ରିହାତି, ଡାଇମଣ୍ଡ ମୂଲ୍ୟ ଉପରେ*

20% ପର୍ଯ୍ୟନ୍ତର ରିହାତି, ସୁନା ଗହଣାର ଗଢ଼ା ମଜୁରି ଉପରେ*

ଡବଲ୍ ଗୋଲ୍ଡ ରେଟ୍ ପ୍ରୋଟେକ୍ସନ୍
ବୁକିଙ୍ଗ୍ ତାରିଖ ଏବଂ ବିଲିଙ୍ଗ୍ ତାରିଖ ମଧ୍ୟରେ କମ ଗୋଲ୍ଡ ରେଟ୍ ଲକ୍ କରିବା ପାଇଁ 25% ଆଡ୍‌ଭାନ୍‌ସ ପେମେଣ୍ଟ କରନ୍ତୁ*

*ସର୍ତ୍ତ ଓ ନିୟମାବଳୀ ଲାଗୁ

ଷ୍ଟୋର୍ ଏବେ ଖୋଲାଥିବା ଠିକଣା: କ୍ରିଷ୍ଟାଲ୍ କୋର୍ଟୟାର୍ଡ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର | କଟକ ଷ୍ଟୋର୍ - ଗୋଲ୍ଡେନ୍ ଆର୍‌କେଡ୍, କାଣ୍ଟନ୍‌ମେଣ୍ଟ ରୋଡ୍, ମାଛୁଆ ବଜାର, କଟକ

ଆଗ୍ରା • ଅହମଦାବାଦ • ବେଙ୍ଗଲୁରୁ • ଭୁବନେଶ୍ୱର • ଚଣ୍ଡିଗଡ଼ • ଛତ୍ରପତି ସମ୍ଭାଜୀ ନଗର • କଟକ • ଦରଭଙ୍ଗା • ଡେରାଡୁନ • ଦିଲ୍ଲୀ ଏନ୍‌ସିଆର୍ • ଗୟା ଜୀ • ଗୁଣ୍ଟୁର୍ • ହଲ୍‌ଦ୍ୱାନୀ • ହିସାର • ହୁବଲି • ହାଇଦରାବାଦ
ଇନ୍ଦୋର • ଜୟପୁର • ଜମ୍ମୁ • ଯୋଧପୁର • କାନପୁର • କୋହ୍ଲାପୁର • କଲକାତା • ଲଖ୍‌ନୌ • ମଙ୍ଗଲୁରୁ • ମୁମ୍ବଇ • ପାଟନା • ପ୍ରୟାଗରାଜ • ପୁଣେ • ରାଞ୍ଚି • ସିଲିଗୁଡ଼ି • ସୁରତ • ଉଦୟପୁର • ବିଜୟୱାଡା

O&M 0818

**ରେସଲର ସାଲେହ ମହମ୍ମଦିଙ୍କୁ ଫାଶୀଦେଲା ଇରାନ**

ଇରାନ ସରକାର ୧୯ ବର୍ଷୀୟ ରେସ୍‌ଲର ଚାମ୍ପିୟନ୍ ସାଲେହ ମହମ୍ମଦି ଏବଂ ଅନ୍ୟ ୨ ବିକ୍ଷୋଭକାରୀଙ୍କୁ କୋମ୍‌ଠାରେ ସର୍ବସାଧାରଣରେ ଫାଶୀ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ଉପରେ ସରକାରଙ୍କ ଦମନଲୀଳା ଉତ୍ତେଜନାକୁ ଆହୁରି ବଢ଼ାଇବ ବୋଲି ଆକ୍ଟିଭିଷ୍ଟମାନେ କହିଛନ୍ତି। ଗତ ଜାନୁଆରୀ ୮ ବିକ୍ଷୋଭ ବେଳେ ୨ ପୋଲିସ ଅଧିକାରୀଙ୍କ ହତ୍ୟା ସହ ସେମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା।

# କୁଏଟ୍ ତୈଳ ବିଶୋଧନାଗାର ଉପରେ ଆକ୍ରମଣ

## ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍: ଇରାନ ସେନା ମୁଖପାତ୍ର ନିହତ

**ଦୁବାଇ,୨୦।୩**

କୁଏଟ୍‌ର ଏକ ତୈଳ ବିଶୋଧନାଗାର ଉପରେ ଶୁକ୍ରବାର ଭୋର ସମୟରେ ଇରାନ ଡ୍ରୋନ୍ ଆକ୍ରମଣ କରିଛି। ଇସ୍ରାଏଲ୍‌ରେ ଆକ୍ରମଣ ସତର୍କ ସୂଚନା ସ୍ୱରୂପ ସାଇରନ୍‌ଗୁଡ଼ିକ ବାଜିଥିଲା। ଅନ୍ୟପକ୍ଷରେ ତେହରାନ୍‌ରେ ଇସ୍ରାଏଲ୍ ସେନା ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଛି। ଉକ୍ତ ଏୟାରଷ୍ଟ୍ରାଇକ୍‌ର ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡସ କର୍ (ଆଇଆର୍‌ଜିସି) ମୁଖପାତ୍ର ଜେନେରାଲ ଅଲି ମହମ୍ମଦ ନୈନି ନିହତ ହୋଇଥିବା ଇରାନୀୟ ସରକାରୀ ଟିଭି ସ୍ପଷ୍ଟ କରିଛି। ଏଥିସହିତ ଆଇଆର୍‌ଜିସିର ବାସିଜ୍ ଫୋର୍ସର ଗୋଇନ୍ଦା ମୁଖ୍ୟ ଜେନେରାଲ ଏସ୍‌ମାଇଲ୍ ଅହମଦି ମଧ୍ୟ ଆକ୍ରମଣରେ ନିହତ ହୋଇଛନ୍ତି। ନୈନି ଆମେରିକା ଓ ଇସ୍ରାଏଲ୍‌କୁ ଚେତାବନୀ ଦେବାର କିଛି ସମୟ ପରେ ଏୟାର ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଛନ୍ତି। ତେହରାନ୍ ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ କରିପାରିବ ନାହିଁ ଏବଂ ବାଲିଷ୍ଟିକ୍ ମିଶାଇଲ୍ ନିର୍ମାଣ କରିପାରିବ ନାହିଁ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଥିବାବେଳେ ନୈନି ଏହାକୁ ଖଣ୍ଡନ କରିଥିଲେ। ତେହରାନ୍ ଏବେ ବି ମିଶାଇଲ୍ ନିର୍ମାଣ ଜାରି ରଖିଛି ଏବଂ ଯୁଦ୍ଧ ଜାରି ରହିବ ବୋଲି ସେନା ମୁଖପାତ୍ର କହିଥିଲେ।



ଅଲି ମହମ୍ମଦ ନୈନି

୩ ସପ୍ତାହ ହେଲା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବଂ ଉପସାଗରୀୟ ଅଞ୍ଚଳର ଶକ୍ତି ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣ ଯୋଗୁ ବିଶ୍ୱ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଛି। କୁଏଟ୍‌ର ମିନା ଅଲ୍-ଅହମଦି ତୈଳ ବିଶୋଧନାଗାର ଉପରେ ୨ ପର୍ଯ୍ୟାୟରେ ଡ୍ରୋନ୍ ମାଡ଼ ଯୋଗୁ ନିଆଁ ଲାଗିଯାଇଛି। ଦିନକୁ ୭୩୦,୦୦୦ ବ୍ୟାରେଲ୍ ତୈଳ ପ୍ରୋସେସିଂ ହେଉଥିବା ଅନ୍ୟ ଏକ ରିଫାଇନେରି ଗୁରୁବାର ଇରାନ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିଲା। ବୁଧବାର ଇସ୍ରାଏଲ୍ ପାରସ୍ୟ ଉପସାଗରରେ ଥିବା ଇରାନର ବୃହତ୍ ସାଉଥ୍ ପାର୍ସ ପ୍ରାକୃତିକ ଗ୍ୟାସ୍ ଫିଲ୍ଡରେ ଇସ୍ରାଏଲ୍ ବୋମାମାଡ଼ କରିଥିଲା, ଯାହାର ଶବ୍ଦ ଜେରୁଜେଲମ୍ ପର୍ଯ୍ୟନ୍ତ ଶୁଣାଯାଇଥିଲା।

ଶୁକ୍ରବାର ଲୋକେ ଇଦ୍-ଉଲ୍-ଫିତର ପାଳନ କରୁଥିବାବେଳେ ଦୁବାଇ ସମେତ ସାଉଦି ଆରବର ବିଭିନ୍ନ ଭାଗରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି। ବାହରିନ୍‌ର ଏକ ୱେରହାଉସ୍ ଉପରେ ଶୁକ୍ରବାର ସକାଳେ ଶ୍ରାପନେଲ୍ ପଡ଼ିଥିଲା। ଇରାନର କେତେକ ଡ୍ରୋନ୍‌କୁ ସାଉଦି ଆରବ ଖସାଇଦେଇଛି। ଉପସାଗରୀୟ ଅଞ୍ଚଳରେ କ୍ରମାଗତ ଆକ୍ରମଣ ଯୋଗୁ ଭୟଭୀତ ଅନେକ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ଆଶ୍ରୟ ସ୍ଥଳୀକୁ ପଳାଇଥବାବେଳେ ବିଶ୍ୱ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି।

# ସାଉଦି ଆରବରେ ଆଉ ଜଣେ ଭାରତୀୟଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୦।୩**

## ଆକ୍ରମଣରେ ଗଲାଣି ୬ ଭାରତୀୟଙ୍କ ଜୀବନ

ସାଉଦି ଆରବର ରିୟାଧରେ ଗତ ବୁଧବାର ହୋଇଥିବା ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ସେଠାର ଭାରତୀୟ ଦୂତାବାସ ଶୁକ୍ରବାର ସ୍ପଷ୍ଟ କରିଛି। ଦୂତାବାସ ପକ୍ଷରୁ ମୃତକଙ୍କ ପରିବାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବା ସହ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଛି। ଭାରତୀୟଙ୍କ ମୃତ୍ୟୁ ଘଟଣାରେ ଦୂତାବାସ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଇରାନ ଉପରେ ଇସ୍ରାଏଲ୍ ଏବଂ ଆମେରିକାର ଆକ୍ରମଣ ପରେ ତେହରାନ ଉପସାଗରୀୟ ପଡ଼ୋଶୀ ଦେଶଗୁଡିକ ଉପରେ କ୍ରମାଗତ ଭାବେ ମିଶାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ ଜାରି ରଖିଥିବାରୁ ସେଠାରେ ରହୁଥିବା ଭାରତୀୟଙ୍କୁ ନେଇ ଚିନ୍ତା ବଢ଼ିଛି। ସାଉଦି ଆରବରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି।

ପଶ୍ଚିମ ଏସିଆ ଯୁଦ୍ଧ ଲାଗିରହିଥିବାବେଳେ ଇତିମଧ୍ୟରେ ଉପସାଗରୀୟ ଅଞ୍ଚଳରେ ୬ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିବା ସହ ଜଣେ ନିଖୋଜ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେଠାରେ ଥିବା ଭାରତୀୟମାନଙ୍କୁ ସହାୟତା ଓ ସ୍ୱଦେଶ ପଠାଇବା ପାଇଁ ଦୂତାବାସ କର୍ତ୍ତୃପକ୍ଷ ସ୍ଥାନୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରୁଛନ୍ତି।

# ଯୁଦ୍ଧବିମାନ ଅବତରଣ ପାଇଁ ଆମେରିକାର ନିବେଦନକୁ ଶ୍ରୀଲଙ୍କାର ପ୍ରତ୍ୟାଖ୍ୟାନ

**କଲମ୍ବୋ,୨୦।୩ (ପି.ଟି.)**

ମାର୍ଚ୍ଚ ଆରମ୍ଭରେ ଆମେରିକାର ୨ଟି ଯୁଦ୍ଧବିମାନକୁ ଶ୍ରୀଲଙ୍କାର ଦକ୍ଷିଣ-ପୂର୍ବ ଭାଗରେ ଥିବା ମାଟ୍ଟାଲା ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ ପାଇଁ ୱାଶିଂଟନ ପକ୍ଷରୁ କରାଯାଇଥିବା ନିବେଦନକୁ ଶ୍ରୀଲଙ୍କା ପ୍ରତ୍ୟାଖ୍ୟାନ କରିଥିଲା ବୋଲି ଏହାର ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଶୁକ୍ରବାର ପାର୍ଲାମେଣ୍ଟକୁ କହିଛନ୍ତି। ମାର୍ଚ୍ଚ ୪ ଓ ୮ରେ ଜିବୌଟିରୁ ୨ଟି ଆମେରିକୀୟ ଯୁଦ୍ଧବିମାନ ଶ୍ରୀଲଙ୍କାରେ ଅବତରଣ ପାଇଁ ଅନୁମତି ମଗାଯାଇଥିଲା। ତେବେ କଲମ୍ବୋ ଉଭୟ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା ବୋଲି ଦିସାନାୟକେ କହିଛନ୍ତି। ଅନେକ ଚାପ ସତ୍ତ୍ୱେ ଆମେ ନିରପେକ୍ଷତା ବଜାୟ ରଖିବାକୁ ଚାହୁଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲାବେଳେ ନିରପେକ୍ଷ ରହିବା ପାଇଁ ଆମେ ଯଥାସମ୍ଭବ ଉଦ୍ୟମ କରିବୁ ବୋଲି ଶ୍ରୀଲଙ୍କା ରାଷ୍ଟ୍ରପତି କହିଛନ୍ତି।

# ମଧ୍ୟପ୍ରାଚ୍ୟ ଅଭିମୁଖେ ୟୁଏସ୍‌ଏସ୍ ଟ୍ରିପୋଲି

**ୱାଶିଂଟନ,୨୦।୩**

ଆମେରିକା ନୌସେନା ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି ମଧ୍ୟପ୍ରାଚ୍ୟ ଅଭିମୁଖେ ଅଗ୍ରସର ହେଉଛି। ଏଥିରେ ୨,୨୦୦ ସୈନ୍ୟ ରହିଥିବାରୁ ଉକ୍ତ ଅଞ୍ଚଳରେ ଆମେରିକା ଅଧିକ ସେନା ନିୟୋଜିତ କରିବା ସଙ୍କେତ ମିଳିଛି। ଇରାନରେ ଆମେରିକା ସ୍ଥଳଯୁଦ୍ଧ କରିପାରେ ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସାଟେଲାଇଟ୍ ଚିତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୟୁଏସ୍‌ଏସ୍ ଟ୍ରିପୋଲି ସହ ୨ଟି ଏସ୍‌କର୍ଟ ଜାହାଜକୁ ମାର୍ଚ୍ଚ ୧୫ରେ ଦକ୍ଷିଣ ଚାଇନା ସାଗରର ଦକ୍ଷିଣପଶ୍ଚିମ ଭାଗରେ ଗତି କରୁଥିବା ଦେଖିବାକୁ ମିଳିଥିଲା। ପରଦିନ ଏହାକୁ ସିଙ୍ଗାପୁର ନିକଟରେ ଠାବ କରାଯାଇଥିଲା। ଏବେ ଏହା ଦକ୍ଷିଣ ଭାରତ ମହାସାଗରରେ ଯାତ୍ରା କରୁଛି। ଜାପାନର ଓକିନାୱାରେ ଥିବା ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ବାହିନୀ ୩୧ତମ ମେରାଇନ ଏକ୍ସପେଡିଶନାରି ୟୁନିଟ୍‌ରୁ ୩ ବାହିନୀର ସୈନ୍ୟ ଟ୍ରିପୋଲିରେ ଆସିଥିବାରୁ ଆକ୍ରମଣ ଜୋର୍‌ଦାର ହେବା ଆଶଙ୍କା କରାଯାଉଛି।



# ୩୦୦ ବେଆଇନ ୱେବ୍‌ସାଇଟ୍, ଆପ୍ ବନ୍ଦ

**ନୂଆଦିଲ୍ଲୀ,୨୦।୩(ପି.ଟି.)**

## ଗାମ୍ବଲିଂ, ବେଟିଂ ୱେବ୍‌ସାଇଟ୍ ଉପରେ କେନ୍ଦ୍ରର ଛାଟ




ଭାରତରେ ବେଆଇନ ଗାମ୍ବଲିଂ ଓ ବ୍ୟାଟି ୱେବ୍‌ସାଇଟ୍‌ଗୁଡ଼ିକର ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଯୁବପିଢ଼ି ଏହାର ଜାଲରେ ଛନ୍ଦିହୋଇ ବିପୁଳ ଅର୍ଥ ହରାଇବା ସହ ସର୍ବସ୍ୱାନ୍ତ ହେଉଛନ୍ତି। କେନ୍ଦ୍ର ସରକାର ଏହାକୁ ଦୃଷ୍ଟିରେ ରଖି ଜୁଆ ଖେଳାଉଥିବା ୩୦୦ ୱେବ୍‌ସାଇଟ୍ ଓ ଆପ୍‌କୁ ବ୍ଲକ୍ କରିଦେଇଛନ୍ତି।

ସରକାରୀ ସୂତ୍ରରୁ ଶୁକ୍ରବାର ଜଣାପଡ଼ିଛି, ଯୁବପିଢ଼ି ଅଧିକ ଲୋଭର ବଶବର୍ତ୍ତୀ ହୋଇ ଅନ୍‌ଲାଇନ କ୍ୟାସିନୋ, ରୋଉଲେଟ୍, ଲାଇଭ୍ ଡିଲର ଟେବୁଲ,ଭଳି ଅନ୍‌ଲାଇନ୍ ସ୍ପୋର୍ଟ୍ସ ବେଟିଂ ଆପ୍‌ରେ ଟଙ୍କା ଲଗାଇଥାନ୍ତି। ସେହିପରି ସଟ୍ଟା/ମଟ୍‌କା ଗାମ୍ବଲିଂ ନେଟ୍‌ୱର୍କ ଓ ରିଅଲ-ମନି କାର୍ଡ ଏବଂ କ୍ୟାସିନୋ ଗେମ୍‌ରେ ମଧ୍ୟ ଅର୍ଥ ଲଗାନ୍ତି। ଏଭଳି ୩୦୦ ୱେବ୍‌ସାଇଟ୍ ଓ ଆପ୍ଲିକେଶନ୍‌କୁ ସରକାର ବେଆଇନ ଘୋଷଣା କରିବା ସହ ସେଗୁଡ଼ିକ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହାକୁ ମିଶାଇ ଅଦ୍ୟାବଧି ୮,୪୦୦ ୱେବ୍‌ସାଇଟ୍‌କୁ ବନ୍ଦ କରାଗଲାଣି। ସେଥିରୁ ୪,୯୦୦ଟିକୁ ଅନ୍‌ଲାଇନ ଗାମ୍ବଲିଂ ଆକ୍ଟ ବଳରେ ବ୍ୟାନ୍ କରାଯାଇଥିବା ଜଣାପଡ଼ିଛି। ଦେଶରେ ଅନ୍‌ଲାଇନ୍ ଗାମ୍ବଲିଂ ବ୍ୟବସ୍ଥାକୁ ନିରାପଦ ଓ ଉତ୍ତରଦାୟୀ କରିବା ପାଇଁ କେନ୍ଦ୍ର ପ୍ରତିଶ୍ରୁତିବଦ୍ଧ ହୋଇଥିବାରୁ ପ୍ରମୋଶନ୍ ଆଣ୍ଡ୍ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ୍ ଗାମ୍ବଲିଂ ଆକ୍ଟ, ୨୦୨୫ ବଳରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏପରି କି ଏଭଳି ୱେବ୍‌ସାଇଟ୍ ଓ ଆପ୍‌ଗୁଡ଼ିକର ବିଜ୍ଞାପନ, ପ୍ରୋତ୍ସାହନରେ ଲିପ୍ତ ସଂସ୍ଥା ଏବଂ ଦେୟ ବ୍ୟବସ୍ଥା କରାଉଥିବା ବ୍ୟାଙ୍କଗୁଡ଼ିକ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହାକୁ ଉଲ୍ଲଂଘନ କଲେ ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ ବଳରେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଛି। ପ୍ରୋତ୍ସାହନଦାତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ। ଦ୍ୱିତୀୟ ଥର ଦୋଷୀ ସାବ୍ୟସ୍ତ ହେଲେ ୫ ବର୍ଷ ଜେଲ କିମ୍ବା ୨ କୋଟି ଟଙ୍କାର ଜରିମାନା ଅଥବା ଉଭୟ ଦଣ୍ଡ ମିଳିପାରେ। ଯେଉଁମାନେ ସୋସିଆଲ ମିଡିଆ ଭଳି ଅନ୍‌ଲାଇନ ମାଧ୍ୟମରେ ଏହାର ପ୍ରଚାରପ୍ରସାର କରୁଛନ୍ତି, ସେମାନଙ୍କୁ ୨ ବର୍ଷ ଜେଲ କିମ୍ବା ୫୦ ଲକ୍ଷ ଟଙ୍କାର ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବା ନେଇ ଉକ୍ତ ଆଇନ କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରିଛି।

# ଇସିଆଇ ବିରୋଧରେ ହାଇକୋର୍ଟ ଗଲା ଟିଏମ୍‌ସି

**କୋଲକାତା,୨୦।୩**

## ନିର୍ବାଚନ ପୂର୍ବରୁ ଅଫିସରଙ୍କ ବଦଳି

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ରାଜ୍ୟର ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କୁ ବଦଳି କରିଥିବାରୁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହାକୁ କୋଲକାତା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ବିଧାନସଭା ନିର୍ବାଚନ ପାଇଁ ଇସିଆଇ ତାରିଖ ଘୋଷଣା କରିବା ପରେ ରାଜ୍ୟର ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ (ଡିଜିପି), କୋଲକାତା ପୋଲିସ କମିଶନର ଆଦି ପ୍ରଶାସନିକ ଅଧିକାରୀମାନଙ୍କୁ ବଦଳି କରାଯିବାକୁ ନେଇ ଟିଏମ୍‌ସି ଏମ୍‌ପି ତଥା ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ ପ୍ରଶ୍ନ ଉଠାଇବା ସହ ହାଇକୋର୍ଟରେ ପିଟିଶନ ଦାଏର କରିଛନ୍ତି। ମୁଖ୍ୟ ବିଚାରପତି ସୁଜୟ ପଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ପିଟିଶନ୍‌ର ତ୍ୱରିତ ଶୁଣାଣି ପାଇଁ ଆଇନଜୀବୀ ନିବେଦନ କରିଛନ୍ତି।



ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୧/୨୦୨୬ Bhubaneswar, Saturday, March 21/2026





# ୧ ଡଲାର=୯୩.୭୧ ଟଙ୍କା

## ୨୦୨୬ରେ ୪% ଖସିଲାଣି ଭାରତୀୟ ମୁଦ୍ରା

## ୭୦୯.୭୬ ବିଲିୟନ୍ ଡଲାରକୁ ଖସିଲା ଫରେକ୍ସ ରିଜର୍ଭ

ମୁମ୍ବାଇ,୨୦।୩ ରଏଟର୍ସ/ପି.ଟି.)

ଟଙ୍କା ଦିନକୁ ଦିନ ଅଧିକ ତଳମୁହାଁ ହୋଇ ଦୁର୍ବଳତାର ରେକର୍ଡ ଭାଙ୍ଗି ଚାଲିଥିବାବେଳେ ପଶ୍ଚିମ ଏସିଆର ଇରାନ୍ ଯୁଦ୍ଧ ଏହାକୁ ଆହୁରି କ୍ଷତାକ୍ତ କରିଦେଇଛି। ମଧ୍ୟପ୍ରାଚ୍ୟର ଯୁଦ୍ଧ ଘନଘଟା ଭିତରେ କିନ୍ତୁ ଡଲାର ଶକ୍ତିଶାଳୀ ହୋଇଛି। ଚରମ ଭୂରାଜନୈତିକ ଉତ୍ତେଜନା ଭିତରେ ହର୍ମୁଜ ପ୍ରଣାଳୀ ଦେଇ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନରେ ପ୍ରତିବନ୍ଧକ କ୍ରୁଡ୍ ମୂଲ୍ୟରେ ନିଆଁ ଲଗାଇଦେଇଛି। ଭାରତ ଡଲାର ପଇଠ କରି ଏସବୁ ଆମଦାନୀ କରିଥାଏ। ତେଣୁ ଭାରତୀୟ ମୁଦ୍ରା ଉପରେ ଯୁଦ୍ଧର ସିଧାସଳଖ ପ୍ରଭାବ ପଡ଼ିଛି। ଶୁକ୍ରବାର ଟଙ୍କାରେ ୧%ରୁ ଅଧିକ ଅବମୂଲ୍ୟାୟନ ଘଟିଛି। ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୩.୭୧ ଟଙ୍କା ରହିଛି। ୪ ବର୍ଷ ମଧ୍ୟରେ ଟଙ୍କା କୌଣସି ଦିନରେ ଏତେ ଦୁର୍ବଳ ହୋଇ ନ ଥିଲା। ଯୁଦ୍ଧ



ଚିନ୍ତା ଜାରି ରହିଥିବାରୁ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। କାରଣ ସ୍ଥିତିରେ ସୁଧାର ଆଣିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କର ହସ୍ତକ୍ଷେପ ଆଉ ଫଳପ୍ରଦ ହେଉନାହିଁ।

ଡଲାର ଶକ୍ତିଶାଳୀ ହେବାରେ ଲାଗିଥିବାବେଳେ ଟଙ୍କାର ବିନିମୟ ମୂଲ୍ୟ କ୍ରମଶଃ ଖସିଚାଲିବା ଭାରତୀୟ ଅର୍ଥନୀତି ପାଇଁ ଚିନ୍ତାର କାରଣ ହୋଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଗୁରୁବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୨.୬୩ ଟଙ୍କା ରହିଥିଲା। ଶୁକ୍ରବାର ସେସନ୍‌ରେ ଦେଶର କରେନ୍ସି ଆହୁରି ୧ ଟଙ୍କା ୮ ପଇସା ଦୁର୍ବଳ ହୋଇ ୯୩.୭୧କୁ ଖସିପଡ଼ିଛି। ୨୦୨୨ ପରେ ଏହା ହେଉଛି ଟଙ୍କାର ସବୁଠୁ ବଡ଼ ତଳମୁହାଁ। ଏହାକୁ ମିଶାଇ ସାମଗ୍ରିକ ଭାବେ ଦେଖିଲେ ୨୦୨୬ରେ ଟଙ୍କା ୪ ପ୍ରତିଶତ ପର୍ଯ୍ୟନ୍ତ ଅସ୍ତିତ୍ୱ ହରାଇଲାଣି, ଯାହାକି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ପାଲଟିବା ଦୌଡ଼ରେ ନିଜକୁ ସାମିଲ କରିଥିବା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି କୁହାଯାଉଛି। ଯୁଦ୍ଧାବସାନର ସଙ୍କେତ ମିଳୁ ନ ଥିବାରୁ ଆଗାମୀ ଗୋଟିଏ କିମ୍ବା ଦୁଇଟି ସେସନ୍‌ରେ ୧ ଡଲାର = ୯୫ ଟଙ୍କା ହେବା ଆଶଙ୍କା କରାଯାଉଛି। ଏନର୍ଜି ପ୍ରାଇସ୍‌ରେ ବୃଦ୍ଧି ଭାରତୀୟ ଟଙ୍କା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିବା ଜେବି ଡ୍ରାକ୍ସ ହୋନୋର ଏସିଆ ମାର୍କୋ ଷ୍ଟ୍ରାଟେଜିଷ୍ଟ ବିବେକ ରାଜପାଲ ମତ ଦେଇଛନ୍ତି।

ଯୁଦ୍ଧଜନିତ ତୈଳ ମୂଲ୍ୟ ବୃଦ୍ଧିର ଚାପ ଯେ କେବଳ ଟଙ୍କାକୁ ଦୁର୍ବଳ କରିଦେଇଛି ତାହା ନୁହେଁ, ଘରୋଇ ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ଙ୍କ ପଳାୟନ ସାଙ୍ଗକୁ ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ମଧ୍ୟ ଅସ୍ଥିରତା ସୃଷ୍ଟି କରିଛି। ମାର୍ଚ୍ଚ ୧୩ରେ ଶେଷ ହୋଇଥିବା ସପ୍ତାହରେ ଦେଶର ଫରେକ୍ସ ରିଜର୍ଭରେ ୭.୦୫୨ ବିଲିୟନ୍ ଡଲାର ହ୍ରାସ ଘଟିବାରୁ ଏହା ୭୦୯.୭୫୯ ବିଲିୟନ୍ ଡଲାରକୁ ଖସିଯାଇଥିଲା। ଏହି ଧାରା ଅଦ୍ୟାବଧି ଜାରି ରହିଥିବାରୁ ସଦ୍ୟ ସ୍ଥିତି ସମ୍ପର୍କିତ ବିବରଣୀ ଆସନ୍ତା ସପ୍ତାହରେ ସ୍ପଷ୍ଟ ହେବ।

ଶୁକ୍ରବାର ଆର୍‌ବିଆଇ ପକ୍ଷରୁ ଜାରି ତଥ୍ୟାନୁସାରେ ପୂର୍ବ ସପ୍ତାହରେ ଭାରତୀୟ ଫରେକ୍ସ ରିଜର୍ଭରେ ମୋଟ ୧୧.୬୮୩ ବିଲିୟନ୍ ଡଲାର ହ୍ରାସ ପରିଲକ୍ଷିତ ହୋଇଥିଲା। ଫଳରେ ଏହା ୭୧୬.୮୧ ବିଲିୟନ୍ ଡଲାରକୁ ଖସିଯାଇଥିଲା। ସେହିପରି ସ୍ପେଶିଆଲ ଡ୍ରଇଂ ରାଇଟ୍ସ (ଏସ୍‌ଡିଆର୍)ରେ ୨୩ ନିୟୁତ ଡଲାର ହ୍ରାସ ☞ପୃଷ୍ଠା-୪

# ନିୟମିତ ହେଲେ ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର,୨୦।୩
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷକମାନଙ୍କ କ୍ଷେତ୍ରରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଦୀର୍ଘଦିନ ଧରି ନିୟମିତ ଅପେକ୍ଷାରେ ଥିବା ୧୩ ହଜାରରୁ ଊର୍ଦ୍ଧ୍ୱ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ କରିଛନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବାପାଇଁ ପ୍ରଦାନ କରାଯାଇଥିବା ପ୍ରସ୍ତାବକୁ ସୁବିଚାରପୂର୍ବକ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଏହି ଶିକ୍ଷକମାନେ ସେମାନଙ୍କ ଚାକିରିରେ ଯୋଗଦାନ ସମୟଠାରୁ ନିୟମିତ ହୋଇଛନ୍ତି। ତେଣୁ ସେମାନେ ଚାକିରିରେ ଯୋଗଦାନ ସମୟଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ପିଛିଲା ଭାବେ ସମସ୍ତ ପ୍ରାପ୍ୟ ପାଇବେ। ୨୦୨୬ ଜାନୁଆରୀ ପହିଲାଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ। ସୂଚନାଯୋଗ୍ୟ, ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ଶିକ୍ଷକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ବର୍ଗର ଶିକ୍ଷକମାନଙ୍କ ନ୍ୟାୟୋଚିତ ଦାବି ପୂରଣ ଦିଗରେ ସରକାର ଯତ୍ନବାନ ଅଛନ୍ତି। ପର୍ଯ୍ୟାୟକ୍ରମେ ବିଭିନ୍ନ ବର୍ଗର ଶିକ୍ଷକଙ୍କ ଦାବି ପୂରଣ କରାଯିବ।

# ପ୍ରିମିୟମ ପେଟ୍ରୋଲ ୨.୦୯ ଟଙ୍କା ମହଙ୍ଗା

ନୂଆଦିଲ୍ଲୀ,୨୦।୩(ପି.ଟି.)

ମଧ୍ୟପ୍ରାଚ୍ୟର ଯୁଦ୍ଧ ଥମିବାର ନାଁ ନେଉ ନ ଥିବାରୁ ବୈଶ୍ୱିକ ତୈଳ ବଜାରରେ ନିଆଁ ଲାଗିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତୀୟ ଅଏଲ୍ ମାର୍କେଟରେ ପଡ଼ିଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ଶୁକ୍ରବାର ହାଇୟର ଗ୍ରେଡ୍ ବା ପ୍ରିମିୟମ ପେଟ୍ରୋଲ ମୂଲ୍ୟରେ ୨.୦୯ ଟଙ୍କା ବୃଦ୍ଧି କରିଛନ୍ତି। ସେହିପରି ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ହାଇସ୍ପିଡ୍ ଇଣ୍ଡଷ୍ଟ୍ରିଆଲ ଡିଜେଲ ମଧ୍ୟ ଲିଟର ପ୍ରତି ୨୨ ଟଙ୍କା ୦୩ ପଇସା ମହଙ୍ଗା ହୋଇଛି। ଯଦିଓ ସାଧାରଣ ଯାନବାହନରେ ଭର୍ତ୍ତି କରାଯାଉଥିବା ପେଟ୍ରୋଲ ଦରକୁ ଅପରିବର୍ତ୍ତିତ ରଖାଯାଇଛି, ପ୍ରିମିୟମ୍ ପେଟ୍ରୋଲ ଓ ଇଣ୍ଡଷ୍ଟ୍ରିଆଲ ଡିଜେଲ ମୂଲ୍ୟ ବୃଦ୍ଧିକୁ

**ଇଣ୍ଡଷ୍ଟ୍ରିଆଲ ଡିଜେଲ ଲିଟର ପିଛା ୨୨.୦୩ ଟଙ୍କା ବଢ଼ିଲା**

ଦେଖିଲେ ତାହା ମଧ୍ୟ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଦିଲ୍ଲୀରେ ପ୍ରିମିୟମ୍ ୯୫-ଅକ୍ଟେନ୍ ପେଟ୍ରୋଲ ପୂର୍ବରୁ ଲିଟର ପିଛା ୯୯.୮୯ ଟଙ୍କା ଥିବାବେଳେ ସଦ୍ୟ ମୂଲ୍ୟ ବୃଦ୍ଧି ସହ ଏହା ୧୦୧.୮୯ ଟଙ୍କାକୁ ଛୁଇଁଛି। ପୂର୍ବରୁ ଜାତୀୟ ରାଜଧାନୀରେ ୧ ଲିଟର ଇଣ୍ଡଷ୍ଟ୍ରିଆଲ ଡିଜେଲ ୮୭.୬୭ ଟଙ୍କାରେ ମିଳୁଥିବାବେଳେ ଏବେ ଏହା ୧୦୯.୫୯କୁ ଚଢ଼ିଛି। ଅନ୍ତର୍ଜାତୀୟ ବଜାରରେ ଗୁରୁବାର ଅଶୋଧିତ ତୈଳ ବ୍ୟାରେଲ ପିଛା ୧୧୯ ଆମେରିକୀୟ ଡଲାରକୁ ବୃଦ୍ଧି ପାଇ କାରବାର ଶେଷରେ ସାମାନ୍ୟ ସୁଧାର ସହ ୧୦୮ରେ କ୍ଲୋଜ୍ ହୋଇଥିଲା। କିନ୍ତୁ ଶୁକ୍ରବାର କ୍ରୁଡ୍ ଅଏଲ୍ ପୁଣି ୧୧୦ ଡଲାରକୁ ବୃଦ୍ଧି ପାଇଥିଲା। ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧଜନିତ ପ୍ରତିବନ୍ଧକ ତୈଳ ଦରରେ ଏତେ ବଡ଼ ଉଠାପକାର କାରଣ ହୋଇଥିବାରୁ ଆଗକୁ ସଂଘର୍ଷ ବିରାମ ନ ହେଲେ ସାଧାରଣ ପେଟ୍ରୋଲ ମୂଲ୍ୟ ବଢ଼ିବାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଦିଲ୍ଲୀରେ ନର୍ମାଲ ପେଟ୍ରୋଲ ଲିଟର ପିଛା ୯୪.୭୭ ଟଙ୍କା ରହିଛି। ସେହିପରି ନର୍ମାଲ ଡିଜେଲ ଲିଟର ପିଛା୮୭.୬୭ଟଙ୍କାରେବିକ୍ରିହେଉଛି।

# ଏୟାର ଇଣ୍ଡିଆ ପଠାଇଲା ଭୁଲ୍ ବିମାନ

ନୂଆଦିଲ୍ଲୀ,୨୦।୩

ନୂଆଦିଲ୍ଲୀରୁ କାନାଡାର ଭାଙ୍କୋଭର ଉଡ଼ାଣ ପାଇଁ ଏୟାରଇଣ୍ଡିଆ କର୍ତ୍ତୃପକ୍ଷ ଗୁରୁବାର ଭୁଲ୍ ବିମାନ ପଠାଇଥିଲେ। ସେହି ରୁଟ୍‌ରେ ଉଡ଼ିବା ପାଇଁ ଉକ୍ତ ବିମାନକୁ ମଞ୍ଜୁରୀ ମିଳି ନ ଥିଲା। ୯ ଘଣ୍ଟାର ଉଡ଼ାଣ ପରେ ଏହା ଜଣାପଡ଼ିବାରୁ ବୋଇଂ ୭୭୭ ଚାଇନା ଆକାଶରୁ ୟୁଟର୍ନ କରି ନୂଆଦିଲ୍ଲୀ ଫେରିଆସିଥିଲା। ଆବଶ୍ୟକ ଦସ୍ତାବିଜ ଓ ଅନୁମତି ନ ଥାଇ ବିମାନ ଉଡ଼ାଇବା ଏୟାର ଇଣ୍ଡିଆ ପାଇଁ ଏହା ପ୍ରଥମ ଘଟଣା ନୁହେଁ। ଗତବର୍ଷ ନଭେମ୍ବରରେ ଏୟାରବସ୍ ୮ଟି ବ୍ୟବସାୟିକ ଉଡ଼ାଣ ପାଇଁ ଏୟାରବସ୍ ଏ୩୨୦ନିଓ ବିମାନ ବ୍ୟବହାର କରିଥିଲା, ଯାହାର ବୈଧ ଉଡ଼ାଣଯୋଗ୍ୟ ବୈଧତା ପ୍ରମାଣପତ୍ର (ଏଆର୍‌ସି) ନ ଥିଲା। ଏହି ତ୍ରୁଟି ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆ ଉପରେ ଗତ ମାସରେ ୧ କୋଟି ଟଙ୍କା ଜରିମାନା ଲଗାଇଥିଲେ।

ସୂତ୍ର ଅନୁଯାୟୀ, ଗୁରୁବାର ଅପରାହ୍ନ ୧୨ଟା ୧୮ ମିନିଟ୍‌ରେ ଭାଙ୍କୋଭର ଯିବାକୁ କଲ୍ ସାଇନ୍ ଏଆଇ୧୮୫ ବିମାନ ଦିଲ୍ଲୀରୁ ଉଡ଼ାଣ ଭରିଥିଲା। ଏଥିପାଇଁ ବୋଇଂ ୭୭୭-୨୦୦ଏଲ୍‌ଆର୍ (ଲାର୍ଜ ରେଞ୍ଜ୍) ବିମାନକୁ ବ୍ୟବହାର କରାଯାଇଥିଲା, ଯାହାକୁ ଉକ୍ତ ରୁଟ୍‌ରେ ଯାତାୟାତ ଅନୁମତି ନ ଥିଲା। କାନାଡା କର୍ତ୍ତୃପକ୍ଷ ଏୟାର ଇଣ୍ଡିଆକୁ ଉକ୍ତ ରୁଟ୍ ପାଇଁ କେବଳ ବୋଇଂ ୭୭୭-୩୦୦ଇଆର୍ (ଏକ୍ସଟେଣ୍ଡେଡ୍ ରେଞ୍ଜ୍) ବିମାନକୁ ଅନୁମତି ଦେଇଥିଲେ।

**ଆଜିର ସମ୍ପାଦକୀୟ**
**ପ୍ରସ୍ତାବ ପ୍ରତ୍ୟାହାର**






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୟଙ୍ଗ ନାଚୁରାଲିଷ୍ଟ ପ୍ରୋଗ୍ରାମ୍, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ସକାଳ ୭ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ୨୬ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବନ ଦିବସ, ସ୍ଥାନ: କନ୍‌ଭେନଶନ ସେଣ୍ଟର, ସମୟ: ଲୋକ ସେବା ଭବନ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଫାର୍ମ ବି ଫୁଡ୍ ବ୍ରାଣ୍ଡ ସଂକ୍ରାନ୍ତରେ ଖବରଦାତା ସମ୍ମିଳନୀ, ସ୍ଥାନ: ଚାଣକ୍ୟ ହଲ୍, ସ୍ୱସ୍ତି ପ୍ରିମିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱ କବିତା ଦିବସ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ଭାଗବତ ପାରାୟଣ, ସ୍ଥାନ: ଶ୍ରୀରାଧାମାଧବ ଜୀଉ ସେବାଶ୍ରମ, ବାହାର୍ଦ୍ଧା, ବସ୍ତା,ସମୟ: ସକାଳ ୮ଟା।
- ସାମୁହିକ ନମାଜ ପାଠ, ସ୍ଥାନ: ଦରଘା ମଇଦାନ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ପିଙ୍ଗୁାବଣିଆ ବୈଦିକ ଗୁରୁକୂଳ ଆଶ୍ରମର ବାର୍ଷିକ ମହୋତ୍ସବ, ସ୍ଥାନ: ରୂପ୍‌ସା, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଦୁଇ ଦିନ ବ୍ୟାପୀ କଳାକାର ସଂଘର ୯ମ ବାର୍ଷିକ ସମ୍ମିଳନୀ, ସ୍ଥାନ: ବନାବସାଣ (ମଟେଇବାର୍ଡ଼-ତେଘରୀ) ଦୁର୍ଗାମଣ୍ଡପ, ଭୋଗରାଇ, ସମୟ:ପୂର୍ବାହ୍ନ ୧୦ଟା।
- 'ଗୁରୁ ସ୍ମରଣ' କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଇଦ୍ ଉପଲକ୍ଷେ ସମୂହ ନମାଜ ପାଠ, ସ୍ଥାନ: ପୁରୁଣାବଜାରସ୍ଥିତ ଜାମା ମସ୍‌ଜିଦ୍, ଭଦ୍ରକ, ସମୟ: ସକାଳ ୯ଟା ୧୫।
- ଇଦ୍‌ରେ ସମୂହ ନମାଜପାଠ, ସ୍ଥାନ: କଦମବେଡ଼ାସ୍ଥିତ ଇଦ୍‌ଗା, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିସଭା, ସ୍ଥାନ: କୋରକଦା, ଦୋବଲ, ସମୟ: ପୂର୍ବାହ୍ନ ୧୦ଟା।
- ନିରଙ୍କାରୀ ସତ୍‌ସଙ୍ଗ, ସ୍ଥାନ: ବାଲିମେଦ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ କବିତା ଦିବସ ଉପଲକ୍ଷେ କବିତା ଆସର ଓ ସାରସ୍ୱତ ସମାରୋହ, ସ୍ଥାନ: କାଳୀବଜାର ଯଜ୍ଞ ମଣ୍ଡପ, ଦୋବଲ, ସମୟ: ଅପରାହ୍ନ ୪ଟା।
- ହାପି ପ୍ରୋଗ୍ରାମ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- କପିଳ ମୁନି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବିଦେଇପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଇଦ୍-ଉଲ-ଫିତରରେ ନମାଜ ପାଠ, ସ୍ଥାନ: ଅଞ୍ଜୁମନ ଇସଲାମିଆ ମସଜିଦ, ବଡ଼ବିଲ, ସମୟ: ସକାଳ ୭ଟା।
- ବିଶ୍ୱ ଜଙ୍ଗଲ ଦିବସ ଉତ୍ସବ, ସ୍ଥାନ: କେନ୍ଦୁଝର ଅଡିଟରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଇଦୁଲ ଫିତର ପର୍ବ ଉତ୍ସବ, ସ୍ଥାନ : ସୋସୋ, ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।
- ରାମ ନବମୀ ଉପଲକ୍ଷେ ଭଜନ, ପୂଜା ଏବଂ ପ୍ରବଚନ, ସ୍ଥାନ : ଡ଼ଅଁର, ବଞ୍ଝୋ, ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।
- ଶନିଙ୍କ ମନ୍ଦିରରେ ମେଳା, ଭଜନ, ସ୍ଥାନ: ଛେନାପଦି, ସମୋଟରାଗଡିଆ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରଞ୍ଜିଆ ମିନି ଷ୍ଟାଡିୟମ, କଚେରୀ ପଡ଼ିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା୩୦।
- ଜଳ ଅର୍ପଣ ଦିବସ ପାଳନ, ସ୍ଥାନ: ଧଡ଼ାସାହି,ମୋରଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱ ବନ ଦିବସ ପାଳନ, ସ୍ଥାନ: ବାଲିଡିହା ଜଳସେଚନ ଡାକବଙ୍ଗଳା, ଶାମାଖୁଣ୍ଟା,ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ଆଦିବାସୀ ଲଘୁ ଚଳଚ୍ଚିତ୍ର ମହୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଇଦ୍ ପାଳନ, ସ୍ଥାନ: ମୀନାବଜାର ମସଜିଦ, ସମୟ: ସକାଳ ୯ଟା।
- ଇଦ୍ ପାଳନ, ସ୍ଥାନ: ମୋତି ମସଜିଦ୍, କାଞ୍ଚନ ବଜାର, ସମୟ: ସକାଳ ୯ଟା ୧୫।
- କିଡନୀ ପରିକ୍ଷଣ ଓ ପରାମର୍ଶ ଶିବିର, ସ୍ଥାନ: ବିନୋଦ ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଯାଉଁଳି ପୋଖରୀ ମଠ, ଢେଙ୍କାନାଳ, ସମୟ: ଅହୋରାତ୍ର ।

## ଅନୁଗୋଳ

- ଇଦ୍-ଉଲ୍-ଫିତର ଉପଲକ୍ଷେ ସାମୂହିକ ନମାଜ ପାଠ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ମସଜିଦ୍, ସମୟ: ସକାଳ ୯ଟା।
- ଡେରଜାଙ୍ଗ ଜଳଭଣ୍ଡାର ନିକଟରେ 'ଇକୋ ଟୁରିଜମ୍' ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଡେରଜାଙ୍ଗ ଜଳଭଣ୍ଡାର, ସମୟ: ୧୦ଟା ୩୦।
- ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ତୃତୀୟ ଦିବସରେ ନବଦିନାତ୍ମକ ପୂଜା, ସ୍ଥାନ: ଆଠମଲ୍ଲିକସ୍ଥିତ ମାହେଶ୍ୱରୀ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ଲକ୍ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମ୍ମୁଖ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୩ଟା।
- ବାଗଡ଼ିଆ ଅଲ୍‌ଇଣ୍ଡିଆ ଭଲବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବାଗଡ଼ିଆ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଜାମା ମସ୍‌ଜିଦ ପକ୍ଷରୁ ଇଦ୍ ଉଲ୍ ଫିତର ମହୋତ୍ସବ, ସ୍ଥାନ: ବଡ଼ପଡ଼ିଆ ଜାମା ମସ୍‌ଜିଦ, ପାରାଦୀପ, ସମୟ: ସକାଳ ୮ଟା।
- ୟୁଥ ସାନ୍ତାଳୀ ଟ୍ରଷ୍ଟ ପକ୍ଷରୁ ୨ ଦିନିଆ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଇଦ-ଉଲ-ଫିତର ପାଇଁ ସମୂହ ନମାଜ ପାଠ, ସ୍ଥାନ: କେନ୍ଦ୍ରାପଡ଼ା ସହରର ଅଲ ସଲଫିୟା ଇଦଗାହ, ସମୟ: ସକାଳ ୭ଟା ୩୦, ଫକୀରାବାଦ ମସଜିଦ, ସମୟ: ସକାଳ ୮ଟା, ରସୁଲାବାଦ ମସଜିଦ, ଗୌଡଗୋପ, ସମୟ: ସକାଳ ୮ଟା୧୫, ପୁରୁଣା ଇଦଗାହ, ସମୟ: ସକାଳ ୮ଟା ୩୦, ନୂଆ ଇଦଗାହ, ସମୟ: ସକାଳ ୯ଟା।
- କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେଶନ ଓ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ ପକ୍ଷରୁ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ, ସ୍ଥାନ: ହୋଟେଲ ବିଏସ୍ ପ୍ୟାଲେସ, ଦୁହୁରିଆ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଦିବ୍ୟ ଜୀବନ ସଂଘର ଗରାପୁର ଶିବାନନ୍ଦ ଆଶ୍ରମ ସହଯୋଗରେ ଶ୍ରୀଜଗନ୍ନାଥଙ୍କ ୩୨ବେଶ ପ୍ରଦର୍ଶନ, ସ୍ଥାନ: ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଜଗଡ଼, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ, ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଲୋକନାଥ ପାଲା ପରିଷଦ ପକ୍ଷରୁ ବାଦିପାଲା ମହୋତ୍ସବ, ସ୍ଥାନ: ବାଲିଆ ହାଟ, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ: ଶ୍ରୀବଳଦେବଜୀଉ ଗୌଡୀୟ ମଠ, ସାରଙ୍ଗ, ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- କମାଗଡ଼ ହିଙ୍ଗୁଳା ଯଜ୍ଞ ଉତ୍ସବର ୨ୟ ଦିନ, ସ୍ଥାନ: ଧର୍ମଶାଳା ବ୍ଲକର କମାଗଡ଼ ହେଙ୍ଗୁଳା ପଡ଼ିଆ, ସମୟ: ଦିବାରାତ୍ର।
- ଯଯାତି ମହୋତ୍ସବ ଅବସରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଯଯାତି ମହୋତ୍ସବ ଅବସରରେ ବି. ପ୍ରାକ ଓ ତାଙ୍କ ଦଳଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ପ୍ରଶାସନିକ ଭବନ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୧୮ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସରେ ଯଜ୍ଞ ଓ ପୌରାଣିକ ନାଟକ ରାବଣ ବଧ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଣକୁଳର ଭିକାରୀପଡାସ୍ଥିତ ମା' ତାରିଣୀଙ୍କ ପୀଠ, ସମୟ: ସକାଳ ୮ଟାରୁ ରାତ୍ର ୧୦ ଟା।
- ଦଶଦୋଳ ଯାତ୍ରାର ନବମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ମେଡିକାଲ ପଡିଆ, ସମୟ: ସକାଳ ୮ଟା ୩୦।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ୪ର୍ଥ ଦିବସରେ ପୂଜାନୀତି, ସ୍ଥାନ: ୨ୟ ଅଯୋଧ୍ୟା ଫତେଗଡ ରାମ ମନ୍ଦିର, ସମୟ: ସକାଳ ୯ଟା।
- ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ମହାସଭା ଓଡିଶାର ୮୨ତମ ସାଧାରଣ ଅଧିବେଶନର ଉଦ୍‌ଘାଟନ ଦିବସ, ସ୍ଥାନ: ଭାପୁର ବ୍ଲକ ପଦ୍ମାବତୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଓକିଲମାନଙ୍କର କର୍ମଶାଳା ଉଦ୍‌ଘାଟନ ଦିବସ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା।
- ବରୁଣେଇ ସମର ସ୍ମାସ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ ଦିବସ ପ୍ରଥମ ସେମିଫାଇନାଲ ମ୍ୟାଚରେ ଲକ୍ଷ୍ମୀ ପ୍ରସାଦ ବନାମ ଗୋଲା ବୋଦସା, ସ୍ଥାନ: ମିନି ଷ୍ଟାଡିୟମ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ବନ ଦିବସ, ସ୍ଥାନ: ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତ ଗୋଛାବାରୀ, ସମୟ: ପୂର୍ବାହ୍ନ ୧୧ଟା।
- ଦଶଦୋଳ ଯାତ୍ରାର ନବମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ବାଲୁଗାଁ ଦଶଦୋଳ ପଡିଆ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ୪ର୍ଥ ଦିବସରେ ପାରାୟଣରେ ଧନୁ ଭଗ୍ନ ଓ ସୀତା ବିବାହ, ସ୍ଥାନ: ୨ୟ ଅଯୋଧ୍ୟା ଫତେଗଡ ରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟଧାରା ପକ୍ଷରୁ ଷଷ୍ଠ ରାଜ୍ୟସ୍ତରୀୟ ନାଟ୍ୟମେଳାର ଅନ୍ତିମ ଦିବସର ନାଟକ ଡାଆଣୀ, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମ, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଇଦୁଲ ଫିତରରେ ନମାଜ ପାଠ, ସ୍ଥାନ: ଇଦ୍‌ଗା ପଡ଼ିଆ, ନବରଙ୍ଗପୁର, ସମୟ: ସକାଳ ୯ଟା।

## କୋରାପୁଟ

- ବିଶ୍ୱ ଜଙ୍ଗଲ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ଜଗତଜନନୀ ଛକ, ଜୟପୁର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିଶ୍ୱବନ ଦିବସ ପାଳନ, ସ୍ଥାନ: କୋରାପୁଟ ବନଖଣ୍ଡ କାର୍ଯ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଚୟନ ପ୍ରକ୍ରିୟା, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ଅପରାହ୍ନ ୪ଟା ୩୦।

## ମାଲକାନଗିରି

- ବିଶ୍ୱବନ ଦିବସ ପାଳନ, ସ୍ଥାନ: ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ସତିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜଳକ୍ରୀଡ଼ା ବ୍ୟବସ୍ଥା ଉଦ୍‌ଘାଟନ, ସ୍ଥାନ: ସତିଗୁଡା ଜଳଭଣ୍ଡାର, ମାଲକାନଗିରି, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର

- ରମଜାନ୍ ମାସ ଅବସରରେ ସାମୂହିକ ନମାଜ ପାଠ, ସ୍ଥାନ: ସାକ୍ଷୀପଡା ଇଦ୍‌ଗାହ, ସମୟ: ସକାଳ ୭ଟା।
- ନିରମାଏଲ ପକ୍ଷରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ପରମାଣପୁର ନିରମାଏଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମ୍ପ୍ରଦା ପ୍ରତିଯୋଗିତା, ସ୍ଥାନ: ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।
- ଶ୍ରୀ କଲଚରାଲ ଆସୋସିଏଶନ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ ରଙ୍ଗ ସମାଗମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ୧୨୧ ପ୍ରହର ମହାନାମ ସଂକୀର୍ତ୍ତନ ପୂର୍ଣ୍ଣାହୁତି , ସ୍ଥାନ: ଜଗନ୍ନାଥ ମନ୍ଦିର ,ଲୋଇସିଂହା ସମୟ: ମଧ୍ୟାହ୍ନ ୧୨ଟା।

## ରାଉରକେଲା

- ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାସନ୍ତୀ କଲୋନୀ, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ସରହୁଲ ଉତ୍ସବ, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୨ଟା।
- ବିଶ୍ୱ କବିତା ଦିବସ ପାଳନ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।

## ଅବଶିଷ୍ଟାଂଶ

### ୧ ଡଲାର...

ଘଟିବାରୁ ଏହା ୧୮.୬୭୭ ବିଲିୟନ୍ ଡଲାରକୁ ଖସିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍)ରେ ଭାରତର ରିଜର୍ଭ ପୋଜିଶନ୍ ମଧ୍ୟ ୪.୮୧୪ ବିଲିୟନ୍ ଡଲାରକୁ ହ୍ରାସ ପାଇଥିବା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଭାରତର ଗୋଲ୍ଡ ରିଜର୍ଭରେ ୬୬୪ ନିୟୁତ ଡଲାର ବୃଦ୍ଧି ସହ ସୁନା ଭଣ୍ଡାର ୧୩୦.୬୮୧ ବିଲିୟନ୍ ଡଲାର ଛୁଇଁବା ଭାରତୀୟ ଅର୍ଥନୀତି ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ଗଛର ଧାନ**
**କେହି କାହାକୁ ନୁହନ୍ତି ଆନ ।**

ଗୋଟିଏ ଧାନଗଛରେ ଫଳିଥିବା ଧାନର ଆକାର, ଗୁଣ ତଥା ସ୍ୱାଦ ସବୁ ସମାନ ହିଁ ହୋଇଥାଏ। ଯେକୌଣସି ଗୋଟିଏ ବାଛିଲେ ବି ସେଥିରେ କୌଣସିଟି ଫରକ ରହି ନ ଥାଏ। ସେହିପରି କିଛି ବ୍ୟକ୍ତି ସମପ୍ରକୃତିର ହୋଇଥାନ୍ତି। ତାଙ୍କ ନୀତି ଓ ସ୍ୱଭାବରେ କିଛି ବି ପ୍ରଭେଦ ବାରି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକକୁ କହିଲେ ଦୁଇକି ବାଜେ**
**ଯେ ସେ ନାଗର, ସେ ଯେ ବୁଝେ ।**

ମନର କଥା ବା ଭାଷା କେବଳ ମନର ମଣିଷ ହିଁ ବୁଝିଥାଏ। ଯେଉଁଠି ଗୋଟିଏ କଥାର ଦୁଇଟି ଅର୍ଥ ବାହାରେ, ସେଠି ସମ୍ପୃକ୍ତ ଚତୁର ବ୍ୟକ୍ତି ଜଣକ ହିଁ ଅତି ସହଜରେ ତା' ଭିତର ଅର୍ଥକୁ ଧରି ନିଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।




# ବିଜେଡିରୁ ଗୌରହରି ପ୍ରଧାନଙ୍କ ସମେତ ୧୧ ନିଲମ୍ବିତ

**ଭୁବନେଶ୍ୱର,୨୦।୩ (ରବିନାରାୟଣ ଜେନା)**

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଶୁକ୍ରବାର ଦଳବିରୋଧୀ କାର୍ଯ୍ୟ ପାଇଁ ପୁରୀ ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ଗୌରହରି ପ୍ରଧାନଙ୍କୁ ନିଲମ୍ବନ କରାଯାଇଛି। ଏ ସଂକ୍ରାନ୍ତରେ ବିଜେଡି ମୁଖ୍ୟାଳୟ ଉପସଭାପତି ପ୍ରତାପ ଜେନା ଏକ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି। ସେହିପରି ଦଳବିରୋଧୀ କାର୍ଯ୍ୟ ପାଇଁ ୧୦ଜଣ ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ସେମାନଙ୍କ ମଧ୍ୟରେ ବିଜୁ ଯୁବଜନତା ଦଳ ସାଧାରଣ ସମ୍ପାଦକ ଅଶୋକ ମିଶ୍ର, ଶୋଭନ ମହାନ୍ତି, ଅନୁପମ ଶତପଥୀ ରହିଥିବାବେଳେ ବିଜୁ ଛାତ୍ର ଜନତା ଦଳର ସେକ୍ରେଟାରୀ ଜେନେରାଲ ସୁଜିତ ପାଲଟାସିଂହ, ଉପସଭାପତି ରଣଜିତ ଦାସ, ଅବିନାଶ ମହାନ୍ତି, ଦେବୀପ୍ରସାଦ ଲେଙ୍କା, ଅସିତ ରଞ୍ଜନ ଦାସ, ସିଦ୍ଧାର୍ଥ ସ୍ୱାଇଁ ଏବଂ ସାଧାରଣ ସମ୍ପାଦକ ଦେବୋପ୍ରସାଦ ରାଉତରାୟ ରହିଛନ୍ତି।

# ଗିନିଜ ୱାର୍ଲ୍ଡ ରେକର୍ଡରେ ଓଡ଼ିଶା ପଖାଳ

**ଭୁବନେଶ୍ୱର,୨୦।୩ (ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶା ପର୍ଯ୍ୟଟନ ବିଭାଗ ଏକ ଐତିହାସିକ ବିଶ୍ୱସ୍ତରୀୟ ସଫଳତା ହାସଲ କରିଛି। ୧,୧୭୭ କିଲୋଗ୍ରାମ ଓଜନର ପଖାଳ ପ୍ରସ୍ତୁତ କରିବା ସହ ଏକ ବିଶାଳ ପାତ୍ରରେ ଏହି ବୃହତ୍ତମ ଫର୍ମେଣ୍ଟେଡ ରାଇସ (ପଖାଳ) ପରିବେଷଣ ପାଇଁ ଗିନିଜ ୱାର୍ଲ୍ଡ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ବିଶ୍ୱ ପଖାଳ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପାନ୍ଥ ନିବାସଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ପଖାଳ ପରବ'ରେ ୮୫୦ କେଜି ଚାଉଳରେ ଏହି ପଖାଳ ପ୍ରସ୍ତୁତ କରାଯାଇଥିଲା। ବିଭାଗ ପକ୍ଷରୁ କୁହାଯାଇଛି ଯେ, ଏହି ଅସାଧାରଣ କୃତି କେବଳ ଓଡ଼ିଶାର ସମୃଦ୍ଧ ରନ୍ଧନ ଶୈଳୀ ଓ ପରମ୍ପରାକୁ ସମ୍ମାନିତ କରୁନାହିଁ, ବରଂ ଓଡ଼ିଆ ସଂସ୍କୃତି ଓ ଦୈନନ୍ଦିନ ଜୀବନ ସହ ଜଡ଼ିତ ଆମର ପ୍ରିୟ 'ପଖାଳ'କୁ ଅନ୍ତର୍ଜାତୀୟ ସ୍ତରରେ ନୂଆ ପରିଚୟ ଦେଇଛି। ଏହି ସଫଳତା ଓଡ଼ିଶାର ଦେଶୀ ଖାଦ୍ୟ ପରମ୍ପରାକୁ ବିଶ୍ୱ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରିଛି। ଏହା ପ୍ରମାଣିତ କରିଛି ଯେ, କିଭଳି ପଖାଳ ଭାତ ଏକ ସାଧାରଣ ଖାଦ୍ୟରୁ ଆଜି ସାଂସ୍କୃତିକ ଗର୍ବ ଏବଂ ବିଶ୍ୱସ୍ତରୀୟ ମାନ୍ୟତାର ପ୍ରତୀକ ପାଲଟିଛି।




# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଶ୍ରୀଚନ୍ଦ୍ର ଯୋଗୁ ଦୈହିକ ସୁସ୍ଥତା ପ୍ରଦାନ କରିବା ସହ ବିବାଦରେ ବିଜୟୀ ହେବେ। ଦୃଢ଼ ପଦକ୍ଷେପ ନେଇ ଅସଜଡା ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ସଭାସମିତିକୁ ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** — ମୁଖଭାବସ୍ଥ ବୃହସ୍ପତି ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ରକ୍ଷା ସହ ଅର୍ଥପ୍ରାପ୍ତିର ଯୋଜନା କରିପାରନ୍ତି। ବୌଦ୍ଧିକ ବିଚାରବିମର୍ଶରେ ବୁଦ୍ଧିଜୀବୀଙ୍କ ପ୍ରିୟଭାଜନ ହେବା ସହ ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପୂରଣ କରିପାରିବେ। ସକାଳୁ ଶୁଭ ଖବର ମନକୁ ଆହ୍ଲାଦିତ କରିବ। ସାମାଜିକ ସ୍ତରରେ ପଛକଥା ଚିନ୍ତା ନ କରି ପରିସ୍ଥିତିକୁ ସାମ୍ନା କରିବା ଭଲ ।

**ମିଥୁନ** — ବୁଧଙ୍କ ସହ ରାହୁ ମଙ୍ଗଳ ଯୋଗଜନିତ ପ୍ରିୟଜନଙ୍କ ସହ ମତାନ୍ତର ସୃଷ୍ଟି ହେବ। ସହକର୍ମୀଙ୍କ ସହାନୁଭୂତି ଓ ପ୍ରଗାଢ଼ ଚେଷ୍ଟା ଦ୍ୱାରା ଆଜି କୌଣସି କାମ ଅଟକି ରହିବନାହିଁ। ସନ୍ତାନଙ୍କ ବିବାହ ପାଇଁ ବନ୍ଧୁଙ୍କ ଜରିଆରେ ଆଲୋଚନା କଲେ ଉପକୃତ ହେବେ। ପାରିବାରିକ ଅଶାନ୍ତି କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ଶ୍ରେୟସ୍କର ମନେ କରିପାରନ୍ତି।

**କର୍କଟ** — ଦଶମ ଚନ୍ଦ୍ର ପ୍ରଭାବରେ କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ବହୁତ ଭଲ ରହିବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସମର୍ଥନରେ ଉଚ୍ଚପଦବୀ ପ୍ରାପ୍ତ ହୋଇପାରନ୍ତି। ଆଲୋଚନା ପରିସରରେ, ପ୍ରଶାସନିକ ସେବାରେ ଅଥବା ରାଜନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ସିଂହ** — ଆଜିର କଲ୍ୟାଣଚନ୍ଦ୍ର ପ୍ରତ୍ୟେକ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣରେ କାର୍ଯ୍ୟ ସମ୍ପନ୍ନ କରାଇବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ବାସ୍ତବ ସମସ୍ୟାରୁ ମୁକ୍ତି ମିଳି ନ ପାରେ। ଚଳିତ ପରିସ୍ଥିତିର ସମ୍ମୁଖୀନ ହୋଇ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ଉଚ୍ଚବର୍ଗର ବ୍ୟକ୍ତିଙ୍କ ସହଯୋଗରୁ କାର୍ଯ୍ୟ ହାସଲ କରିବେ।

**କନ୍ୟା** — ଅଷ୍ଟମସ୍ଥ ଚନ୍ଦ୍ରଜନିତ ମାନସିକ ଅସ୍ଥିରତା ସାଙ୍ଗକୁ ପ୍ରାପ୍ୟ ଅର୍ଥ ସକାଶେ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ସାହାଯ୍ୟରେ ବିବାଦୀୟ ପରିସ୍ଥିତିରେ ସାମ୍ୟତା ଆଣିପାରିବେ। ଆର୍ଥିକ ଉନ୍ନତି, କର୍ମକ୍ଷେତ୍ରରେ ସମ୍ମାନ, ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ମଧ୍ୟରେ ଦିନଟି ପ୍ରୀତିପ୍ରଦ ରହିବ। ସକାଳୁ ଶୁଭଖବର ମନକୁ ଆହ୍ଲାଦିତ କରିବ।

**ତୁଳା** — ସପ୍ତମସ୍ଥ କର୍ମାଧିପ ଚନ୍ଦ୍ର ଆପଣଙ୍କୁ କର୍ମମୁଖର କରାଇବା ସହ ଦୂରଯାତ୍ରା ପାଇଁ ସୁଯୋଗ ସୃଷ୍ଟି କରିପାରନ୍ତି। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତପ୍ତ ହୋଇପାରନ୍ତି। ବୁଝାମଣା ମାଧ୍ୟମରେ ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ଫେରି ଆସିବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ।

**ବିଛା** — ରାଶି ପାଇଁ ଶୁକ୍ଳପକ୍ଷର କଲ୍ୟାଣକାରକ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ଶୁଭଫଳ ପ୍ରଦାନ କରିବେ। ସନ୍ତାନଙ୍କ ପରୀକ୍ଷାରେ ସଫଳତା, ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା ଦ୍ୱାରା ଆତ୍ମତୃପ୍ତି ଲଭିବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ଅପଦସ୍ଥ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ର ମଧ୍ୟମଧରଣର ରହିବ।

**ଧନୁ** — ରାହୁ ସହ ବୁଧଙ୍କ ସଂଯୋଗ ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟାକୁ ବୃଦ୍ଧି କରିବେ। ଗଣତନ୍ତ୍ର, ଆଇନ, ଆଧ୍ୟାତ୍ମିକତା କ୍ଷେତ୍ରରେ ଗୁରୁକ୍ଷେତ୍ରସ୍ଥ ଶନି କାର୍ଯ୍ୟସିଦ୍ଧି କରାଇବେ। ଉତ୍ତମ ଲୋକସମ୍ପର୍କ ଜନିତ ସାମାଜିକ ସ୍ଥିତି ଭଲ ରହିବ। ଅର୍ଥ ଲାଭ, କାର୍ଯ୍ୟସିଦ୍ଧି, ବନ୍ଧୁମିଳନ ଓ ମୂଲ୍ୟବାନ୍ ଦ୍ରବ୍ୟଲାଭରୁ ମନ ଖୁସି ରହିବ।

**ମକର** — ଆଜିର ଯାତ୍ରା, ବାଣିଜ୍ୟ, ଅଭିଳଷିତ କାର୍ଯ୍ୟ ସମ୍ପନ୍ନ ଦିଗରେ ଗ୍ରହସ୍ଥିତି ଅନୁକୂଳ ରହିବ। ସପ୍ତମାଧିପ ଚନ୍ଦ୍ର କେନ୍ଦ୍ରସ୍ଥ ହୋଇ ବୈବାହିକ ସମ୍ପର୍କ ପାଇଁ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସାଙ୍ଗକୁ ବନ୍ଧୁଙ୍କ ଅନାଦର ଯୋଗୁ ମନ ଦୁଃଖ ହୋଇପାରେ। ନିଜର ହିତୈଷୀମାନଙ୍କୁ ବୃଥା ସନ୍ଦେହ କରି ଭୁଲ୍‌ଠିକ୍‌ର ବିଚାର କରିପାରିବେ ନାହିଁ।

**କୁମ୍ଭ** — ରାଶିରେ ମଙ୍ଗଳ ସହ ରାହୁ ସମସ୍ୟା ସୁଧାରି ନେବାରେ ସାହାଯ୍ୟ କରିବ। ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ଶ୍ରମ ଓ ସମୟର ବିନିଯୋଗ କରି କାର୍ଯ୍ୟହାସଲ କରିବେ। ଋଣ ପରିଶୋଧ ସକାଶେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ଭଲମନ୍ଦର ମିଶ୍ରିତଫଳ ଭିତରେ ସାମୟିକ ଟେନ୍‌ସନ ଅବଶ୍ୟ ମାନସିକ ସ୍ଥିତିକୁ ବିଭ୍ରାନ୍ତ କରିପାରେ।

**ମୀନ** — ବୃହସ୍ପତିଙ୍କ ସୁଦୃଷ୍ଟି ଆପଣଙ୍କ ଚିନ୍ତାଧାରା, କାର୍ଯ୍ୟପଦ୍ଧତି ଓ ଯୋଜନା ସମୂହକୁ ସୁନିୟନ୍ତ୍ରିତ କରାଇବେ। କାମଟି ସହଜରେ ପୂର୍ଣ୍ଣାଙ୍ଗ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ନୂତନ ପ୍ରକଳ୍ପାଦି କାମ ବହୁତ ଭଲରେ ସମ୍ପନ୍ନ ହେବ। ଶୁକ୍ରଙ୍କ ପ୍ରଭାବରେ ଆନୁଷ୍ଠାନିକ କାମ, ମନୋରଞ୍ଜନ ଓ ବନ୍ଧୁମିଳନାଦିରୁ ସାମୟିକ ଖୁସିରେ ରହିପାରନ୍ତି।

ଆଜି ମାର୍ଚ୍ଚ ୨୧ ତାରିଖ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ବିଶ୍ୱ କାବ୍ୟ ଦିବସ, ଇଦ୍-ଉଲ୍-ଫିତର୍, ଚୈତ୍ର ଶୁକ୍ଳ ତୃତୀୟା, ଶନିବାର। ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୩ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୫୩ ଗତେ ଘ.୧୦।୨୩ ମଧ୍ୟେ ରାହୁ କାଳ।



ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ 'ପଖାଳ ପରବ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରସ୍ତୁତ ପଖାଳ ସହ ବିଭିନ୍ନ ପ୍ରକାରର ଓଡ଼ିଆ ବ୍ୟଞ୍ଜନ ଦେଖୁଛନ୍ତି।

# ସଂରକ୍ଷିତ ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ ଅପରାଧ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦।୩(ପି.ଟି.)

ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପାଇଁ ରହିଛି ସଂରକ୍ଷିତ ଅଞ୍ଚଳ। ଏଠାରେ କୌଣସି ମାନବୀୟ କାର୍ଯ୍ୟକଳାପ ଯୋଗୁ ବନ୍ୟପ୍ରାଣୀଙ୍କ ବାସସ୍ଥଳ ନଷ୍ଟ ହେଲେ ତାହାକୁ ଅପରାଧ ଭାବେ ଗଣାଯିବ। ଏନେଇ ବିଭିନ୍ନ ଆଇନ ଅନୁଯାୟୀ ଦଣ୍ଡ ଓ ଜରିମାନା ବ୍ୟବସ୍ଥା କରାଯିବ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜାତୀୟ ଚମ୍ବଲ ଅଭୟାରଣ୍ୟରେ ବ୍ୟାପକ ବେଆଇନ ବାଲି ଖନନ ଓ ଏହାଦ୍ୱାରା ବିରଳ ଜଳଚର ପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ ହେବା ଘଟଣାକୁ ସୁପ୍ରିମକୋର୍ଟ ଅତି ଗମ୍ଭୀରତାର ସହ ଗ୍ରହଣ କରି ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସଂରକ୍ଷିତ ଅଞ୍ଚଳରେ ପ୍ରାକୃତିକ ପରିବେଶକୁ କ୍ଷତି ପହଞ୍ଚାଇବା ଦଣ୍ଡନୀୟ ଅପରାଧ ଏବଂ ଏଥିପାଇଁ ବିଭିନ୍ନ କଠୋର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜସ୍ଥାନ, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶର ବିଭାଗୀୟ ଅଧିକାରୀମାନେ ନିଜ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି। ବେଆଇନ ବାଲି ଖନନକୁ ରୋକିବାରେ ବିଫଳ ହୋଇଥିବାରୁ ବନ ବିଭାଗ, ଖଣି ବିଭାଗ, ଜଳସମ୍ପଦ ବିଭାଗ ଏବଂ ପୋଲିସ ପ୍ରଶାସନର ଅଧିକାରୀମାନଙ୍କୁ ଏହି ବିନାଶ ପାଇଁ 'ପରୋକ୍ଷ ଭାବେ ଦାୟୀ' କରାଯିବ।

ଚମ୍ବଲ ଅଭୟାରଣ୍ୟକୁ 'ଜାତୀୟ ଚମ୍ବଲ ଘଡ଼ିଆଳ ବନ୍ୟପ୍ରାଣୀ ଅଭୟାରଣ୍ୟ' ମଧ୍ୟ କୁହାଯାଏ। ଏହା ଭାରତର ଅନନ୍ୟ ଜୈବବିବିଧତା ସମ୍ପନ୍ନ କ୍ଷେତ୍ର। ପ୍ରାୟ ୫,୪୦୦ ବର୍ଗ କିଲୋମିଟର ☞ପୃଷ୍ଠା-୧୨

# ଜେନ୍ ଜି ବନାମ ମିଲେନିଆଲ୍: ଲକ୍ଷ୍ୟ ଯଦି ଭିନ୍ନ, ନିବେଶର ଢଙ୍ଗ ସମାନ ହେବ କାହିଁକି?

ରିସ୍କ ଏବଂ ରିଟର୍ନ ମଧ୍ୟରେ ଏକ ଉପଯୁକ୍ତ ଭାରସାମ୍ୟ ବଜାୟ ରଖି ଆର୍ଥିକ ଲକ୍ଷ୍ୟ ପୂରଣ କରିବାରେ ମ୍ୟୁଚୁଆଲ ଫଣ୍ଡ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଏଏମ୍ଏଫ୍ଆଇ ଅନୁଯାୟୀ, ଗତ ଦୁଇ ବର୍ଷ ମଧ୍ୟରେ ଖୋଲାଯାଇଥିବା ନୂଆ ମ୍ୟୁଚୁଆଲ ଫଣ୍ଡ ଏସ୍ଆଇପି ଆକାଉଣ୍ଟଗୁଡ଼ିକ ମଧ୍ୟରୁ ୮୦% ରୁ ଅଧିକ ୩୫ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କର ଅଟେ। ସେମାନଙ୍କ ପାଇଁ ନିବେଶ କେବଳ ଏକ ହବି ହୋଇ ନ ଥାଏ; ସେମାନେ ଦ୍ରୁତ ଗତିରେ ଧନ ଗଠନ କରିଥାନ୍ତି, ଆର୍ଥିକ ସ୍ୱାଧୀନତା ଖୋଜନ୍ତି ଏବଂ ପାରମ୍ପରିକ ଏଫ୍ଡି ଏବଂ ସୁନାରୁ ବହୁତ ଆଗକୁ ଚିନ୍ତା କରିଥାନ୍ତି।

କିନ୍ତୁ କଥା ହେଉଛି ଜେନ୍ ଜି ଏବଂ ମିଲେନିଆଲ୍ସ ସମାନ ଢଙ୍ଗରେ ନିବେଶ କରିବା ଉଚିତ୍ ନୁହେଁ। ବିଭିନ୍ନ ଜୀବନ ପର୍ଯ୍ୟାୟ, ଲକ୍ଷ୍ୟ ଏବଂ ରିସ୍କ ନେବାର ସାମର୍ଥ୍ୟ ଏହା ସୂଚାଇଥାଏ ଯେ, ଭାରତରେ ମ୍ୟୁଚୁଆଲ ଫଣ୍ଡ ଜେନ୍ ଜି ବ୍ୟକ୍ତିଙ୍କ ପାଇଁ ଉପଯୁକ୍ତ ହୋଇପାରେ କିନ୍ତୁ ମିଲେନିଆଲ୍ ବୃତ୍ତିଧାରୀଙ୍କ ପାଇଁ ହୁଏତ ତାହା ଏକ ଆଦର୍ଶ ପସନ୍ଦ ହୋଇ ନ ପାରେ।

### ଜେନ୍ ଜି ବନାମ ମିଲେନିଆଲ୍: ସେମାନେ କେଉଁ ପ୍ରକାରର ନିବେଶକ?

| ମାନଦଣ୍ଡ | ଜେନ୍ ଜି | ମିଲେନିଆଲ୍ |
|---|---|---|
| ଜନ୍ମ ବର୍ଷ | ୧୯୯୭-୨୦୧୨ (୨୦୨୬ରେ ବୟସ ~୨୧-୨୯) | ୧୯୮୧-୧୯୯୬ (୨୦୨୬ରେ ବୟସ ~୩୦-୪୫) |
| ନିବେଶ ସମୟ | ଦୀର୍ଘମିଆଦୀ (୨୫-୩୫+ ବର୍ଷ) | ମଧ୍ୟମରୁ ଦୀର୍ଘମିଆଦୀ (୧୦-୨୫ ବର୍ଷ) |
| ରିସ୍କ ନେବାର ସାମର୍ଥ୍ୟ | ଉଚ୍ଚ-ଇକ୍ୱିଟି ଓ ଗ୍ଲୋବାଲ ଫଣ୍ଡକୁ ନେଇ ସ୍ୱଚ୍ଛନ୍ଦ | ମଧ୍ୟମରୁ ଉଚ୍ଚ- ଐତିହାସିକ ରିଟର୍ନଯୁକ୍ତ ପାଣ୍ଠି ପସନ୍ଦ କରନ୍ତି |
| ପ୍ରାଥମିକ ଲକ୍ଷ୍ୟ | ଧନ ନିର୍ମାଣ, ଏଫ୍ଆଇଆର୍ଇ, ପ୍ରଥମ କାର/ଘର | ଅବସର, ପିଲାଙ୍କ ପାଠପଢ଼ା, ଆର୍ଥିକ ସ୍ଥିରତା |
| ମାସିକ ଆୟ | ପ୍ରାରମ୍ଭିକ ଆୟ, ଫ୍ରିଲାନ୍ସର୍, ପାର୍ଶ୍ୱ ଆୟ | ବେତନଭୋଗୀ ବୃତ୍ତିଧାରୀ, ଦ୍ୱୈତ ଆୟଧାରୀ ପରିବାର |
| ପସନ୍ଦର ଶୈଳୀ | ମୋବାଇଲ-ପ୍ରଥମ, ସୋସିଆଲ-ଫାଇନାନ୍ସ (ୟୁଟ୍ୟୁବ୍, ଇନ୍ଷ୍ଟା) | ଆପ୍/ୱେବ୍ ଆଧାରିତ, ରୋବୋ ଆଡଭାଇଜରଙ୍କ ବ୍ୟବହାର |
| ଆଚରଣ | ପରୀକ୍ଷାମୂଳକ, ଟେକ୍ ଓ ଟ୍ରେଣ୍ଡ ଅଭିମୁଖୀ | ରଣନୈତିକ, ଟିକସ-ଅନୁକୂଳ, ଲକ୍ଷ୍ୟ ଅଭିମୁଖୀ |

### ଜେନ୍ ଜିଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ ବର୍ଗ

» **ଇଣ୍ଡେକ୍ସ ଫଣ୍ଡ:** ଏସ୍ଆଇପି ପାଇଁ ସର୍ବୋପଯୁକ୍ତ। ଏହା ନିଫ୍ଟି ୫୦ କିମ୍ବା ନିଫ୍ଟି ନେକ୍ସଟ୍ ୫୦ ଭଳି ସୂଚକାଙ୍କ ସହ ତାଳ ଦେଇ ଚାଲିଥାଏ ଓ ସ୍ୱଳ୍ପ ବ୍ୟୟ ଅନୁପାତ ସହ ଆସିଥାଏ। » **ଫ୍ଲେକ୍ସି-କ୍ୟାପ୍ ଫଣ୍ଡ:** ଲାର୍ଜ, ମିଡ୍ ଓ ସ୍ମଲ୍-କ୍ୟାପ୍ ଷ୍ଟକ୍ସରେ ନିବେଶ, ରିସ୍କ ପ୍ରବନ୍ଧନ ସହ ସୁଯୋଗକୁ ସନ୍ଧାନ କରିବାର ସ୍ୱାଧୀନତା। » **ଇଏଲ୍ଏସ୍ଏସ୍:** ୩-ବର୍ଷର ଲକ୍-ଇନ୍ ସହିତ ସେକ୍ସନ୍ ୮୦ ସି ଅଧୀନରେ ଟିକସ ଅବ୍ୟାହତି। ଚାକିରିରେ ନବନିଯୁକ୍ତଙ୍କ ପାଇଁ ଆଦର୍ଶ। » **ଥିମାଟିକ୍ ଓ ସେକ୍ଟରାଲ ଫଣ୍ଡ:** ଜେନ୍ ଜି ଏଆଇ, ବୈଦ୍ୟୁତିକ ଯାନ ଓ ଫିନଟେକ୍ ଭଳି ଭବିଷ୍ୟଧର୍ମୀ ଧାରଣା ସହ ଜଡ଼ିତ ହୋଇଥାନ୍ତି। ଏହି ଫଣ୍ଡଗୁଡ଼ିକ ସେମାନଙ୍କୁ ଉକ୍ତ ସେକ୍ଟରଗୁଡ଼ିକରେ ସିଧାସଳଖ ନିବେଶ କରିବାକୁ ଅନୁମତି ଦେଇଥାଏ। » **ଓଭରସିଜ୍ ମ୍ୟୁଚୁଆଲ ଫଣ୍ଡ:** ଏହି ଫଣ୍ଡଗୁଡ଼ିକୁ ଆପଲ୍, ଏନଭିଡିଆ ଏବଂ ଟେସ୍ଲା ଭଳି ବିଶ୍ୱର ବଡ଼ ବଡ଼ କମ୍ପାନୀରେ ନିବେଶ କରିବାର ସୁଯୋଗ ଦେଇଥାଏ।

### ମିଲେନିଆଲ୍ସଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ ବର୍ଗ

» **ଲାର୍ଜ କ୍ୟାପ୍ ଫଣ୍ଡ:** ଭାରତର ଶ୍ରେଷ୍ଠ ୧୦୦ କମ୍ପାନୀରେ ନିବେଶ (ଯଥା- ରିଲାଏନ୍ସ, ଟିସିଏସ୍)। ଏଗୁଡ଼ିକ କମ୍ ଅସ୍ଥିରତା ସହ ସ୍ଥିର ରିଟର୍ନ ଦେଇଥାଏ। » **ମଲ୍ଟି-କ୍ୟାପ୍/ଫ୍ଲେକ୍ସି-କ୍ୟାପ୍ ଫଣ୍ଡ:** ଅତ୍ୟଧିକ ଆକ୍ରାମକ ନ ହୋଇ ଅଭିବୃଦ୍ଧି ଚାହୁଁଥିବା ମିଲେନିଆଲଙ୍କ ପାଇଁ ଆଦର୍ଶ। » **ହାଇବ୍ରିଡ୍ ଆଗ୍ରେସିଭ୍ ଫଣ୍ଡ:** ସାଧାରଣତଃ ଇକ୍ୱିଟିରେ ୬୫-୮୦% ଏବଂ ଡେବ୍ଟରେ ୨୦-୩୫%ରେ ନିବେଶ, ଯାହା ବଜାର ଅସ୍ଥିରତା ସମୟରେ ଆଶ୍ୱସ୍ତି ପ୍ରଦାନ କରିଥାଏ। » **ବାଲାନ୍ସଡ୍ ଆଡଭାଣ୍ଟେଜ୍ ଫଣ୍ଡ:** ଏଗୁଡ଼ିକ ବଜାର ପରିସ୍ଥିତି ଆଧାରରେ ଡାଇନାମିକ୍ ଭାବେ ଇକ୍ୱିଟି-ଡେବ୍ଟ ଆଲୋକେଶନକୁ ଆଡଜଷ୍ଟ କରିଥାଏ। » **ମିଡ୍ କ୍ୟାପ୍ ଫଣ୍ଡ:** ୭+ ବର୍ଷ ଦୂରରେ ଥିବା ଲକ୍ଷ୍ୟଗୁଡ଼ିକ ପାଇଁ ଉପଯୁକ୍ତ।

### ଜେନ୍ ଜି ସଅଳ ନିବେଶ ଆରମ୍ଭ କରିବା କାହିଁକି ଉଚିତ୍?

ଧରନ୍ତୁ ଆପଣ ୨୦ ବର୍ଷ ବୟସରେ ୧୨%ର ବାର୍ଷିକ ରିଟର୍ନ ସହ ମାସିକ ୫୦୦୦ ଟଙ୍କା ନିବେଶ ଆରମ୍ଭ କଲେ। ଆପଣଙ୍କର ନିବେଶ ନିମ୍ନ ଅନୁଯାୟୀ ଅଭିବୃଦ୍ଧି ଲାଭ କରିବ:



ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

| ନିବେଶ ଅବଧି | ମୋଟ ନିବେଶ | ଭବିଷ୍ୟତର ମୂଲ୍ୟ (ଆନୁମାନିକ) |
|---|---|---|
| ୧୦ ବର୍ଷ | ₹୬,୦୦,୦୦୦ | ₹୧୧.୬ ଲକ୍ଷ |
| ୨୦ ବର୍ଷ | ₹୧୨,୦୦,୦୦୦ | ₹୪୯.୯ ଲକ୍ଷ |
| ୩୦ ବର୍ଷ | ₹୧୮,୦୦,୦୦୦ | ₹୧.୭୬ କୋଟି |

ଏହା ହେଉଛି ଚକ୍ରବୃଦ୍ଧିର ଶକ୍ତି: ଆପଣଙ୍କ ଟଙ୍କା ରିଟର୍ନ ଅର୍ଜନ କରିଥାଏ, ପୁଣି ଅର୍ଜିତ ରିଟର୍ନ ଉପରେ ମଧ୍ୟ ରିଟର୍ନ ଅର୍ଜିତ ହୁଏ ଯାହାଦ୍ୱାରା ରିଟର୍ନର ଚକ୍ରବୃଦ୍ଧି ଘଟିଥାଏ।

### ଆପଣଙ୍କ ଏସ୍ଆଇପିକୁ ଅଧିକତମ କରିବା ପାଇଁ ଟିପ୍ସ

- ଯଥାସମ୍ଭବ ସଅଳ ନିବେଶ ଆରମ୍ଭ କରନ୍ତୁ: ଆପଣ ଯେତେ ଶୀଘ୍ର ଆରମ୍ଭ କରିବେ, ଚକ୍ରବୃଦ୍ଧିର ଲାଭ ସେତେ ବେଶି ହେବ।
- ପ୍ରତିବର୍ଷ ଏସ୍ଆଇପିର ପରିମାଣ ବଢ଼ାନ୍ତୁ: ଆପଣଙ୍କ ନିବେଶରେ ମାତ୍ର ୧୦% ବାର୍ଷିକ ବୃଦ୍ଧି ଆପଣଙ୍କ ରିଟର୍ନକୁ ସୁପରଚାର୍ଜ କରିପାରିବ।
- ନିବେଶକୁ ବଜାୟ ରଖନ୍ତୁ: ବଜାର ଅଧୋଃଗାମୀ ହେଲେ ଆତଙ୍କିତ ହୁଅନ୍ତୁ ନାହିଁ। ପ୍ରକୃତରେ ଏସ୍ଆଇପି ଅସ୍ଥିରତାରେ ସମୃଦ୍ଧ ହୋଇଥାଏ।
- ବିବିଧକରଣ କରନ୍ତୁ: ନିଜର ରିସ୍କ ଗ୍ରହଣ ସାମର୍ଥ୍ୟ ଆଧାରରେ ଇକ୍ୱିଟି, ଡେବ୍ଟ ଏବଂ ହାଇବ୍ରିଡ୍ ଫଣ୍ଡର ମିଶ୍ରଣ ବଜାୟ ରଖନ୍ତୁ।


**ଦାବିତ୍ୟାଗ:**

*ଏସ୍ଆଇପି: ଏସ୍ଆଇପି ଲାଭ କିମ୍ବା ନିମ୍ନମୁଖୀ ବଜାରରେ କ୍ଷତି ବିରୁଦ୍ଧରେ ସୁରକ୍ଷାର ଗ୍ୟାରେଣ୍ଟି ଦେଇ ନ ଥାଏ। ଦୃଷ୍ଟାନ୍ତ: ଅତୀତର ପ୍ରଦର୍ଶନ ଭବିଷ୍ୟତରେ ବଜାୟ ରହିପାରେ କିମ୍ବା ରହିନପାରେ। ଉପରେ ପ୍ରଦାନ କରାଯାଇଥିବା ଗଣନା ରିଟର୍ନର କଳ୍ପିତ ହାର ଉପରେ ଆଧାରିତ ଏବଂ ତାହା କେବଳ ଦୃଷ୍ଟାନ୍ତ ପାଇଁ ଉଦ୍ଦିଷ୍ଟ। ଉପରେ ଦର୍ଶାଯାଇଥିବା ଜାରିକର୍ତ୍ତାଗଣ / ଷ୍ଟକ୍ / ସେକ୍ଟରଗୁଡ଼ିକୁ ସୁପାରିସ ଭାବେ ବିବେଚନା କରାଯିବା ଉଚିତ ନୁହେଁ। ଫଣ୍ଡ ମ୍ୟାନେଜର(ମାନେ) ସମୟ ସମୟରେ ତାହାକୁ ଧାରଣ କରିବା କିମ୍ବା ନ କରିବା ପସନ୍ଦ କରିପାରନ୍ତି। ଦର୍ଶାଯାଇଥିବା ଯେକୌଣସି କମ୍ପାନୀ କିମ୍ବା ଗ୍ରୁପ୍ର ନାମ କେବଳ ଦୃଷ୍ଟାନ୍ତ ପାଇଁ ଉଦ୍ଦିଷ୍ଟ ଏବଂ ତାହା ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡ / ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଏଏମ୍ସି ଲିଃର କୌଣସି ସମର୍ଥନ କିମ୍ବା ଅଙ୍ଗୀକରଣକୁ ସୂଚାଇ ନ ଥାଏ। ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ଜଣେ ଆର୍ଥିକ ଉପଦେଷ୍ଟାଙ୍କ ସହ ପରାମର୍ଶ କରିବା ପାଇଁ ନିବେଶକମାନଙ୍କୁ ଉପଦେଶ ଦିଆଯାଉଛି।*

*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ।*

*ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal।*

*ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ।*

Aditya Birla Sun Life Mutual Fund

ADITYA BIRLA CAPITAL
MUTUAL FUNDS


# ଚତୁର୍ଥ ଦିନରେ ୩୮ ମିନିଟ୍

## ବାଚସ୍ପତିଙ୍କ ମାର୍ଶାଲ- ବିରୋଧୀ ମୁହାଁମୁହିଁ

## ଏସ୍ସିବିରେ ରୋଗୀ ମୃତ୍ୟୁ ପାଇଁ ପୂର୍ବ ସରକାର ଦାୟୀ: ଭାଜପା

ଭୁବନେଶ୍ୱର,୨୦।୩(ରବିନାରାୟଣ ଜେନା)

କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଶୁକ୍ରବାର ମଧ୍ୟ ବିଧାନସଭାକୁ ଏକପ୍ରକାର ଅଚଳ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ଦେବା ସହିତ ବାଚସ୍ପତିଙ୍କ ପୋଡିୟମକୁ ବାଡ଼ାଇଥିଲେ। ଏହାସହିତ ବାଚସ୍ପତିଙ୍କ ଚୌକି ନିକଟକୁ ଯିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଗୃହରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେବାରୁ ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ସଦସ୍ୟଙ୍କୁ ନିଜ ଆସନକୁ ଯିବାକୁ ଅନୁରୋଧ କରିଥିଲେ। ମାତ୍ର ସେମାନେ କର୍ଣ୍ଣପାତ ନ କରି ପ୍ରବଳ ହଇଗୋଳ କରି ଚାଲିଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୩୮ ମିନିଟ୍ ଚାଲିଥିଲା। ପ୍ରଶ୍ନକାଳରେ ୨୨ ମିନିଟ୍ ଏବଂ ଶୂନ୍ୟକାଳରେ ୧୬ ମିନିଟ୍ ଗୃହ ଚାଲିଥିଲା। ପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ସଫଳ ନ ହେବାରୁ ଅପରାହ୍ନ ଗୋଟାଏରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ପ୍ରମୁଖ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଗୃହରେ ଏକପ୍ରକାର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲେ। ଏହି ସମୟରେ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ହେଲେ ବିରୋଧୀ ବିଜେଡିର ବରିଷ୍ଠ ସଦସ୍ୟ ବଦ୍ରିନାରାୟଣ ପାତ୍ର, ସାରଦା ପ୍ରସନ୍ନ ଜେନା, ରମେଶ ବେହେରା, ପ୍ରଶାନ୍ତ ବେହେରା, ଅରୁଣ ସାହୁ, ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ଏବଂ କଂଗ୍ରେସ ସଦସ୍ୟ ନୀଳମାଧବ ହିକକା, ପବିତ୍ର ସାଉନ୍ତା, ଡା. ସିଏସ୍ ରାଜନ ଏକ୍କା, ସାଗର ଦାସ ପ୍ରମୁଖ ହଇଗୋଳ କରି ଚାଲିଥିଲେ। ପ୍ରବଳ ହଇଗୋଳ ଭିତରେ ମନ୍ତ୍ରୀ ଗଣ୍ଡ ୪୪ଲକ୍ଷ ୩୯ହଜାର ୬୦୨ ଛାତ୍ରୀଛାତ୍ରଙ୍କୁ ପୋଷାକ ବାବଦରେ ୧ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଛି ବୋଲି କହିଥିଲେ। କେଉଁ ଜିଲାରେ କେତେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି ତା'ର ବିବରଣୀ ପ୍ରଦାନ କରିଥିଲେ। ସେହିପରି ଭାଜପା ସଦସ୍ୟ ମାନସ କୁମାର ଦତ୍ତଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରିତା ସମ୍ପର୍କରେ କହିବା ସହିତ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ 'ନାକ୍ ଏ' ମାନ୍ୟତା ପାଇଁ ସରକାରୀ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏହି ସମୟରେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଗୋଟିଏ ପଟେ କଂଗ୍ରେସ ଏବଂ ଅନ୍ୟପଟେ ବିଜେଡି ସଦସ୍ୟମାନେ ଉଠିବାକୁ ପ୍ରବଳ ଉଦ୍ୟମ କରିଥିଲେ। ବାଚସ୍ପତିଙ୍କ ମାର୍ଶାଲ ସେମାନଙ୍କୁ ଅଟକାଇବାରୁ ମୁହାଁମୁହିଁ ପର୍ଯ୍ୟନ୍ତ କଥା ଯାଇଥିଲା। ବିରୋଧୀଦଳ ସଦସ୍ୟମାନେ ସରକାର ବିରୋଧୀ ନାରା ☞ପୃଷ୍ଠା-୧୨

# ଛାତ୍ରସଂସଦ ନିର୍ବାଚନ ପାଇଁ ସରକାର ଚିନ୍ତା କରୁଛନ୍ତି

ଭୁବନେଶ୍ୱର,୨୦।୩(ସୁଚିସ୍ମିତା ସାହୁ)

ଦୀର୍ଘବର୍ଷ ଧରି ରାଜ୍ୟର ସରକାରୀ ଓ ଘରୋଇ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ଏଥିପାଇଁ ବିଚାର ଚାଲିଛି। ବର୍ତ୍ତମାନର ସରକାର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିନାହାନ୍ତି। ସରକାର ନିର୍ବାଚନ କରିବା ପାଇଁ ସକାରାତ୍ମକ ଆଭିମୁଖ୍ୟ ପୋଷଣ କରିବା ସହ ଏ ଦିଗରେ ଚିନ୍ତାକ କରୁଛନ୍ତି ବୋଲି ବିଧାନସଭାରେ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ୨୦୧୮ ମସିହାରୁ ଛାତ୍ରସଂସଦ ନିର୍ବାଚନ ବନ୍ଦ ରହିଛି। ନିର୍ବାଚନ ପାଇଁ ଶିକ୍ଷାନୁଷ୍ଠାନରେ ବିଶୃଙ୍ଖଳା ସୃଷ୍ଟି ହେବା ସହ ଶୈକ୍ଷିକ ବାତାବରଣ ନଷ୍ଟ ଓ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଦର୍ଶାଇ ତତ୍କାଳୀନ ସରକାର ଏହାକୁ ବନ୍ଦ କରିଦେଇଥିଲେ। ହେଲେ ସେବେଠାରୁ ପ୍ରତିବର୍ଷ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ନିର୍ବାଚନ କରିବାକୁ ଦାବି କରାଯାଇ ଆସୁଛି। ନୂଆ ସରକାର ଆସିବା ପରେ ଛାତ୍ର ସଂଗଠନ, ଛାତ୍ର ନେତା ଓ ଛାତ୍ରୀଛାତ୍ରମାନେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ଆଶା କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ପୂର୍ବରୁ ଏନେଇ ସବୁଜ ସଙ୍କେତ ଦେଇଥିଲେ। ଛାତ୍ର ସଂସଦ ନିର୍ବାଚନ ପାଇଁ ଦୁର୍ଗାପୂଜା ପୂର୍ବରୁ ପାଠ୍ୟକ୍ରମ ସାରିବାକୁ ପଡ଼ିବ ବୋଲି କହିଥିଲେ। ହେଲେ ୨୦୨୫ରେ ଛାତ୍ର ସଂସଦ ନିର୍ବାଚନ ହୋଇପାରି ନ ଥିଲା। ଏବେ ବିଧାନସଭାରେ ମନ୍ତ୍ରୀ ରଖିଥିବା ମତ ପୁଣି ନୂଆ ଆଶା ସଞ୍ଚାର କରିଛି।

# ମହାନଦୀ ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ ହେବ ୨୧୦କୋଟି

## ତୁରନ୍ତ କାର୍ଯ୍ୟ ଆରମ୍ଭ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୩(ରବିନାରାୟଣ ଜେନା)

କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ବିକଶିତ କରାଯିବ। ନାଶ୍ନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା ପାଇଁ ଉପଯୋଗୀ କରାଯିବ। ଏଥିପାଇଁ ୨୧୦କୋଟି ଟଙ୍କା ଖର୍ଚ୍ଚ ହେବ। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ କଟକ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରି କହିଛନ୍ତି, ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକ୍ନିକ୍ ଏରିଆ, ଇଣ୍ଟରପ୍ରିଟେଶନ ସେଣ୍ଟର, ଫୁଡ୍ କୋର୍ଟ, ଲନ୍, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ ୱାଟରବଡିର ସୌନ୍ଦର୍ଯ୍ୟକରଣ କରାଯିବ। ଏହି ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ଆବଶ୍ୟକ ରହିଛି। ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ମହାନଦୀ କୂଳ ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପଗୁଡ଼ିକର ମଧ୍ୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଏହି ପ୍ରକଳ୍ପଗୁଡ଼ିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକମାନଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ କାମ ବେଳେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟସ୍ଥ ପଠାକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ☞ପୃଷ୍ଠା-୧୨




କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା– ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ।–**ଶ୍ରୀଅରବିନ୍ଦ**



# ପ୍ରସ୍ତାବ ପ୍ରତ୍ୟାହାର



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ବେଳେବେଳେ ସରକାରୀ ନୀତିର ରହସ୍ୟମୟ ତଥା ବାଧାସୃଷ୍ଟିକାରୀ ନିଷ୍ପତ୍ତି ସମ୍ପର୍କିତ ଖବର ଦେଖିବାକୁ ମିଳେ। ତିନି ମାସ ମଧ୍ୟରେ ଭାରତର ସଂଶୋଧିତ ଭୂମିକମ୍ପ ଅଞ୍ଚଳ ନିର୍ଦ୍ଧାରଣ ବ୍ୟବସ୍ଥା ବା ପଦ୍ଧତି ପ୍ରତ୍ୟାହାର କରାଯିବା ହେଉଛି ଏପରି ଏକ ନିଷ୍ପତ୍ତି । ଏହି ନୀତି କମ୍ପନର କେନ୍ଦ୍ରରେ ଅଛନ୍ତି ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର। କିଛି ସମୟ ପାଇଁ, ଭାରତ ଭୂକମ୍ପ ବିପଦର ମୁକାବିଲା କ୍ଷେତ୍ରରେ ଏହାର ଆଭିମୁଖ୍ୟରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଥିବା ପରି ମନେହେଉଥିଲା। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦେଶର ଭୂକମ୍ପ ବିପଦ ଅଞ୍ଚଳର ମାନଚିତ୍ର ଏବଂ ବିଲ୍ଡିଂ କୋଡ୍ ବା ଗୃହ ନିର୍ମାଣ ମାନକକୁ ସଂଶୋଧନ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲା। ଏହାର ଧାରଣା ଥିଲା ଭୂକମ୍ପ ବିପଦ ମୂଲ୍ୟାଙ୍କନ ପାଇଁ ଅଧିକ ଉନ୍ନତ ବୈଜ୍ଞାନିକ ପଦ୍ଧତି ଗ୍ରହଣ କରିବା ଏବଂ ବିଶେଷକରି ହିମାଳୟ କ୍ଷେତ୍ରରେ ଦୃଢ଼ ଗୃହ ନିର୍ମାଣ ମାନଦଣ୍ଡ ପ୍ରଚଳନ କରିବା। ତେବେ ଏହାକୁ ନେଇ ସରକାରୀ ମହଲରେ ଭୂକମ୍ପ ଆରମ୍ଭ ହୋଇଥିଲା ଏବଂ ଅନେକ ମନ୍ତ୍ରଣାଳୟ ଓ ଭିତ୍ତିଭୂମି ସଂସ୍ଥା ଆର୍ଥିକ ପ୍ରଭାବକୁ ସୂଚିତ କରିଥିଲେ। ଖଟ୍ଟରଙ୍କ ନିର୍ଦ୍ଦେଶରେ ଗୃହ ନିର୍ମାଣ ମନ୍ତ୍ରଣାଳୟ ସମସ୍ୟାଗୁଡ଼ିକୁ ସାମ୍ନାକୁ ଆଣିବାରେ ଆଗରେ ଥିବା ଜଣାପଡ଼ିଛି। ସଂଶୋଧିତ ଭୂକମ୍ପ ଅଞ୍ଚଳ ନିର୍ଦ୍ଧାରଣ ପ୍ରସ୍ତାବକୁ ପ୍ରତ୍ୟାହାର କରାଯିବା ସହ ବର୍ତ୍ତମାନ ପାଇଁ ପୂର୍ବ ବ୍ୟବସ୍ଥା ଜାରି ରହିଛି। ଏହାକୁ ନେଇ ଡେଭଲପର୍‌ମାନେ ଆଶ୍ୱସ୍ତ। ବାବୁମାନେ ଅନୁଭବ କରିପାରନ୍ତି ଯେ ସେମାନେ ଏକ ନିୟାମକ ବାଧାକୁ ଏଡ଼ାଇ ଦେଇଛନ୍ତି। କିନ୍ତୁ ବିପର୍ଯ୍ୟୟ ବିଶେଷଜ୍ଞମାନେ ଏଥିରେ ଖୁସି ନାହାନ୍ତି। ଭବିଷ୍ୟତରେ ହିମାଳୟ ଅଞ୍ଚଳରେ ଏକ ବଡ଼ ଧରଣର ଭୂମିକମ୍ପ ବିଷୟରେ ବୈଜ୍ଞାନିକମାନେ ବାରମ୍ବାର ଚେତାବନୀ ଦେଇଛନ୍ତି ; ଯାହା ପାଇଁ ଭୂକମ୍ପ କ୍ଷେତ୍ରର ସଂଶୋଧିତ ମ୍ୟାପ୍ ସହ ନିର୍ମାଣ ମାନଦଣ୍ଡ ସମାନ ଭାବେ ଆବଶ୍ୟକ ଥିଲା। ହେଲେ ଏହା ବଦଳରେ, ନୀତିଗତ ନିଷ୍ପତ୍ତି ତାହାକୁ ଅଟକାଇଦେଲା।

### ଏକ ବିଚିତ୍ର ଧାରା

ଭାରତରେ ବାବୁ ସାମ୍ରାଜ୍ୟ ଓ ଦାୟିତ୍ୱକୁ ନେଇ ନିୟମିତ ଭାବେ କିଛି ମାସ ଅନ୍ତରରେ ଏକ ମାମଲା ସାମ୍ନାକୁ ଆସେ, ଯାହା ଜଣଙ୍କୁ ଭାବିବାକୁ ବାଧ୍ୟ କରେ ଯେ ନିଲମ୍ବନ ପ୍ରକୃତରେ ଦଣ୍ଡ ନା କେବଳ ଏକ ଅସ୍ଥାୟୀ ବିରତି। ଏହାର ସଦ୍ୟତମ ଉଦାହରଣ ହେଉଛି ଉତ୍ତର ପ୍ରଦେଶରେ ଆଇଏଏସ୍ ଅଧିକାରୀ ଅଭିଷେକ ପ୍ରକାଶଙ୍କ ପୁନଃସ୍ଥାପନ । ଇନ୍‌ଭେଷ୍ଟ ୟୁପିର ସିଇଓ ଭାବରେ କାର୍ଯ୍ୟ କରିଥିବା ୨୦୦୬ ବ୍ୟାଚ୍‌ର ଏହି ଅଧିକାରୀଙ୍କ ବିରୋଧରେ ଗତବର୍ଷ ଏକ ସୌର ପ୍ରକଳ୍ପ ପାଇଁ ଲାଞ୍ଚ ମାଗୁଥିବା ଅଭିଯୋଗ ଆସିଥିଲା ଏବଂ ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଆଲ୍ଲାହାବାଦ ହାଇକୋର୍ଟ ତାଙ୍କ ବିରୋଧରେ କୌଣସି ପ୍ରାଥମିକ ପ୍ରମାଣ ନ ପାଇବା ପରେ ସେ ଏବେ ଚାକିରିକୁ ଫେରିଛନ୍ତି ଏବଂ ସରକାର କହିଛନ୍ତି, ବିଭାଗୀୟ ତଦନ୍ତ ଜାରି ରହିବ। ଝାଡ଼ଖଣ୍ଡ କ୍ୟାଡରର ଆଇଏଏସ୍ ଅଧିକାରୀ ପୂଜା ସିଂଘଲଙ୍କ ମାମଲା ଦେଖନ୍ତୁ। ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠିର ଆତ୍ମସାତ୍ ସହିତ ଜଡ଼ିତ ଏକ ମନି ଲଣ୍ଡରିଂ ତଦନ୍ତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇ ସିଂଘଲ ପ୍ରାୟ ତିନି ବର୍ଷ ଜେଲରେ ରହିଥିଲେ। ୨୦୨୪ ଶେଷ ଭାଗରେ ସେ ଜାମିନ ପାଇବା ପରେ ଝାଡ଼ଖଣ୍ଡ ସରକାର ତାଙ୍କର ନିଲମ୍ବନ ପ୍ରତ୍ୟାହାର କରି ଚାକିରିରେ ପୁନଃସ୍ଥାପିତ କରିଥିଲେ। ତାଙ୍କ ବିରୋଧରେ ମଧ୍ୟ ବିଚାର ଚାଲିଛି। ଟେକ୍‌ନିକାଲ ଦୃଷ୍ଟିରୁ ଦେଖିଲେ ଏହା ମଧ୍ୟ ଠିକ୍। ଜାମିନ ମାନେ ଦୋଷୀ ସାବ୍ୟସ୍ତ ନୁହେଁ। ଉଭୟ କ୍ଷେତ୍ରରେ, ନିଲମ୍ବନ ଏକ ଗୁରୁତର ଶୃଙ୍ଖଳାଗତ ପଦକ୍ଷେପ ପରି ମନେହେଉନାହିଁ । ଯଦି ଗୁରୁତର ଅଭିଯୋଗ ସମ୍ବନ୍ଧୀୟ ମାମଲାରେ ପୁନଃସ୍ଥାପନ ନିୟମିତ ହୋଇଯାଏ, ତେବେ ସେହି ବିଶ୍ୱାସରେ କ୍ଷୟ ହେବାକୁ ଆରମ୍ଭ ହୋଇଯିବ।

### ଅଧିକାରୀଙ୍କୁ ସମାଲୋଚନା

ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ତାଙ୍କ ବାବୁମାନଙ୍କୁ ସର୍ବସମ୍ମୁଖରେ ଭର୍ତ୍ସନା କରିଛନ୍ତି। ଜିଲାପାଳ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ବୈଠକରେ ସେ ଚେତାବନୀ ଦେଇଥିଲେ ଯେ ଅହଂକାର, ପ୍ରଶାସନିକ କଠୋରତା ଏବଂ କ୍ଷେତ୍ରକାର୍ଯ୍ୟରେ ଦୁର୍ବଳତାକୁ ସହ୍ୟ କରାଯିବ ନାହିଁ। ଏହା ସୂଚିତ କରିଥିଲା ଯେ ଏୟାରକଣ୍ଡିଶନ ଚାମ୍ବରରୁ ବାହାରକୁ ବାହାରି ଲୋକଙ୍କ କଥା ଶୁଣିବାକୁ ହେବ। ଅହଂକାର ଏବଂ କଠୋରତା ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଏକ ଗଭୀର ସାଂଗଠନିକ ଉତ୍ତେଜନାକୁ ସୂଚିତ କରେ। ବାବୁମାନଙ୍କୁ ନିୟମ ପାଳନ କରିବା ଏବଂ ନିରନ୍ତରତା ବଜାୟ ରଖିବା ପାଇଁ ତାଲିମ ଦିଆଯାଇଛି। ଅନ୍ୟପକ୍ଷରେ, ନେତାମାନେ କେତେ ଶୀଘ୍ର ଫଳାଫଳ ପ୍ରଦାନ କରନ୍ତି ତାହା ମଧ୍ୟ ବିଚାର କରାଯାଏ। ଯେତେବେଳେ ଶାସନ ମନ୍ଥର ହୁଏ, ପ୍ରତ୍ୟେକ ପକ୍ଷ ଅନ୍ୟ ପକ୍ଷକୁ ଦୋଷ ଦେବାକୁ ବାହାରି ଆସନ୍ତି। ତଥାପି ନାଇଡୁଙ୍କ ସମାଲୋଚନା ଏକ ଚେତାବନୀ ସଦୃଶ ଏବଂ ଅନେକ ସରକାରୀ କର୍ମଚାରୀ ଭଲ କାମ କରିବା ଉପରେ ଧ୍ୟାନ ଦେବେ। ଭାରତୀୟ ପ୍ରଶାସନିକ ବ୍ୟବସ୍ଥା ଏବେ ବି ବ୍ୟାପକ କ୍ଷମତାର ଅଧିକାରୀ, କିନ୍ତୁ ସହାନୁଭୂତି ବିନା ଅଧିକାର ଫିକା ପଡ଼ିଯାଇପାରେ। ନାଇଡୁଙ୍କ ଭର୍ତ୍ସନା ପ୍ରକୃତରେ ଆଚରଣରେ ପରିବର୍ତ୍ତନ ଆଣିବ କି ନାହିଁ ତାହା ଆଉ ଏକ ପ୍ରଶ୍ନ। ଅମଲାତନ୍ତ୍ର ବିଶୃଙ୍ଖଳା ପାଇଁ ଯେତିକି ଜଣାଶୁଣା, ସଂସ୍କାର ପ୍ରତି ମଧ୍ୟ ସେତିକି ସମର୍ପିତ। ଯଦି ମୁଖ୍ୟମନ୍ତ୍ରୀଙ୍କ ଗାଳି ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ ବାହାରକୁ ଯାଇ କ୍ଷେତ୍ରକାର୍ଯ୍ୟ କରିବାକୁ ପ୍ରେରଣା ଦିଏ, ତେବେ ତାହା ଏତେ ଖରାପ କଥା ହୋଇ ନ ପାରେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 2 | 5 | | | |
| 6 | | | 1 | | | 9 | | |
| 4 | | | | 6 | | | | |
| | | | | | | 8 | 2 | |
| | | | 4 | | | | | |
| 1 | 9 | | 7 | | 2 | | | |
| | 5 | | | | | 1 | | |
| | 7 | | | | 9 | | 5 | 6 |
| | | 1 | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 3 | 5 | 7 | 6 | 8 | 1 | 4 |
| 7 | 1 | 6 | 4 | 3 | 8 | 5 | 9 | 2 |
| 5 | 8 | 4 | 2 | 1 | 9 | 6 | 3 | 7 |
| 8 | 3 | 2 | 7 | 9 | 1 | 4 | 6 | 5 |
| 1 | 5 | 7 | 6 | 2 | 4 | 9 | 8 | 3 |
| 4 | 6 | 9 | 8 | 5 | 3 | 2 | 7 | 1 |
| 3 | 4 | 1 | 9 | 6 | 5 | 7 | 2 | 8 |
| 2 | 9 | 8 | 1 | 4 | 7 | 3 | 5 | 6 |
| 6 | 7 | 5 | 3 | 8 | 2 | 1 | 4 | 9 |

ଗତକାଲିର ଉତ୍ତର

# ଆକାଶ ଛାତ



**ଡ. ନିଖିଳାନନ୍ଦ ପାଣିଗ୍ରାହୀ**

ଘର ତିଆରି କରିବାବେଳେ ଆମେ ଖରା, ବର୍ଷା, ଶୀତ ଓ ଅନ୍ୟାନ୍ୟ ଆପଦ ବିପଦରୁ ରକ୍ଷା ପାଇବା ପାଇଁ ଛାତଟିଏ ନିର୍ମାଣ କରୁ। ଘର ପାଇଁ ଛାତ ଯାହା, ପୃଥିବୀ ପାଇଁ ଆକାଶ ତାହା। ଅବଶ୍ୟ ଆକାଶ ସଦୃଶ ଛାତ ପାଇଁ ଖମ୍ବ ବା କାନ୍ଥ ନ ଥାଏ। ଏହି ଅଭାବ ପ୍ରକୃତି ପୂରଣ କରିଥାଏ। ପ୍ରାଚୀନ କାଳରୁ ବହୁ ଶାସ୍ତ୍ରଜ୍ଞ ଆକାଶ ସମ୍ବନ୍ଧରେ ଏମିତି ଏକ ଧାରଣା ପୋଷଣ କରିଛନ୍ତି। ଉଦାହରଣଭାବେ ଆନୁମାନିକ ୧୩୦୦ ଖ୍ରୀଷ୍ଟାବ୍ଦରେ ସିରିଆରେ ଜନ୍ମିତ ଲୋକପ୍ରିୟ, ବିଶ୍ୱସନୀୟ ଆରବ ବିଦ୍ୱାନ ଓ ଐତିହାସିକ ଇବାନ କସୀରଙ୍କ କୋରାନ – ଆଧାରିତ ବ୍ୟାଖ୍ୟା ଉପସ୍ଥାପନ କରାଯାଇପାରେ, ଯେଉଁଥିରେ ଉଲ୍ଲେଖ କରାଯାଇଛି, ଆକାଶ ହେଉଛି ପୃଥିବୀ ସକାଶେ ଏକ ସୁରକ୍ଷିତ ଓ ସଂରକ୍ଷିତ ଛାତ। ତେବେ ଏହି ପ୍ରକାର ଚିରାଚରିତ ଧାରଣା କେତେଦୂର ଠିକ ?

ଏହି ଉକ୍ତିର ତର୍ଜମା କରାଯାଇପାରେ। ବୈଜ୍ଞାନିକ ମତାନୁଯାୟୀ ଆକାଶ ହେଉଛି ପୃଥିବୀର ବାୟୁମଣ୍ଡଳ, ମେଘ ଉପରିସ୍ଥ ନୀଳଦୃଶ୍ୟ ଏବଂ ସୂର୍ଯ୍ୟ, ନକ୍ଷତ୍ର ପରି ଅଗଣିତ ଖଗୋଳୀୟ ପିଣ୍ଡ, ଯାହା କି ଭୂପୃଷ୍ଠରୁ ଉର୍ଦ୍ଧ୍ୱକୁ ଚାହିଁଲେ ଦେଖାଯାଏ। ମୋଟାମୋଟି ଭାବେ ବାୟୁମଣ୍ଡଳ ହେଉଛି ବିସ୍ତୃତ ଆକାଶର ଏକ ନିମ୍ନସ୍ଥ ଅଂଶ। ଉକ୍ତ ବାୟୁମଣ୍ଡଳ ବାସ୍ତବରେ ପୃଥିବୀରେ ଜୀବନ ରକ୍ଷା ପାଇଁ ଅତ୍ୟାବଶ୍ୟକ। ସୂର୍ଯ୍ୟରୁ ଆସୁଥିବା ହାନିକାରକ ଅତିବାଇଗଣୀ ରଶ୍ମି ଶୋଷଣ କରି ଆମକୁ ଚର୍ମ କର୍କଟ ରୋଗରୁ ବାଏ। ପୃଥିବୀକୁ ଜାକେଟ ପରି ଆବୃତ୍ତ ହୋଇଥିବାରୁ ଦିନବେଳର ଅତ୍ୟଧିକ ଗରମ ଓ ରାତିର ଥଣ୍ଡାକୁ ନିୟନ୍ତ୍ରଣାଧୀନ କରିଥାଏ। ପୁଣି ପୃଥିବୀରେ ଜଳର ସନ୍ତୁଳନ ପାଇଁ ବର୍ଷାପାତ ସକାଶେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସର୍ବୋପରି ଆମ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଖୋରାକ ଯୋଗାଏ।

ତଥାପି ସୁରକ୍ଷା କବଚ ଭାବେ ଏହା ସମ୍ପୂର୍ଣ୍ଣ ତ୍ରୁଟିହୀନ ନୁହେଁ। ଘର ପାଇଁ ଛାତଟିଏ ଗଢ଼ିଦେଲେ ମଧ୍ୟ ଏଥିରେ ଆମେ ଅଭାବ ଓ ଅସାମର୍ଥ୍ୟ ଦେଖୁ। କେତେକ କ୍ଷେତ୍ରରେ ଶତ୍ରୁପକ୍ଷର ଆକ୍ରମଣ ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ଦରକାର। ଯଥା– ପ୍ରତିପକ୍ଷର ମୂଳ ଆଶଙ୍କା ଅହରହ ରହିଥିବାରୁ ଇସ୍ରାଏଲ ଏକ ଅତ୍ୟାଧୁନିକ ମୋବାଇଲ ଏୟାର ଡିଫେନ୍ସ ସିଷ୍ଟମ ପ୍ରତିଷ୍ଠା କରିଛି, ଯାହା ଲୌହ ଗମ୍ବୁଜ (ଆଇରନ ଡ୍ରୋନ) ଭାବେ ପରିଚିତ। ବର୍ତ୍ତୁଳାକାର ଏହି ଛାତଟି ପ୍ରତିଦିନ ଚବିଶ ଘଣ୍ଟା କାର୍ଯ୍ୟକ୍ଷମ ରହିଥାଏ। ଏହି ପ୍ରତିଷେଧକ ବ୍ୟବସ୍ଥା ଚାରିରୁ ସତୁରି କିଲୋମିଟର ଦୂରତା ମଧ୍ୟକୁ ଅନୁପ୍ରବେଶ କରୁଥିବା ଶତ୍ରୁପକ୍ଷର ରକେଟ, ମିସାଇଲ, ଡ୍ରୋନ, ତୋପ କମାଣକୁ ବାୟୁରେ ଧ୍ୱଂସ କରିଦିଏ। ତେଣୁ ଘରର ଛାତ ପାଇଁ ମଧ୍ୟ ଅତିରିକ୍ତ ଛାତର ଆବଶ୍ୟକତା ଦେଖାଦିଏ।



ବାୟୁମଣ୍ଡଳର ଉପସ୍ଥିତି ତଥା ପୃଥିବୀର ଚୁମ୍ବକତ୍ୱ ସତ୍ତ୍ୱେ ପୃଥିବୀ ପ୍ରତି ମହାକାଶଜନିତ ବସ୍ତୁ ଯୋଗୁ ବିପଦ ରହିଛି। ଉଦାହରଣ ଭାବେ କ୍ଷୁଦ୍ରଗ୍ରହ ବା ଗ୍ରହାଣୁ। ଏତଦ୍‌ବ୍ୟତୀତ ଉଲ୍‌କାଖଣ୍ଡ, ଯାହା ଏକ ଉତ୍ତପ୍ତ ପ୍ରସ୍ତର ବା ଧାତୁ। ଏହା ମହାକାଶରୁ ଭୂପତିତ ହୋଇଥାଏ। ଏହି ଦୁଇଟି ବସ୍ତୁ ମଧ୍ୟରେ ପ୍ରଭେଦ ରହିଛି। ଗ୍ରହାଣୁ ମୁଖ୍ୟତଃ ମଙ୍ଗଳ ଓ ବୃହସ୍ପତି ଗ୍ରହ ମଧ୍ୟରେ ସୂର୍ଯ୍ୟକୁ ପରିକ୍ରମା କରୁଥିବା ଗୋଟିଏ ବଡ଼ ବସ୍ତୁ। ଏହାର ଆକାର ଅଳ୍ପ କିଛି ମିଟରଠାରୁ ଆରମ୍ଭ କରି ଶହ ଶହ କିଲୋମିଟର ବିଶିଷ୍ଟ ହୋଇପାରେ।

ଉଭୟ ଜନ୍ମ ସ୍ଥାନ ଓ ଆକାର ଦୃଷ୍ଟିରୁ ଉଲ୍‌କାପିଣ୍ଡ ଓ ଗ୍ରହାଣୁ ମଧ୍ୟରେ ଫରକ ରହିଛି। ଉଲ୍‌କା ଅନ୍ତରୀକ୍ଷରୁ ପୃଥିବୀ ଆଡ଼କୁ ଆସେ। ଆମ ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଏହା ଘର୍ଷଣ ଯୋଗୁ ସାଧାରଣତଃ ଜଳି ନଷ୍ଟ ହୋଇଯାଏ। ତଥାପି ବେଳେବେଳେ ଏହାର କିଛି ଅଂଶ ଭୂପତିତ ହୁଏ। ଏହା ବସ୍ତୁତଃ ଉଲ୍‌କାପିଣ୍ଡ ବା ଖଣ୍ଡ ଭାବେ ନାମିତ। ଏଥିରୁ ସ୍ପଷ୍ଟ ହୁଏ ଯେ, ଉଲ୍‌କାର ଅବସ୍ଥିତି ହେଉଛି ବାୟୁ ମଣ୍ଡଳରେ ଏବଂ ସେଠାରେ ତାହା ବାଷ୍ପୀଭୂତ ହୋଇଯାଏ। କିନ୍ତୁ ଉତ୍ତପ୍ତ ଅବସ୍ଥାରେ ଏଥିରୁ ଖସି ଆସିଥିବା ଉଲ୍‌କାଖଣ୍ଡ ନିମ୍ନଗାମୀ ଭୂପୃଷ୍ଠରେ ଅବସ୍ଥାନ କରିଥାଏ। ଉଲ୍‌କାକୁ ବେଳେବେଳେ ମହାକାଶୀୟ ଜ୍ୱଳନ ଶିଳା (ବର୍ଣ୍ଣିଂ ସ୍ପେସ ରକ ବା ଶୁଟିଂ ଷ୍ଟାର) ବୋଲି ବିବେଚିତ କରାଯାଏ।

ଗ୍ରହାଣୁ କିପରି ଧ୍ୱଂସ ସାଧନ କରେ, ତା'ର ଉଦାହରଣ ୧୯୦୮ରେ ରୁଷିଆର ସାଇବେରିଆ ଅଞ୍ଚଳସ୍ଥିତ ଟୁଙ୍ଗୁସ୍କାର ଘଟଣାରୁ ପ୍ରାପ୍ତ ହୁଏ। ସେତେବେଳେ ବାୟୁମଣ୍ଡଳରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟି ସେଠାକାର ୨୦୦୦ ବର୍ଗ କିଲୋମିଟର ବନାଞ୍ଚଳ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା। ଏଥିପାଇଁ ପଚାଶରୁ ଷାଠିଏ ମିଟର ଚଉଡ଼ା ବିଶିଷ୍ଟ ଅନ୍ତରୀକ୍ଷ ଶିଳାକୁ ଦାୟୀ କରାଯାଇଛି। ଏହି ଭୟାନକ ବିସ୍ଫୋଟ ହିରୋସୀମାରେ ପଡ଼ିଥିବା ବୋମାଠାରୁ ହଜାରରୁ ଦୁଇହଜାର ଗୁଣ ଅଧିକ ଶକ୍ତିଶାଳୀ ବୋଲି ଆକଳନ କରାଯାଇଛି। ତତ୍‌ଜନିତ ଆଲୋକ ଓ ଧ୍ୱନି ହଜାରେ କିଲୋମିଟର ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିଲା। ଅବଶ୍ୟ ଏହାର ପତନ ସ୍ଥଳ ଭୂପୃଷ୍ଠରେ ନ ଥିଲା। ବାୟୁମଣ୍ଡଳରେ ସଂଘଟିତ ଏହି ଘଟଣାର କାରଣ ଭାବେ କ୍ଷୁଦ୍ର ଗ୍ରହ ଅଥବା ବୃହତ୍ ମେଟିରଏଡକୁ (ପଥୁରିଆ ଓ ଧାତବ ପିଣ୍ଡ) ଚିହ୍ନଟ କରାଯାଇଛି।

ଉଲ୍‌କାରୁ ଉଦ୍‌ଭବ ଉଲ୍‌କାଖଣ୍ଡ (ମେଟିଓରାଇଟ) ଜନିତ କ୍ଷୟକ୍ଷତି ୨୦୧୩ ଫେବୃୟାରୀ ୧୫ରେ ରୁଷିଆ ଚେଲ୍ୟାବିନ୍‌ସ୍କ ସହରର ଘଟଣାରୁ ଜଣାପଡ଼େ। ଏହାର ଚଉଡ଼ା ପ୍ରାୟ ୨୦ ମିଟର ଓ ଓଜନ ୧୪,୦୦୦ ଟନ। ଉକ୍ତ ସହରର ୩୦ କିଲୋମିଟର ଉପରିସ୍ଥ ବାୟୁମଣ୍ଡଳରେ ବିସ୍ଫୋରଣ ଯୋଗୁ ସାତ ହଜାରରୁ ଅଧିକ ଘର କ୍ଷତିଗ୍ରସ୍ତ ଓ ପ୍ରାୟ ପନ୍ଦର ଶହ ଲୋକ ମୃତାହତ ହେଲେ।

ପୂର୍ବ ବର୍ଣ୍ଣିତ ୧୯୦୮ର ବିସ୍ଫୋରଣ ଅପେକ୍ଷା ୨୦୧୩ର ବିସ୍ଫୋରଣ ବିଶ୍ୱବାସୀଙ୍କୁ ଅଧିକ ଚିନ୍ତାଗ୍ରସ୍ତ କଲା। ୧୯୦୮ ଘଟଣାରେ ଅଧିକ ଓଜନିଆ ପିଣ୍ଡ ସଂପୃକ୍ତ ଥିଲା। ତେଣୁ ଏହାର ଭୟାବହତା ଅଧିକ ହେବା ସ୍ୱାଭାବିକ। କିନ୍ତୁ ପରବର୍ତ୍ତୀ ଘଟଣାଟିରେ ଗୋଟିଏ କ୍ଷୁଦ୍ର ଉଲ୍‌କାପିଣ୍ଡ ବିସ୍ଫୋରକ ଭାବେ କାର୍ଯ୍ୟ କଲା। ତେଣୁ ଲୋକେ ଭାବିଥିଲେ ଯେ, ଏଥିଯୋଗୁ କ୍ଷୟକ୍ଷତି ନଗଣ୍ୟ ହେବ। କିନ୍ତୁ ବାସ୍ତବରେ ଜଣାପଡ଼ିଲା, ସମ୍ଭାବନାଠାରୁ ଏହା ବହୁ ଗୁଣ ଅଧିକ ଭୟାନକ। ବିଶେଷ ଭାବେ ଜନବସତିରେ ଏହା ଭୂପତିତ ହେବାରୁ ଲୋକମାନଙ୍କୁ ସଚେତନ କରାଇଲା ଯେ, ଏହାକୁ ଅଣଦେଖା କରିବା ପ୍ରମାଦପୂର୍ଣ୍ଣ। ଏହା ଗୋଟିଏ ଚେତାବନୀ ପରି କାର୍ଯ୍ୟ କଲା। ବାସ୍ତବିକ ଛୋଟ ସାପର ବିଷ କମ୍ ଉତ୍କଟ ନୁହେଁ!

ଆଗରୁ ଚିନ୍ତା କରାଯାଉଥିଲା ଯେ, କୋଡ଼ିଏ ମିଟରର କମ୍ ଚଉଡା ଗ୍ରହାଣୁ ଛୋଟ ବୋଲି କମ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହା ବସ୍ତୁତଃ ୫୦୦ କିଲୋଟନ ବିସ୍ଫୋରଣ ସହ ସମାନ, ଯାହା ହିରୋସୀମା ବୋମାଠାରୁ ତିରିଶ ଗୁଣ ଅଧିକ ଶକ୍ତିଶାଳୀ।

ତେଣୁ ବିଶ୍ୱସ୍ତରରେ ନାସା ପ୍ଲାନେଟର – ଡିଫେନ୍ସ ଏକସରସାଇଜ ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କଲା। ତତ୍‌ସହ ଏକସନ ଟିମ ଆନ ନିଏର ଆର୍ଥ ଅବଜେକ୍ଟସ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚିତ ହେଲା।

ଲୋକେ ହୃଦୟଙ୍ଗମ କଲେ ଯେ, ଅନ୍ତରୀକ୍ଷ ଏକ ଶାନ୍ତ ସ୍ଥାନ ନୁହେଁ। ଏହା ପ୍ରାକୃତିକ ଉପଦ୍ରବରୁ ମୁକ୍ତ ନୁହେଁ। ଘରର ଛାତକୁ ଶକ୍ତ ରଖିବାକୁ ଆମେ ଯେମିତି ଯତ୍ନଶୀଳ ହେବା, ସେମିତି ଆକାଶ ଛାତ ତଳେ ନିରାପଦରେ ରହିବାକୁ ଆନ୍ତର୍ଜାତିକ ସ୍ତରରେ ବିଜ୍ଞାନ ଓ ପ୍ରଯୁକ୍ତିର ଉପଯୋଗ ନିହାତି ଆବଶ୍ୟକ। ନଚେତ ହୁଗୁଳା ଭାବେ ଓହଳି ଥିବା ଫ୍ୟାନ ତଳେ ପବନ ଖାଇ ଘୁଙ୍ଗୁଡ଼ି ମାରି ଶୋଇଥିବା ବ୍ୟକ୍ତି ପରି ଆମେ ବିପର୍ଯ୍ୟୟକୁ ନିମନ୍ତ୍ରଣ କରିବା ସହ ଏହା ସମାନ ହେବ।

ମୋ: ୯୦୭୮୭୪୩୮୪୩

# ପରୀକ୍ଷା ଋତୁ ଓ କୁତୁକୁତୁ



**ଡ. କୁଳାଙ୍ଗାର**

ମଣିଷ ଜୀବନଟା ଗୋଟେ ପରୀକ୍ଷା। ସେ ପରୀକ୍ଷାରେ କିଏ ବହୁତ ପଢିଲା ପରେ ବାରମ୍ବାର ଫେଲ୍ ହେଉଥାଏ ତ ଆଉ କିଏ ଆଦୌ ନ ପଢି କପିକୁପା ନଚେତ ଧରାଧରି କରି ପାସ୍ ହୋଇଯାଉଛି। ତେବେ ପାଠପଢ଼ା ପରୀକ୍ଷାର ମଜା ଅଲଗା। ବର୍ଷସାରା ପଢିଥିବା ପାଠକୁ ଓଗାଳି ପକେଇବା ପାଇଁ ପରୀକ୍ଷା ହେଉଛି ମହାମଞ୍ଚ। ମାନେ ବର୍ଷସାରା ଯଦି ରିହର୍‌ସାଲ ମାନେ ଆଖଡା ହୋଇଛି, ତେବେ ପରୀକ୍ଷା ହେଉଛି ମଞ୍ଚ ଅଭିନୟ। ସେଇଟି ଜଣାପଡେ କିଏ କେତେ ପାରିବାର!

ପ୍ରତି କ୍ଲାସ୍‌ରେ ପରୀକ୍ଷା ହୁଏ। ତେବେ ପରୀକ୍ଷା ଭିତରେ ରଜା ହେଉଛି ଦଶମ ପରୀକ୍ଷା। ଯେଉଁ ପରୀକ୍ଷାରେ ଯେତେ ମାର୍କ ରଖିଥାଅ ପଛେ, ଦଶମ ବୋର୍ଡ ପରୀକ୍ଷାରେ କେତେ ମାର୍କ ରଖିପାରିଲ ସେଇଟା ହେଉଛି କାଳେ ବାହାଦୁରିର କଥା। ବହୁ ନାତିମାନଙ୍କର ଜେଜେମାନେ କହନ୍ତି – ମାଟ୍ରିକ ହେଉଛି ଘାଟି... ସେଇଟା ଡେଇଁପଡିଲେ ବାକି ଉଶ୍ୱାସ!!

ଆଗରୁ ବହୁଲୋକ ମାଟ୍ରିକ ଘାଟି ଡେଇଁବାରେ ବିଫଳ ହେବାରେ ହ୍ୟାଟ୍ରିକ କରିଛନ୍ତି। ଏବେ ସିନା ପରୀକ୍ଷକମାନେ ଆଉ ଜାକି ନ ହୋଇ ଏତେ ମାର୍କ ଦେଲେଣି। ଆଗରୁ କିନ୍ତୁ ପରୀକ୍ଷକମାନେ ନିକିତି ଧରି ଓଜନ କଲା ପରି ଉତ୍ତରକୁ ପ୍ରଶ୍ନ ସହିତ ତଉଲି କରି ମାର୍କ ଦେଉଥିଲେ। ସେଇ ଚାପ ଓ ଭୟ ଏତେ ଥିଲା ଯେ ତାହା ଏତେ କାଳଯାଏ ବିସ୍ତାରି ରହିଛି। ତେଣୁ ଦଶମ ପରୀକ୍ଷାରେ ପିଲାଏ ଯେତିକି ବ୍ୟସ୍ତ, ଅଭିଭାବକମାନେ ତା'ଠାରୁ ବହୁଗୁଣରେ ବ୍ୟସ୍ତ । କିଛି ପିଲା ପାଠ ପଢ଼ନ୍ତି ଆଉ କିଛି ପିଲା ଯୋଗାଡ଼ ଯନ୍ତ୍ରରେ ଲାଗିପଡନ୍ତି ପ୍ୟାଣ୍ଟ, ଶାର୍ଟ, ଅନ୍ତବସ୍ତ୍ର, ଜୋତା ମୋଜା ଭିତରେ କୋଉଠି କେମିତି କରି କପି ଦେବୀଙ୍କର କୃପାଲାଭ କରିହେବ। ଅଭିଭାବକ ଲାଗିପଡନ୍ତି କୋଉ ଶିକ୍ଷକ ନ ହେଲେ ପିଅନଙ୍କୁ ଟିକେ ପିଲାଟିକୁ ସାହାଯ୍ୟ କରିବାକୁ ସେଟିଂ କରିହେବ!

ବହୁ ପରୀକ୍ଷା କେନ୍ଦ୍ରକୁ ଯଦି ଆପଣ ଦେଖିବେ, ଲାଗିବ ଏଠି ପରୀକ୍ଷା ନୁହେଁ ତ ଗୋଟେ ଯୁଦ୍ଧ ଚାଲିଛି! ଭିତରେ ପରୀକ୍ଷା ହେଉଥିବ, ବାହାରେ ଅଭିଭାବକ ଗଦା ହୋଇଥିବେ, ପାଚେରି ଚାରିପଟେ ବୁଲୁଥିବେ, କୋଉପଟେ କେମିତି କରି ପ୍ରଶ୍ନଟାକୁ ପାଇଗଲେ ଉତ୍ତର ପଠେଇବା ବ୍ୟବସ୍ଥା କରିବାକୁ ଟେକି ରହିଥିବେ। ତେବେ ଏସବୁ ଯୋଗାଡ଼ିଆଙ୍କ ଭିତରୁ ଅଧାମୂର୍ଖ! ସେଇମାନେ ପରୀକ୍ଷାର୍ଥୀଙ୍କୁ ପଣ୍ଡିତ କରିବା ଉଦ୍ଦେଶ୍ୟରେ ଏଇ ଯେଉଁ କସରତ କରନ୍ତି ତାହାକୁ ପ୍ରତିହତ କରିବାକୁ ସରକାର ବାହାଦୁର ପୋଲିସ, ସିସିଟିଭି, ଏଆଇ ଜଗୁଆଳି ବ୍ୟବସ୍ଥା କରନ୍ତି । ମାନେ ପରୀକ୍ଷା ନୁହେ ତ ବ୍ୟବସ୍ଥା ଓ ଅଭିଭାବକଙ୍କ ମଧ୍ୟରେ ଯୁଦ୍ଧ!!

ପରିସ୍ଥିତି ଏମିତି ହେଲାଣି, ଯଦି କାହାର ପିଲା ଦଶମ ବୋର୍ଡ ପରୀକ୍ଷା ଦେଉଛି ତା ଘରକୁ ବନ୍ଧୁବାନ୍ଧବ ସାହାଯ୍ୟ କରିବାକୁ ଦୌଡୁଛନ୍ତି। ମାନେ ରାଜଦ୍ୱାରେ ଶ୍ମଶାନେ ଚ... ପରେ ପ୍ରକୃତ ବନ୍ଧୁ ସିଏ... ଆମ ଛୁଆର ପରୀକ୍ଷା କେନ୍ଦ୍ରର ପାଚେରି କଡରେ ଛିଡା ହୋଇଥାଏ ଯିଏ!

ବହୁତ ଅଭିଭାବକ ପିଲାର ପରିଶ୍ରମ, ପାଠପଢା ଓ ଶିକ୍ଷକଙ୍କ ଶିକ୍ଷାଦାନ ଉପରେ ଭରସା ନ କରି ଈଶ୍ୱରଙ୍କ ଉପରେ ନିର୍ଭର କରିଥାନ୍ତି। ମାନସିକ ନାମରେ ଈଶ୍ୱରଙ୍କୁ ଲାଞ୍ଚର ଲୋଭ ଦେଖାନ୍ତି। ମୋ ପୁଅ/ଝିଅ ପରୀକ୍ଷାରେ ଭଲକଲେ ତମକୁ ଏୟା ଦେବି, ସେୟା ଦେବି ବୋଲି କହନ୍ତି । ଈଶ୍ୱର ବିଚରା କ'ଣ କରନ୍ତେ, ସିଏ ତ ଭକତ ଭାବରେ ବନ୍ଧା, ତେଣୁ ସିଏ ପିଲାର ପାଠକୁ ଚାହିଁ ବ୍ୟବସ୍ଥା କରନ୍ତି! ସେପଟେ ପିଲା ପାଠ ନ ପଢିଥିବା କାରଣରୁ ଠିକ୍ ଉତ୍ତର ଲେଖି ନ ପାରି ଫେଲ ହେଲେ ମା'ବାପା ଈଶ୍ୱରଙ୍କୁ ଦୋଷ ଦେଇ କହନ୍ତି – ହେ ପ୍ରଭୁ ଏ କ'ଣ କଲ ?



ଈଶ୍ୱର ବିଶ୍ୱାସୀମାନେ କହନ୍ତି ଏ ଧରାରେ ଯାହା କିଛି ହେଉଛି ସବୁ ସେଇ ଈଶ୍ୱରଙ୍କ ଇଚ୍ଛାରେ! ଅତଏବ ଯେଉଁଠି ପିଲାଟି ପାଠଶାଠ ପଢି ନ ଥାଏ, ତା' ପାଇଁ କପିର ସୁବିଧା କରିଦିଅନ୍ତି! ପିଲାଏ ନାନା ଢଙ୍ଗରେ କପିଟିଏ ଯୋଗାଡ଼ କରି ଦେଲା ପରେ ବୁଝୁ ନ ବୁଝୁ ଟିପି ପକାନ୍ତି! ଏବେ ପୁଣି ବଡ଼ ଅଡୁଆ! ଏକାଧିକ ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ ହେଉଥିବା କାରଣରୁ ସାମ୍ନା ପିଲାଟି ଜାଗା ଲେଖିଛି ତା' ପଛ ପିଲାଟି ଯଦି ତାଠୁ ଦେଖି ଟିପି ଦେଲା କଥା ସରିଲା!

ଗୋଟିଏ ପିଲାର କ୍ରମିକ ସଂଖ୍ୟା ୧ର ପ୍ରଶ୍ନ ଥିଲା – ଯିଏ ଯୋଗ୍ୟ ନୁହେଁ ତାକୁ କ'ଣ କୁହନ୍ତି ? ପିଲାଟି ତ ପାଠ ପଢିଥିଲା, ଲେଖିଥିଲା – ଅଯୋଗ୍ୟ। ପଛରେ ବସିଥିବା ପିଲାଟି ସାମ୍ନା ପିଲାର ଖାତାକୁ କଣେଇକି ଚାହିଁଲା ଆଉ ସିଧା କ୍ରମିକ ସଂଖ୍ୟା ୧ର ଉତ୍ତରକୁ ଟିପି ଦେଲା – ଅଯୋଗ୍ୟ। ଅସଲରେ କିନ୍ତୁ ତା'ର ପ୍ରଶ୍ନସେଟ୍‌ଅଲଗା ଥିଲା ଏବଂ କ୍ରମିକ ସଂଖ୍ୟା ୧ର ପ୍ରଶ୍ନ ଥିଲା – ତୁମେ ବଡ଼ ହେଲେ କ'ଣ ହେବାକୁ ଚାହଁ?

ଉପରୋକ୍ତ ଘଟଣାରୁ ଏୟା ଅନୁମେୟ କି କପି କରିବା ମଧ୍ୟ ଏତେ ସହଜ ନୁହେଁ! ସେଥି ପାଇଁ ଦକ୍ଷତାର ଆବଶ୍ୟକତା ରହିଛି! ଖାଲି କପି କରିବାରେ ନୁହଁ, ଏବର ପିଲାଏ ମୁଣ୍ଡର ବୁଦ୍ଧିକୁ ଅଧିକ ଖଟେଇ ଉତ୍ତର ଲେଖିବାରେ ମଧ୍ୟ ଧୁରନ୍ଧର ଥାନ୍ତି। ଗୋଟିଏ ପିଲାର ଚିତ୍ରାଙ୍କନ ପରୀକ୍ଷାରେ ପ୍ରଶ୍ନ ଥିଲା – ବାଘ ଶିକାର କରିବାର ଦୃଶ୍ୟ ଅଙ୍କନ କର। ଏତେ କଷ୍ଟ ବିଷୟ ଦେଖି ପିଲାଟିର ମୁଣ୍ଡ ଘୂରିଗଲା, ସିଏ ବହୁ ଚେଷ୍ଟା ପରେ ବି ଚିତ୍ର ଆଙ୍କି ପାରିଲାନି। ଉପାୟ ପାଞ୍ଚି ଉତ୍ତର ଖାତାରେ ଚିତ୍ର ଆଙ୍କିବା ବଦଳରେ ଲେଖିଲା – ବାଘ ଆସିଥିଲା... ଶିକାର କଲା... ଆଉ ଡିଆଁ ମାରି ପଳେଇଲା....!!

ଆଉ ଜଣେ ପିଲାର ପରୀକ୍ଷାରେ ପ୍ରଶ୍ନ ଥିଲା – ଅଳସୁଆମି କାହାକୁ କହନ୍ତି? ଉଦାହରଣ ସହ ବୁଝାଇ ଲେଖନ୍ତୁ! ପିଲାଟି ଉତ୍ତର ଲେଖିଲା – ପ୍ରିୟ ପରୀକ୍ଷକ ମହାଶୟ.... ଜାଣି ଖୁସି ହେବେ କି ମୁଁ ନିଜେ ଅଳସୁଆମିର ପ୍ରକୃଷ୍ଟ ଉଦାହରଣ। ହେଇଟି ଦେଖନ୍ତୁ ଅଳସୁଆମି କରି ପାଠ ନ ପଢି ବର୍ଷସାରା କଟାଇ ଦେଇଥିବାରୁ ଏବେ ଉତ୍ତର ଖାତାରେ ଗୋଟିଏ ବି ପ୍ରଶ୍ନର ଉତ୍ତର ଲେଖିପାରୁନାହିଁ। ଆଶା ଆପଣ ମୋର ଦୁଃଖ ବୁଝି... ମାର୍କ ଦେବାରେ ଅଳସୁଆମି କରିବେ ନାହିଁ!!

ପରୀକ୍ଷାରେ ଲେଖି ଫେରିବା ପରେ ପ୍ରଶ୍ନ ଅଭିଭାବକଙ୍କ ହାତରେ... ପଚାରି ପକାନ୍ତି, ଏଥିରେ କ'ଣ ଲେଖିଲୁ, ସେଥିରେ କ'ଣ ଲେଖିଲୁ! ଟିକେ ଭୁଲ କହିଲେ ପିଲାକୁ ରାଗନ୍ତି, ମାରନ୍ତି। ଅଭିଭାବକମାନେ ପରୀକ୍ଷାକୁ ନେଇ ଏତେ ବ୍ୟସ୍ତ ଓ ବ୍ୟାକୁଳ ଯେ ଖବରକାଗଜ, ଟିଭି ପରୀକ୍ଷାର ସ୍ୱତନ୍ତ୍ର ପ୍ରକାଶନ ଓ ପ୍ରସାରଣ କରୁଛନ୍ତି। ପରୀକ୍ଷା ବେଳେ ଏୟା କରିବ, ସେୟା କରିବନି। ଏୟା ଖାଇବ ସେୟା ଖାଇବନି! ପିଲା ଯଦି ସେସବୁ ଦେଖିବ ପାଠଶାଠ ଭୁଲିଯିବ! ଏସବୁକୁ ସେଇ ଅଭିଭାବକ ହିଁ ଦେଖନ୍ତି ଆଉ ପିଲାକୁ ଟେନ୍‌ସନ ପକାନ୍ତି! ଶେଷକଥା ହେଲା, ସବୁ ଋତୁ ପରି ପରୀକ୍ଷା ଋତୁ ମଧ୍ୟ ଆସିବ ଓ ଯିବ, ମଣିଷ ଯେମିତି ଥିଲା ସେମିତି କୁତୁକୁତୁ ହେବ!!

ନରସିଂହପୁର, କଟକ
ମୋ: ୮୮୯୫୮୨୫୮୬୩

## ଏଇ ଭାରତରେ

ମହିଳା ସଶକ୍ତୀକରଣର ପ୍ରତୀକ ସାଜିଛନ୍ତି ବେଙ୍ଗାଲୁରୁର ଜାହ୍ନ୍ୱି ବି.ଭି.। ସେ ଏକାବେଳକେ ଜଣେ ମା', ଅଟୋଚାଳକ ଓ ପ୍ରଶିକ୍ଷକ ଭୂମିକା ନିର୍ବାହ କରୁଛନ୍ତି। ଜାହ୍ନ୍ୱିଙ୍କୁ ବୟସ ଏବେ ୩୩। ସେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିବା ସହ ଅନ୍ୟ ମହିଳାଙ୍କୁ ମାଗଣାରେ ଡ୍ରାଇଭିଂ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି। ବେଙ୍ଗାଲୁରୁ ସହର ନିକଟରେ ବନେରଘାଟରେ ତାଙ୍କ ଜନ୍ମ। ୧୨ ବର୍ଷ ବୟସରେ ସେ ତାଙ୍କ ପିତାଙ୍କୁ ହରାଇ ପରେ ପରିବାର ଚଳାଇବା ଦାୟିତ୍ୱ ମା'ଙ୍କ ଉପରେ ରହିଥିଲା। ମା'ଙ୍କ ଦେହାନ୍ତ ପରେ ସେ ଖୁଡ଼ୀଙ୍କ ପାଖରେ ରହି ୧୦ ଶ୍ରେଣୀ ପାସ କରିଥିଲେ ଓ ଆର୍ଥିକ ଅଭାବ ତାଙ୍କୁ ଅଧିକ ପଢ଼ିବା ଲାଗି ସୁଯୋଗ ଦେଇ ନ ଥିଲା। ପରେ ୧୬ବର୍ଷ ବୟସରେ ଅନ୍ୟ ଘରେ କାମ କରି ମାସକୁ ୫,୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଥିଲେ। ୨୦୧୧ରେ ବିବାହ କରିଥିଲେ ଓ ତାଙ୍କ ସ୍ୱାମୀଙ୍କ ସହଯୋଗରେ ସେ ଅଟୋ ଡ୍ରାଇଭିଂ ପ୍ରଶିକ୍ଷଣ ନେଇଥିଲେ। ପରେ କମର୍ସିଆଲ ଡ୍ରାଇଭିଂ ଲାଇସେନ୍ସ ପାଇଥିଲେ। ଏବେ ସେ ଅଟୋ ଚଳାଇବା ଓ ପ୍ରଶିକ୍ଷଣ ଦେବାରେ ଦିନକୁ ୧୦-୧୨ ଘଣ୍ଟା ସମୟ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ମାର୍ଚ୍ଚ ୧୯୭୭**

- ଉଦୟପୁର ଅନ୍ତର୍ଗତ ଗୋବର୍ଦ୍ଧନ ବିକାଶ ବସ୍ତିରେ ବିସ୍ଫୋରଣ ଘଟି ୩ ମହିଳା ଓ ୪ ଶିଶୁଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ସାରଙ୍ଗୀ ବାଦକ ଓସ୍ତାଦ ଅବଦୁଲ ମଜିଦ ଖାଁଙ୍କ ୯୨ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଦେଖରେ ଦେଖ ବସନ୍ତ ବାଆ
ବିକଳେ କବି ଭ୍ରମଇ ଆହା
ତୁମରି ଚିର ଖେଳର ସାଥୀ
ନ ଲଭି କାହିଁ ଭରସା ସାହା ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପଦବୀ ପୂରଣ କରାଯାଉ

ମହାଶୟ,

ଓଡ଼ିଶା ରାଜ୍ୟର ପ୍ରଶାସନିକ ପ୍ରାଣକେନ୍ଦ୍ର ହେଉଛି ସଚିବାଳୟ ବା ବର୍ତ୍ତମାନର 'ଲୋକସେବା ଭବନ'। ରାଜ୍ୟ ସରକାରଙ୍କ ଫାଇଲ କାମ ଲାଗି ଲୋଡ଼ା ହୁଏ ଆବଶ୍ୟକ ସଂଖ୍ୟକ କର୍ମଚାରୀ। ଏଠାରେ ବହୁ ସଂଖ୍ୟାରେ ପଦବୀ ଖାଲିଥିବା ଜାଣିବା ପରେ ମର୍ମାହତ ହେଲି। ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନର ଉତ୍ତରରେ ସରକାର ସ୍ପଷ୍ଟ କରିଥିଲେ ଯେ, ଲୋକସେବା ଭବନରେ ଅଧିକାରୀଙ୍କ ଅଭାବ ଦେଖାଦେଇଛି। ସର୍ବମୋଟ ୮୨୭ ପଦବୀ ଖାଲିପଡ଼ିଛି। ଏକାବେଳକେ ଏତେ ସଂଖ୍ୟକ ପଦବୀ ଖାଲି ପଡ଼ିବା ଫଳରେ ସଚିବାଳୟରେ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେଉଛି। ଏହା ସହିତ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ମଧ୍ୟ ଅତ୍ୟଧିକ ଚାପ ପଡୁଛି। ରାଜ୍ୟରେ ବେକାରି ସମସ୍ୟା ଅତି ଉତ୍କଟ। ତେଣୁ ସରକାର ପ୍ରାଥମିକତା ଭିତ୍ତିରେ ଖାଲି ପଡ଼ିଥିବା ପଦବୀ ପୂରଣ କରନ୍ତୁ। ପଦବୀ ଶୀଘ୍ର ପୂରଣ ନ ହେଲେ ଲୋକସେବା ଭବନର ଗତିଶୀଳତା ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହାର ପ୍ରଭାବ ସିଧାସଳଖ ସାଧାରଣ ଲୋକଙ୍କ ଉପରେ ପଡ଼ିବ।

**–ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯାଜପୁରର ସାମଗ୍ରିକ ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବ

**ଜିଲା ମହୋତ୍ସବ ଯଯାତି-୨୦୨୬ ଆରମ୍ଭ**

■ ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ



ଯାଜପୁର ଜିଲା ମହୋତ୍ସବ 'ଯଯାତି' ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

**ଯାଜପୁର ଟାଉନ, ୨୦ା୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ମହୋତ୍ସବ 'ଯଯାତି' ୨୦୨୬, 'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା' ଶୁକ୍ରବାର ପ୍ରଶାସନିକ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଜିଲାର କଳା, ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିବା ସହିତ ଶିଳ୍ପ ସମୃଦ୍ଧ ଏହି ଜିଲା ରାଜ୍ୟର ଏକ ପ୍ରମୁଖ ସ୍ଥାନ ନେଇସାରିଛି ବୋଲି ପ୍ରକାଶ କରିଥିଲେ। ଆଗାମୀ ଦିନରେ ଯାଜପୁରର ସାମଗ୍ରୀକ ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବା ସହିତ ପ୍ରାକୃତିକ ସମ୍ପଦ ଭରା ଏହି ଜିଲାକୁ ଆହୁରି ବିକାଶ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ବେକାର ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସହ ପୁଞ୍ଜିନିବେଶ କରାଯାଇ ବିଭିନ୍ନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ କହିଥିଲେ, ଯାଜପୁର ସାହିତ୍ୟ, ସଂସ୍କୃତି ଓ କଳାର ଜିଲା ହୋଇଥିବା ବେଳେ ସତ୍ୟ ଅହିଂସା ପରମ୍ପରାର ମାଟିଭାବେ ପରିଗଣିତ। ଏଥିସହିତ ପୂର୍ବୋଦୟ ବିକାଶରେ ଜିଲାର ପ୍ରମୁଖ ଭୂମିକା ରହିବ ବୋଲି ବିଧାୟକ କହିବା ସହ ଆହୁରି ଅନେକବାଟ ଯିବାକୁ ବାକି ଅଛି ବୋଲି ପ୍ରକାଶ କରିଥିଲେ। ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଯଯାତି ମହୋତ୍ସବ ପୂର୍ବରୁ ବୈତରଣୀ ଆଳତୀ କରାଯିବା ଏକ ନୂତନ ପଦକ୍ଷେପ। ଐତିହ୍ୟ, କଳା, ସଂସ୍କୃତିର ଜିଲା ହୋଇଥିବା ବେଳେ ଏହି ମହୋତ୍ସବ ପୁରାତନ ଏବଂ ଆଧୁନିକ ଯୁଗକୁ ଏକ ଡୋରୀରେ ବାନ୍ଧି ରଖିଛି ବୋଲି ସେ କହିଥିଲେ। ଜିଲାପାଳ ଅମ୍ବର କୁମାର କର ସ୍ୱାଗତ ଭାଷଣ ଦେବାସହ ଯାଜପୁର ମାଟିକୁ ରାଜ୍ୟରେ ଏକ ନମ୍ବର ଜିଲା ଭାବରେ ପରିଗଣିତ କରିବା ପାଇଁ ପୂର୍ବଜମାନଙ୍କୁ ମନ ପକାଇବା ସହ ଯୁବପିଢ଼ି ଆଗାମୀଦିନରେ ଏହି ଜିଲାକୁ ଆହୁରି ଆଗକୁ ନେଇଯିବାକୁ ଆହ୍ୱାନ ଦେଇଥିଲେ। ଜିଲାରେ ଭରପୁର ଖଣିଜ ସମ୍ପଦ ଥିବାବେଳେ ଏହା ଭାରତ ବର୍ଷର ଏକ ନମ୍ବର ଶିଳ୍ପାଞ୍ଚଳ ଭାବେ ଗଢ଼ିଉଠିଛି, ଯାହାକି ଆଗାମୀ ଦିନରେ ପୃଥିବୀରେ ନାମ କରିବ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲା ପରିଷଦ ସଭାନେତ୍ରୀ ନଳିନୀପ୍ରଭା ଜେନା, ଭାଜପା ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସଭାରେ ଜିଲାପାଳ ଅତିଥିଙ୍କୁ ଉପଢ଼ୌକନ ଓ ଉପହାର ପ୍ରଦାନ କରିଥିଲେ। ସ୍ମରଣିକା 'ଯଯାତି' ପୁସ୍ତକକୁ ଅତିଥି ଓ 'ଯଯାତି'ର ସଂଯୋଜକ ଏବଂ ସମ୍ପାଦକ ମଣ୍ଡଳୀଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା'କୁ ମୁଖ୍ୟ ଅତିଥି ବଳସାମନ୍ତ ଉଦ୍‌ଘାଟନ କରିଥିଲେ। ଏହି 'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା'ରେ ଓରମାସ ପକ୍ଷରୁ ୧୦୦ଷ୍ଟଲ, ସୁଭଦ୍ରା ଶକ୍ତି ପକ୍ଷରୁ ୧୩୦ ଷ୍ଟଲ, ବିଭିନ୍ନ ବିଭାଗ ପକ୍ଷରୁ ୪୦ଟି ଷ୍ଟଲ୍ ଖୋଲାଯାଇଥିଲା। ସଭା ପୂର୍ବରୁ ବିଭିନ୍ନ ନୃତ୍ୟ ସହ ରଙ୍ଗୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଲିଉଡ୍‌ର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ମନଛୁଆଁ ସଂଗୀତ ପରିବେଷଣ କରିଥିଲେ। ଅଭିନେତ୍ରୀ ଶିତଲ ପାତ୍ର ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଧନ୍ୟବାଦ ଦେଇଥିଲେ।



ମହୋତ୍ସବରେ ଅସୀମା ପଣ୍ଡାଙ୍କ ସଙ୍ଗୀତ ପରିବେଷଣ।



ମହୋତ୍ସବରେ ଯୋଗଦେଇଥିବା ଜନପ୍ରତିନିଧି ଓ ଅନ୍ୟ ବ୍ୟକ୍ତିବିଶେଷ।

## ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚିଲେ ବିଧାୟକ

**ପାଣିକୋଇଲି, ୨୦ା୩ (ବିକାଶ ଚନ୍ଦ୍ର ମଲ୍ଲିକ):**

ପାଣିକୋଇଲି ଥାନା ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ବଡତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ପରମାନନ୍ଦ ପଣ୍ଡା, ରାଧା ଗୋବିନ୍ଦ ଦାସ, ରାମଚନ୍ଦ୍ର ବାରିକ, ବିଷ୍ଣୁ ମହାନ୍ତି ୪ ପରିବାରର ୧୨ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଖବର ପାଇ ଶୁକ୍ରବାର ସକାଳେ ରାଜସ୍ୱ ନିରୀକ୍ଷକ ପହଞ୍ଚି ସେମାନଙ୍କୁ ପାଲ ପ୍ରଦାନ କରିଛନ୍ତି। ଏହାପରେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଅଶୋକଦାସ ଫାଉଣ୍ଡେଶନର ମହାସଚିବ ଭବ ପ୍ରସାଦ ଦାସ ବିପନ୍ନ ପରିବାର ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି।



ବିପନ୍ନ ପରିବାରକୁ ଭେଟୁଛନ୍ତି ବିଧାୟକ ଆକାଶ ଦାସନାୟକ।

## ବୈତରଣୀ ମହା ଆଳତି

**ଯାଜପୁର, ୨୦ା୩ (ହର୍ଷବର୍ଦ୍ଧନ ବେହେରା)**

'ଯଯାତି-୨୦୨୬' ଶୁଭାରମ୍ଭ ପୂର୍ବରୁ ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ତୃତୀୟ ଦିବସର ଭବ୍ୟ 'ବୈତରଣୀ ମହାଆଳତି' ଅନୁଷ୍ଠିତ ହୋଇଯାଇଛି। ବୈଦିକ ମନ୍ତ୍ରୋଚାରଣ ମଧ୍ୟରେ ବୈତରଣୀ ତଟ ଅପୂର୍ବ ଆଧ୍ୟାତ୍ମିକ ପରିବେଶ ଧାରଣ କରିଥିଲା। ଏହି ଅବସରରେ ସ୍ଥାନୀୟ ଗଙ୍ଗେଶ୍ୱର୍ ଶିବ ମନ୍ଦିରରୁ ଏକ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ପାରମ୍ପରିକ ଘୋଡ଼ାନାଚ, ମୃଦଙ୍ଗର ତାଳ ଏବଂ ଘଣ୍ଟଧ୍ୱନିରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ବୈତରଣୀ ନଦୀ ନିକଟରେ ପୂଜାର୍ଚ୍ଚନା କରାଯାଇ ଜିଲାର ଶାନ୍ତି, ସମୃଦ୍ଧି ଓ ସାମଗ୍ରିକ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଭବ୍ୟ କାର୍ଯ୍ୟକ୍ରମରେ ଜିଲାପାଳ ଅମ୍ବର କୁମାର କର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶିତିକଣ୍ଠ କାନୁନ୍‌ଗୋଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ମହିଳାମାନେ ଯୋଗଦେଇଥିଲେ।



ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ 'ବୈତରଣୀ ମହା ଆଳତି' କରାଯାଉଛି।

## ମା' ତାରିଣୀଙ୍କ ପୂଜା ମହୋତ୍ସବ

**ଚଣ୍ଡିଖୋଲ, ୨୦ା୩ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବାଲିଚନ୍ଦ୍ରପୁରଠାରେ ମା' ତାରିଣୀଙ୍କ ପୂଜା ମହୋତ୍ସବ ପାଳିତ ହୋଇଯାଇଛି। ୧ମାସ ଧରି ଚାଲିଥିବା ପୂଜା ଗୁରୁବାର ଉଦ୍‌ଯାପିତ ହୋଇଛି। ଗଞ୍ଜାମ ଜିଲାରୁ ବାଲିଚନ୍ଦ୍ରପୁର ବଜାରକୁ ୭୦ ବର୍ଷ ହେବ ଆସି ଭଡ଼ା ଘରେ ରହି ଶୁଖୁଆ ବ୍ୟବସାୟ କରି ଆସୁଥିବା ୪୧ ପରିବାର ପକ୍ଷରୁ ମା'ଙ୍କ ପୂଜା ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ୨୯ତମ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜକ ଭରତ ଚନ୍ଦ୍ର ପାଢ଼ୀ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। କର୍ତ୍ତାଭାବେ ରାଜୁ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ 'କେଦାର ସୁର ସାଗର ଭଜନ ସନ୍ଧ୍ୟା'ପକ୍ଷରୁ ଏହାର ମୁଖ୍ୟ ପ୍ରଶାନ୍ତ କୁମାର ପରିଡ଼ାଙ୍କ ପରିଚାଳନାରେ କଳାକାରମାନେ ଭଜନ ପରିବେଷଣ କରିଥିଲେ। ଟିଣା ବେହେରା, ତରେଇ ବେହେରା, ସହଦେବ ବେହେରା, ମଧୁ ବେହେରା, ପବି ବେହେରା, ନରି ବେହେରା, ଭୁବନା ବେହେରା, ଧରମୁ ବେହେରା, ଜୟ ବେହେରା ଓ ପଞ୍ଚୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ପଞ୍ଚାୟତସ୍ତରୀୟ କିଶୋରୀ ସଚେତନତା ମେଳା

**ରସୁଲପୁର, ୨୦ା୩ (ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତସ୍ତରୀୟ କିଶୋରୀ ସଚେତନତା ମେଳା ଦକ୍ଷିଣ ଭୋଟକା ଅଙ୍ଗନୱାଡି କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିଶୁ ଓ ମହିଳା ବିଭାଗ ପକ୍ଷରୁ ସୁପରଭାଇଜର ପ୍ରେମଲତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ମୁଖ୍ୟଅତିଥି ଭାବରେ ସରପଞ୍ଚ ସ୍ମୃତିରେଖା ରାଉତ, ସମ୍ମାନିତ ଅତିଥି ଭାବରେ ବଡ଼ରମ୍ପେଇ ଉପସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଞ୍ଜିତା ଦାଶ ପ୍ରମୁଖ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳା ଜରିଆରେ କିଶୋରୀଙ୍କୁ ପଢ଼ାପଢ଼ିରେ ଧ୍ୟାନଦେଇ ଉଚ୍ଚ ଶିକ୍ଷିତ ହେବା ସହ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହ ଝିଅଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ଦିଷ୍ଟ 'ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି' ଯୋଜନା ଭଳି ଜାବତୀୟ ସରକାରୀ ଯୋଜନା ସମ୍ପର୍କରେ ସଚେତନ ହେଲେ ପ୍ରତ୍ୟେକ ଝିଅର ବିକାଶ ସମ୍ଭବପର ହୋଇପାରିବ ବୋଲି କୁହାଯାଇଥିଲା।

କାର୍ଯ୍ୟକ୍ରମରେ ୧୦ରୁ ୧୯ବର୍ଷ ବୟସ୍କ ୫୦ରୁ ଉର୍ଦ୍ଧ୍ୱ କିଶୋରୀ ଯୋଗଦେଇଥିଲେ। ପ୍ରତିଯୋଗୀଙ୍କୁ ନେଇ ବାଲ୍ୟ ବିବାହ ନିରୋଧ ଆଇନ ଶୀର୍ଷକ ବିଷୟ ଉପରେ ବକ୍ତୃତା, ରଙ୍ଗୋଲି, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଇଚ୍ଛାପୁର, ଉତ୍ତର ଭୋଟକା, ଉତ୍ତର ଭୋଟକା ଗୌଡ଼ସାହି, ଅରଡ଼ା, ବିଲିପଡା ଆଦି ଅଙ୍ଗନୱାଡି କେନ୍ଦ୍ରର କିଶୋରୀମାନେ ଅଂଶଗ୍ରହଣ କରିଥିଲେ। ଅଙ୍ଗନୱାଡିକର୍ମୀ ନିରୁପମା କର, ରଶ୍ମିତା ସାହୁ, ସଂଯୁକ୍ତା ସ୍ୱାଇଁ, ଶାନ୍ତିଲତା ପଣ୍ଡା, ସୁମିତ୍ରା ବିହାରୀ ଓ ଦେବସ୍ମିତା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କିଶୋରୀମାନେ।

## ବିଚାରବିଭାଗୀୟ ତଦନ୍ତ ପାଇଁ ଚିଠି

**ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା**

**କଟକ, ୨୦ା୩ (ଶିଳ୍ପା ପ୍ରିୟଦର୍ଶିନୀ)**

ଏସସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଗ୍ନିକାଣ୍ଡକୁ ୫ ଦିନ ବିତିଥିବାବେଳେ ଏବେ ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହେବ। ଏହାକୁ ନେଇ ତଦନ୍ତ କମିଟି ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି। ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତ ଦସ୍ତାବିଜ୍ ଓ ଅନନ୍ୟ ପ୍ରମାଣପତ୍ର ପ୍ରସ୍ତୁତ ରଖିବାକୁ ଚିଠିରେ ଦର୍ଶାଯାଇଛି। ମେଡିକାଲର ବରିଷ୍ଠ ଅଧିକାରୀ ଏବେ ବିଭିନ୍ନ ଦସ୍ତାବିଜ୍ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ଖୁବ୍‌ଶୀଘ୍ର ବିଚାର ବିଭାଗୀୟ ତଦନ୍ତ କମିଟି ଏସ୍‌ସିବିରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିବ ବୋଲି ସୂଚନା ମିଳିଛି। ଅବସରପ୍ରାପ୍ତ ବିଚାରପତି ଘଟଣାର ତଦନ୍ତ କରି ୬୦ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଏହି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହେଲେ ସମସ୍ତ ବିଭାଗର ଅଧିକାରୀ ଓ ମେଡିକାଲ କର୍ତ୍ତୃପକ୍ଷ ତଦନ୍ତ କମିଟିରେ ହାଜର ହେବେ। ଆଇସିୟୁରେ କେଉଁ କାରଣ ପାଇଁ ନିଆଁ ଲାଗିଲା, ଏଥିପାଇଁ ଦାୟୀ କିଏ ଆଦି ବିଭିନ୍ନ ବିଷୟରେ ପଚରାଉଚରା କରାଯିବ। ପ୍ରକାଶଯୋଗ୍ୟ, ଘଟଣାର ତଦନ୍ତ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଥିଲା। କମିଟି ଦୁଇଥର ଏସ୍‌ସିବିରେ ପହଞ୍ଚି ତଦନ୍ତ କରିଛି।

## ଆର୍‌ଏସ୍‌ଏସ୍ ଶିବାଜୀ ଶାଖାର ବର୍ଷ ପ୍ରତିପଦା ଉତ୍ସବ

**ବ୍ୟାସନଗର, ୨୦ା୩ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ମୁଣ୍ଡମାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଛତ୍ରପତି ଶିବାଜୀ ଶାଖା ତରଫରୁ ବର୍ଷ ପ୍ରତିପଦା ଉତ୍ସବ ଓ ରାଷ୍ଟ୍ରୀୟ ନବବର୍ଷ ଗୁରୁବାର ପାଳିତ ହୋଇଯାଇଛି। ଚୈତ୍ର ଶୁକ୍ଳ ପ୍ରତିପଦା ହିଁ ସୃଷ୍ଟି ପ୍ରାରମ୍ଭ ଦିବସ। ସୃଷ୍ଟିର ବର୍ତ୍ତମାନ ଅବଧି ଏକ ବୃନ୍ଦ ଛୟାନବେ କୋଟି ଆଠ ଲକ୍ଷ ତେପନ ହଜାର ଏକଶତ ଉଣେଇଶ ବର୍ଷ ପୂର୍ତ୍ତି ହୋଇ କୋଡିଏ ବର୍ଷ ହେବ। ଆଧୁନିକ ବୈଜ୍ଞାନିକଗଣ ମଧ୍ୟ ଏହାକୁ ସ୍ୱୀକାର କରନ୍ତି। ଏଥିପାଇଁ ଭାରତର ସଂସ୍କୃତି ବିଶ୍ୱବରଣୀୟ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା ପ୍ରଦେଶର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ଏକଥା କହିଥିଲେ। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରୁ ହିନ୍ଦୁ ସମାଜ ନିଜ ଦେଶ, ଇତିହାସ ଓ ସଂସ୍କୃତି ବିଷୟରେ କିଛି ଜାଣିବାର ଆଗ୍ରହ ରଖୁନାହିଁ ବୋଲି ସେ କହିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରଫେସର ଶିବ ଚରଣ ମାଝି ଯୋଗଦେଇ ଭାରତୀୟ ପରମ୍ପରାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଘ ପ୍ରତିଷ୍ଠାତା କେଶବ ବଳୀରାମ ହେଡଗେୱାରଙ୍କୁ ଆଦ୍ୟ ସରସଂଘ ଚାଳକ ପ୍ରଣାମ ଦିଆଯାଇଥିଲା। ବୀରକିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୁଭକାନ୍ତ ବେହେରା ଅମୃତ ବଚନ ଦେଇଥିଲେ ଓ ବିପ୍ଳବ ସ୍ୱାଇଁ ବ୍ୟକ୍ତିଗତ ଗୀତ ଗାନ କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ଦିଲୀପ ଜେନା, ଜ୍ଞାନରଞ୍ଜନ ରାଉତ, ବିଜୟ ପଣ୍ଡା, ପ୍ରିୟଙ୍କର ପରିଡା, ସୁଧାଂଶୁ ମଲ୍ଲ, ଆଶିଷ ମଲ୍ଲ, ପ୍ରମୋଦ ରାଉତ ଓ ପବିତ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଡଭୋକେଟ ଚନ୍ଦ୍ରଶେଖର ପଣ୍ଡା, ରଜତ ରାଉତ, ଅଶୋକ ପତି, ହେମନ୍ତ ଧୀର, ଅକ୍ଷୟ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅଶୋକ ବୋଷ, ମଧୁସୂଦନ ମହାପାତ୍ର, ସୁଶାନ୍ତ ଜେନା, ବନମାଳୀ ଦାସ ପ୍ରମୁଖ ଶତାଧିକ ସ୍ୱୟଂ ସେବକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## 'ମହାପ୍ରଭୁ ଚୈତନ୍ୟଙ୍କ ନବଦ୍ୱୀପଲୀଳା' ପୁସ୍ତକ ଉନ୍ମୋଚିତ

**ଯାଜପୁର ଟାଉନ, ୨୦ା୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ପୌରପାଳିକା ସନ୍ନିକଟ ବଡ଼ଦୋଗଡ଼ାର ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ପୀଠରେ ଲେଖକ ଅଧିକାରୀ ନବକିଶୋର ଦାସଙ୍କ ରଚିତ 'ଶ୍ରୀଶ୍ରୀ ମହାପ୍ରଭୁ ଚୈତନ୍ୟଙ୍କ ନବଦ୍ୱୀପଲୀଳା' ପୁସ୍ତକ ଉନ୍ମୋଚନ ଉତ୍ସବ ଓ ବୈଷ୍ଣବ ସମ୍ମିଳନୀ ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଲେଖକ ଦାସ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ବୈଷ୍ଣବ ସମାଜ ସମ୍ପାଦକ ତପନ ଦାସ ପରିଚୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ପୁରୋହିତ ହୃଷୀକେଶ ପତି ସ୍ତୋତ୍ରପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁର ରୋଡ୍ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ପ୍ରଭୁଙ୍କ ପ୍ରତି ସମର୍ପଣ ଭାବଥିଲେ ଜୀବନର ଗତି ତାଙ୍କରି ମାର୍ଗଦର୍ଶନରେ ଏକ ଅଲୌକିକ ଶକ୍ତିର ଅଧିକାରୀ ହୋଇପାରିବା ସହ ସମାଜ ମଙ୍ଗଳରେ ବ୍ରତୀ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଦୀପକ ମିଶ୍ର ଯୋଗଦେଇ ଶ୍ରୀଚୈତନ୍ୟ ମହାପ୍ରଭୁ ନବଦ୍ୱୀପରେ ଯେଉଁ ମାନବୀୟ ଲୀଳା ପ୍ରଦର୍ଶନ କରି ସମସ୍ତଙ୍କୁ ଆହ୍ଲାଦିତ କରିଥିଲେ, ଶ୍ରୀକ୍ଷେତ୍ରରେ ମଧ୍ୟ ତାଙ୍କର ଅଲୌକିକ ଲୀଳା ମାଧ୍ୟମରେ ସମସ୍ତଙ୍କୁ ପ୍ରେମସୂତ୍ରରେ ଏକତ୍ରିତ କରି ବୈଷ୍ଣବୀୟ ପରମ୍ପରାର ସୂତ୍ରପାତ କରିଥିଲେ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ 'ଚିରନ୍ତନୀ'ପତ୍ରିକାର ସମ୍ପାଦିକା ସଂଯୁକ୍ତା ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ଖରସ୍ରୋତା ପୁସ୍ତକମେଳା କମିଟି ସଭାପତି ପଦ୍ମାକର ଗୁରୁ ଯୋଗଦେଇ ଶ୍ରୀଚୈତନ୍ୟ ମହାପ୍ରଭୁ ଏବଂ ନିତାଇ ଗୌରାଙ୍ଗର ଉପାଖ୍ୟାନ ବର୍ଣ୍ଣନା କରିବା ସହ ନାମ ସଂକୀର୍ତ୍ତନର ମହିମା ସମ୍ପର୍କରେ ଉଲ୍ଲେଖ କରିଥିଲେ। ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିବିବେକ ମଧୁସୂଦନ ମହାରାଜ ଏବଂ ମହନ୍ତ ନବଗୌରାଙ୍ଗ ଦାସଙ୍କୁ ବୈଷ୍ଣବ ସମାଜ ଦ୍ୱାରା ସନ୍ଥପୂଜନ କରାଯିବା ସହିତ ଅମୀୟ କିଶୋର ଦାସ, ବାମଦେବ ଦାସ ଉମାକାନ୍ତ ଦାସ, ବିଦ୍ୟାଧର ଦାସ ପ୍ରମୁଖ ବୈଷ୍ଣବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିକିତ୍ସକ ଡା. ରୂପନାରାୟଣ ସାହୁ, କଳାକାର ଅଭିମନ୍ୟୁ ମିଶ୍ର, ସାମାଜିକ କର୍ମୀ ବୀରେନ୍ଦ୍ର ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠକୀୟ ସମ୍ମାନରେ ଚକ୍ଷୁ ବିଶେଷଜ୍ଞ ଡା. ରଶ୍ମି ମହାଳିକ ଓ ସାମାଜିକ କର୍ମୀ ହୃଷୀକେଶ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଚ୍ଚିକାନ୍ତ ଦାସ, ଶ୍ରୀକାନ୍ତ ଦାସ, ରବୀନ୍ଦ୍ର ଦାସ, ଆଲୋକ ଦାସ, ପୁଷ୍ପକାନ୍ତ ଦାସ, ସୁକାନ୍ତି ପଣ୍ଡା, ସରୋଜ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କୁ ମିଳିନି ଦରମା: ଚଳିବା କଷ୍ଟ

ପଟ୍ଟାମୁଣ୍ଡାଇ, ୨୦।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ଗତ ଦେଢ଼ ମାସ ହେବ ସେମାନଙ୍କର ଦରମା ପାଇନାହାନ୍ତି। ଯାହା ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍ମୀମାନଙ୍କ ପାଇଁ ସେମାନଙ୍କ ପରିବାର ପ୍ରତିପାଳନ କରିବା କଷ୍ଟକର ହୋଇପଡ଼ିଛି। ସେମାନେ ସେମାନଙ୍କ ଦରମା ଦେବା ପାଇଁ ବ୍ଲକ କ୍ଲର୍କ ଏବଂ ଅପରେଟରଙ୍କୁ ନିରନ୍ତର ସୂଚନା ଦେଇ ଆସୁଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଙ୍ଗନୱାଡି କର୍ମୀମାନେ କହିଛନ୍ତି, ସେମାନେ ନିୟମିତ ଦରମା ପାଉଥିଲେ। ମାତ୍ର ୨ ବର୍ଷ ମଧ୍ୟରେ ଅନେକବାର ଏପରି ବିଳମ୍ବ ହୋଇଛି।

କେତେଜଣ ଅଙ୍ଗନୱାଡି କର୍ମୀ କହିଛନ୍ତି, ସେମାନେ କମ୍ ଦରମାରେ କାମ କରୁଛନ୍ତି। ସେଥିରେ ଘର ଚଳିବା କାଠିଗର ପାଠ ହେଉଥିଲେ ମଧ୍ୟ ଯେନତେନ ଚଳିଯାଉଛୁ। କିନ୍ତୁ ମାସିକ ଦରମା ବିଳମ୍ବ ସେମାନଙ୍କ ପାଇଁ ଅସୁବିଧାର କାରଣ ହେଉଛି। ଏହା ବ୍ୟତୀତ ଆମ ପିଲାମାନଙ୍କର ସ୍କୁଲ ଫିସ୍ ଦେବା ଏବଂ ସେମାନଙ୍କୁ ସ୍କୁଲ ସମ୍ବନ୍ଧୀୟ ଅନ୍ୟ ଜିନିଷ କିଣିବା ପାଇଁ ଅସୁବିଧା ହେଉଛି। ସ୍ୱଳ୍ପ ଦରମା ତାହା ଠିକ୍ ସମୟରେ ନ ମିଳିବାରୁ ଗାଁରୁ ୧୦ ପ୍ରତିଶତ ସୁଧ ଆଣି ଚଳୁଛୁ। ଦରମା ମିଳିଲେ ସୁଧ ପଇସା ଦେବାକୁ ପଡିବ। ନିଅଣ୍ଟିଆ ପଇସାରୁ ସୁଧ ବାହାରିଗଲେ ଚଳିବା ଆହୁରି କଷ୍ଟ ସାଧ୍ୟ ହେବା ସହିତ ସୁଧ ଶୁଝିବା କାଠିଗର ପାଠ ହେବ। ଅନ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଅଧିକ ଦରମା ସହିତ ପ୍ରତି ମାସରେ ନିୟମିତ ଭାବେ ସେମାନଙ୍କର ଦରମା ପାଉଛନ୍ତି। ସେମାନଙ୍କ ଚଳଣୀଠାରୁ




ଅଧିକ ଦରମା ଥିବାରୁ ଟଙ୍କା ବଞ୍ଚୁଛି। ମାତ୍ର ସ୍ୱଳ୍ପ ଦରମା ଅଣ୍ଟୁ ନ ଥିବା ବେଳେ ଟଙ୍କା ବଞ୍ଚିବା ସାତସପନ। ମାସେ ଦୁଇ ମାସ ଦରମା ବନ୍ଦ ହେଲେ ସରକାରଙ୍କୁ ଫରକ ପଡୁନାହିଁ। କିନ୍ତୁ ଗୋଟିଏ ମାସ ଚଳିବା ପାଇଁ ଯେଉଁ ସୁଧ ଆଣୁଛୁ, ତାକୁ ଶୁଝିବା ପାଇଁ କାଠିଗର ପାଠ ହୋଇ ଯାଉଥିବା ବେଳେ ପିଲା ଚଳିବା ପଇସାରୁ ସୁଧ ପଳାଇ ଯାଉଛି। ଯଦି ସରକାର ଆମକୁ ସମୟ ସୀମା ମଧ୍ୟରେ ଦରମା ଦିଅନ୍ତି ତେବେ ଆମେ ସ୍ୱଳ୍ପ ଦରମାରେ ଏକ ପ୍ରକାର ଚଳିଯାଆନ୍ତୁ ବୋଲି କେତେଜଣ ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ନିଜନାମ ଗୋପନ ରଖି ଦୁଃଖର ସହ କହିଛନ୍ତି। ଏ ନେଇ ପଟ୍ଟାମୁଣ୍ଡାଇ ସିଡିପିଓ ଲକ୍ଷ୍ମୀମଣୀ ସିଂଙ୍କୁ ପଚାରିବାରେ ଆମେ ମାସିକ ଦରମାର କାଗଜପତ୍ର ମାସର ୨୫ ତାରିଖ ବେଳକୁ ସରକାରଙ୍କୁ ସମିଟ କରିଦେଉ। ଦରମା ନ ହେବାର କାରଣ ଜଣା ପଡିନାହିଁ। ଯଦିଓ ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ଅସୁବିଧାରେ ଅଛନ୍ତି ତେବେ କଥା ଖବରଦାତାଙ୍କ ମୁହଁରୁ ଶୋଭନୀୟ ନୁହେଁ। ମୋବାଇଲ ଖୋଲିଲେ ସାମାଜିକ ଗଣମାଧ୍ୟମରେ ଅଙ୍ଗନୱାଡି କର୍ମୀ, ସହାୟିକା ଚାଉଳ, ଛତୁଆ, ପିଲାଙ୍କ ସରଞ୍ଜାମ ଖାଇଯାଉଥିବା ଖବର ବାହାରୁଛି। ତାହା ହେଲେ ସେମାନଙ୍କ ପାଖରେ ନିହାତି ଗଚ୍ଛିତ କଳା ଟଙ୍କା ଥିବ ସେମାନେ ଚଳୁଛନ୍ତି। ଏବେ ପୁଣି ସେହି ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ଦରମା ନ ପାଇ ସୁଧରେ ଚଳିବା କଥା ଗଣମାଧ୍ୟମରେ ପ୍ରଶ୍ନ ଉଠିବା ଏକ ପ୍ରକାର ହାସ୍ୟାସ୍ପଦ ବୋଲି ସେ କହି ଦରମା କେବେ ମିଳିବ ସେ ବିଷୟରେ କୌଣସି ସରକାରୀ ସୂଚନା ନାହିଁ ବୋଲି ସେ କହିଛନ୍ତି।

# ୨୦ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ



ବେଆଇନ ଚିଙ୍ଗୁଡି ଘେରି ଭଙ୍ଗା ଯାଉଛି।

ରାଜନଗର, ୨୦।୩ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଆଇନ, ଭିତରକନିକା ଅଭୟାରଣ୍ୟ ଆଇନକୁ ଉଲ୍ଲଂଘନ କରାଯାଇ ନଦୀ କୂଳେ କୂଳେ ଏପରିକି ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଚିଙ୍ଗୁଡିଘେରି ନିର୍ମାଣ ହୋଇଛି। ଗତ ୨ବର୍ଷ ଭିତରେ ଚିଙ୍ଗୁଡି ଘେରି ଗାଁକୁ ଗାଁ ବ୍ୟାପି ଯାଇଛି। ଦୀର୍ଘଦିନର ନୀରବତା ପରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବେଆଇନ ଚିଙ୍ଗୁଡି ଘେରି ଭଙ୍ଗା ପ୍ରକ୍ରିୟା ପ୍ରଥମ ଦିନରେ ରାଜନଗର ଲୁଣାଜଙ୍ଗଲ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ କନିକା ରେଞ୍ଜର ପଟାପାରିଆ ଅଞ୍ଚଳରୁ ଘେରି ଭଙ୍ଗା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୨ଜଣଙ୍କ ୨୦ ଚିଙ୍ଗୁଡି ଘେରି ଭଙ୍ଗା ଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଜେସିବି ଓ ଲୋକଙ୍କ ମାଧ୍ୟମରେ ଘେରି ଭଙ୍ଗା ଆରମ୍ଭ କରିଛନ୍ତି।

କନିକା ରେଞ୍ଜର ୧୧ଟି ବିଟ ମଧ୍ୟରୁ ପ୍ରଥମ ଦଫାରେ ପଟାପାରିଆ ବିଟ ଅଞ୍ଚଳରେ ଥିବା ୭୨ ଜଣଙ୍କୁ ବେଆଇନ ଘେରି ହଟାଇନେବାକୁ ନୋଟିସ ଦିଆଯାଇଥିଲା। ନୋଟିସ ଅବଧି ସରିବା ପରେ ଶୁକ୍ରବାର ୧୨ ଜଣଙ୍କ ୨୦ ଘେରି ଭଙ୍ଗାଯାଇଛି। ଏହି ପ୍ରକ୍ରିୟା ଜାରି ରହିବ ବୋଲି ଏସିଏଫ ଦାସ ସୂଚନା ଦେଇଛନ୍ତି। ଏଥିସହ ପଟାପାରିଆ ବିଟ ଅଞ୍ଚଳରୁ ଘେରି ଭଙ୍ଗା ସରିବା ପରେ ଅନ୍ୟ ଅଞ୍ଚଳରୁ ଘେରି ଭଙ୍ଗାଯିବ ବୋଲି କହିଛନ୍ତି। ଭିତରକନିକାର ସୁରକ୍ଷା ପାଇଁ ହାଇକୋର୍ଟ ସ୍ଥାନୀୟ ଅଞ୍ଚଳରୁ ବେଆଇନ ଚିଙ୍ଗୁଡି ଘେରି ହଟାଇବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ୨୦୨୦ ଓ ୨୦୨୨ ମସିହାରେ ଯେଉଁ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଇଥିଲା। ସେହି ଅଞ୍ଚଳରେ କିପରି ପୁଣି ଘେରି ଚାଲୁଛି ଏପରିକି ୨ ବର୍ଷ ହେଲା ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ବେଧଡକ ଭାବେ ବହୁ ହଜାର ନୂତନ ଚିଙ୍ଗୁଡି ଘେରି ଗଢି ଉଠିଛି। ଏପରିକି ରାସ୍ତାକୁ ଲଗାଇ, ଜଙ୍ଗଲ ଭିତରେ ଓ ସରକାରୀ ଜମିରେ ବେଧଡକ ଭାବେ ଚିଙ୍ଗୁଡି ଘେରି ଗଢି ଉଠିଛି।

# ପଖାଳ ଆମ ସଂସ୍କୃତି, ପରମ୍ପରା, ଅସ୍ମିତାର ପ୍ରତୀକ



ବିଶ୍ୱ ପଖାଳ ଦିବସରେ ଲୋକେ ପଖାଳ ଖାଉଛନ୍ତି।

ମାର୍ଶାଘାଇ,୨୦।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ପଖାଳ ହେଉଛି ଆମ ମାଟିର ସୁବାସ, ଜୀବନର ସରଳତା, ଜଗନ୍ନାଥ ମହାପ୍ରଭୁ ପଖାଳ ପ୍ରିୟ, ଓଡ଼ିଆ ସଂସ୍କୃତି ପରମ୍ପରା ସହ ପଖାଳ ଓତପ୍ରୋତ ଭାବେ ଜଡିତ। ତେଣୁ ପଖାଳ ହେଉଛି ଆମ ସଂସ୍କୃତି, ପରମ୍ପରା ଓ ଅସ୍ମିତାର ପ୍ରତୀକ ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି। ଶୁକ୍ରବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ପୋତାରୀଠାରେ ଆୟୋଜିତ ଷଷ୍ଠ ବାର୍ଷିକ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଫ୍ରେଣ୍ଡସ ୟୁଥ କ୍ଲବ ସଭାପତି ତଥା ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଧନିଆପଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଜ୍ୟୋତିର୍ମୟ ନାୟକ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଅନ୍ତେଇ ସମିତି ସଭ୍ୟ ଅଜୟ ଜେନା, ସମ୍ମାନୀତ ଅତିଥି ଭାବେ ଶିକ୍ଷୟିତ୍ରୀ ଦେବସ୍ମିତା ଶତପଥୀ ଓ ସମିତି ସଭ୍ୟା ସୋନାଲି ମଲ୍ଲିକ ଯୋଗଦେଇ ଓଡ଼ିଆଙ୍କ ପଖାଳ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ପରେ ଶତାଧିକ ମହିଳାପୁରୁଷମାନଙ୍କୁ ଦହି ପଖାଳ, ବଡ଼ିଚୁରା, ବାଦାମ ଚୁରା, ଆଳୁ ଭର୍ତ୍ତା, ପୋଇ ଛିଞ୍ଚଡ଼ା, ଭେଣ୍ଡି ଆଳୁ ଭଜା, ପୋଟଳ ଆଳୁ ଭଜା. ସମେତ ଅନେକ ଖାଦ୍ୟ ପରଷା ଯାଇଥିଲା। ସର୍ବେଶ୍ୱର ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ସସ୍ମିତା ନାୟକ, କବିତା ସେଠୀ, ରଶ୍ମିରେଖା ସେନାପତି, ବିଚିତ୍ରାନନ୍ଦ ମଲ୍ଲିକ, ସୂର୍ଯ୍ୟକାନ୍ତ ସୁତାର, ରଞ୍ଜନ ନାୟକ, କେଦାର ଦାସ, ଭରତ ଦାସ, ରଞ୍ଜନ ମଲ୍ଲିକ, ସଂଗ୍ରାମ ମଲ୍ଲିକ, ରମାକାନ୍ତ ଦାସ, ପରେଶ ନାୟକ ବିବେକାନନ୍ଦ ମଲ୍ଲିକ ଓ ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପଖାଳ ଦିବସ: ଓଡ଼ିଆର ଅସ୍ମିତା ପଖାଳକୁ ଜିଆଇ ଟ୍ୟାଗ୍ ଦାବି

କେନ୍ଦ୍ରାପଡ଼ା, ୨୦।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ବିଭିନ୍ନସ୍ଥାନରେ ବିଶ୍ୱ ପଖାଳ ଦିବସ ଶୁକ୍ରବାର ପାଳନ ହୋଇଛି। ଏହି ଅବସରରେ ଓଡ଼ିଶା ପଖାଳକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି। କେନ୍ଦ୍ରାପଡ଼ା ଜିଲା ସଂସ୍କୃତି ଓ ଲୋକକଳା ପରିଷଦ ପକ୍ଷରୁ ଶ୍ୟାମସୁନ୍ଦରପୁର ଗଡାସ୍ଥିତ ଚଣ୍ଡିଆ ହୋଟେଲ ପରିସରରେ ପଖାଳ ଦିବସ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦର କର୍ମକର୍ତ୍ତା ବଳରାମ ସାହୁ, ସଞ୍ଜୟ କୁମାର ଜେନା, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପଖାଳ ଦିବସର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନଙ୍କ ମତ ଅନୁଯାୟୀ, ଓଡ଼ିଆ ଅସ୍ମିତାର ପରିଚୟ ପଖାଳ ମଧ୍ୟରେ ଅଛି। ଗରମ ପରିବେଶରେ ଏହି ପୁଷ୍ଟିକର ଖାଦ୍ୟ ଆମକୁ ବିଭିନ୍ନ ରୋଗର ପ୍ରତିରୋଧକ ଭାବେ କାର୍ଯ୍ୟ କରିଥାଏ। ଓଡ଼ିଶାରେ ପ୍ରାୟ ୧୧୨ ପ୍ରକାର ପଖାଳକୁ ରାଜ୍ୟବାସୀ ବିଭିନ୍ନ ପର୍ବପର୍ବାଣିରେ



ସାମିଲ କରିଥାନ୍ତି। ପଖାଳ ଓଡ଼ିଶାରେ ସର୍ବାଦୃତ ହୋଇଥିବାବେଳେ ଏହାର ଉତ୍ପତ୍ତି ସ୍ଥଳ ଓଡ଼ିଶାରେ ବୋଲି ସେମାନେ ମତ ରଖିଥିଲେ। ସେହିପରି ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ ପଖାଳକୁ ଜିଆଇ ଟ୍ୟାଗଭୁକ୍ତ ପାଇଁ ଦାବି କରାଯାଇଥିଲା। ଟ୍ରଷ୍ଟ ସଭାପତି ଦମନ କୁମାର ମହାନ୍ତି, ସଞ୍ଜୀବ କୁମାର ତରାଇ, ସତ୍ୟବ୍ରତ ପ୍ରଧାନ, ମଳୟ ବାରିକ ପ୍ରମୁଖ ଏଥିପାଇଁ ଅନୁଷ୍ଠିତ ସମାବେଶରେ ଯୋଗଦେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଇଚ୍ଛାପୁରର ଶ୍ରୀବଳଦେବଜୀଉ, ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତ୍ୟହ ପଖାଳ ଖାଦ୍ୟ ସାମିଲ ହେଉଥିବା ସେମାନେ ଦର୍ଶାଇଥିଲେ। ଏଥିସହ ସାମାଜିକ ଓ ବୈଜ୍ଞାନିକ ଦୃଷ୍ଟିକୋଣ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନ କୁମାର ଦାସ, କେଦାର ସ୍ୱାଇଁ, ଗୋପୀନାଥ ସ୍ୱାଇଁ, ବିଭୂତି ପ୍ରଧାନ ପ୍ରମୁଖ ଏହି ଦାବି ସମାବେଶରେ ମତ ରଖିଥିଲେ।

# ପ୍ରଚାର ଅଭାବରୁ ହିତାଧିକାରୀଙ୍କ ସଂଖ୍ୟା କମ୍

ପଟ୍ଟାମୁଣ୍ଡାଇ, ୨୦।୩ (କଳ୍ପତରୁ ନାୟକ)

## ପଟ୍ଟାମୁଣ୍ଡାଇରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲ ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅସ୍ଥିଶଲ୍ୟ, ଶିଶୁ, ମାନସିକରୋଗ ଚକ୍ଷୁ, ଅସ୍ତ୍ରୋପଚାର ଆଦି ବିଭିନ୍ନ ବିଭାଗରେ ୨୬୯ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସେଥି ମଧ୍ୟରୁ ୨୧୬ ଭିନ୍ନକ୍ଷମଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରୀକ୍ଷା କରିଥିବା ୨୧୬ ଭିନ୍ନକ୍ଷମଙ୍କ ମଧ୍ୟରେ ମାନସିକ ବିକୃତ ୩୭, ଦୃଷ୍ଟି ବାଧିତ ୨୫, ଶ୍ରବଣବାଧିତ ୩୦ ଅସ୍ଥିଶଲ୍ୟ ୯୮ ଓ ଶିଶୁ ୨୬ଜଣ ସାମିଲ ଥିଲେ। ମାତ୍ର ଆବଶ୍ୟକ ପ୍ରଚାର ଅଭାବରୁ ହିତାଧିକାରୀଙ୍କ ସଂଖ୍ୟା ଆଶାନୁରୂପ ହୋଇନ ଥିଲା ବୋଲି ବହୁ ହିତାଧିକାରୀଙ୍କ ଅଭିଭାବକ ଅସଂ୍ତୋଷ ପ୍ରକାଶ କରିଛନ୍ତି । ଏହି ଶିବିରରେ ବିଭିନ୍ନ ବିଭାଗର ୨୧୬ ଭିନ୍ନକ୍ଷମଙ୍କୁ ଶିଶୁରୋଗ ବିଭାଗ, ଅସ୍ଥିଶଲ୍ୟ ବିଭାଗ, ଭେଷଜ ବିଭାଗ, କର୍ଣ୍ଣ, ନାଶା, ଗଳା ବିଭାଗ, ଚକ୍ଷୁ ରୋଗ, ମାନସିକ ରୋଗ, ମନୋତତ୍ତ୍ୱ ବିଭାଗ ସମେତ ଅନ୍ୟ ବିଭାଗର ବିଶେଷଜ୍ଞମାନେ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ପରୀକ୍ଷାନିରୀକ୍ଷା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବିଡିଓ ଶୀତଲ ଅଗ୍ରୱାଲ ସମେତ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ, ଜିଆରଏସ୍ ଓ ମେଡିକାଲ କର୍ମଚାରୀ ଯୋଗଦେଇଥିଲେ।



ସାମର୍ଥ୍ୟ ଶିବିରରେ ଭିନ୍ନକ୍ଷମଙ୍କୁ ପରୀକ୍ଷା କରାଯାଉଛି।

# କ୍ୱାଲିଟି କଣ୍ଟ୍ରୋଲ ଡିଭିଜନ ପକ୍ଷରୁ ନମୁନା ସଂଗ୍ରହ



କ୍ୱାଲିଟି କଣ୍ଟ୍ରୋଲ ବିଭାଗ ରାସ୍ତାର ବିଭିନ୍ନ ସାମଗ୍ରୀର ନମୁନା ସଂଗ୍ରହ କରାଯାଉଛି।

କେନ୍ଦ୍ରାପଡ଼ା, ୨୦।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନ -୨ ଅଧୀନ ମହାକାଳପଡ଼ା ବ୍ଲକ କରଞ୍ଜଠାରୁ ଦହିମାଛ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ସୂଚନା ଅଧିକାର କର୍ମୀ ଆଳି ବ୍ଲକ ମହୁ ଗ୍ରାମର ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗର ସୁଫଳ ନ ମିଳିବାରୁ ସୂଚନା ଅଧିକାର ଅଭିଯାନ ପକ୍ଷରୁ ଭୁବନେଶ୍ୱରରେ ଗଣଧାରଣା ପରେ କ୍ୱାଲିଟି କଣ୍ଟ୍ରୋଲ ବିଭାଗ ଏହି ରାସ୍ତାର ବିଭିନ୍ନ ସାମଗ୍ରୀର ନମୁନା ଶୁକ୍ରବାର ସଂଗ୍ରହ କରିଛି। ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ଆଚାର୍ଯ୍ୟ କହିଛନ୍ତି, ଏହି ୨ କିଲୋମିଟର ରାସ୍ତାଟି ୬,୬୭,୭୭,୦୦୦ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। ଠିକା ସଂସ୍ଥା ରାସ୍ତା ନିର୍ମାଣର ମାତ୍ର ଦୁଇ ମାସ ପରେ ବିଭିନ୍ନସ୍ଥାନରେ ଖାଲଖମା ହେବା ସହ ଯାତାୟାତ ଉପଯୋଗୀ ହୋଇ ନ ଥିଲା। ଏ ନେଇ ବିଭାଗରୁ ସମସ୍ତ ତଥ୍ୟ ଆଣିବା ପରେ ନିର୍ମାଣ ଅନିୟମିତତା ଜଣାପଡିଥିଲା। ଏ ସମ୍ପର୍କରେ ବିଭିନ୍ନସ୍ତରରେ ଅଭିଯୋଗ ସତ୍ତ୍ୱେ ସୁଫଳ ନ ମିଳିବାରୁ ଗଣଧାରଣା ଦିଆଯାଇଥିଲା। ଫଳରେ ଏ ନେଇ ତଦନ୍ତ ଆରମ୍ଭ ହୋଇଛି। ସମଗ୍ରୀର ମାନ ଲାବରେଟୋରିରେ ପରୀକ୍ଷା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଶା ରଖା ଯାଇଥିବା ସେ କହିଛନ୍ତି। ଏହି ନମୁନା ସଂଗ୍ରହ ସମୟରେ ଅଭିଯୋଗକାରୀ ଆଚାର୍ଯ୍ୟଙ୍କ ସହ ସୂଚନା ଅଧିକାର କର୍ମୀ ସୁମନ୍ତ ସେଠୀ, ମାନସ ରଞ୍ଜନ ଆଚାର୍ଯ୍ୟ, ଜନକର ଜେନା, ସୁମନ୍ତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳନ

ରାଜନଗର, ୨୦।୩ ( ଭାସ୍କର ରାଉତରାୟ)

ରାଜନଗର ବ୍ଲକ ମହିଷାସୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁଲେଖ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଷାସୁର ବାୟାବାବା ଆଶ୍ରମର ମହନ୍ତ ସାଧୁ କେଦାର ବିଶ୍ୱାଳ ଯୋଗଦେଇଥିଲେ। ରାଷ୍ଟ୍ରୀୟ ନବବର୍ଷର ମହତ୍ୱ ଓ ଏହି ଦିନର ମାହାତ୍ମ୍ୟ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ପ୍ରଥମେ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁଷ୍ପ, ଚନ୍ଦନ ଦିଆଯାଇ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁଜୀ ବିଭୂତି ଲେଙ୍କା, କୈଳାସ ଚନ୍ଦ୍ର ଜେନା, ଗୁରୁମା ପ୍ରଣତି ସ୍ୱାଇଁ, ସ୍ୱପ୍ନା ସାହୁ, ଶୁଭଶ୍ରୀ ଲେଙ୍କା, କବିତା ବାରିକ, ସଙ୍ଗୀତା ସାହୁ, ସୁଦୀପତା ନାୟକ, ଦେବଞ୍ଜଳୀ ପରିଡ଼ା, ଜୋର୍ତିମୟୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ହେଲେ ସୌଭାଗ୍ୟ

ରାଜନଗର,୨୦।୩ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲାର ଯୁବନେତା ସୌଭାଗ୍ୟ ମହାନ୍ତି ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେ ଛାତ୍ର ଜୀବନରୁ ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ ଜଡ଼ିତ ରହି ପ୍ରଥମ ବର୍ଷ ଶିକ୍ଷା ଗ୍ରହଣ ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ସୌଭାଗ୍ୟ ଛାତ୍ର ଜୀବନରୁ ବିଭିନ୍ନ ପ୍ରକାର ଛାତ୍ର ଆନ୍ଦୋଳନ ଓ ସାମାଜିକ ସମସ୍ୟାର ସମାଧାନ କରିଛନ୍ତି। ସେ ଏବିଭିପିର ୨୦୧୩-୨୦୨୩ ଦୀର୍ଘ ଏକ ଦଶନ୍ଧି ଧରି ବିଦ୍ୟାର୍ଥୀ ପରିଷଦରେ କାର୍ଯ୍ୟ କରିବା ସହ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ, ରାଜ୍ୟ ସମ୍ପାଦକ, ବିଭାଗ ସଙ୍ଗଠନ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ସାରିଛନ୍ତି। ସେ ଏବିଭିପିରେ ୭ ବର୍ଷ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଭାବେ ବିଭିନ୍ନ ଜିଲାରେ ସକ୍ରିୟ ରହି ଜଣେ ଦକ୍ଷ ସଙ୍ଗଠକର ପ୍ରମାଣ ଦେଇଛନ୍ତି। ୨୦୨୪ରେ ସ୍ୱାବଲମ୍ବୀ ଭାରତ ଅଭିଯାନର ଓଡ଼ିଶାର ରାଜ୍ୟ ଯୁବା ସଂଯୋଜକ ଭାବେ ୫ଶହରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ



ସୌଭାଗ୍ୟ ମହାନ୍ତି

ଉଦ୍ୟମତା ବିକାଶ କାର୍ଯ୍ୟଶାଳା କରି ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି।

ଭାଜପା ଯୁବ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ମନୋନୀତ ହୋଇଥିବାରୁ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ରାଜ୍ୟ ଉପସଭାପତି ବିଷ୍ଣୁ ଦାଶ, ଜିଲା ସଭାପତି ଶଶାଙ୍କ ସେଠି ଓ ଅନ୍ୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କ ଘର ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବହାରଗଡ ଗାଁରେ। ତାଙ୍କର ଏହି ନିଯୁକ୍ତି ପାଇବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଟାଣଖରାରେ ଭତ୍ତା ପାଇଁ ବୃଦ୍ଧାବୃଦ୍ଧ ଧଇଁସଇଁ

ମହାକାଳପଡ଼ା, ୨୦।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ତାଲା ପକାଇ ଚାଲିଗଲେ ନିର୍ବାହୀ ଅଧିକାରୀ
- ରାଜଗଡ଼ ପଞ୍ଚାୟତରେ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ବିଡିଓଙ୍କୁ ଦାବିପତ୍ର
- ଭତ୍ତା, ରାଶନ, ଆବାସ ଗୃହ ଯୋଗାଇ ଦେବା ପାଇଁ ଅର୍ଥ ଦାବି ଅଭିଯୋଗ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାଜଗଡ଼ ପଞ୍ଚାୟତରେ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ମୃତ୍ୟୁଞ୍ଜୟ ରାଉତଙ୍କ ବିରୋଧରେ ସରପଞ୍ଚ ମମତା ସାମଲଙ୍କ ସମେତ ୧୭ ୱାର୍ଡ ମେମ୍ବର ଅଭିଯୋଗ କରିଛନ୍ତି। ଏ ନେଇ ପଞ୍ଚାୟତ ପ୍ରତିନିଧି ଦଳ ଶୁକ୍ରବାର ବିଡିଓ ରବି ନାରାୟଣ ଆଚାର୍ଯ୍ୟଙ୍କୁ ଭେଟି ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଅଧିକାରୀ ରାଉତ ବିଭିନ୍ନ ସମୟରେ ପଞ୍ଚାୟତର ଗରିବ ଖଟିଖିଆ କୃଷକ ମୁଲିଆ ଅଭାବୀ ଲୋକଙ୍କଠାରୁ ରାଶନ କାର୍ଡ, ଭତ୍ତା ଓ ଆବାସ ଗୃହ, ଉନ୍ନୟନ ମୂଳକ ବିଲ କରାଇ ଦେବା ନେଇ ଅର୍ଥ ଦାବି, ସଭ୍ୟାସଭ୍ୟମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା, ନିୟମିତ ଅଫିସକୁ ନ ଆସିବା ଓ ମଦ୍ୟପାନ କରିବାକୁ ନେଇ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ ପ୍ରମୁଖ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଶୁକ୍ରବାର ଭତ୍ତା ପାଇବା ପାଇଁ ପଞ୍ଚାୟତର ବିଭିନ୍ନ ଦୂରଦୁରନ୍ତ ମୌଜାରୁ ପଞ୍ଚାୟତ




ପଞ୍ଚାୟତ ଅଫିସ୍ ସମ୍ମୁଖରେ ବୃଦ୍ଧାବୃଦ୍ଧ ଭତ୍ତା ପାଇବା ପାଇଁ ଟାଣଖରାରେ ଅପେକ୍ଷା କରିଛନ୍ତି।

ଅଫିସକୁ ଅସି ଟାଣଖରାରେ ଅପେକ୍ଷା କରିଥିଲେ। ହେଲେ ନିର୍ବାହୀ ଅଧିକାରୀ ରାଉତ ଶୁକ୍ରବାର ଅଫିସ୍‌କୁ ଆସି ୨ରୁ ୪ ଜଣଙ୍କୁ ଭତ୍ତା ବଣ୍ଟନ କରି କାହାକୁ କିଛି ନ କହି ଗେଟ୍‌ରେ ତାଲା ପକାଇ ବ୍ଲକକୁ ପଳାଇ ଯାଇଥିଲେ। ଭତ୍ତା ପାଇବା ପାଇଁ ବୃଦ୍ଧାବୃଦ୍ଧ ହିତାଧିକାରୀ ଦୀର୍ଘ ସମୟ ଅପେକ୍ଷା କରି ଟାଣଖରାରେ ପାଣି ମୁନ୍ଦେ ପାଇଁ ଆଉଟୁ ପାଉଟୁ ହେଉଥିବା କେତେଜଣ ବରିଷ୍ଠ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟ କ୍ୟାସ ବୁକ୍‌ରେ ସ୍ୱାକ୍ଷର କରିବା ପାଇଁ ସରପଞ୍ଚ ମମତା ସାମଲଙ୍କୁ ବାଧ କରିଥିଲେ। ଏ ନେଇ ସରପଞ୍ଚ ସାମଲ କହିବା କଥା, ପୂର୍ବ ବର୍ଷଗୁଡ଼ିକରେ ଆର୍ଥିକ ଅନୁଦାନ ଉପରେ ଜଣାନାହିଁ କିପରି ସ୍ୱାକ୍ଷର କରିବି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏ ନେଇ ଉଭୟ ସରପଞ୍ଚ ସାମଲ ଓ ନିର୍ବାହୀ ଅଧିକାରୀ ରାଉତଙ୍କ ମଧ୍ୟରେ ପରିସ୍ଥିତି ଉଗ୍ରରୂପ ଧାରଣ କରୁଛି ବୋଲି କୁହାଯାଉଛି। ପଞ୍ଚାୟତ କ୍ୟାସ ରେକର୍ଡ ନ କରି ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଭଳି ଅନେକ ସଙ୍ଗୀନ ଅଭିଯୋଗ କରିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ ରାଉତଙ୍କୁ ପଚାରିବାରେ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ଅପରପକ୍ଷରେ ନିର୍ବାହୀ ଅଧିକାରୀ ରାଉତଙ୍କ ବିରୋଧରେ ପୂର୍ବରୁ ରାମନଗର, ଯଦୁପୁର ଓ ମହାକାଳପଡ଼ା ଓ ତେରଗାଁ ପଞ୍ଚାୟତରେ ପୃଥକ ପୃଥକ ଭାବେ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ବିଡିଓ ରବି ନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରେ ତଦନ୍ତ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବ୍ଲକରୁ ଜଣେ ଛାତ୍ରୀ ନବୋଦୟକୁ ମନୋନୀତ

ଧରାକୋଟ,୨୦।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ )

ଧରାକୋଟ ବ୍ଲକର ଶରଧାପୁର କ୍ଲଷ୍ଟର ଅନ୍ତର୍ଗତ କୁସରାବସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଆଦ୍ୟା ଆଶ୍ରିତା ଚଳିତ ୨୦୨୬ ବର୍ଷ ପାଇଁ ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢ଼ିବା ପାଇଁ ଚୟନ ହୋଇଛନ୍ତି। ଏନେଇ କୁସରାବ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଏହି ଅବସରରେ ଶୁକ୍ରବାର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପାତ୍ର, ସିଆରସିସି ଉପସ୍ଥିତ ରହି ଛାତ୍ରୀ ଆଦ୍ୟା ଆଶ୍ରିତାଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ତାଙ୍କ ମା' ରାଜଶ୍ରୀ ନାୟକ ଓ ବାପା ପବିତ୍ର ମୋହନ ନାୟକ ଉପସ୍ଥିତ ଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ବେହେରା,ସଞ୍ଜୟ ଡାକୁଆ, ବିଚିତ୍ରାନନ୍ଦ ପଲେଇ ଶିକ୍ଷୟିତ୍ରୀ ରାଜ କୁମାରୀ ନାୟକ, କିରଣବାଳାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୂଚନାଯୋଗ୍ୟ, ଧରାକୋଟ ବ୍ଲକରୁ ଜଣେମାତ୍ର ଛାତ୍ରୀ ଭାବରେ ଆଦ୍ୟା ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବାକୁ ମନୋନୀତ ହୋଇଛନ୍ତି।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବ୍ରାହ୍ମଣୀଗାଁ, ୨୦।୩ (ମନୋରଞ୍ଜନ ରଣା)
କନ୍ଧମାଳ ଜିଲା ବ୍ରାହ୍ମଣୀଗାଁଠାରେ ରଷୀମାଳ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଭାସ୍କର ନାୟକଙ୍କ ଅଧ୍ୟକ୍ଷତା କରି ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆତ୍ମରକ୍ଷା ତାଲିମ ନେଇଥିବା ଛାତ୍ରୀଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବ୍ରାହ୍ମଣୀଗାଁ ଥାନା ସବଇନ୍ସପେକ୍ଟର ଭୋଳାନାଥ ପଣ୍ଡା ଯୋଗଦେଇ ଛାତ୍ରୀଙ୍କୁ ସାମାଜିକ ସୁରକ୍ଷା ଓ ଆତ୍ମରକ୍ଷା ସମ୍ପର୍କିତ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପୂର୍ବତନ ସଭାପତି ରାମଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଇତିହାସ ଅଧ୍ୟାପକ ଅକ୍ଷୟ ବେହେରା ଦଳାଇ ମଞ୍ଚ ସଂଯୋଜନା କରିଥିଲେ। ସୁରଭି ଶବର ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଅଧ୍ୟାପକ ସୁଜ୍ଞାନ ସାହୁଙ୍କ ସମେତ, ଅଧ୍ୟାପିକା, ଅଧ୍ୟାପକ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ଫାଷ୍ଟଫୁଡ୍, ହୋଟେଲ ବନ୍ଦ

ଗଞ୍ଜାମ/ଶେରଗଡ଼,ବାଲିଗୁଡ଼ା୨୦।୩
(ବିଦ୍ୟାଧର ସାହୁ/ସୂର୍ଯ୍ୟ ନାରାୟଣ ଦାଶ

ଗଞ୍ଜାମ ସହରରେ କିଛି ଦିନ ହେବ ଜାଳେଣି ଗ୍ୟାସ ସମସ୍ୟା ଦେଖା ଦେଇଛି। ଫଳରେ ଗ୍ୟାସ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଜଣାପଡ଼ିଛି। ଏଥିସହ ଗ୍ୟାସ କଳାବଜାର ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଗୋଟେ ସିଲିଣ୍ଡରକୁ ୧୭ ଶହ ଟଙ୍କାରୁ ୨ ହଜାର ଟଙ୍କାରେ ଲୋକେ କିଣୁଛନ୍ତି। ଗ୍ୟାସ ମିଳୁ ନ ଥିବାରୁ ସହରର ଅଧାରୁ ଅଧିକ ଫାଷ୍ଟଫୁଡ ଓ ହୋଟେଲ ବନ୍ଦ ରହୁଥିବା ଦେଖିବାକୁ ମିଳିଛି। ଶେରଗଡ଼ ଅଞ୍ଚଳରେ ରନ୍ଧନ ଗ୍ୟାସ ଅଭାବ ମଧ୍ୟ ମାସେ ହେଲା ଲାଗି ରହିଛି। ବୁକିଂ ପାଇଁ ନମ୍ବର ଲଗାଇଲେ ୨୪ ଦିନ ଅପେକ୍ଷା କରିବାକୁ ଉତ୍ତର ମିଳୁଛି। ଏବେ ଗ୍ୟାସ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ବାଲିଗୁଡ଼ା ସହରରେ କିଛିଦିନ ହେବ ଜାଳେଣି ଗ୍ୟାସ ସମସ୍ୟା ଦେଖାଦେଇଛି। ଫଳରେ ଗ୍ୟାସ୍ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜାଳେଣି ଗ୍ୟାସ ମିଳୁ ନ ଥବା ଯୋଗୁ ସହରର ଅଧାରୁ ଅଧିକ ହୋଟେଲ, ଚା' ଦୋକାନ ଆଦି ବନ୍ଦ ରହିଛି। ଜଣେ ହିତାଧିକାରୀଙ୍କୁ ଗୋଟେ ଖାତା ପିଛା ୨୫ ଦିନ ବ୍ୟବଧାନରେ ଗୋଟିଏ ମାତ୍ର ସିଲିଣ୍ଡର ମିଳୁଥିବାରୁ ଅସୁବିଧା ସୃଷ୍ଟି ହେଉଛି।

ଓଡ଼ିଶା ଦିବସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

# ବୀରବାଦ୍ୟରେ ସହର ପରିକ୍ରମା କରିବେ ଛାତ୍ରୀଛାତ୍ର, ଜନସାଧାରଣ

ପାରଳାଖେମୁଣ୍ଡି,୨୦।୩(ଗିରିଧାରୀ ପରିଚ୍ଛା)
ଜିଲାସ୍ତରୀୟ ଓଡିଶା ଦିବସ ଏବଂ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହୋନନାଗା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥୀରାଜ ମଣ୍ଡଳ, ଉପଜିଲାପାଳ ଅନୁପ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଦିନ ପ୍ରାତଃ ୪.୩୦ରେ ସହରରେ ରାମଧୁନ ପରିବେଷଣ କରାଯିବ। ସହରରେ ଥିବା ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସକାଳ ୬ଟାରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ।



୭ଟାରେ ଶୋଭାଯାତ୍ରା ସରସ୍ୱତୀ ଶିଶୁ ମନ୍ଦିରରୁ ବାହାରି ବଡ଼ ବ୍ରାହ୍ମଣ ସାହି, ବଜାର ଛକ ଦେଇ ହାଇସ୍କୁଲ ଛକ ଦେଇ ଗାନ୍ଧୀ ଛକଠାରେ ପହଞ୍ଚିବାକୁ ନିଷ୍ପତ୍ତି ହୋଇଛି। ଶୋଭାଯାତ୍ରାକୁ ଆକର୍ଷଣୀୟ କରିବାକୁ ସ୍ଥାନୀୟ ବୀରବାଦ୍ୟ, ପାଇକ ଆଖଡ଼ା ଦଳ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏହି ଅବସରରେ ମହାପୁରୁଷ ବେଶଭୂଷା ସହ ପ୍ରଜ୍ଞାପନ ମେଢ଼ ବାହାରିବାକୁ ସ୍ଥିର ହୋଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହେବ। ଉକ୍ତ ଦିନ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସମସ୍ତ ବ୍ୟାଙ୍କ, ବୀମା କମ୍ପାନୀ, ହୋଟେଲ, ସିନେମା ହଲ ଗୁଡ଼ିକ ରଙ୍ଗବେରଙ୍ଗର ଲିଚୁ ତୋରଣରେ ସଜାଇବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ଏକ ସଭା ହେବ। ସେହିପରି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ମଧ୍ୟ ମହା ଆଡମ୍ବରରେ ପାଳନ କରାଯିବ। ଉକ୍ତ ଦିନ ସକାଳ ୭ଟାରେ ଗାନ୍ଧୀ ଛକଠାରୁ ଏକ ଶୋଭାଯାତ୍ରା ବାହାରି ବଜାର ଛକ ଦେଇ ମହାରାଜାଙ୍କ ସ୍ମୃତି ସୌଧ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯିବ। ଶୋଭାଯାତ୍ରାରେ ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ବୀରବାଦ୍ୟ ଦଳ, ପାଇକ ଆଖଡ଼ା ଦଳ, ସହର ଜନସାଧାରଣ, ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ସାମିଲ ହେବେ।ପରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନଠାରେ ଏକ ସଭାକରାଯାଇ ମହାରାଜଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ବନ୍ଦକୁ ନେଇ ଅସନ୍ତୋଷ



କାର୍ଯ୍ୟକ୍ରମରେ ଉପସ୍ଥିତ ହିତାଧିକାରୀ।

ଖଣ୍ଡପଡ଼ା,୨୦।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଦୀର୍ଘ ମାସ ପରେ ଚିହ୍ନଟ ହୋଇଥିବା ବିଭିନ୍ନ ୱାର୍ଡର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯେଜନାରେ କାର୍ଯ୍ୟାଦେଶ (ୱାର୍କ ଅର୍ଡର) ବଣ୍ଟନ ନିମନ୍ତେ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥି ନିମନ୍ତେ ଏନ୍‌ଏସି ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ଏ ନେଇ ହିତାଧିକାରୀମାନଙ୍କୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ୨ ଦିନ ପୂର୍ବରୁ ସୂଚନା ଦିଆଯାଇଥିଲା। ସୂଚନାନୁଯାୟୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପତ୍ର ଓ ନୂତନ ଖାଉଟି କାର୍ଡ ପାଇବା ଆଶାରେ ୩ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ କଲ୍ୟାଣ ମଣ୍ଡପ ପରିସରରେ ଅପରାହ୍ନ ପ୍ରାୟ ୩ଟାରେ ଏକତ୍ରିତ ହୋଇଥିଲେ। ମାତ୍ର ସମ୍ପ୍ରତି ବିଧାନ ସଭା ଚାଲିଥିବା ସମୟରେ ହିତାଧିକାରୀମାନଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ପତ୍ର ଓ ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ କରାଯାଇ ପାରିବନାହିଁ ବୋଲି ନୟାଗଡ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଏକ ପତ୍ର ଜରିଆରେ ନିର୍ଦ୍ଦେଶ ଦେଇଥିଲେ। ପରେ ଏନ୍‌ଏସି କର୍ତ୍ତୃପକ୍ଷ ପରିଶେଷରେ ଆୟୋଜିତ କାର୍ଯ୍ୟକ୍ରମକୁ ବାତିଲ କରିଥିବା ଜଣାଯାଇଛି। ଏହି ଘଟଣାକୁ ନେଇ ଖଣ୍ଡପଡା ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆବାସ ଯୋଜନାରେ କାର୍ଯ୍ୟାଦେଶ ପତ୍ର ଓ ନୂତନ ଖାଉଟି କାର୍ଡ ନ ପାଇ ହିତାଧିକାରୀମାନେ ନିରାଶ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।

# ବରୁଣେଇ ସମରସ୍ୱାଶ କ୍ରିକେଟ ଟୁର୍ନାମେଣ୍ଟ, ସେମିରେ ଲକ୍ଷ୍ମୀପ୍ରସାଦ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଖଣ୍ଡପଡ଼ା, ୨୦।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ବରୁଣେଇ ସମରସ୍ୱାଶ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଅୟୋଜିତ ପ୍ରଥମ ବାର୍ଷିକ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଲିଗ ମ୍ୟାଚରେ ରାଣୀଛେଲ୍ଲୀ କ୍ରିକେଟ ଟିମକୁ ୫ ଉଇକେଟରେ ହରାଇ ଲକ୍ଷ୍ମୀପ୍ରସାଦ କ୍ରିକେଟ କ୍ଲବ ବିଜୟୀ ହୋଇଛି। ୮ ଟି ଦଳକୁ ନେଇ ଅନୁଷ୍ଠିତ ଟୁର୍ନାମେଣ୍ଟରେ ରାଣୀଛେଲ୍ଲୀ ଦଳ ଟସ ଜିତି ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୮ ଉଇକେଟ ବିନିମୟରେ ୯୭ ରନ ସଂଗ୍ରହ କରିଥିଲା। ଜବାବରେ ଲକ୍ଷ୍ମୀପ୍ରସାଦ ଟିମ୍ ୯.୩ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ୯୮ ରନ ସଂଗ୍ରହ କରି ସେମି ଫାଇନାଲରେ ପ୍ରବେଶ କରିଛି। ଲକ୍ଷ୍ମୀପ୍ରସାଦ ଦଳର ଚିନ୍ମୟ ପ୍ରଧାନ ୧୪ ବଲରେ ୪୩ ରନ କରି ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଖେଳକୁ ସମୀର ଦଳେଇ ଓ ଶୁଭମ ବାରିକ ପରିଚାଳନା କରିଥିଲେ। ଆଶୁତୋଷ ବାରିକ ଧାରା ବିବରଣୀ ଦେଇଥିବା ବେଳେ ସ୍କୋର ବୋର୍ଡ ଦାୟିତ୍ୱରେ ଅନିରୁଦ୍ଧ ବେହେରା କାର୍ଯ୍ୟ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୁଗଳ କିଶୋର ନାୟକ ଓ ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଶନିବାର ପ୍ରଥମ ସେମିଫାଇନାଲରେ ଲକ୍ଷ୍ମୀପ୍ରସାଦ କ୍ରିକେଟ କ୍ଲବ ସହ ଗୋଲାବୋଦସା କ୍ରିକେଟ କ୍ଲବର ମୁକାବିଲା ହେବ ବୋଲି ଆୟୋଜକ ଦିବେଷ କୁମାର ବେହେରା ସୂଚନା ଦେଇଛନ୍ତି।

# ପିପୁଲ୍ଲ କଲେଜରେ ବିଶ୍ୱ ଘରଚଟିଆ ଦିବସ, ପାଠଚକ୍ର

ବୁଗୁଡ଼ା,୨୦।୩ (କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ଲ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ବିଶ୍ୱ ଘରଚଟିଆ ଦିବସ ପାଳନ ସହ ପାଠଚକ୍ର ଅନୁଷ୍ଠିତ ହୋଇଛି। ଉକ୍ତ ପାଠଚକ୍ରର ଶୀର୍ଷକ ଫୁଡ୍ ହ୍ୟାବିଟ୍ସ ଆଣ୍ଡ ରେଶପନ୍ସ ଅଫ୍ ହାଉସ୍ ସ୍ୱାରୋ ଟୁୱାର୍ଡସ୍ ଆର୍ଟିଫିସିଅଲ୍ ଫିଡିଙ୍ଗ୍ ଷ୍ଟେଶନ ରହିଥିଲା। କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଝୁଙ୍କାପଡା ହାଇସ୍କୁଲ ଶିକ୍ଷକ ଡ.ଉମାକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ଆଇକ୍ୟୁଏସି କୋଅର୍ଡିନେଟର ସୁଶାନ୍ତ ସାହୁ, ସେମିନାର ଇନଚାର୍ଜ ଅଧ୍ୟାପିକା ରଶ୍ମିତା ପଟ୍ଟନାୟକ ଯୋଗଦେଇ ଘରଚଟିଆଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଭାଗୀୟ ଡେମୋନଷ୍ଟେଟର୍ ରାମକୃଷ୍ଣ ନାୟକ ଅତିଥି ପରିଚୟ ଓ ଛାତ୍ରୀ ଶ୍ୱେତାଙ୍ଗନା ଖାଡଙ୍ଗା ଧନ୍ୟବାଦ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା କ୍ରିଷ୍ଣା କୁମାରୀ ବାର୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ପ୍ରତୀକ୍ଷା ସାହୁ ଓ ମଧୁସ୍ମିତା ପ୍ରଧାନ ପରିଚାଳନା କରିଥିଲେ। ଯତନ ନାୟକ ସହଯୋଗ କରିଥିଲେ।

# କେଏମ୍‌ଆର୍‌ଏସ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ରାଇକିଆ,୨୦।୩ (ପ୍ରଦୀପ ବେହେରା)

ରାଇକିଆ କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ସରସ୍ୱତୀ ପ୍ରଧାନ ଯୋଗ ଦେଇଥିଲେ। ୩ଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ୩୦ଟି ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ରାଉତରାୟ, ବିବନ ଅପ୍ରଭାନ ରଣସିଂହ



କ୍ରୀଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୁନିୟର ଓ ସିନିୟର୍ ବର୍ଗ ସହିତ ବାଳିକା ଓ ବାଳକ ବର୍ଗରେ ମୋଟ ୩୬୦ ଜଣ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଆଗାମୀ ୨୫ ତାରିଖରେ ଆୟୋଜିତ ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ।

### ଜନଗଣନା ନେଇ ତାଲିମ

ଶେରଗଡ଼୨୦।୩
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ତହସିଲ ପକ୍ଷରୁ ଜନଗଣନା ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ତହସିଲଦାର ତ୍ରିଦେବ ରଥ ଶୁଭାରମ୍ଭ କରିଥଲେ। ପ୍ରଥମ ପର୍ଯ୍ୟାୟରେ ଦୁଇଟି ବିଦ୍ୟାଳୟର ୯୦ ଜଣ ଲେଖାଏ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେବେ। ଆଭାସୀ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥିଲା। ଜନଗଣନା ସର୍ଭେରେ ସ୍ୱଚ୍ଛତା, ତା ଅବଲମ୍ବନ ସହ ଠିକ ତଥ୍ୟ ସଂଗ୍ରହ କରି ଗଣନାକାରୀ ଅପଲୋଡ଼ କରିବାକୁ ତହସିଲଦାର ରଥ ପରାମର୍ଶ ଦେଇଥିଲେ।

### ଗଞ୍ଜେଇ ଜବତ କ୍ଷେତ୍ରରେ ପ୍ରମୁଖ ଭୂମିକା ୪ ପୋଲିସ ଅଧିକାରୀ ସମ୍ମାନିତ

ପାରଳାଖେମୁଣ୍ଡି,୨୦।୩(ଗିରିଧାରୀ ପରିଚ୍ଛା)
ଗଜପତି ଜିଲାରେ ଚଢାଉ କରି ଗଞ୍ଜେଇ ଜବତ କରିବା କ୍ଷେତ୍ରରେ ରେକର୍ଡ ଯୋଗୁ ୪ଜଣ ପୋଲିସ ଅଧିକାରୀ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ଆର୍.ଉଦୟଗିରି ଥାନା ଏସ୍‌ଆଇ ସ୍ୱପ୍ନାରାଣୀ ବେହେରା ଓ ଏସ୍‌ଆଇ ସନ୍ଦୀପ ହେମ୍ବ୍ରମ, ମୋହନା ଥାନା ଏସ୍‌ଆଇ ପଙ୍କଜ ଦାସ ଓ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ସୁନୀଲ ସେଠୀ। ଜିଲା ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ଗତ କିଛି ବର୍ଷ ହେଲା ନିଷିଦ୍ଧ ଗଞ୍ଜେଇ ଚାଷକୁ ନଷ୍ଟ କରିବା ଓ ଜବତ କରିବା କ୍ଷେତ୍ରରେ ଏହି ପୋଲିସ ଅଧିକାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରାଜ୍ୟ ପୋଲିସ ଭବନରେ ଆୟୋଜିତ ଏକ ଉତ୍ସବରେ ଉପରୋକ୍ତ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଛି। ଏଥିରେ ଏସ୍‌ପି ପଣ୍ଡାଙ୍କ ସହ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି, ଆର୍.ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁ, ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକ ଉପସ୍ଥିତ ଥିଲେ।

### ୭ କୁଇଣ୍ଟାଲ ଗଞ୍ଜେଇ, ପିକ୍‌ଅପ୍ ଭ୍ୟାନ ଜବତ

ବାଲିଗୁଡ଼ା,୨୦।୩(ସଞ୍ଜୟ କୁମାର ପାଣିଗ୍ରାହୀ)

ବାରଖମା, ସୁଦ୍ରା ଅଞ୍ଚଳରେ ପୋଲିସ୍ ପେଟ୍ରୋଲିଂ କରୁଥିବା ବେଳେ ବାଲିଗୁଡ଼ା ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ବେଆଇନ୍ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଖବରପାଇ ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି କରିଥିଲା। ଏକ ପିକ୍‌ଅପ୍ ଭ୍ୟାନ୍ ପୋଲିସକୁ ଦେଖି ଦ୍ରୁତଗତିରେ ଯାଉଥିବା ବେଳେ ପିଛା କରି ସୁଦ୍ରା ନିକଟରେ ଭ୍ୟାନ୍‌କୁ କାବୁ କରିଥିଲା। ଘଟଣାସ୍ଥଳରୁ ଚାଲାଣକାରୀ ଫେରାର୍ ହୋଇଯାଇଥିବା ବେଳେ ୭ କୁଇଣ୍ଟାଲ ଗଞ୍ଜେଇ ସହ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ ହୋଇଛି। ଏନେଇ ନଂ.୭୪/୨୬ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ବିଭିନ୍ନ ସ୍ଥାନରେ ପଖାଳ ଦିବସ



ଦଶପଲ୍ଲା,୨୦।୩ (ପ୍ରକାଶ କୁମାର ପାଣି)

ଶୁକ୍ରବାର ଦଶପଲ୍ଲା ବ୍ଲକର ବିଭିନ୍ନସ୍ଥାନରେ ପଖାଳ ଦିବସ ପାଳିତ ହୋଇଯାଇଛି। ଓଡ଼ିଆଙ୍କର ସବୁଠାରୁ ପ୍ରିୟ ଖାଦ୍ୟ ହେଉଛି ପଖାଳ। କେବଳ ଓଡ଼ିଶାରେ ପଖାଳ ଖାଦ୍ୟର ଚାହିଦା ରହିଛି ତାହା ନୁହେଁ ରାଜ୍ୟ ବାହାରେ ମଧ୍ୟ ରହିଛି। ଓଡ଼ିଶାର ସବୁଠାରୁ ପ୍ରିୟ ଖାଦ୍ୟ ପଖାଳ ହୋଇଥିବାବେଳେ ପଖାଳ ଭାତର ସ୍ୱତନ୍ତ୍ରତା ରହିଛି। ଗରିବ ଲୋକର ପେଟର ଭୋକକୁ ଥଣ୍ଡା କରୁଥିବାବେଳେ ଧନୀ ଲୋକଙ୍କର ଏହା ସୌଖିନିଆ ଖାଦ୍ୟ। ଖରାଦିନ ଆସିଲେ ସବୁରି ଘରେ ପଖାଳ କଂସା ବଢ଼ା ହୋଇଥାଏ। ପଖାଳ ପାଟିକୁ ଭଲ ଲାଗେ ତାହା ନୁହେଁ ଆମ ଦେହ ପାଇଁ ହିତକର ଅଟେ ବୋଲି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପଖାଳ ଦିବସରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମହାବୀର କ୍ଷେତ୍ରସ୍ଥିତ ବରଦାୟିନୀ ପାହାଡ଼ ପାଦଦେଶରେ ଥିବା ଶ୍ରୀସୀତାରାମ ବ୍ରହ୍ମଜ୍ୟୋତି ଆଶ୍ରମ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ତଥା ପଖାଳ ପ୍ରେମୀ ଯୋଗଦେଇ ପଖାଳ ସହିତ ବହୁବିଧ ସ୍ୱାଦୁ ଖାଦ୍ୟର ମଜା ନେଇଥିଲେ। ସେହିପରି ସାମାଜିକ କର୍ମୀ ସନ୍ତୋଷ କୁମାର ସାହୁଙ୍କ ବରପଲ୍ଲୀସ୍ଥିତ ଫାର୍ମ ହାଉସ୍‌ଠାରେ ମଧ୍ୟ ପଖାଳ ଉତ୍ସବର ଆୟୋଜନ କରାଯାଇଥିଲା। ସେହିଭଳି ଓମ ଶ୍ରୀସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଏହି ପଖାଳ ଦିବସ ପାଳନ କରାଯାଇଥିଲା। ପଖାଳ କେବଳ ଏକ ଖାଦ୍ୟ ନୁହେଁ, ବରଂ ଏହା ଆମ ଭାତୃଭାବ ଓ ସାମାଜିକ ସଂହତିର ପ୍ରତୀକ ବୋଲି କେତେଜଣ ଅତିଥି ମତବ୍ୟକ୍ତ କରିଥିଲେ। ଏଥିସହ ଆଧାତ୍ମିକ ପରିବେଶ ମଧ୍ୟରେ ଓଡ଼ିଆ ଖାଦ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସଂକଳ୍ପ ନିଆଯାଇଥିଲା।

# ଜମିପଟ୍ଟା ପ୍ରଦାନ ଦାବିରେ ବିକ୍ଷୋଭ



ସଂଘ ପକ୍ଷରୁ ସହର ପରିକ୍ରମା କରୁଥିବା ଶୋଭାଯାତ୍ରା।

ମୋହନା,୨୦।୩(ମନ୍ମଥ ମିଶ୍ର)

ବିଭିନ୍ନ ଦାବି ନେଇ ଶୁକ୍ରବାର ଅଲ ଇଣ୍ଡିଆ ମୂଳ ନିବାସୀ ସଂଘ ପକ୍ଷରୁ ମୋହନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହାଇସ୍କୁଲ ଛକରୁ ମୁଖ୍ୟ ବଜାର ଦେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମୋହନା ବ୍ଲକରେ ଥିବା ଭୂମିହୀନମାନଙ୍କୁ ପଟ୍ଟା ଯୋଗାଇବା, ନୀରିହ ଲୋକଙ୍କୁ ଲୁଟୁଥିବା ଅପରାଧୀଙ୍କୁ ଗିରଫ କରିବା, ସାମାଜିକ ନ୍ୟାୟ, ମୌଳିକ ନ୍ୟାୟ ପ୍ରଦାନ, ଉଚ୍ଚଶିକ୍ଷା ପାଇଁ ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପ୍ରଦାନ ନେଇ ଶତାଧିକ ମହିଳା ଓ ପୁରୁଷ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରୀ ଜମିକୁ ବେସରକାରୀ ସଂସ୍ଥାକୁ ପ୍ରଦାନ କରାଯାଉଥିବା ବେଳେ ଗରିବ ଭୂମିହୀନ ଲୋକଙ୍କୁ ଜମି ମିଳୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ମୋହନା ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

# କୃଷି, ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଖଜୁରିପଡ଼ା, ୨୦।୩ ( ବିଦୁର ବେହେରା)

ସାମ୍ପ୍ରତିକ ସମୟରେ ଜନସାଧାରଣଙ୍କୁ ରକ୍ଷା କରିବା ପାଇଁ ଖଜୁରିପଡ଼ା କୃଷି ବିଭାଗ ଓ ଅଗ୍ନିଶମ ବାହିନୀ ପକ୍ଷରୁ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଖଜୁରିପଡ଼ା ବ୍ଲକ୍‌ର ଚାରିପଡା, ଅରାପାଙ୍ଗୁ, ଜାମଖୋରି, ପାତ୍ରପଡ଼ା, ବେଡଙ୍ଗପାଙ୍ଗୁ ଏବଂ ଦୂତିମେଣ୍ଡି ଭଳି ବିଭିନ୍ନ ଗ୍ରାମରେ ଏହି ଶିବିର ଆୟୋଜନ କରାଯାଇ ଲୋକଙ୍କୁ ପରାମର୍ଶ ଓ ପ୍ରଶିକ୍ଷଣ ଦିଆଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବର୍ଷା ଦିନେ ବିଶେଷ କରି ଚାଷୀମାନେ ବିଲରେ କାମ କରୁଥିବା ସମୟରେ ବଜ୍ରାଘାତ ଓ ସାପ କାମୁଡ଼ାର ଭୟ ଅଧିକ ଥାଏ। ଏହି ବିପଦରୁ କିଭଳି ନିଜକୁ ଏବଂ ଅନ୍ୟମାନଙ୍କୁ ସୁରକ୍ଷିତ ରଖିହେବ ସେନେଇ ବିଶେଷଜ୍ଞମାନେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଘଡ଼ଘଡ଼ି ମାରୁଥିବା ସମୟରେ ଗଛମୂଳେ ନ ରହିବାକୁ ପରାମର୍ଶ ଦିଆଯାଇଛି। ସାପ କାମୁଡ଼ିଲେ ଗୁଣି ଗାରେଡ଼ି ଉପରେ ଭରସା ନ କରି ତୁରନ୍ତ ଡାକ୍ତରଖାନା ଯାଇ ଚିକିତ୍ସା କରାଇବାକୁ ଡେମୋ ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ବ୍ଲକ୍ କୃଷି ଅଧିକାରିଣୀ ସସ୍ମିତା ସ୍ୱାଇଁ ଓ ଅତିରିକ୍ତ ବ୍ଲକ୍ କୃଷି ଅଧିକାରିଣୀ ମମତା ମହାନ୍ତି ଯୋଗଦେଇ ଦେଇଥିଲେ। ଅଗ୍ନିଶମ ବାହିନୀ ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ, ନବୀନ ସେଠୀ ଏବଂ ପ୍ରଦୀପ ବେହେରା ଉପସ୍ଥିତ ଥିଲେ।

# କୋର୍ଟ ନୋଟିସ ପରେ ଠାକୁର ଜାଗା ଜବରଦଖଲମୁକ୍ତ

ଗଞ୍ଜାମ,୨୦।୩(ବିଦ୍ୟାଧର ସାହୁ)

ଗଞ୍ଜାମ ସହରସ୍ଥିତ ବ୍ରାହ୍ମଣ ଡମଣା ସାହିରେ ପୂଜା ପାଉଥିବା ଶ୍ରୀମଦନ ମୋହନଙ୍କ ବଡ଼ବଜାରଠାରେ ଥିବା ଜାଗାକୁ ଦୀର୍ଘବର୍ଷ ହେଲା ଏକ ପରିବାର ଜବରଦଖଲ କରି ରଖିଥିଲେ। ଏ ନେଇ ଅଭିଯୋଗ ପରେ କୋର୍ଟରେ ମାମଲା ଚାଲିଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ମାଜିଷ୍ଟ୍ରେଟ ତଥା ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ ଆରଆଇ ସୀତାରାମ ସାହୁ ମାପଚୁପ କରବା ପରେ ଠାକୁରଙ୍କ ଜାଗା ଚିହ୍ନଟ ହୋଇଛି। ଉକ୍ତ ସ୍ଥାନରେ ଜବରଦଖଲ କରାଯାଇ ହୋଇଥିବା ୨ଟି ଦୋକାନ ଗୃହରେ ଛତ୍ରପୁର କୋର୍ଟ କର୍ମଚାରୀ ତାଲା ପକାଇ ସାହି କମିଟି ସଭାପତି ପ୍ରଭାକର ପାଣିଗ୍ରାହୀଙ୍କୁ ଚାବି ହସ୍ତାନ୍ତର କରିଛନ୍ତି । ଏଥିସହ ସଂପୃକ୍ତ ପରିବାର ରହୁଥିବା ଘରକୁ ମଧ୍ୟ ସିଲ କରାଯାଇଛି। ଶନିବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଘର ଖାଲି କରିବାକୁ କୁହାଯାଇଥିବା ତହସିଲଦାର ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମାପଚୁପ



ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ପୋଲିସ।

ବେଳେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଥାନା ଆଇଆଇସି ସୁମିତ୍ରା ପାତ୍ର, ଏସଆଇ ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁଦୀପ୍ତ ସାହୁଙ୍କ ସମେତ ପୋଲିସ ଫୋର୍ସ ମୁତୟନ ଥିଲେ। ଜବର ଦଖଲକାରୀ ଗୋପାଳ ମହାରଣା ଅନୁପସ୍ଥିତ ଥିଲେ ବୋଲି ଆଇଆଇସି କହିଛନ୍ତି। ବ୍ରାହ୍ମଣ ଡମଣା ସାହି କମିଟି ସଭାପତି ପାଣିଗ୍ରାହୀଙ୍କ ସୂଚନାନୁଯାୟୀ, ୨୦୦୦ ମସିହାରୁ ସଂପୃକ୍ତ ବ୍ୟକ୍ତିଙ୍କୁ ଠାକୁରଙ୍କ ଜାଗା ଖାଲି କରିବାକୁ ସାହି ପକ୍ଷରୁ ବାରମ୍ବାର କୁହାଯାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରୁନଥିଲେ। ତେଣୁ ଆଇନର ଆଶ୍ରୟ ନିଆଯାଇଥିଲା। ଜବରଦଖଲକାରୀ ଗୋପାଳ ମଧ୍ୟ ହାଇକୋର୍ଟରେ କେସ ଫାଇଲ କରିଥିଲେ। ୨୦୨୨ରେ କୋର୍ଟ ତାହା ନାକଚ କରିଦେଇଥିଲେ। ଗୋପାଳ କୋର୍ଟଙ୍କୁ ଏକ ମାସ ମହଲତ ମାଗିଥିଲେ। ସାହିବାସିନ୍ଦା ୨୦୨୪ରେ ପୁଣି କୋର୍ଟରେ ଆଶ୍ରୟ ନେଇଥିଲେ। ବର୍ତ୍ତମାନ ରାୟ ଆସିଥିବାରୁ ସାହି ବାସିନ୍ଦା ଖୁସି ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ବଡ଼ବଜାରରେ ଠାକୁର ମଦନ ମୋହନଙ୍କ ୫୦/୬୦ ହାତ ଜାଗା ଅଛି।

## ସଂକ୍ଷେପରେ

### କାର୍ ଧକ୍କାରେ ପିକ୍‌ଅପ୍ ଚାଳକଙ୍କ ମୃତ୍ୟୁ

ଚଣ୍ଡିଖୋଲ/ବଡ଼ଚଣା,୨୦।୩(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି): ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କଢ଼େଇ ଛକ ନିକଟରେ ଶୁକ୍ରବାର ଏକ କାର୍ ଧକ୍କାରେ ଜଣେ ପିକଅପ୍ ଭ୍ୟାନ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଶ୍ଚିମବଙ୍ଗ ଚବିଶିପ୍ରଗଣା ଅନ୍ତର୍ଗତ ବିଷ୍ଣୁପୁର ଥାନା କଲମିଖଲି ଗ୍ରାମର ସନ୍ୟାସ ମଣ୍ଡଳଙ୍କ ପୁଅ ସୁବ୍ରତ ମଣ୍ଡଳ(୪୬)। ପୋଲିସ ସୂଚନା ଅନୁଯାୟୀ, ଏକ ପିକଅପ୍ ଭ୍ୟାନ୍ କଟକ ଅଭିମୁଖେ ଯାଉଥିବାବେଳେ କୌଣସି କାରଣରୁ କଢ଼େଇ ଛକ ନିକଟରେ ଖରାପ ହୋଇଯାଇଥିଲା। ଚାଳକ ସୁବ୍ରତ ଗାଡ଼ିକୁ ରାସ୍ତା କଡ଼ରେ ରଖି ସଜାଡୁଥିବାବେଳେ ଚଣ୍ଡିଖୋଲ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଓମନି କାର୍ ଡବ୍ଲ୍ୟୁବି୩୬କେ-୯୬୭୧ ସୁବ୍ରତଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ବଡ଼ଚଣା ଥାନାଧିକାରୀ ଜଗଦିଶ କରଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ସୁବ୍ରତ ପ୍ରଧାନ ସଦଳବଳ ପହଞ୍ଚି ଗୁରୁତର ସୁବ୍ରତଙ୍କୁ ଉଦ୍ଧାର କରି ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ସେମାନେ ଆସି ମେଡିକାଲରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହାପରେ ପୋଲିସ ଗାଡ଼ି ଦୁଇଟିକୁ ଜବତ କରିବା ସହିତ କାର ଚାଳକ ପଶ୍ଚିମବଙ୍ଗ ଚାରୁକୂଳ ଥାନା ନାରାୟଣଗଡ଼ ଗ୍ରାମର ମିଥୁନ ସିଂହଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏନେଇ ଥାନାରେ ନମ୍ବର ୧୦୨/୨୬ରେ ଏକ ମାମଲା ରୁଜୁ ହୋଇଛି।

### ୩୪ବର୍ଷରେ ୨୮ଥର ରକ୍ତଦାନ କରିଛନ୍ତି ମନୋଜ



ପାଣିକୋଇଲି,୨୦।୩(ବିକାଶ ଚନ୍ଦ୍ର ମଲ୍ଲିକ): କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ଗ୍ରାମର ମନୋଜ ଲେଙ୍କା(ଟୁକୁନା)ଙ୍କ ବୟସ ୩୪ ବର୍ଷ। ଏହା ମଧ୍ୟରେ ସେ ପ୍ରତି ୩ ମାସରେ ରକ୍ତଦାନ କରିଚାଲିଛନ୍ତି। ଏବେ ସେ ୨୮ଥର ରକ୍ତଦାନ କରିସାରିଲେଣି। ବିଭିନ୍ନ ଅନୁଷ୍ଠାନର ରକ୍ତଦାନ ଶିବିର ହେଉ ଅବା ରୋଗୀଙ୍କର ଆବଶ୍ୟକତା ଅନୁଯାୟୀ ସେ ରକ୍ତଦାନ କରନ୍ତି। କଟକ ବଡ ମେଡିକାଲ ହେଉ ଅବା ଭୁବନେଶ୍ୱରରେ ପହଞ୍ଚି ଯାଆନ୍ତି। ଏଭଳି ରକ୍ତଦାନ କରି ମନୋଜ ଏବେ ଯୁବକମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ତେବେ ଅଧିକରୁ ଅଧିକ ଯୁବକ କିପରି ରକ୍ତଦାନ କରି ଅନ୍ୟମାନଙ୍କର ଜୀବନ ବଞ୍ଚାଇବାରେ ସେ ନେଇ ମନୋଜ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି।

### ଟ୍ରକ୍ ପଛରେ ପିଟିହେଲା ଟ୍ରକ୍, ବର୍ତ୍ତିଲେ ଚାଳକ



ପାଣିକୋଇଲି,୨୦।୩(ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ଆରମ୍ଭରେ ଗରୁବାର ରାତିରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ କଟକ ପଟୁ ସିମେଣ୍ଟ ବୋଝେଇ କରି ଆସୁଥିବା ଏକ ଟ୍ରକ ପିଟିହୋଇଛି। ଦୁର୍ଘଟଣା ପରେ ଆଗ ଟ୍ରକଟି ଫେରାର ହୋଇଯାଇଥିବାବେଳେ ପଛ ଟ୍ରକ୍‌ର ଗୋଟିଏ ପଟ ଚୁରୁମାର ହୋଇଯାଇଛି। ଚଳକ ବର୍ତ୍ତି ଯାଇଛନ୍ତି। ଶୁକ୍ରବାର ପାଣିକୋଇଲି ପୋଲିସ ପହଞ୍ଚି କ୍ଷତିଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

# ସରୁଛି ଅବଧି, ବିକ୍ରି ହୋଇପାରୁନି ଧାନ

- ଚିନ୍ତାରେ ଚାଷୀ
- ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଦାବି



କାଏମା,୨୦।୩(ଶିବପ୍ରସାଦ ମହାନ୍ତି): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍‌ର ଅଞ୍ଚଳର ଶତାଧିକ ଚାଷୀଙ୍କ ଧାନ ବିକ୍ରି ହୋଇ ପାରୁନାହିଁ। ଅନେକ ମଣ୍ଡିରେ ଟାର୍ଗେଟ ନ ଥିବାରୁ ଧାନ ବିକ୍ରି ହୋଇ ପାରୁ ନ ଥିବା ସୋସାଇଟି ସମ୍ପାଦକମାନେ କହି ଦୋଷ ଖସାଇ ଦେଇଛନ୍ତି। ବ୍ଲକ ଅନ୍ତର୍ଗତ ଅଭୟପୁର, ଆରୁହା, କଣ୍ଟିଗଡ଼ିଆ ଭଳି ଅନେକ ମଣ୍ଡିରେ ଟାର୍ଗେଟ ଅଭାବରୁ ଅନେକ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଯାଇଛି। ଚାଷୀମାନେ ଏ ସମ୍ପର୍କରେ ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କଠାରୁ ଆରମ୍ଭ କରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ବାରମ୍ବାର ଜଣାଇବା ପରେ ବି କୌଣସି ସୁଫଳ ପାଇପାରିନାହାନ୍ତି। ଏପରି କି ଜିଲା ମହୋତ୍ସବ କାର୍ଯ୍ୟକ୍ରମରେ ଜିଲାପାଳ ବ୍ୟସ୍ତ ରହିଥିବାରୁ ଚାଷୀଙ୍କ ସମସ୍ୟା ଉପରେ ଧାନ ଦିଆଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି।

ଅନ୍ୟ ପକ୍ଷରେ ମାର୍ଚ୍ଚ ୩୧ତାରିଖରେ ଧାନ ବିକ୍ରି ଅବଧି ଶେଷ ହୋଇଯିବ ବୋଲି ଜାଣି ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବ୍ଲକ ଅନ୍ତର୍ଗତ ଅଭୟପୁରରେ ଥିବା ପ୍ରାଥମିକ କୃଷି ସମବାୟ ସମିତିରେ ଜାନୁଆରୀ ୭ରୁ ଧାନମଣ୍ଡି ଖୋଲାଯାଇଥିଲା। ଏଠାରେ ୪୯୩ ଚାଷୀ ପଞ୍ଜୀକୃତ କରି ଟୋକନ ପାଇଥିଲେ। ମାତ୍ର ୧୫୦ ଚାଷୀ ଧାନ ଦେବା ପୂର୍ବରୁ ଉକ୍ତ ମଣ୍ଡିରେ ଟାର୍ଗେଟ ସରିଯାଇଥିବା ସମ୍ପାଦକ ସଞ୍ଜୟ ସେଠୀ କହିଛନ୍ତି। ତେଣୁ ଚାଷୀମାନେ ଏ ବିଷୟରେ ବ୍ଲକ ପ୍ରଶାସନର ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଅଧିକାରୀଙ୍କ ପର୍ଯ୍ୟନ୍ତ ଜଣାଇ ବିଫଳ ହୋଇଥିଲେ। ଏହାପରେ ଗୁରୁବାର ଜିଲାପାଳଙ୍କୁ ଭେଟ କରିବା ପାଇଁ ଯାଇଥିଲେ। ଜିଲାପାଳ ଜିଲା ମହୋତ୍ସବ ପାଇଁ ବ୍ୟସ୍ତଥିବା ବେଳେ ଅନେକ ଚେଷ୍ଟାପରେ ଚକ୍ରଧର ଖଟୁଆ, ବିକ୍ରମ ସାହୁ, ନରହରି ସାହୁ, ବଟକୃଷ୍ଣ ସାହୁ, ପ୍ରଭାସ ରଞ୍ଜନ ପଣ୍ଡା, ଗୌରାଙ୍ଗ ପଣ୍ଡା, ବୀରକିଶୋର ସାହୁ, ବାବୁ ମହାନ୍ତି, କାର୍ତ୍ତିକ ସାହୁ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ଚାଷୀ ଜିଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଜିଲାପାଳ ଚାଷୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ଧାନ ବିକ୍ରି ଅବଧି ଶେଷ ସମୟ ପାଖେଇ ଆସୁଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲାସ୍ତରର ଅଧିକାରୀଙ୍କ ଖାମଖିଆଲି ମନୋଭାବ ପାଇଁ ଅନେକ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ତେଣୁ ଏହା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ବେଆଇନ ଡିପୋରୁ ୫୦୦ ଟନ୍ କ୍ରୋମାଇଟ୍ ଜବତ



ଜବତ ହୋଇଥିବା କୋମାଇଟ୍।

କାଳିଆପାଣି,୨୦।୩(ଅସିତ ମହାନ୍ତ): ଯାଜପୁର ଜିଲା କ୍ରୋମ ଉପତ୍ୟକାର ବେଆଇନ କ୍ରୋମାଇଟ ଡିପୋରୁ ଯାଜପୁର ଡିଡିଏମ୍ କାର୍ଯ୍ୟାଳୟ ୫୦୦ ଟନ କ୍ରୋମାଇଟ ଜବତ କରି ସ୍ଥାନାନ୍ତର କରିଛି। ଗତ ଫେବ୍ରୁଆରୀ ୨୦ରେ ଟମକା ଥାନା ଅଞ୍ଚଳରେ କ୍ରୋମାଇଟ ଖଣିଜ ବୋଝେଇ ହୋଇଯାଉଥିବା ୨ହାଇୱାକୁ ଟମକା ଛକରେ କେତେଜଣ ଯୁବକ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଥିଲେ। ସେ ସମୟରେ ଅନ୍ୟ ୨ ହାଇୱା କୌଶଳକ୍ରମେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖଣି ବିଭାଗ ପକ୍ଷରୁ ଜବତ କ୍ରୋମାଇଟର ମାନ ପରୀକ୍ଷା କରାଯାଇଥିଲା। ସେ ସମୟରେ କ୍ରୋମାଇଟ୍ ବୋଝେଇ ହାଇୱା ସୁକିନ୍ଦାର ଜଣେ ପ୍ରତିଷ୍ଠିତ ପୂର୍ବତନ ଖଣି ଠିକାଦାରଙ୍କ ପରିତ୍ୟକ୍ତ କ୍ୟାମ୍ପରୁ ଚୋରାଚାଲାଣ ହେଉଥିବା ପୋଲିସ ସୂଚନା ପାଇଥିଲା। ପ୍ରାଥମିକ ତଦନ୍ତ ପରେ ପୋଲିସ ଚୋରାଚାଲାଣର ଖିଅ ଖୋଜି ଖୋଜି କଂସ ପଞ୍ଚାୟତ କମର୍ଦା ଖଣି ସଂଲଗ୍ନ ଏକ ସ୍ଥାନରେ ଟନଟନ କ୍ରୋମାଇଟ ପୋତା ହୋଇଥିବା ଦେଖିବାକୁ ପାଇଥିଲା। ଗୁରୁବାର କାଳିଆପାଣି ପୋଲିସ ଓ ଟମକା ପୋଲିସ ଉପସ୍ଥିତିରେ ଯାଜପୁର ଡିଡିଏମ୍ କାର୍ଯ୍ୟାଳୟ ଅଧିକାରୀ ପହଞ୍ଚି କ୍ରୋମାଇଟକୁ ଜବତ କରି ସ୍ଥାନାନ୍ତର କରିଥିଲେ।

# ମା’ ପଳାଶବୁଢ଼ୀ ମେଳଣ ଉଦ୍‌ଯାପିତ



ମେଳଣରେ ହୋରି ଖେଳିବା ପରେ ଚାରାରେ ବସିଥିବା ଠାକୁର।

ଧର୍ମଶାଳା,୨୦।୩(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା’ ପଳାଶୁଣୀ ପୀଠରେ ପଳାଶବୁଢ଼ୀ ମେଳଣ ଗୁରୁବାର ସନ୍ଧ୍ୟାରେ ଆରମ୍ଭ ହୋଇ ଶୁକ୍ରବାର ଭୋର୍ ସମୟରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଣିପାଟିଆ ଗ୍ରାମ ଠାକୁର ଥାନପତି ଭାବେ ଯୋଗଦେଇ ପ୍ରଥମେ ହୋରି ଖେଳି ଚାରାକୁ ଯାଇଥିଲେ। ଏହାପରେ ଗୋବିନ୍ଦ ପାଟଣା, ଗୋପାଳପୁର ଗ୍ରାମର ନୂଆସାହି, ନୂଆପାଟଣା, ପଳାର, ଗଙ୍ଗାଧରପୁର, ଜାରକାର ଠାକୁରଙ୍କ ସହ ଅନ୍ୟ ୧୦ଟି ଛୋଟ ବିମାନ ହୋରି ଖେଳି ଚାରାକୁ ଯାଇଥିଲେ। ଅଶ୍ଳୀଳ ନାଚଗୀତକୁ କମିଟି ପକ୍ଷରୁ ବାରଣ କରାଯାଇଥିବାରୁ ଠାକୁର ବାଡ଼ିଆମାନେ ଘଣ୍ଟ, କୀର୍ତ୍ତନ, ଘୋଡ଼ାନାଚ ଆଦି ପ୍ରଦର୍ଶନ କରି ମେଳଣକୁ ସଫଳ କରିଥିଲେ। ମେଳଣ କମିଟିର ସଭ୍ୟ କପିନ୍ଦ୍ରେ ସ୍ୱାଇଁ, ପ୍ରଦୀପ୍ତ ରାୟ, ନିରଞ୍ଜନ ମିଶ୍ର, ଭରତ ରାଉତ, ବିଜୟ ଦାସ, ବାବୁ ସାହୁ, ରବୀନ୍ଦ୍ର ଗୁଇଁ, ଲକ୍ଷ୍ମୀଧର ଗୁଇଁ, ବଳରାମ ଦେହୁରୀ ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ଧର୍ମଶାଳା ପୋଲିସ୍ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ମା’ ହିଙ୍ଗୁଳା ଦେବୀଙ୍କ ଯଜ୍ଞ ମହୋତ୍ସବ ଶୁଭାରମ୍ଭ

ଧର୍ମଶାଳା,୨୦।୩(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ କମାଗଡ଼ ଓ ଅଣ୍ଟିଆ ପଞ୍ଚାୟତ ପକ୍ଷରୁ କମାଗଡ଼ ହିଙ୍ଗୁଳା ପଡ଼ିଆରେ ମା’ ହିଙ୍ଗୁଳା ଦେବୀଙ୍କ ୫୦ତମ ବାର୍ଷିକ ଯଜ୍ଞ ଉତ୍ସବ ଶୁକ୍ରବାର ସକାଳେ ଶୁଭାରମ୍ଭ ହୋଇଛି। ଉଭୟ ପଞ୍ଚାୟତର ଜନସାଧାରଣ ନିକଟ ବ୍ରାହ୍ମଣୀ ନଦୀରୁ ଜଳ ସଂଗ୍ରହ କରି କୀର୍ତ୍ତନ ମଣ୍ଡଳୀ ସହ ବିରାଟ ଶୋଭାଯାତ୍ରାରେ ଆସି ଯଜ୍ଞମଣ୍ଡପରେ ପହଞ୍ଚିଥିଲେ। ପରେ କଳସ ବସାଯାଇ ଯଜ୍ଞ ଉତ୍ସବରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ଯଜ୍ଞ ଉତ୍ସବର ୨୪ ତାରିଖ ମଙ୍ଗଳବାର ପୂର୍ଣ୍ଣାହୁତି ହେବ। ଯଜ୍ଞ ମହୋତ୍ସବ ୫୦ବର୍ଷରେ ପଦାର୍ପଣ କରିଥିବାରୁ ୨ଟି ପଞ୍ଚାୟତର ଝିଅଜ୍ୱାଇଁଙ୍କୁ ୨୨ତାରିଖରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସଭାପତି ଦେବଚରଣ କମି, ସମ୍ପାଦକ ବିଜୟ ସାହୁ, ସହସମ୍ପାଦକ ଜଗନ୍ନାଥ ମହାରଣା, ବଳରାମ ପଣ୍ଡା, କୋଷାଧ୍ୟକ୍ଷ ଦୁର୍ଯ୍ୟଧନ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି। ଯଜ୍ଞସବ ସମୟରେ ସ୍ଥାନୀୟ ଅଞ୍ଚଳରେ ମଦ ଓ ଆମିଷକୁ ବାରଣ କରାଯାଇଛି। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ଚୁଲି ନ ଜାଳିବା ପାଇଁ ନିଷ୍ପତ୍ତି ନିଆ ଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ହିଙ୍ଗୁଳାଯାତ୍ରା ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ବିଧାୟକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନେ।

ଚଢ଼େଇଧରା,୨୦।୩ (ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଚଢ଼େଇଧରା ଛକ ନିକଟ ରଗଡ଼ିପଶି ହିଙ୍ଗୁଳା ପଡ଼ିଆରେ ଆୟୋଜିତ ହୋଇଥିବା ହିଙ୍ଗୁଳା ଯାତ୍ରା ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ ଗ୍ରାମ ପୋଖରୀରୁ କଳସରେ ଜଳ ଅଣାଯାଇ କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗାୟତ୍ରୀ ମନ୍ତ୍ର ପାଠ କରିବା ସହିତ ବିଭିନ୍ନ ମନ୍ତ୍ର ପାଠ କରାଯାଇଥିଲା। ମା ହିଙ୍ଗୁଳା ମନ୍ଦିରକୁ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା। ଏହି ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିଲା। ଏହି ଯଜ୍ଞ ୫ ଦିନ ସମସ୍ତ ଗ୍ରାମବାସୀ ସନ୍ଧ୍ୟା ପୂର୍ବରୁ ରୋଷେଇ ସମାପ୍ତ କରିବା ସହ ଆମିଷ ସେବନ ନିଷେଧ କରିଥିଲେ। ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ମା’ ହିଙ୍ଗୁଳାଙ୍କ ଆଶିଷ ଲାଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିଙ୍ଗୁଳା କମିଟି ସଭାପତି ପୁରୁଷୋତ୍ତମ ବେହେରା, ସମ୍ପାଦକ ପ୍ରଭାକର ଦାସ, ଗଣେଶ୍ୱର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ବୁନା ପରିଡ଼ା, ଗଙ୍ଗାଧର ବେହେରା ଓ ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଉପକରଣ ମରାମତି ଦୋକାନ ଜଳିଗଲା



ଧର୍ମଶାଳା/କାଏମା,୨୦।୩ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି): ଧର୍ମଶାଳା ତହସିଲ ଅନ୍ତର୍ଗତ ଶାନ୍ତିବଜାରରେ ଥିବା ଏକ ବିଦ୍ୟୁତ୍ ଉପକରଣ ମରାମତି ଦୋକାନରେ ଶୁକ୍ରବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଦୋକାନରେ ଥିବା ବିପୁଳର ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ମଣିନାଥପୁର ଗ୍ରାମର ମହମ୍ମଦ କାଦିର ଏହି ଦୋକାନ ଖୋଲିଥିଲେ। ସେ ଏଠାରେ ଟିଭି, ଫ୍ରିଜ, କୁଲର, ଏସି ଆଦି ମରାମତି କରୁଥିଲେ। ଭୋରୁ ଦୋକାନରୁ ଧୂଆଁ ବାହାରୁଥିବା ଲୋକେ ଦେଖି ତାଙ୍କୁ ଫୋନଯୋଗେ ଜଣାଇଥିଲେ। ମହମ୍ମଦ ପହଞ୍ଚିବା ବେଳକୁ ଦୋକାନ ଜଳୁଥିଲା। ସ୍ଥାନୀୟ ଲୋକେ ଚେଷ୍ଟାକରି ନିଆଁକୁ ଆୟତ କରିପାରି ନ ଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ସେତେବେଳକୁ ଦୋକାନରେ ଥିବା ସମସ୍ତ ସାମଗ୍ରୀ ପୋଡ଼ିଯାଇଥିଲା। ବିଦ୍ୟୁତ୍ ସଟ ସର୍କିଟ ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି।

# ପୋଲତଳୁ ମୃତଦେହ ଜବତ

ପାଣିକୋଇଲି, ୨୦।୩ (ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ସଠିପୁର ନିକଟ ଟେଲିଫୋନ ପୋଲତଳୁ ଶୁକ୍ରବାର ଏକ ଗଳିତ ମୃତଦେହ ଜବତ କରାଯାଇଛି। ଏସ୍‌ଆଇ ପ୍ରଶାନ୍ତ ଦାଶ, ସୁମିତ କୁଜୁରୁ ପ୍ରମୁଖ ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ମୃତଦେହ ଚିହ୍ନଟ ହୋଇ ପାରିନାହିଁ। ଏହା କିଛି ଦିନ ହେବ ପଡିଥିବା ଅନୁମାନ କରାଯାଉଛି।

# ଚୋରାମଦ ବିକ୍ରିକୁ ବିରୋଧକରି ରାସ୍ତା ଅବରୋଧ

## ସନ୍ଦେହଘେରରେ ପୋଲିସର ଭୂମିକା



ଗ୍ରାମବାସୀ ରଶି ବାନ୍ଧି ଓ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ବିଞ୍ଝାରପୁର,୨୦।୩(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଅଳକୁଣ୍ଡ ଥାନା ଢିଅକୂଳାଠାରେ ଦୀର୍ଘ ଦିନ ଧରି ଚୋରା ମଦ ବିକ୍ରି ଚାଲିଛି। ଗ୍ରାମବାସୀ ଏହି ଚୋରା ମଦ ବିକ୍ରିକୁ ବିରୋଧ କରିବା ସହ ପୋଲିସ ନିକଟରେ ଅଭିଯୋଗ କରି ନିରାଶ ହେବାପରେ ଶେଷରେ ଶୁକ୍ରବାର ରାସ୍ତାକୁ ଓହ୍ଲାଇଛନ୍ତି। ସକାଳେ ଗ୍ରାମବାସୀ ଢିଅକୂଳା ଛକ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଅଳକୁଣ୍ଡ ଥାନା ଅଧିକାରୀ ବିଭୁକିଶୋର ରାଉତ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଢିଅକୂଳା ଅଞ୍ଚଳରେ ୩ ଭାଇ ଦୀର୍ଘଦିନ ହେବ ଚୋରା ମଦ ବିକ୍ରି କରି ଆସୁଛନ୍ତି। ଫଳରେ ଯୁବଗୋଷ୍ଠୀ ମଦ୍ୟପାନ କରି ଗ୍ରାମରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ମଦ ବିକ୍ରିକୁ ଗ୍ରାମବାସୀ ବିରୋଧ କଲେ ସମ୍ପୃକ୍ତ ୩ ଭାଇ ନାଲି ଆଖି ଦେଖାଇବା ସହିତ ଗୁଣ୍ଡା ଗର୍ଦ୍ଦି କରୁଛନ୍ତି। ସେହିପରି ଗ୍ରାମବାସୀ ବାରମ୍ବାର ପୋଲିସ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କେବଳ ନାମକୁ ମାତ୍ର ପୋଲିସ ଚୋରା ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଥାନାକୁ ନେଇଯାଇ ଲାଞ୍ଚ ନେଇ ପୁଣି ଛାଡ଼ି ଦେଉଛି। ଏହି ଚୋରା ମଦ କାରବାରରେ ପୋଲିସର ଭୂମିକା ସନ୍ଦେହଜନକ ରହିଛି।

ଅନ୍ୟପକ୍ଷହେର ଗ୍ରାମବାସୀଙ୍କ ଦ୍ୱାରା ଅଭିଯୋଗ କରାଯାଇଥିବା ସମ୍ପୃକ୍ତ ଚୋରା ମଦ ବ୍ୟବସାୟୀଙ୍କ ଘରେ ପୋଲିସ ଚଢ଼ାଉ କରିଥିଲେ ମଧ୍ୟ ସେମାନଙ୍କ ଘରୁ କିଛି ପାଇ ପାରିନାହିଁ। ମାତ୍ର ଢ଼ିହକୁଳା ଛକ ନିକଟ ଏକ ଦୋକାନ ପଛ ପଟେ ଥିବା ପରିତ୍ୟକ୍ତ ସ୍ଥାନରୁ ବହୁ ପରିମାଣର ଦେଶୀ ମଦ ପୋଲିସ ଜବତ କରିଥିବା ଜଣାପଡିଛି। ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ପୋଲିସ ପ୍ରୋତ୍ସାହନରେ ଚୋରା ମଦ କାରବାର ହେଉଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଅଳକୁଣ୍ଡ ଥାନାଧିକାରୀଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେଇ ନ ଥିଲେ।




## ଟେଣ୍ଡର ନୋଟିସ
## ଗୋରଖନାଥ ମହାପ୍ରଭୁ
### ଛପଡ଼ା (କେରେକେରା), ଜି.: ଜଗତ୍‌ସିଂହପୁର

ଏତଦ୍ଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୬-୨୭ ମସିହା ପାଇଁ ତା୦୧।୦୪।୨୦୨୬ରିଖଠାରୁ ତା୩୧।୦୩।୨୦୨୭ରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କର ଭୋଗ, ଦୀପ, ଫୁଲ ଦୋକାନ, ଯାଁବାଳ ଓ ଶୌଚାଳୟ ପାଇଁ ତା୨୫।୦୩।୨୦୨୬ରିଖ ବୁଧବାର ଦିନ ଉପଜିଲ୍ଲାପାଳ, ଜଗତ୍‌ସିଂହପୁରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ। ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୨୦୦୦.୦୦ଙ୍କା (ଦୁଇ ହଜାର ଟଙ୍କା) ମୂଲ୍ୟରେ ତା୨୨।୦୩।୨୦୨୬ରିଖଠାରୁ ତା୨୩।୦୩।୨୦୨୬ରିଖ ଦିବା ୧୧ଘଟିକାରୁ ଦିବା ୧ ଘଟିକା ମଧ୍ୟରେ ପାଇପାରିବେ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁ
ମନ୍ଦିର, ଛପଡ଼ା (କେରେକେରା)

## କାର୍ ଧକ୍କାରେ ପିକ୍‌ଅପ୍ ଚାଳକଙ୍କ ମୃତ୍ୟୁ

ଚଣ୍ଡିଖୋଲ/ବଡ଼ଚଣା,୨୦।୩ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)

ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କଡ଼େଇ ଛକ ନିକଟରେ ଶୁକ୍ରବାର ଏକ କାର୍ ଧକ୍କାରେ ଜଣେ ପିକଅପ୍ ଭ୍ୟାନ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଶ୍ଚିମବଙ୍ଗ ଚବିଶିପ୍ରଗଣା ଅନ୍ତର୍ଗତ ବିଷ୍ଣୁପୁର ଥାନା କଲମିଖିଲି ଗ୍ରାମର ସନ୍ୟାସ ମଣ୍ଡଳଙ୍କ ପୁଅ ସୁବ୍ରତ ମଣ୍ଡଳ(୪୬)। ପୋଲିସ ସୂଚନା ଅନୁଯାୟୀ, ଏକ ପିକଅପ୍ ଭ୍ୟାନ୍ କଟକ ଅଭିମୁଖେ ଯାଉଥିବାବେଳେ କୌଣସି କାରଣରୁ କଡ଼େଇ ଛକ ନିକଟରେ ଖରାପ ହୋଇଯାଇଥିଲା। ଚାଳକ ସୁବ୍ରତ ଗାଡ଼ିକୁ ରାସ୍ତା କଡ଼ରେ ରଖି ସଜାଡୁଥିବାବେଳେ ଚଣ୍ଡିଖୋଲ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଓମନି କାର୍ ଡବ୍ଲୁବିଜୀ୬କେ-୯୬୭୧ ସୁବ୍ରତଙ୍କ ଉପରେ ଚଢି ଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳାରେ ୨୪.୬୫ ଲକ୍ଷ ଖର୍ଚ୍ଚ

### ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର

### ଅନ୍ୟାନ୍ୟ ବାବଦ ୨.୯୭ ଲକ୍ଷ ଟଙ୍କା ଖର୍ଚ୍ଚକୁ ନେଇ ଚର୍ଚ୍ଚା

ଜଗତ୍‌ସିଂହପୁର, ୨୦।୩ (ପ୍ରମୋଦ କୁମାର ନାୟକ)

ଚଳିତବର୍ଷ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ନାନା ବିଭ୍ରାଟ ଦେଖାଯାଇଥିଲା। ଔପଚାରିକତା ପୂରଣ ପାଇଁ ଏହି ମେଳା କରାଯାଇଥିବା ଅଭିଯୋଗ ହୋଇଥିବା ବେଳେ ନାନା ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏପରି କି ଲୋକଙ୍କ ନୈରାଶ୍ୟଜନକ ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠିଥିଲା। ତେବେ ଏହି ମେଳାର ଅନୁଦାନ ଓ ଖର୍ଚ୍ଚ ଆଦି ଉପରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ପ୍ରଶ୍ନ କରିଥିଲେ। ସେ ପଚାରିଥିଲେ, ଚଳିତ ବର୍ଷ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜିଲାରେ ଅନୁଷ୍ଠିତ ମେଳାରେ ସରକାରଙ୍କ ତରଫରୁ କେତେ ଅର୍ଥ ବ୍ୟବସ୍ଥା କରାଯାଇଥିଲା ଓ କେତେ ଖର୍ଚ୍ଚ ହୋଇଥିଲା ତା'ର ତଥ୍ୟ ଆବଶ୍ୟକ। ଏପରି କି ଟେଣ୍ଡର ନେଇଥିବା ଏଜେନ୍ସି ଆଦିଙ୍କ ସମ୍ପର୍କରେ ସୂଚନା ଦିଆଯାଉ। ଏହାର ଉତ୍ତରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ପଷ୍ଟ କରିଛନ୍ତି, ଚଳିତବର୍ଷ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ପାଇଁ ଜଗତ୍‌ସିଂହପୁର ଜିଲାକୁ ବିଭାଗ ତରଫରୁ ୨୪ ଲକ୍ଷ ୬୮ ହଜାର ଟଙ୍କା ଦିଆଯାଇଛି। ସେଥିମଧ୍ୟରୁ ୨୪ ଲକ୍ଷ ୬୫ ହଜାର ୧୬୩ ଟଙ୍କା ଖର୍ଚ୍ଚ ହୋଇଛି। ଖାଦ୍ୟପେୟ ପରିବେଷଣ ସେବା (କାଟରିଂ ସର୍ଭିସ) ପାଇଁ ସ୍ଥାନୀୟ ଏମ୍/ଏସ୍ ଓମ ଏଜେନ୍ସି, କିଟ୍ ବ୍ୟାଗ ଓ ସରଞ୍ଜାମ ଦେବାକୁ ସ୍ଥାନୀୟ ଏମ୍/ଏସ୍ ସାଇ ଡିଜିଟାଲ, ଷ୍ଟଲ ସ୍ଥାପନ, ଟେଣ୍ଟ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସ୍ଥାନୀୟ ଖେରସସ୍ଥିତ ଏମ୍/ଏସ୍ ଡାଇମଣ୍ଡ ଡେକୋରେଟର ଆଣ୍ଡ ସପ୍ଲାୟର୍ସଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଟେଣ୍ଟ ବାବଦରେ ୫,୮୮,୦୦୦ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ଖାଦ୍ୟ ବ୍ୟବସ୍ଥା ପାଇଁ ୬,୯୭,୦୩୬, କିଟ୍ ବ୍ୟାଗ ୩,୨୬,୭୦୦, ଅଂଶଗ୍ରହଣକାରୀଙ୍କ ଯିବା ଓ ଆସିବା ଖର୍ଚ୍ଚ ବାବଦରେ ୨,୬୮,୦୦୦ ଟଙ୍କା ଖର୍ଚ୍ଚ ହୋଇଛି। ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ପ୍ରଦର୍ଶନ ପାଇଁ ୫୦,୦୦୦, ବ୍ୟାନର, ହୋର୍ଡିଂ ଆଦି ଖର୍ଚ୍ଚ ପାଇଁ ୨,୨୮,୦୦୦ ଓ ଅନ୍ୟାନ୍ୟ ବାବଦକୁ ୨,୯୭,୪୨୭ ଟଙ୍କା ଖର୍ଚ୍ଚ କରାଯାଇଛି। ଏହିପରି ମୋଟ ଉପରେ ୨୪,୬୫,୧୬୩ ଟଙ୍କା ଖର୍ଚ୍ଚ ହୋଇଥିବା ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି। ତେବେ ଅନ୍ୟାନ୍ୟ ବାବଦ ପାଖାପାଖି ୩ ଲକ୍ଷ ଟଙ୍କାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏଥିସହ ଦିଆଯାଇଥିବା ଖର୍ଚ୍ଚର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଉପରେ ତଦନ୍ତ କରାଯାଇ ଯଦି ଅର୍ଥ ଆତ୍ମସାତ ହୋଇଥାଏ, ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ଆର୍ଥିକ ବର୍ଷର ୧୨ ଦିନ ପୂର୍ବରୁ ଲକ୍ଷ୍ୟ ହାସଲ



ପଣ୍ୟ କାରବାର ଲକ୍ଷ୍ୟ ହାସଲ ପରେ କେକ୍ କାଟି ବନ୍ଦର ଅଧ୍ୟକ୍ଷ ଉତ୍ସବ ମନାଉଛନ୍ତି।

ପାରାଦୀପ,୨୦।୩(ଶରତ ରାଉତ)

ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଚଳିତ ବର୍ଷ ରେକର୍ଡ କରିବାକୁ ଯାଉଛି। ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୫୦ ମିଲିୟନ ମେଟ୍ରିକ ଟନ୍ (ଏମ୍‌ଏମ୍‌ଟି)ପଣ୍ୟ କାରବାର କରିଥିଲା, ଯାହା ଦେଶର ବୃହତ ବନ୍ଦର କ୍ଷେତ୍ରରେ ପ୍ରଥମ ଥିଲା। ଚଳିତ ଆର୍ଥିକ ବର୍ଷର ୧୨ ଦିନ ପୂର୍ବରୁ (ମାର୍ଚ୍ଚ ୧୯ ତାରିଖ)୧୫୦.୨୨ ଏମ୍‌ଏମ୍‌ଟି ପଣ୍ୟ କାରବାର ହାସଲ କରିଛି। ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ନିଶ୍ଚିତ ରେକର୍ଡ ହେବ ବୋଲି ଆଶା କରାଯାଇଛି।

### ପାରାଦୀପ ବନ୍ଦରରେ ପଣ୍ୟ କାରବାର

ଏପରି ସଫଳତା ହାସଲ ପରେ ଶୁକ୍ରବାର ବନ୍ଦର ପ୍ରଶାସନିକ ଭବନରେ ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଓ ଅନ୍ୟ ବିଭାଗୀୟ ମୁଖ୍ୟମାନେ କେକ୍ କାଟି ଉତ୍ସବ ପାଳନ କରିଥିଲେ। ସମସ୍ତଙ୍କ ସହଯୋଗରେ ପାରାଦୀପକୁ ଏହି ସଫଳତା ମିଳିପାରିଛି ବୋଲି ଅଧ୍ୟକ୍ଷ ହାରାନ୍ଧ କହିଥିଲେ। ଏଥିପାଇଁ ସମସ୍ତ କର୍ମଚାରୀ, ଶ୍ରମିକ ବ୍ୟବହାରକାରୀ ସଂସ୍ଥାଗୁଡ଼ିକୁ ହାରାନ୍ଧ କୃତଜ୍ଞତା ଜଣାଇଥିଲେ।

## ରାତି ଅଧରେ ଗହୀରରୁ ମାଟି ତାଡ଼ି ୪ ହାଇୱା ଜେସିବି ଜବତ



କଲତୁଙ୍ଗା ଗହୀର ବିଲରେ ଜେସିବି, ୪ ମାଟି ବୋଝେଇ ହାଇୱା ଜବତ।

ମହାକାଳପଡ଼ା, ୨୦।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଗହୀର ଚାଷ ଜମିରୁ ଜେସିବି ଲଗାଇ ମାଟି ତାଡ଼ି ହାଇୱାରେ ନେଉଥିବା ଶୁକ୍ରବାର ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଖବର ପାଇ ୪ ମାଟି ବୋଝେଇ ହାଇୱା ଓ ଜେସିବିକୁ ତନ୍ତିଆପାଳ ସାମୁଦ୍ରିକ ଥାନା ପୋଲିସ ଓ ଗଗୁଆ ରାଜସ୍ୱ ନିରୀକ୍ଷକ ଦେବେନ୍ଦ୍ର କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଜବତ କରିଛନ୍ତି। ବ୍ଲକ ଅଧୀନ ଗଗୁଆ ପଞ୍ଚାୟତ ସ୍ଥାନୀୟ ପଶ୍ଚିମ କଲତୁଙ୍ଗା ମୌଜା ଗହୀର ଚାଷ ଜମି ଓ ସରକାରୀ ଜମିରୁ ବେଆଇନ ଭାବେ ଗୁରୁବାର ବିଳମ୍ବିତ ରାତିରେ ମାଟି ତାଡ଼ି ନେଉଥିବା ବେଳେ ଖବର ପାଇ

### ପୋଲିସ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ

ପୋଲିସ ଓ ରାଜସ୍ୱ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରିଥିଲେ। ସରକାରୀ ନିୟମ ଅନୁସାରେ ଚାଷ ଜମି ଓ ସରକାରୀ ଜାଗାରୁ ମାଟି ଉଠାଇବା ପାଇଁ ରାଜସ୍ୱ ବିଭାଗ ନିକଟରେ ରୟାଲିଟି ପାଇଁ ଅର୍ଥ ଜମା କରିବାକୁ ପଡ଼େ। ତେବେ ମାଟି ଓ ବାଲି ବ୍ୟବସାୟୀ ଖୁଲମ୍ ଖୋଲା ଅବାଧରେ ଚାଲାଣ କରାଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରେ ଗଗୁଆ ରାଜସ୍ୱ ନିରୀକ୍ଷକ ସାହୁଙ୍କୁ ତଦନ୍ତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

## ବିଶ୍ୱରେ ପଖାଳର ମହତ୍ତ୍ୱ ପ୍ରଚାର ହେବା ଗୌରବର ବିଷୟ

### ଏକଘରିଆ ଗ୍ରାମରେ ପଖାଳ ଦିବସ

ଏରସମା, ୨୦।୩ (ଦୀପ୍ତି ଖଣ୍ଡୁଆଳ)



ଏକଘରକିଆ ଗ୍ରାମର ଲୋକେ ପଖାଳ ଦିବସ ପାଳନ କରୁଛନ୍ତି।

ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତସ୍ଥିତ ଏକଘରିଆ ଗ୍ରାମରେ ଶୁକ୍ରବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଯୁବ ନେତା ଅଭିଜିତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଶ୍ୱ ପଖାଳ ଦିବସରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶୀ ଭୂଷଣ ସ୍ୱାଇଁ ଯୋଗଦେଇ କହିଥିଲେ, ଏହି ଦିବସ ମାଧ୍ୟମରେ ସାରା ବିଶ୍ୱରେ ପଖାଳର ମହତ୍ତ୍ୱ ପ୍ରଚାରିତ ହେବା ଆମମାନଙ୍କ ପାଇଁ ଗୌରବର ବିଷୟ। ଏଥିରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା.ଅମୀୟ ସ୍ୱାଇଁ, ଏରସମା ସମିତିସଭ୍ୟ ଦେବଯାନୀ ସେଠୀ, ପଲ୍ଲୀକଣ୍ଠା ସମିତି ସଭ୍ୟା ସନ୍ଧ୍ୟାରାଣୀ କୁଅଁର, ଜିରାଇଲୋ ସମିତି ସଭ୍ୟ ରଘୁନାଥ ସ୍ୱାଇଁ, ନିତ୍ୟାନନ୍ଦ ଦାସ, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଯୋଗଦେଇ ପଖାଳ ଭୋଜନ କରି ଏହି ଦିବସ ପାଳନ କରିଥିଲେ। ଏହି ଅବସରରେ ଛୁଙ୍କ ହୋଇଥିବା ଦହି ପଖାଳ ସହ ମାଛ ଭଜା, କଦଳୀ ଭଜା, ଆଳୁ ଭର୍ତ୍ତା, ବାଇଗଣ ଭର୍ତ୍ତା, ଶାଗ ଭଜା, ଭେଣ୍ଡି ମସଲା, ବଡି ଚୂରା, ସାଲାଡ଼ ପ୍ରଭୃତି ବ୍ୟଞ୍ଜନର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି, ଅରୂପାନନ୍ଦ ସ୍ୱାଇଁ, ସଞ୍ଜୟ ବିଶ୍ୱାଳ, ପ୍ରସନ୍ନ କୁମାର କୁଅଁର, ଦେବେନ୍ଦ୍ର ମହାରଣା ପ୍ରମୁଖ ଉତ୍ସବରେ ସାମିଲ ହୋଇଥିଲେ।

## ତଳକୁସୁମା ପାକ୍ସରେ ଋଣ ଆଦାୟ ମେଳା

ପାଟକୁରା, ୨୦।୩ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ତଳକୁସୁମା କୃଷି ସେବା ସମବାୟ ସମିତି(ପାକ୍ସ)ରେ ଏକ ଋଣ ଆଦାୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ କୃଷକମାନେ ନେଇଥିବା ୨୦୨୫-କୋରୁଆ ଶାଖା ପରିଚାଳକ ଦୁର୍ଗା ମାଧବ ନନ୍ଦ ଏହାକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର କୃଷିର ବିକାଶ ପାଇଁ ଓ କୃଷକମାନଙ୍କୁ ଗାଁ ମହାଜନ କବଳରୁ ମୁକ୍ତ କରି ଚାପ ମୁକ୍ତଚାଷ କରିବାକୁ ଯୋଜନା ପ୍ରସ୍ତୁତ କରିଥିବା ଶାଖା ପରିଚାଳକ ସୂଚନା ଦେଇଥିଲେ। ଫଳରେ କୃଷକମାନେ ବିନା ସୁଧରେ ପାକ୍ସରୁ ଋଣ ନେଇ ଖରିଫ ଧାନ ଫସଲ ଓ ରବି ଫସଲ ଚାଷ କରିପାରିବେ। ଫସଲ ଅମଳ ହେବା ପରେ କୃଷକମାନେ ସରକାରୀ ମଣ୍ଡିରେ ଖରିଫ ଓ ରବି ଫସଲ ଉଚିତ ମୂଲ୍ୟରେ ବିକ୍ରିକରି ଲାଭବାନ ହୋଇପାରିବେ। ପାକ୍ସକୁ ଋଣ ଟଙ୍କା ପରିଶୋଧ କରିପାରିବେ। ଏତତ ବ୍ୟତୀତ ଦୈବୀ ଦୁର୍ବିପାକରେ ଫସଲ ହାନୀ ପାଇଁ ସରକାର କୃଷି ବୀମା ଯୋଜନା ଲାଗୁ କରିଥିବାରୁ କୃଷକମାନେ ଏହାର ଫାଇଦା ମଧ୍ୟ ନେଇପାରିବେ। ଏହି ସୁବିଧା ପାଇଁ କୃଷକମାନେ ଆଉ ଗାଁ ମହାଜନର ଋଣ ଚାପରେ ଆତ୍ମହତ୍ୟା ଉଦ୍ୟମ କରିବେ ନାହିଁ ବୋଲି ଶାଖା ପରିଚାଳକ ବୁଝାଇଥିଲେ। ଏଣୁ କୃଷକମାନେ ପାକ୍ସରୁ କୃଷି ଋଣ ନେଇ କୃଷି କାର୍ଯ୍ୟରେ ଠିକ ବିନିଯୋଗ କରିବା ସହିତ ଋଣ ପରିଶୋଧ କରିବା ପାଇଁ କୃଷକମାନଙ୍କୁ ଅନୁରୋଧ କରିଥିଲେ। ଫଳରେ କୃଷିର ବିକାଶ ହେବା ସଙ୍ଗେ ସଙ୍ଗେ ରାଷ୍ଟ୍ରର ମଧ୍ୟ ବିକାଶ ହୋଇପାରିବ। ତଳକୁସୁମା କୃଷି ସମବାୟ ସମିତିର ସମ୍ପାଦକ ଦିଲୀପ ପଣ୍ଡା, ସଭାପତି ସୁରେନ୍ଦ୍ର ନାଥ ନାୟକ, ସହ ସମ୍ପାଦକ ବିଜୟ କୁମାର ସାହୁ, ପୂର୍ବତନ ସଭାପତି ଶ୍ୟାମସୁନ୍ଦର ରଥ, ଅଗ୍ରଣୀ କୃଷକ ଦିବାକର ପଣ୍ଡା ଏବଂ ବହୁ ସଂଖ୍ୟାରେ କୃଷକ ଉପସ୍ଥିତ ରହି ଋଣ ଟଙ୍କା ଶୁଝିଥିଲେ।

## ଭାଜପା ଯୁବମୋର୍ଚ୍ଚାର ପ୍ରଦେଶ ସଂଯୋଜକ ହେଲେ ଶୋଭନ



ଶୋଭନ ଆଚାର୍ଯ୍ୟ

ଡେରାବିଶ, ୨୦।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଅଞ୍ଚଳର ଯୁବନେତା ତଥା କେନ୍ଦ୍ରାପଡ଼ା ଜିଲାର ପୂର୍ବତନ ଭାଜପା ଯୁବମୋର୍ଚ୍ଚା ସଭାପତି ଶୋଭନ ଆଚାର୍ଯ୍ୟଙ୍କୁ ରାଜ୍ୟ ଭାଜପା ଯୁବମୋର୍ଚ୍ଚାର ପ୍ରଦେଶ ସଂଯୋଜକ ଦାୟିତ୍ୱ ଅର୍ପଣ କରାଯାଇଛି। ଆଚାର୍ଯ୍ୟ ପୂର୍ବରୁ ଜିଲା ଯୁବମୋର୍ଚ୍ଚା ଉପସଭାପତି ଓ ଜିଲା ଯୁବମୋର୍ଚ୍ଚା ସଭାପତି ଦାୟିତ୍ୱ ତୁଲାଇବା ଅବସରରେ ବହୁ ଚର୍ଚ୍ଚିତ ମନ୍ତ୍ରୀ ନବଦାସ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ନିମନ୍ତେ ଆନ୍ଦୋଳନ କରି ଦୀର୍ଘ ୫୫ ଦିନ ନିର୍ଦ୍ଦୋଷରେ ଗିରଫ ହୋଇ ଖାରପଡ଼ା ଜେଲରେ ରହିଥିଲେ। ଆଚାର୍ଯ୍ୟ ୨୦୧୬ ରେ ଜିଲାର ବିଭିନ୍ନ ଅଞ୍ଚଳରୁ ଯୁବକମାନଙ୍କୁ ଏକତ୍ରିତ କରି କେନ୍ଦ୍ରାପଡ଼ା ୟୁଥ୍ ଫେଡେରେଶନ ନାମରେ ଏକ ସାମାଜିକ ସଂସ୍ଥା ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ଜିଲାରୁ ଯୁବକମାନଙ୍କୁ ନେଇ ଓଡ଼ିଶା ଜନସେବା ସଙ୍ଗଠନ ନାମରେ ରାଜ୍ୟସ୍ତରୀୟ ସାମାଜିକ ଅନୁଷ୍ଠାନ ପ୍ରତିଷ୍ଠା କରି ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ତେବେ ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ପାଇବା ପରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ଜିଲା ସଭାପତି ଶଶାଙ୍କ ଶେଖର ସେଠୀ ଓ ମହାକାଳପଡ଼ାର ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କ ସମେତ ଅନ୍ୟ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ନିଃସ୍ୱାର୍ଥ ପର ଭାବେ ଜନତାଙ୍କ ସେବା କରି ଦଳ ପ୍ରତି ନିଷ୍ଠାବାନ ରହି ସୂଚାରୁରୂପେ ଦାୟିତ୍ୱ ନିର୍ବାହ କରିବା ପାଇଁ ସଂକଳ୍ପବଦ୍ଧ ଥିବା ସେ କହିଛନ୍ତି।

## ପଖାଳ ଓଡ଼ିଆ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ




ପଖାଳ ଦିବସରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜେଡି କର୍ମୀମାନେ।

କୁଜଙ୍ଗ,୨୦।୩ (ମନୋଜ ପ୍ରଧାନ)

### ପଖାଳ ଦିବସରେ ବିଜେଡି ବନ୍ଧୁ ମିଳନ

ବିଶ୍ୱ ପଖାଳ ଦିବସ ଅବସରରେ କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପଙ୍କପାଳସ୍ଥିତ ଏକ ଘରୋଇ ମଣ୍ଡପରେ ବିଶ୍ୱ ପଖାଳ ଦିବସ ସହ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ମନୀନ୍ଦ୍ର ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅତିଥିଭାବେ ଯୁବ ସାମାଜିକ କର୍ମୀ ସଞ୍ଜୀବ କୁମାର ପଟ୍ଟନାୟକ, ରଘୁନାଥ ସାହୁ, ପ୍ରଫୁଲ୍ଲ ପରିଡ଼ା, କୈଳାସ ଷଡ଼ଙ୍ଗୀ, ବିଜୟ ଖଟେଇ, ବିକ୍ରମ କେଶରୀ ରାଉତରାୟ, ଅରୁପ୍ରସାଦ ମହାନ୍ତି, ମାନସ ପରିଡ଼ା, ନନ୍ଦିନୀ ପଣ୍ଡା, ଦୁଷ୍ମନ୍ତ ମାଝୀ, ସୋସିଆଲ ମିଡ଼ିଆ ଜିଲା ସଂଯୋଜକ ରଞ୍ଜିତ କୁମାର ପଣ୍ଡାଙ୍କ ସମେତ ବହୁ ପଞ୍ଚାୟତର ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ପଖାଳ କେବଳ ଏକ ସ୍ୱାଦିଷ୍ଟ ଖାଦ୍ୟ ନୁହେଁ, ଏହା ଆମ ମାଟିର ବାସ୍ନା, ଆମ ପରମ୍ପରାର ଗୌରବ ଏବଂ ଓଡ଼ିଆ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ ବୋଲି କହିଥିଲେ। ଆଗାମୀ ଦିନରେ ବିଜୁ ଜନତା ଦଳର ସଙ୍ଗଠନକୁ ଶକ୍ତିଶାଳୀ କରିବା ସହ ଭାଜପା ସରକାରଙ୍କ ଏକଚ୍ଛତ୍ରବାଦ ଶାସନ ବିରୋଧରେ ସଙ୍ଗଠିତ ହୋଇ ପ୍ରତିବାଦ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୃନ୍ଦାବନ ବାରିକ, ବିକ୍ରମ ନାରାୟଣ ଦାସ, ବିବେକାନନ୍ଦ ଦାସ, ସୁବ୍ରତ ପରିଜାଙ୍କ ସମେତ ବହୁ ଦଳୀୟ କର୍ମୀ ଅଂଶ ଗ୍ରହଣ କରିଥିଲେ।

## ବାହୁଦାରେ ପ୍ରସ୍ତାବିତ ସବୁଜ ବନ୍ଦର ଉପରେ ସମୀକ୍ଷା

ପାରାଦୀପ,୨୦।୩ (ଶରତ ରାଉତ)

ଗଞ୍ଜାମ ଜିଲାର ବାହୁଦାରେ ୨୧,୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ସବୁଜ ସାଟେଲାଇଟ ବନ୍ଦର ପାଇଁ ଶୁକ୍ରବାର ପାରାଦୀପ ବନ୍ଦର ପକ୍ଷରୁ ଭିତ୍ତିଭୂମି ସର୍ବେକ୍ଷଣ କରାଯାଇଛି। ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ, ଉପାଧ୍ୟକ୍ଷ ଟି. ଭେନୁଗୋପାଳଙ୍କ ସମେତ ଅନ୍ୟ ବିଭାଗୀୟ ମୁଖ୍ୟ, ବୈଷୟିକ ଟିମ୍ ଗଞ୍ଜାମ ଜିଲାର ଚିକିଟି ଅଞ୍ଚଳ ଗସ୍ତ କରିଥିଲେ। ସେମାନେ ନଦୀ ଓ ତଟରେ ଗ୍ରାଉଣ୍ଡ ଜିରୋ ସର୍ବେକ୍ଷଣ କରିଥିଲେ। ଏଥିସହ ବୈଷୟିକ ଅଧ୍ୟୟନ ଓ ବୈଧାନିକ ମଞ୍ଜୁରୀ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ଆଲୋଚନା କରିଥିଲେ। ଏସମ୍ପର୍କରେ ଅଧ୍ୟକ୍ଷ ହାରାନ୍ଧ କହିଥିଲେ, ଏହା ଓଡ଼ିଶାର ଅନ୍ୟତମ ଐତିହାସିକ ବନ୍ଦର ହେବାକୁ ଯାଉଛି। ସଂରଚିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଆରମ୍ଭ ପାଇଁ ଶୁକ୍ରବାର ଯାଞ୍ଚ କରାଯାଇଛି। ଆଗକୁ ଓଡ଼ିଶାର ବିକାଶ କ୍ଷେତ୍ରରେ ଏହାର ଉଲ୍ଲେଖନୀୟ ଅବଦାନ ରହିବ ବୋଲି ସେ ପ୍ରକାଶ କରିଥିଲେ।



ବାହୁଦାରେ ହେବାକୁ ଥିବା ସବୁଜ ସାଟେଲାଇଟ ବନ୍ଦର ପାଇଁ ଭିତ୍ତିଭୂମି ସର୍ବେକ୍ଷଣ କରିବାକୁ ଆସିଥିବା ପାରାଦୀପ ବନ୍ଦର ଟିମ୍।

## ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବନ୍ଧୁ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଆଳି, ୨୦।୩ (ବନମାଳୀ ସେନାପତି)

ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ। ଘରେ ଘରେ ଏବେ ରୋଗର ପ୍ରାଦୁର୍ଭାବ। ଛୋଟ ଛୁଆଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ କିଛି ନା କିଛି ରୋଗରେ ଆକ୍ରାନ୍ତ। ଗ୍ରାମାଞ୍ଚଳରେ ଲୋକେ କିଭଳି ସୁସ୍ଥ ନିଜର ରୋଗ ପରୀକ୍ଷା କରିବା ସହ ଡାକ୍ତରଙ୍କ ପରାମର୍ଶ ନେଇ ସୁସ୍ଥ ହୋଇପାରିବେ ତାହାର ଦାୟିତ୍ୱ ନେଇଛି ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବନ୍ଧୁ। ଆଳି ଗୋପାଳପୁର ସୀତାରାମ ମଣ୍ଡପ ପରିସରରେ ସତ୍ୟପ୍ରିୟ ସାମଲଙ୍କ ସଂଯୋଜନାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବ୍ରଜସୁନ୍ଦର ଭୂୟାଁ, ପତ୍ରପୁର ସରପଞ୍ଚ କାନନ ବିହାରୀ ପରିଡା, ନକୁଳ ଚନ୍ଦ୍ର ପରିଡା, ଡାକ୍ତର ନିରାକାର ସେଠୀ, ସରୋଜ ପରିଡା ପ୍ରମୁଖ ଯୋଗଦେଇ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବନ୍ଧୁ ସମ୍ବନ୍ଧରେ ଆଲୋକପାତ କରିବା ସହ ଗ୍ରାମାଞ୍ଚଳରେ ଗରିବ ଲୋକମାନେ କିପରି ସୁଲଭ ଚିକିତ୍ସା ସେବା ପାଇପାରିବେ ସେଥିପାଇଁ ଗାଁ ଗାଁରେ ସଚେତନତାର ଆବଶ୍ୟକ ବୋଲି କହିଥିଲେ। ସନ୍ତୋଷ କୁମାର ଦାସ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବନ୍ଧୁର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ରାଜମୋହନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

**ମଣ୍ଡିରୁ ଉଠୁନି ଧାନ**

## ସମବାୟ ସମିତି ଆଗରେ ଚାଷୀଙ୍କ ଧାରଣା

ରଘୁନାଥପୁର,୨୦।୩ (ରାଜେନ୍ଦ୍ର ନାରାୟଣ ସିଂହ)



ରେଢୁଆ କୃଷି ସମବାୟ ସମିତି ଆଗରେ ଧାରଣାରେ ବସିଥିବା ଚାଷୀମାନେ।

ମାର୍ଚ୍ଚ ଶେଷ ହେବାକୁ ମାତ୍ର ୧୦ ଦିନ ବାକି ଥିବାବେଳେ ମଣ୍ଡିରୁ ଧାନ ଉଠୁନାହିଁ। ଫଳରେ ରଘୁନାଥପୁର ବ୍ଲକ ରେଢୁଆ କୃଷି ସମବାୟ ସମିତି ଅଧୀନରେ ଥିବା ୧୨୮ ପଞ୍ଜୀକୃତ ଚାଷୀ ଧାନ ବିକ୍ରି ନେଇ ଆଶଙ୍କାରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀମାନେ ପୂର୍ବାହ୍ନ ୧୧ଟାରେ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଚାଷୀଙ୍କ ଟୋକନର ସମୟ ଅବଧି ଆସନ୍ତା ମାର୍ଚ୍ଚ ୨୪ରେ ଶେଷ ହେବାକୁ ଯାଉଛି। ଟୋକନପ୍ରାପ୍ତ ଚାଷୀଙ୍କଠାରୁ ୭୦୦ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ଧାନ ଉଠାଇବାକୁ ଥିବା ଗଞ୍ଜାମ ଜିଲାର ମିଲର ଗାଡ଼ି ପଠାଉ ନ ଥିବାରୁ ଏହା କ୍ରୟ ହୋଇପାରୁନାହିଁ। ସେଭଳି ଧାନ ବିକ୍ରି ପାଇଁ ଆଉ ୧୨୮ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି। ସେମାନଙ୍କଠାରୁ ୩୬ଶହ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ରହିଛି। ମାତ୍ର ଏହା କ୍ରୟ ହୋଇପାରିବ କି ନାହିଁ ସେନେଇ ଆଶଙ୍କା ପ୍ରକାଶ ପାଇଛି। ଏ ବାବଦରେ ଜିଲା ଯୋଗାଣ ଅଧିକାରୀ ଜିତ୍ରୟ ଟୁଡୁଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ମିଲରଙ୍କୁ ବଦଳା ଯାଇ ନୂତନ ମିଲର ଟ୍ୟାଗ୍ କରିବା ସହ ସମ୍ପୂର୍ଣ୍ଣ ଧାନ ଉଠାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ। ଅନ୍ୟପକ୍ଷେ ଧାନ କ୍ରୟ କରିବାର ସମୟ ଅବଧି ସରି ଆସୁଥିବାରୁ ଚାଷୀମାନେ ଅଧିକାରୀଙ୍କ ପ୍ରତିଶ୍ରୁତିକୁ ସହଜରେ ଗ୍ରହଣ କରି ନ ପାରି ଧାରଣାରେ ବସିଛନ୍ତି। ସନ୍ଧ୍ୟାରେ ଜିଲା ଯୋଗାଣ ଅଧିକାରୀ ଟୁଡୁ, ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ, ଡିଆର୍‌ସିଏସ୍ ପ୍ରଭାତ କୁମାର ଶତପଥୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଦୀର୍ଘ ସମୟ ଆଲୋଚନା ପରେ ଆସନ୍ତା ୨୪ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନ କ୍ରୟ କରିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ଏହି ଧାରଣାରେ ସଞ୍ଜୟ ସ୍ୱାଇଁ, ବିପିନ ସ୍ୱାଇଁ, ସ୍ନେହାଂଶୁ ଜେନା, କୃତ୍ତିବାସ ଜେନା, ଅଶୋକ କୁମାର ବେହେରା, ଅଜୟ ସ୍ୱାଇଁ, ଆକୁଳାନନ୍ଦ ସ୍ୱାଇଁଙ୍କ ସମେତ ଧାନ ବିକ୍ରି ପାଇଁ ଥିବା ସମସ୍ତ ଚାଷୀ ସାମିଲ ହୋଇଥିଲେ।


### ଟେଣ୍ଡର ନୋଟିସ

**ଗୋରଖନାଥ ମହାପ୍ରଭୁ**

**ଛପଡ଼ା (କେରେକେରା), ଜି.: ଜଗତ୍‌ସିଂହପୁର**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୬-୨୭ ମସିହା ପାଇଁ ତା୦୧।୦୪।୨୦୨୬ରିଖଠାରୁ ତା୩୧।୦୩।୨୦୨୭ରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କର ଭୋଗ, ଦୀପ, ଫୁଲ ଦୋକାନ, ଯାଁବାଳ ଓ ଶୌଚାଳୟ ପାଇଁ ତା୨୫।୦୩।୨୦୨୬ରିଖ ବୁଧବାର ଦିନ ଉପଜିଲ୍ଲାପାଳ, ଜଗତ୍‌ସିଂହପୁରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ। ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୨୦୦୦.୦୦ଙ୍କା (ଦୁଇ ହଜାର ଟଙ୍କା) ମୂଲ୍ୟରେ ତା୨୨।୦୩।୨୦୨୬ରିଖଠାରୁ ତା୨୩।୦୩।୨୦୨୬ରିଖ ଦିବା ୧୧ଘଟିକାରୁ ଦିବା ୧ ଘଟିକା ମଧ୍ୟରେ ପାଇପାରିବେ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁ
ମନ୍ଦିର, ଛପଡ଼ା (କେରେକେରା)

# ଜିଲା ପାଠାଗାରର ଅବ୍ୟବସ୍ଥା ସୁଧାରିବାକୁ ପ୍ରୟାସ

ନୟାଗଡ,୨୦।୩(ଲୋକନାଥ ମିଶ୍ର)

■ ସ୍ଥିତି ପରଖିଲେ ଜିଲା ପରିଷଦ ଉନ୍ନୟନ ଅଧିକାରୀ
■ ନିର୍ବାହୀ ଅଧିକାରୀ, ଲାଇବ୍ରେରିଆନଙ୍କ ସହ କଲେ ଆଲୋଚନା
■ ପରିଦର୍ଶନ ବେଳେ ଅବ୍ୟବସ୍ଥା ଦେଖି ଜିଲାପାଳ ହୋଇଥିଲେ ଖପ୍ପା

ନୟାଗଡ଼ ପୁରୁଣା ସହରସ୍ଥିତ ଜିଲା ପାଠାଗାର ଅଧ୍ୟୟନ ଅତ୍ୟାଧୁନିକ ବ୍ୟବସ୍ଥାରେ ନିର୍ମାଣ ହୋଇଥିଲେ ମଧ୍ୟ ପ୍ରତିଷ୍ଠାର ୨ ବର୍ଷ ପରେ ଏହାର ଅବ୍ୟବସ୍ଥାର ଚିତ୍ର ଦେଖି ଜିଲାପାଳ ମଧୁମିତା ରଥ ଗୁରୁବାର କ୍ଷୋଭ ଓ ବିରକ୍ତି ପ୍ରକାଶ କରିଥିଲେ। ତୁରନ୍ତ ସମସ୍ୟାଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବାକୁ ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଜିଲା ପରିଷଦର ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ୍ ଅତର୍କିତ ଭାବେ ଜିଲା ପାଠାଗାରରେ ପହଞ୍ଚି ସ୍ଥିତି ପରଖି ଥିଲେ। ଏପରିକି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଓ ଲାଇବ୍ରେରିଆନଙ୍କ ସହ ଆଲୋଚନା କରିଥିଲେ। ଜିଲା ପାଠାଗାରରେ କ'ଣ କ'ଣ ଅସୁବିଧା ରହିଛି, କ'ଣ କରାଗଲେ ଏହାର ସମାଧାନ ହୋଇପାରିବ ସେନେଇ ଉଭୟଙ୍କ ସହ କଥା ହୋଇଥିଲେ। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦର ଉନ୍ନୟନ ଅଧିକାରୀ ଓ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା ବେଳେ ଏସି ମରାମତି କାମ ଚାଲିଥିଲା। ଶୁକ୍ରବାର ୫ଟି ଏସି ମରାମତି କାମ ଶେଷ ହୋଇଛି। କିଛି ଫ୍ୟାନ ମଧ୍ୟ ସଜଡା ଯାଇଛି। ଅବଶିଷ୍ଟ ଏସି ଓ ଫ୍ୟାନଗୁଡିକ ମରାମତି କରାଯିବ ବୋଲି ଜଣାପଡିଛି।

ଜିଲା ପାଠାଗାର ନିର୍ମାଣ ହେବା ପରେ ଅତ୍ୟାଧୁନିକ ସୁବିଧା ସୁଯୋଗ ଦେଖି ଜିଲାର ବିଭିନ୍ନସ୍ଥାନରୁ ପ୍ରତ୍ୟହ ଶତାଧିକ ଛାତ୍ରୀଛାତ୍ର ଆସି ଅଧ୍ୟୟନ କରୁଛନ୍ତି। କିଏ କମ୍ପିଟେଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି ତ ଆଉ କିଏ ଓପିଏସ୍, ୟୁପିଏସ୍, ବ୍ୟାଙ୍କିଙ୍ଗ ପରି ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତ ହେଉଛନ୍ତି। ତେବେ ଜିଲା ପାଠାଗାରରେ କେବଳ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଛାତ୍ରୀଛାତ୍ରଙ୍କ ପାଇଁ ଅନୁଷଙ୍ଗିକ ବ୍ୟବସ୍ଥା ନ ଯୋଗାଇବାରୁ ପ୍ରତିବାଦ ଉଠୁଥିଲା। ଜିଲା ପାଠାଗାର ପରିଚାଳନାରେ ଅବ୍ୟବସ୍ଥା ବଢ଼ି ଚାଲିବା ପରେ ଅସନ୍ତୋଷ ଦାନା ବାନ୍ଧିଥିଲା। ନୟାଗଡ଼ରେ ନୂଆ କରି ଜିଲାପାଳ ଭାବେ ମଧୁମିତା ରଥ କାର୍ଯ୍ୟରେ ଯୋଗ ଦେବା ପରେ ଜିଲା ପାଠାଗାର ପରିଦର୍ଶନରେ ଆସି ଛାତ୍ରୀଛାତ୍ରଙ୍କଠାରୁ ସୁବିଧା ଅସୁବିଧା ବୁଝିଥିଲେ। ବିଦ୍ୟୁତ୍ କାଟ୍ ହେଲେ ପାଠାଗାର ଅନ୍ଧାର ହେଉଥିବା ସମସ୍ୟା ଛାତ୍ରୀଛାତ୍ର ଜିଲାପାଳଙ୍କୁ ଅବଗତ କରାଇଥିଲେ। ସେ ସମୟରେ ଡିଜି ଲଗାଇବାକୁ ଜିଲାପାଳ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିଲା। ଅନ୍ୟପକ୍ଷେ ଜିଲା ପାଠାଗାରରେ ଫ୍ୟାନ ବୁଲୁଥିଲେ ମଧ୍ୟ ପବନ ନ ହେବା, ଏସି ଅଚଳ ହେଲେ ମଧ୍ୟ ସଚଳ ନ କରିବା, ଶୌଚାଳୟରେ ବାଲଟି ଟିଏ ନ ଥିବା ପରି ଅନେକ ଅବ୍ୟବସ୍ଥା ଲାଗି ରହିଥିଲା। ଜିଲା ପାଠାଗାରର ଅବ୍ୟବସ୍ଥା ସମ୍ପର୍କରେ ଛାତ୍ରୀଛାତ୍ର ବାରମ୍ବାର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇ ଆସୁଥିଲେ। ହେଲେ ସୁଫଳ ମିଳୁ ନ ଥିଲା। ବରଂ ଅସୁବିଧା ବଢ଼ି ଚାଲିଥିଲା। ଏଭଳିସ୍ଥଳେ ଜିଲା ପାଠାଗାରର ଛାତ୍ରୀଛାତ୍ର ଗୁରୁବାର ଜିଲାପାଳଙ୍କୁ ଭେଟି ପାଠାଗାରର ମୌଳିକ ଅସୁବିଧା ସମ୍ପର୍କରେ କହିଥିଲେ। ପାଠାଗାରର ଅବ୍ୟବସ୍ଥା କଥା ଶୁଣି ଜିଲାପାଳ ତରବରିଆ ଭାବେ ଆସି ଯାଞ୍ଚ କରିଥିଲେ। ଛାତ୍ରୀଛାତ୍ର ଅନୁଭବ କରୁଥିବା ସମସ୍ୟାକୁ ଜିଲାପାଳ ଅନୁଭବ କରି କ୍ଷୋଭ ପ୍ରକାଶ କରିଥିଲେ। ଏପରିକି ଗତ କିଛିଦିନ ତଳେ ଡିଜି ଲଗାଇବାର ନିର୍ଦ୍ଦେଶ ଅଣଦେଖା ହେବା ପରେ ଜିଲାପାଳ ନିର୍ବାହୀ ଅଧିକାରୀଙ୍କ ଉପରେ ବିରକ୍ତି ହୋଇ ନିଲମ୍ବନ କରିବେ ବୋଲି ତାଗିଦ୍ କରିଥିଲେ। ଜିଲାପାଳଙ୍କ ପରିଦର୍ଶନ ପରେ କିଛିଟା ସ୍ଥିତି ବଦଳିଥିଲେ ମଧ୍ୟ ଅନେକ କିଛି କରିବାର ରହିଛି। ଶୁକ୍ରବାର ଅପରାହ୍ନ ୪ଟାରୁ ୬ଟା ବିଦ୍ୟୁତ୍ କାଟ ପରେ ପାଠାଗାର ଅନ୍ଧାର ରହିଥିଲା। ଶୌଚାଳୟ ପରିଷ୍କାର ପାଇଁ ନିମ୍ନମାନର ଫିନାଇଲ ଓ ଏସିଡ୍ ବଦଳିବା ଦରକାର। କମ୍ପିଟେଟିଭ୍ ଓ ପ୍ରତିଯୋଗିତା ମୂଳକ ପରୀକ୍ଷାଗୁଡିକର କିଛି ପୁସ୍ତକ କିଣିବାର ଆବଶ୍ୟକତା ରହିଛି। ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଡ୍ୟୁଟି କରୁଥିବା ୨ ମହିଳା କର୍ମଚାରୀଙ୍କ ମାସିକ ଦରମା ୩ ହଜାର ଟଙ୍କାରୁ ବର୍ଦ୍ଧିତ କରିବା ଦରକାର। ଜଣେ ମହିଳା ଦିନକୁ ୧୦୦ ଟଙ୍କାରେ ୧୨ ଘଣ୍ଟା କାମ କରିବା କଷ୍ଟକର। ପୁଣି ମାସକୁ ୧୨ ହଜାର ଲେଖାଏଁ ଦରମା ଲାଇବ୍ରେରିଆନ ୧୧ମାସର ପ୍ରାପ୍ୟ ତୁରନ୍ତ ପାଇବା ଦରକାର। ଛାତ୍ରୀଛାତ୍ରଙ୍କ ବ୍ୟାଗ ଏଣେତେଣେ ପଡି ରହୁଥିବା ଦୃଶ୍ୟ ଅସୁନ୍ଦର ଦେଖାଯାଉଥିବାରୁ ବ୍ୟାଗ ରଖିବା ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିବାର ଦରକାର ରହିଛି। ପାଠାଗାରରେ ବିଦ୍ୟୁତ୍ କାଟ ପରେ ଅନ୍ଧାରକୁ ରୋକିବାକୁ ଡିଜି କିମ୍ବା ଇନଭର୍ଟର ବ୍ୟବସ୍ଥା କରାଇବା ଦରକାର। ଅଭିଯୋଗ ଉପରେ ବିରକ୍ତି ନ ହୋଇ ଛାତ୍ରୀଛାତ୍ରଙ୍କ ସମସ୍ୟାଗୁଡିକ କିପରି ସମାଧାନ ହୋଇପାରିବ ଓ ଜିଲା ପାଠାଗାର କିପରି ଜିଲାରେ ସ୍ୱତନ୍ତ୍ରତା ରୂପେ ପରିଗଣିତ ହେବ ସେଥିପ୍ରତି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ଜିଲା ପରିଷଦ ଉନ୍ନୟନ ଅଧିକାରୀ ଓ ମ୍ୟୁନିସିପାଲିଟି ଉନ୍ନୟନ ଅଧିକାରୀ ଲାଇବ୍ରେରିଆନଙ୍କ ସହ ଆଲୋଚନା କରୁଛନ୍ତି।

# ନୟାଗଡ଼ରେ କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ନୟାଗଡ଼,୨୦।୩ (ଲୋକନାଥ ମିଶ୍ର)

ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ଜନସାଧାରଣଙ୍କୁ ସ୍ୱଚ୍ଛ ଓ ଦ୍ରୁତ ସେବା ଯୋଗାଇଦେବା ଲକ୍ଷ୍ୟରେ ଓକାଲା ଦ୍ୱାରା ନୟାଗଡ଼ ଜିଲା ପ୍ରଶାସନ ପାଇଁ ଏକ ବିଶେଷ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପଯୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସଭାକକ୍ଷ ସଭାଗୃହରେ ଅନୁଷ୍ଠିତ କର୍ମଶାଳାରେ ଆଧୁନିକ ଯୁଗରେ ଟେକ୍ନୋଲୋଜିର ବ୍ୟବହାର କରି କିପରି ସରକାରୀ କାର୍ଯ୍ୟକୁ ଅଧିକ ସରଳ କରାଯାଇପାରିବ, ସେ ନେଇ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ରୋଜିନା ଦାସ ଏବଂ ବିଜୟାନନ୍ଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଶାଳା ପରିଚାଳିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଭାଗର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ରିସୋର୍ସ ପର୍ସନ ଭାବେ ଶୁଭମ ଚୌଧୁରୀ ଏବଂ ରାକେଶ କୁମାର ପଣ୍ଡା ଯୋଗଦେଇଥିଲେ। ପ୍ରଶିକ୍ଷକମାନେ ପ୍ରଶାସନିକ କ୍ଷେତ୍ରରେ ବ୍ୟବହୃତ ହେଉଥିବା ବିଭିନ୍ନ ଏଆଇ ଟୁଲ୍ସ ଏବଂ ସଫ୍ଟୱେରର ବ୍ୟବହାରିକ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଧାରଣା ଦେଇଥିଲେ। ଡାଟା ମ୍ୟାନେଜମେଣ୍ଟଠାରୁ ଆରମ୍ଭ କରି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଏଆଇର ଭୂମିକା ଉପରେ ଆଲୋକପାତ କରିଥିଲେ।

# ସଂରକ୍ଷିତ ଜଙ୍ଗଲରେ ନିଆଁ ଯୋଗୁ ବ୍ୟାପକ କ୍ଷୟକ୍ଷତି

ଖଣ୍ଡପଡ଼ା,୨୦।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ଖଳିସାହି ପଞ୍ଚାୟତ ହନୁମାନଙ୍କ ସାହି ପଛପାର୍ଶ୍ୱ ସଂରକ୍ଷିତ ଜଙ୍ଗଲ ଓ ସଂଲଗ୍ନ ପାହାଡର ବ୍ୟାପକ ଅଞ୍ଚଳରେ ଶୁକ୍ରବାର ନିଆଁ ଲାଗିଛି। ଫଳରେ ଜଙ୍ଗଲ ସମ୍ପଦ ଜଳିପୋଡି ଧ୍ୱଂସ ହେବା ସହ ଜଙ୍ଗଲରେ ବାସ କରୁଥିବା ବନ୍ୟ ଜନ୍ତୁଙ୍କ ପାଇଁ ଏହା ବିପଦର କାରଣ ପାଲଟିଛି। ଜଙ୍ଗଲରେ ଅଗ୍ନିକାଣ୍ଡ ଯୋଗୁଁ ବନ୍ୟଜନ୍ତୁ ଏବେ ଜନବସତି ମୁହାଁ ହେଉଛନ୍ତି। ଦୈନିକ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଜାଳେଣି କାଠ ସଂଗ୍ରହ ନିମନ୍ତେ ଯାଉଥିବା ଲୋକମାନେ ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏବେ ବ୍ୟାପକ ଅଞ୍ଚଳକୁ ନିଆଁ ବ୍ୟାପୁଥିବା ବେଳେ ସଂରକ୍ଷିତ ଜଙ୍ଗଲ ଜଳୁଥିବା ଜଣାପଡିଛି। ତେବେ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ କରିବା ଖଣ୍ଡପଡ଼ା ବନ ବିଭାଗ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେଣୁ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ କରିବା ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଅପରପକ୍ଷେ ଜଙ୍ଗଲରେ ଲାଗିଥିବା ନିଆଁକୁ ରୋକିବା ଦିଗରେ ବ୍ୟାପକ ଜନ ସଚେତନତାର ଆବଶ୍ୟକତା ଥିବାରୁ ଏ ନେଇ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲୀପ କୁମାର ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରେ ବନାଗ୍ନି ନିର୍ବାପିତ ପାଇଁ ଯଥା ସମ୍ଭବ ପ୍ରୟାସ ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି।

# ଠିକାଦାର ବିବାଦ: ଲାଇବ୍ରେରି ଗୃହ ହେଉନି ଶେଷ

ନୂଆଗାଁ, ୨୦।୩ (ଧନେଶ୍ୱର ସାହୁ)

■ ବାହାଡ଼ଝୋଲା ଦଧିବାମନ ଜୀଉ ଉଚ୍ଚ ମାଧମିକ ବିଦ୍ୟାଳୟ
■ ଅନୁଦାନ ଥାଇ ବି ପ୍ରଶାସନ ଅସହାୟ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡାଝୋଲା ଦଧିବାମନ ଜୀଉ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅତ୍ୟାଧୁନିକ ପୁସ୍ତକାଗାର ନିର୍ମାଣ କରିବା ପାଇଁ ଅନୁଦାନ ଦିଆଯାଇଥିଲା। ମାତ୍ର ୨ ଠିକାଦାରଙ୍କ ବିବାଦ ଯୋଗୁ ତାହା ଅଧାପନ୍ତରିଆ ଭାବେ ପଡି ରହିଛି। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ତାହାକୁ ଶୀଘ୍ର ଶେଷ କରି କାର୍ଯ୍ୟକ୍ଷମ କରାଇବା ପ୍ରଶାସନର ଦାୟିତ୍ୱ ରହିଥିଲେ ମଧ୍ୟ ବ୍ଲକ ପ୍ରଶାସନ ଅସହାୟ ଭାବେ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

ନୂଆଗାଁ ଓ ବାହାଡାଝୋଲା ଉଚ୍ଚ ମାଧମିକ ବିଦ୍ୟାଳୟରେ ଦୁଇଟି ମଡେଲ ଲାଇବ୍ରେରି ଗୃହ ନିର୍ମାଣ କରିବା ପାଇଁ ୨୦୨୨ ମେ ୧୧ରେ ଭିତ୍ତିପ୍ରସ୍ତର ସ୍ଥାପନ କରି ଶୁଭ ଦିଆଯାଇଥିଲା। ନୂଆଗାଁ ଲାଇବ୍ରେରି ଗୃହ କାର୍ଯ୍ୟକ୍ଷମ ହୋଇ ଛାତ୍ରୀଛାତ୍ରମାନେ ତାହାର ସୁଫଳ ପାଉଛନ୍ତି। କିନ୍ତୁ ବାହାଡାଝୋଲା ଦଧିବାମନ ଜୀଉ ଉଚ୍ଚ ମାଧମିକ ବିଦ୍ୟାଳୟର ଲାଇବ୍ରେରି ଗୃହ ଅଦ୍ୟାବଧି ଛାତ ପତନ ହୋଇ ଅଧାପନ୍ତରିଆ ଭାବେ ପଡି ରହିଛି। ଏପରିକି ନିର୍ମାଣ କରାଯାଇଥିବା ଅନେକ କାନ୍ଥ ଭୁଶୁଡିବା ସହ କାନ୍ଥରେ ଲତା ମାଡି ଗଲାଣି। ବିଦ୍ୟାଳୟରେ ଲାଇବ୍ରେରି ଗୃହ ନିର୍ମାଣ ନିମନ୍ତେ ଅନୁଦାନ ମଞ୍ଜୁର ହେବା ପରେ ଗୃହ ନିର୍ମାଣ ନିମନ୍ତେ ସ୍ଥାନୀୟ ବିଧାୟକ ଠିକାଦାର ଚୟନ କରିଥିଲେ। ନୂଆଗାଁ ବ୍ଲକରେ ଅନେକ ଠିକାଦାର ରହିଥିଲେ ମଧ୍ୟ ବ୍ଲକ ବାହାରର ଜଣେ ଠିକାଦାରଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ସେ ଅତି ନିମ୍ନମାନର କାମ କରିଥିବାରୁ ଅଧାପନ୍ତରିଆ ଭାବେ ପଡି ରହିଥିବା ଲାଇବ୍ରେରି ଗୃହର ଅନେକ କାନ୍ଥ ଭୁଶୁଡି ଗଲାଣି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଅନୁଦାନ ଥାଇ ଦୀର୍ଘ ମାସ ଧରି ପ୍ରକଳ୍ପଟି ଅଧପନ୍ତରିଆ ପଡି ରହିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ପ୍ରଶାସନିକ ଅଧିକାରୀମାନଙ୍କୁ ଅଭିଯୋଗ କଲେ ଆମ ହାତରେ କିଛି ନାହିଁ। ଠିକାଦାରଙ୍କୁ କାମ ଦିଆଯାଇଛି ସେ କରୁନାହାଁନ୍ତି କହି ନିଜର ଅସହାୟତା ପ୍ରକାଶ କରିବା ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ନିମ୍ନମାନର କାମ ଯୋଗୁ ଠିକାଦାର ବଦଳାଇ ଅନ୍ୟ ଜଣେ ଠିକାଦାରଙ୍କୁ କାମ ଦିଆଯାଇଥିଲେ ମଧ୍ୟ କାମ ଅଦ୍ୟାବଧି ସରୁନାହିଁ। ପୁରୁଣା ଠିକାଦାର ବାଲି ଚିପସ ଆଦି ନିର୍ମାଣାଧୀନ ଲାଇବ୍ରେରି ଗୃହ ନିକଟରେ ଗଦା କରି ରଖିଛନ୍ତି। କିନ୍ତୁ କାମ କରୁନାହାନ୍ତି କି ନୂଆ ଠିକାଦାରଙ୍କୁ କାମ କରିବାକୁ ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ କାମ ଶୀଘ୍ର ଆରମ୍ଭ କରିବାକୁ ଠିକାଦାରଙ୍କୁ ବାରମ୍ବାର କୁହାଯାଇଛି ବୋଲି ସେ କହିଛନ୍ତି।



ଅଧାପନ୍ତରିଆ ଭାବେ ପଡି ରହିଥିବା ଲାଇବ୍ରେରି ଗୃହ।

# ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା

## ଜଙ୍ଗଲ ନିଆଁର କାରଣ, ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଅନ୍ୟମାନେ।

ଖଣ୍ଡପଡ଼ା,୨୦।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋସ୍ଥିତ ନଡିଆ ପୋଖରୀ ସମ୍ମୁଖ କମନ ଫ୍ୟାସିଲିଟି ସେଣ୍ଟର ପରିସରରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜଙ୍ଗଲରେ ନିଆଁ ଲାଗିବା କାରଣ, ନିରାକରଣ ଏବଂ ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲା ବନଖଣ୍ଡ ଓ ସିଭିଲ ସୋସାଇଟ ନୟାଗଡ଼ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିଥି ଭାବେ ସିଭିଲ ସୋସାଇଟ ଉପାଧ୍ୟକ୍ଷ ଭାଗୀରଥିପଟ୍ଟନାୟକ, ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଦିଲୀପ କୁମାର ପଟ୍ଟନାୟକ, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ, ଭାଜପା କଣ୍ଟିଲୋ ମଣ୍ଡଳ ସଭାପତି ଟିଟନ ସାହୁ, ସିଭିଲ ସୋସାଇଟ ସମ୍ପାଦକ ତଥା ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଧନେଶ୍ୱର ପ୍ରଧାନ, ବିଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଜଙ୍ଗଲ ମଧ୍ୟରେ ବିଭିନ୍ନ କାରଣରୁ ଲାଗୁଥିବା ନିଆଁ ଯୋଗୁ ହେଉଥିବା କ୍ଷୟକ୍ଷତି ଓ ଏହାର ନିରାକରଣ ତଥା ଜଙ୍ଗଲ ସୁରକ୍ଷା ଏବଂ ନିଆଁ ଦାଉରୁ କିପରି ରକ୍ଷା ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବୃକ୍ଷରୋପଣ, ଜଙ୍ଗଲ ନିଆଁ ନିରାକରଣ ଓ ଜଙ୍ଗଲ ଜନ୍ତୁଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡି ପାଳନ ପାଇଁ ପ୍ରତ୍ୟେକ ସ୍ତରରେ ପ୍ରୟାସ ଜାରି ରହିବା ସହ ଜଙ୍ଗଲ ସମ୍ପଦ ରକ୍ଷା ନିମନ୍ତେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯିବା ନିମନ୍ତେ ଅତିଥିମାନେ ପରାମର୍ଶ ଦେଇଥିଲେ। ବନାଞ୍ଚଳ ଅଧିକାରୀ ଦିଲୀପ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଦୀର୍ଘବର୍ଷରୁ ବୃକ୍ଷରୋପଣ ସହ ନୂତନ ଜଙ୍ଗଲ ସୃଷ୍ଟି, ଜଙ୍ଗଲ ସୁରକ୍ଷା ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟରତ ତଥା ଗଛସାର ଭାବରେ ପରିଚିତ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁଙ୍କୁ ତାଙ୍କ ମହତ କାର୍ଯ୍ୟ ପାଇଁ ବନ ବିଭାଗ ପକ୍ଷରୁ ନଗଦ ଅର୍ଥରାଶି ୧୫ ହଜାର ଟଙ୍କା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନିକଟରେ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଜଙ୍ଗଲରେ ଲାଗିଥିବା ନିଆଁକୁ ସ୍ୱେଚ୍ଛାକୃତ ଭାବେ ଆୟତ କରିଥିବା ସ୍ଥାନୀୟ ମାଧବ ଚୌଧୁରୀପାଟଣା ଗ୍ରାମର ତପନ କାନ୍ତି ଦାଶ, ବିଷ୍ଣୁ ପ୍ରସାଦ ମହାରଣା, ଦୀପକ ମହାରଣା, ସମୀର କୁମାର ମହାରଣା, ଆଦିତ୍ୟ ସାହୁ, ଚିରଞ୍ଜିବି ମହାରଣା, ବିନୋଦ କୁମାର ମିଶ୍ର, ବିଦ୍ୟୁତ ଦାଶ ଓ ସଞ୍ଜୟ ମହାରଣା ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଭାଗୀରଥି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ପାଲା ଗାୟକ ମନୋଜ ପାଇଲେ ସାହିତ୍ୟ ତତ୍ତ୍ୱ ସୌରଭ ସମ୍ମାନ




ପାଲା ଗାୟକ ମନୋଜ ମିଶ୍ରଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ନୟାଗଡ଼,୨୦।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡିପଡ଼ାର ବରିଷ୍ଠ ପାଲା ଗାୟକ ମନୋଜ କୁମାର ମିଶ୍ର ସାହିତ୍ୟତତ୍ତ୍ୱ ସୌରଭ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ପୁରୀ ଜିଲା ବ୍ରହ୍ମଗିରିର ମାଣିକପାଟଣା ଭାବ କୁଣ୍ଡଳେଶ୍ୱର ମନ୍ଦିରରେ ମାଣିକପାଟଣା ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ୨୭ତମ ମାଣିକ ମହୋତ୍ସବରେ ମନୋଜଙ୍କୁ ଏହି ସମ୍ମାନ ମିଳିଛି। ମାଣିକ ମହୋତ୍ସବ କମିଟିର ସଭାପତି ବନମାଳୀ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ, ପୂର୍ବତନ ପ୍ରଫେସର ଶଶାଙ୍କ ଚୁଡ଼ାମଣି, ଓଡ଼ିଶା ଇକୋ ଟ୍ୟୁରିଜିମ ଫାଉଣ୍ଡେଶନର ସଭାପତି ଯୁଗବ୍ରତ କର, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ଲେଙ୍କା, ମହୋତ୍ସବ କମିଟିର ସମ୍ପାଦକ ନକୁଳାନନ୍ଦ ଦଳାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ପୀତବାସ ପଣ୍ଡା ହତ୍ୟା ମାମଲା, ୫ ଅଭିଯୁକ୍ତଙ୍କ ଜାମିନ ଖାରଜ

ବ୍ରହ୍ମପୁର,୨୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡା ହତ୍ୟା ମାମଲାରେ ଶୁକ୍ରବାର ୫ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ବ୍ରହ୍ମପୁର ଏଡିଜେ –୩ ଖାରଜ କରିଛନ୍ତି। ଅଭିଯୁକ୍ତ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର, ଶିଶୁପାଳ ପାଣ୍ଡ୍ୱାନଙ୍କ ଜାମିନ ଖାରଜ ହୋଇଥିବା ସେମାନଙ୍କ ଓକିଲ ଚକ୍ରପାଣି ନାହାକ କହିଛନ୍ତି। ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗୁରୁବାର ଏମ୍‌କେସିଜି ମେଡିକାଲରୁ ଡିସଚାର୍ଜ ହେବା ପରେ ବ୍ରହ୍ମପୁର ଜେଲ ଫେରିଥିଲେ। ପୀତବାସ ହତ୍ୟା ଘଟଣାରେ ଗିରଫ ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଜାମିନ୍‌ରେ ମୁକୁଳିଥିବା ବେଳେ ଅଭିଯୁକ୍ତ ମଦନ ମେଡିକାଲରେ ଅଛନ୍ତି। ୧୪ଜଣ ଜେଲରେ ଅଛନ୍ତି।

# ପଖାଳ ଦିବସ ଯୋଗୁ ହୋଟେଲରେ ଜମିଛି ଭିଡ଼

ଖଣ୍ଡପଡା,୨୦।୩
(ଅଜୟ କୁମାର ମହାରଣା)

ମାର୍ଚ୍ଚ ୨୦କୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଇଛି। ଓଡ଼ିଆଙ୍କ ଏହି ପ୍ରିୟ ଖାଦ୍ୟକୁ ଆହୁରି ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାର ୨୨ଟି ଦେଶରେ ଥିବା ଓଡ଼ିଆ ସଙ୍ଗଠନକୁ ନିବେଦନ କରିଥିବା ଜଣାଯାଇଛି। ତେବେ ଆଜିର ଦିବସକୁ ପରିବାର ତଥା ବିଭିନ୍ନ ସାଙ୍ଗସାଥୀ ନିଜର ଘରେ ଏବଂ ବିଭିନ୍ନ ହୋଟେଲରେ ପାଳନ କରୁଥିବା ମଧ୍ୟ ପରିଲକ୍ଷିତ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଦହି ପଖାଳ ପାଇଁ ଶୁକ୍ରବାର ବିଭିନ୍ନ ହୋଟେଲରେ ଭିଡ ଲାଗିଥିଲା। ଏହି ଅବସରରେ ବଡବାଣପୁର ପଞ୍ଚାୟତ ଅଧୀନ ମହାନଦୀ କୂଳ ତଥା କଣ୍ଟିଲୋ–ଗଣିଆ ମୁଖ୍ୟ ୪୮ ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଏକ ଘରୋଇ ମହାନଦୀ ହୋଟେଲରେ ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କରଙ୍କ ଦ୍ୱାରା ପଖାଳ ଦିବସକୁ ପାଳନ ସହ ଦହିପଖାଳ କଂସା ବାସନରେ ଖାଇବାକୁ ଉଦ୍‌ଘାଟନ କରାଯାଇଥିଲା। ବିଶେଷ କରି ଏହି ଗ୍ରୀଷ୍ମ ପ୍ରବାହ ସମୟରେ କଂସା ବେଲାରେ ଦହିପଖାଳ ସାଙ୍ଗକୁ ୧୫ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଶାଗ ସବଜି, ବଡିଚୁରା, ଆମ୍ବ ଛେଚା, ଆମ୍ବୁଲ ରାଇ, ସଜନା ଛୁଇଁ, ଶାଗ, ନିମ୍ବ କଡି, ଆଳୁ, ପୋଟଳ, ବାଇଗଣ, କଲରା ଭଜା, ଆଳୁ ଚକଟା, ପାମ୍ପଡ, ଲେମ୍ବୁ, ପିଆଜ ଆଦିକୁ ଏକ ପତ୍ର ଖଲିରେ ପରଷା ଗ୍ରାହକମାନଙ୍କୁ ଆକୃଷ୍ଟ କରିବ ବୋଲି କର ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଦହିପଖାଳ ସାଙ୍ଗକୁ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ କରିବା ଲକ୍ଷ୍ୟରେ ଶୁକ୍ରବାର ଜିଲା ଏବଂ ଜିଲା ବାହାରୁ ମହାନଦୀ କୂଳରେ ଏକ ପାହାଡ଼ ପାଦ ଦେଶରେ ଅବସ୍ଥିତ ମାଟି ଚଟାଣ ସହ ଚାଳଛପରରେ ନିର୍ମିତ ଏହି ଭୋଜନାଳୟକୁ ପୂର୍ବରୁ ବରାଦ ଦେଇ ଦହିପଖାଳ ଖାଇବା ଲକ୍ଷ୍ୟରେ ବହୁ ପର୍ଯ୍ୟଟକ ଓ ପରିବାର ଆସି ଦହିପଖାଳର ମଜା ନେଇଛନ୍ତି। ତେବେ ଆଜିର ଦହିପଖାଳ ଦିବସ ଅବସରରେ ନୀଳମାଧବ ଜୀଉଙ୍କ ଦର୍ଶନରେ ପଶ୍ଚିମବଙ୍ଗ ଅଞ୍ଚଳରୁ ପରିବାର ସହ ଆସିଥିବା ଆଶିଷ କୁମାର ଆଚାର୍ଯ୍ୟ ଏହି ହୋଟେଲରେ କଂସା ବେଲାରେ ଦହିପଖାଳ ମଜା ନେଇ ଖୁବ୍ ପ୍ରଶଂସା କରିଥିଲେ। ବିଭିନ୍ନ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ନୀଳମାଧବ ପୀଠ, ଗୋକୁଳାନନ୍ଦ ପୀଠ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ହୋଟେଲ ମାଲିକଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରି ଏଠାକୁ ଆସିଥାନ୍ତି।

ସୂଚନା ଯୋଗ୍ୟ, ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ଓ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠକୁ ବର୍ଷର ପ୍ରାୟ ସବୁ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଆସିଥାନ୍ତି। ତହ ତହ ଖରାରେ ଦେହକୁ ସୁସ୍ଥ ରଖିବା ପାଇଁ ପଖାଳ କଂସାର ଆବଶ୍ୟକତା ପଡୁଛି। ଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କ ଆବଶ୍ୟକତାକୁ ଚାହିଁ ଏବେ ପ୍ରାୟ ସବୁ ଭୋଜନାଳୟରେ ପଖାଳ ଭାତର ବ୍ୟବସ୍ଥା କରାଯାଉଛି। ମହାନଦୀ ହୋଟେଲକୁ ଉଦ୍ୟନାଥ ପ୍ରଧାନ ୧୭ ବର୍ଷ ହେଲା ଚଳାଇ ଆସୁଥିବାରୁ ଅନେକ ଏହାକୁ ଉଦି ଢାବା ବୋଲି କହିଥାନ୍ତି। ନିଜର ଧର୍ମପତ୍ନୀଙ୍କ ଦ୍ୱାରା ପ୍ରସ୍ତୁତ ଶାକାହାର ଖାଦ୍ୟ ଏବଂ ପରିବାର ସହ ପରିଚାଳିତ ଏହି ଭୋଜନାଳୟଟି ସ୍ଥାନୀୟ ଅଞ୍ଚଳ ତଥା ଜିଲା ଓ ଜିଲା ବାହାର ଲୋକଙ୍କର ଏକ ପ୍ରିୟ ହୋଟେଲ ଭାବେ ପରିଚିତ। ଏଠାରେ ଗୋଟିଏ ମିଲ ୧୨୦ ଟଙ୍କା ପଡୁଛି। ଏଠାରେ ବର୍ଷର ସବୁ ସମୟରେ କେବଳ ନିରାମିଷ ଆହାର ଉପଲବ୍ଧ ହୋଇଥାଏ। ଭୁବନେଶ୍ୱରରୁ ପରିବାର ସହ ଆସିଥିବା ଶିକ୍ଷାବିତ୍ ସଞ୍ଜୁକ୍ତା ଦାଶ କଂସା ବେଲାରେ ଦହି ପଖାଳ ଖରାବେଳେ ଖାଇ ଆତ୍ମତୃପ୍ତି ଅନୁଭବ କରିଥିଲେ। ବିଶେଷ କରି ପଖାଳ କଂସା ସହ ଲଙ୍କା, ଭୃଷୁଙ୍ଗାପତ୍ର, ଫୁଟଣ ଛୁଙ୍କ ଦିଆଯାଇ ପ୍ରସ୍ତୁତ ଖାଦ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ, ଖାଉଟି, ଅବା ବ୍ୟକ୍ତି ବିଶେଷଙ୍କୁ ଆକୃଷ୍ଟ କରୁଛି।



ପଖାଳ ଦିବସକୁ ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର ଉଦ୍‌ଘାଟନ କରୁଛନ୍ତି।



ଏକ ହୋଟେଲ୍‌ରେ ଯାତ୍ରୀମାନେ ପଖାଳ ଖାଉଛନ୍ତି।


## ଟେଣ୍ଡର ନୋଟିସ

### ଗୋରଖନାଥ ମହାପ୍ରଭୁ
### ଛପଡ଼ା (କେରେକେରା), ଜି.: ଜଗତ୍‌ସିଂହପୁର

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୬–୨୭ ମସିହା ପାଇଁ ତା୦୧।୦୪।୨୦୨୬ରିଖଠାରୁ ତା୩୧।୦୩।୨୦୨୭ରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କର ଭୋଗ, ଦୀପ, ଫୁଲ ଦୋକାନ, ଯାଁବାଳ ଓ ଶୌଚାଳୟ ପାଇଁ ତା୨୫।୦୩।୨୦୨୬ରିଖ ବୁଧବାର ଦିନ ଉପଜିଲ୍ଲାପାଳ, ଜଗତ୍‌ସିଂହପୁରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ। ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୨୦୦୦.୦୦ଙ୍କା (ଦୁଇ ହଜାର ଟଙ୍କା) ମୂଲ୍ୟରେ ତା୨୨।୦୩।୨୦୨୬ରିଖଠାରୁ ତା୨୩।୦୩।୨୦୨୬ରିଖ ଦିବା ୧୧ଘଟିକାରୁ ଦିବା ୧ ଘଟିକା ମଧ୍ୟରେ ପାଇପାରିବେ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁ
ମନ୍ଦିର, ଛପଡ଼ା (କେରେକେରା)

# ଭିତରକନିକାରେ ୮ ପ୍ରଜାତିର ମାଛରଙ୍କା ପକ୍ଷୀ








**କେନ୍ଦ୍ରାପଡ଼ା, ୨୦।୩ (ଜଗନ୍ନାଥ ଧଳ):**




ଭାରତରେ ମୋଟ ୧୨ ପ୍ରକାର ପ୍ରଜାତିର ମାଛରଙ୍କା (କିଙ୍ଗଫିଶର) ଅଛନ୍ତି। ସେଥିମଧ୍ୟରୁ ଓଡ଼ିଶାରେ ୮ ପ୍ରଜାତିର ମାଛରଙ୍କା ପକ୍ଷୀ ଦେଖାଯାଇଥାନ୍ତି। ଏହି ସମସ୍ତ ପ୍ରଜାତିଙ୍କୁ କେନ୍ଦ୍ରାପଡ଼ା ଜିଲାର ଜାତୀୟଉଦ୍ୟାନ ଭିତରକନିକାରେ ଦେଖିବାକୁ ମିଳିଥାନ୍ତି। ଯାହା ପରିବେଶବିତ୍ ଓ ପକ୍ଷୀପ୍ରେମୀଙ୍କ ପାଇଁ ସୁଖବର। ୬୭୨ ବର୍ଗ କିଲୋମିଟରର ଏହି ଜାତୀୟ ଉଦ୍ୟାନରେ ୨୦୨୫ ଅଗଷ୍ଟରେ ମୌସୁମୀକାଳୀନ ପକ୍ଷୀଙ୍କ ସଂଖ୍ୟା ଗଣନା ହୋଇଥିଲା। ଭିତରକନିକା ଅଞ୍ଚଳରେ ମୋଟ ୧,୩୦,୭୯୬ ପକ୍ଷୀ ଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ପକ୍ଷୀଙ୍କ ମଧ୍ୟରୁ ମାଛରଙ୍କା ପକ୍ଷୀଙ୍କ ସଂଖ୍ୟା ୨୦୨୪ବର୍ଷ ଅପେକ୍ଷା ଅଧିକ ୩୭ ଦେଖାଯାଇଥିଲେ। ଏହି ପକ୍ଷୀ ଆକାରରେ ଛୋଟ ହୋଇଥିଲେ ମଧ୍ୟ ହେନ୍ତାଳ ବଣ ମଧ୍ୟରୁ ଝପଟି ଆସି ପାଣିରୁ ଶିକାର କରି ଗଛଡାଳକୁ ଫେରିଯିବା ଭିତରକନିକାର ପର୍ଯ୍ୟଟକଙ୍କୁ ସର୍ବଦା ଆନନ୍ଦ ଦେଇଥାଏ।

ଭିତରକନିକା ଆଭ୍ୟନ୍ତରରେ ଏହି ପ୍ରଜାତିଙ୍କ ଫଟୋ ଉଠାଇଥିବା ପକ୍ଷୀ ବିଶାରଦ ପ୍ରମୋଦ କୁମାର ଧଳ କହିଛନ୍ତି, ସାଧାରଣରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ଗୋଟିଏ ଅଥବା ଦୁଇଟି ପ୍ରଜାତିର ମାଛରଙ୍କା ପକ୍ଷୀ ଦୃଷ୍ଟି ଗୋଚର ହୋଇଥାଏ। ମାତ୍ର ଭିତରକନିକାରେ ଓଡ଼ିଶାରେ ୮ ପ୍ରକାର ମାଛରଙ୍କା ପକ୍ଷୀ ଦେଖା ଯାଉଛନ୍ତି। ଏଠାରେ କଳା ଟୋପି (ବ୍ଲାକ କ୍ୟାପଡ) ମାଛରଙ୍କା, ବଡ଼ ଥଣ୍ଟିଆ (ଷ୍ଟର୍କ ବିଲଡ) ମାଛରଙ୍କା, ଧଳା ପେଟିଆ (ହ୍ୱାଇଟ ବ୍ରେଷ୍ଟେଡ) ମାଛରଙ୍କା, ଚିତ୍ରା (ପିଡ) ମାଛରଙ୍କା, ସାଧାରଣ (କମନ) ମାଛରଙ୍କା, ଧଳା ବେକ (କଲାର୍ଡ) ମାଛରଙ୍କା, ବାଦାମୀ ଡେଣା (ବ୍ରାଉନ ୱିଙ୍ଗଡ) ମାଛରଙ୍କା ଓ ନୀଳ କାନୁଆ (ବ୍ଲୁ ଇଅର୍ଡ) ମାଛରଙ୍କା ଅଛନ୍ତି। ଏଥିମଧ୍ୟରୁ ଧଳା ବେକ ଓ ବାଦାମୀ ଡେଣା ଥିବା ମାଛରଙ୍କା ଭିତରକନିକା ଛଡା ଅନ୍ୟତ୍ର ଦେଖିବାକୁ ମିଳିନ୍ତିନାହିଁ। ଏହି ପ୍ରଜାତି ଜାତୀୟ ଉଦ୍ୟାନରେ ସଂଖ୍ୟା କମ ହେଉଥିବାବେଳେ ଗତ ପକ୍ଷୀ ଗଣନା ସମୟରେ ନୀଳ କାନୁଆ ମାଛରଙ୍କା ଦୃଷ୍ଟି ଗୋଚର ହୋଇନାହାନ୍ତି। ମାଛରଙ୍କା ସାଧାରଣରେ ମାଛ, ଚିଙ୍ଗୁଡ଼ି, କଙ୍କଡା ଶିକାର ବ୍ୟତୀତ ଛୋଟ କୀଟ ପତଙ୍ଗ, ନଦୀ ଓ ସମୁଦ୍ରରେ ଥିବା ଲାର୍ଭାକୁ ଖାଇଥାନ୍ତି। ବଡ଼ ମୁଣ୍ଡ, ଲମ୍ବାଥଣ୍ଟ ଓ ଲାଞ୍ଜ ଥିବା ଏହି ପକ୍ଷୀଙ୍କର ଗୋଡଗୁଡିକ ଆବଶ୍ୟକତାଠାରୁ ଛୋଟ। ଏଥିପାଇଁ ସେମାନେ ଭୂମି ଉପରେ ଚାଲିବା ଅପେକ୍ଷା ଗଛ ଡାଳରେ ରହିବାକୁ ଭଲ ପାଇଥାନ୍ତି। ନଭେମ୍ବରଠାରୁ ଫେବୃଆରୀ ମଧ୍ୟରେ ଏମାନଙ୍କ ଚଳଚଞ୍ଚଳ ଗତି ଦେଖିବାକୁ ମିଳିଥାଏ। ଭିତରକନିକାର ନାଳ ନିକଟରେ ପାଣିକୁ ଲମ୍ବି ଆସିଥିବା ହେନ୍ତାଳ ଗଛର ସବୁଠାରୁ ତଳେ ଥିବା ଡାଳରେ ଏହି ପକ୍ଷୀ ଶିକାର ଅପେକ୍ଷାରେ ଥାନ୍ତି। ନିଜଠାରୁ ଅଧିକ ଓଜନର ଖାଦ୍ୟ ବହନର ଶକ୍ତି ଏମାନଙ୍କର ଅଛି। ତେବେ କେତେକ କାରଣରୁ ଏମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଶିଳ୍ପ ଓ ଚିଙ୍ଗୁଡି ଘେରିରୁ ଆସୁଥିବା ବର୍ଜ୍ୟ ଜଳ ବଂଶ ନାଶର ମୁଖ୍ୟ କାରଣ ହୋଇଛି। ସେହିପରି ଜଙ୍ଗଲ ଜମି ହ୍ରାସ, ନଦୀ, ନାଳରେ ଜଳ ପଡନ ହ୍ରାସ ମାଛରଙ୍କାର ସଂଖ୍ୟା ଅଭିବୃଦ୍ଧିକୁ ରୋକୁଥିବା ପକ୍ଷୀ ବିଶାରଦ ଧଳ ସୂଚନା ଦେଇଛନ୍ତି।

# ଅଢ଼େଇ ମାସ ହେଲା ଦୁବାଇ ଜେଲରେ ଓଡ଼ିଆ ଯୁବକ

**ରାଜନଗର, ୨୦।୩ (ଭାସ୍କର ରାଉତରାୟ)**

ସୁଦୂର ଦୁବାଇରେ କାମ କରିବାକୁ ଯାଇଥିବା ଓଡ଼ିଆ ଯୁବକ ଜେଲରେ ଅଢେଇ ମାସ ହେଲା ବନ୍ଦୀ ଜୀବନ ବିତାଉଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନାରେ ତାଙ୍କ ମା' ପୁଅଙ୍କୁ କାମ କରାଇବାକୁ ନେଇଥିବା ଏଜେଣ୍ଟଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଦୁବାଇ ଜେଲରେ ବନ୍ଦୀ ଜୀବନ କଟାଉଥିବା ଯୁବକଙ୍କୁ ମୁକୁଳାଇ ଗାଁକୁ ଫେରାଇ ଆଣିବାକୁ ପରିବାର ଲୋକେ ନେହୁରା ହୋଇଛନ୍ତି। ସେ ହେଲେ ଥାନା ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁର ଗ୍ରାମର ବିଜୟ କୁମାର ରାଉତଙ୍କ ବଡପୁଅ ବିରେନ (୩୫)।

୨୦୨୫ ନଭେମ୍ବର ୨୩ରୁ ଦୁବାଇର ଡିଏଟଏ ଟେକ୍ନୋଲୋଜି ଏଲଏଲସି କମ୍ପାନୀରେ ସେ କାମ କରୁଥିଲେ। ଅଲ୍ଲିଏନ୍ସ ରିକ୍ରୁମେଣ୍ଟ ସର୍ଭିସ କମ୍ପାନୀ ମାଧ୍ୟମରେ ବିରେନ ୨ ବର୍ଷିଆ ଭିସାରେ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ସମୟରେ କମ୍ପାନୀ ଥରେ ଦରମା ଦେଇ ଆଉ ଦେଲା ନାହିଁ। ଉପବାସରେ ରହିବା ପରେ ଘରୁ ଟଙ୍କା ଗଲା। ଏହି ସମୟରେ ଭିସା ଅବଧି ଶେଷ ହୋଇଯାଇଥିଲା। କମ୍ପାନୀ ତାଙ୍କୁ ଦେଶକୁ ପଠାଇବାର ବ୍ୟବସ୍ଥା କଲାନାହିଁ। ବରଂ ସେ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇ ଟଙ୍କା ମାଗିବାରୁ ଦେଲେ ନାହିଁ। ଭିସା ଅବଧି ପୂରିବାର ୩ ମାସ ପୂର୍ବରୁ ବଢ଼ାଇବାକୁ ନିଜେ ଆବେଦନ କରିବେ ବୋଲି କହି କାମ କରୁଥିବା କମ୍ପାନୀଠାରୁ ଭିସା ଆଣିଥିଲେ। କମ୍ପାନୀଠାରୁ ଭିସା ଆଣିବା ପରେ ବିରେନ କମ୍ପାନୀ ଛାଡ଼ି ଅନ୍ୟ ଏକ କମ୍ପାନୀକୁ କାମ କରିବାକୁ ଚାଲି ଯାଇଥିଲେ। କମ୍ପାନୀକୁ ବିରେନ କାମ ପାଇଁ ନ ଆସିବାରୁ ଚୋରି କରି ପଳାଇଥିବା ନେଇ ଦୁବାଇ ପୋଲିସ ନିକଟରେ କର୍ତ୍ତୃପକ୍ଷ ଅଭିଯୋଗ କରିଥିଲେ। ପୋଲିସ ଅନ୍ୟ ଏକ କମ୍ପାନୀରୁ ବିରେନଙ୍କୁ ଗିରଫ କରି ଜେଲକୁ ପଠାଇ ଦେଇଛି। ଦୀର୍ଘ ଅଢେଇ ମାସ ହେଲା ବିରେନ ଦୁବାଇ ଜେଲରେ ରହିଛନ୍ତି। ବିରେନଙ୍କୁ ଦୁବାଇ ପଠାଇଥିବା ଏଜେଣ୍ଟ ରାଜନଗର ବ୍ଲକ ଡେରା ଗ୍ରାମର ଚଗୁଲି ବେହେରାଙ୍କ ବିରୋଧରେ ରାଜନଗର ଥାନାରେ ମା' ଭାରତୀ ରାଉତ ଅଭିଯୋଗ କରିଛନ୍ତି। ଏଥିସହ ରାଜ୍ୟ ସରକାର ପୁଅକୁ ଜେଲ ମୁକୁଳାଇ ଆଣିବା ସହ ଘରକୁ ପଠାଇବାର ବ୍ୟବସ୍ଥା କରିବାକୁ ମା' ଭାରତୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏମ୍ପି ବୈଜୟନ୍ତ ପଣ୍ଡାଙ୍କୁ ଆକୁଳ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଅଲ୍ଲିଏନ୍ସ ରିକ୍ରୁମେଣ୍ଟ ସର୍ଭିସ କମ୍ପାନୀର ଏଜେଣ୍ଟ ବିଚିତ୍ର କୁମାର ବେହେରାଙ୍କୁ ପଚାରିବାରୁ ପହଞ୍ଚିବା, ରହିବା, ଖାଇବା ଓ ଦରମା ପାଇବାରେ ସମସ୍ୟା ହେଲେ ଆମେ ବୁଝିଥାଉ ମାତ୍ର ସେଠାକାର ନିୟମ ଅନୁସାରେ ଗୋଟିଏ କମ୍ପାନୀରୁ ଅନ୍ୟ କମ୍ପାନୀକୁ ଯାଇ କାମ କରିବାକୁ ହେଲେ ଏନଓସି ଆବଶ୍ୟକ। ମାତ୍ର ବିରେନ କମ୍ପାନୀଠାରୁ ନିଜେ ଅବଧି ବଢ଼ାଇବ ବୋଲି କହି ଭିସା ଆଣି ଅନ୍ୟ ଏକ କମ୍ପାନୀରେ ଲୁଚି କାମ କରୁଥିଲେ। ସେଠାକାର ପୋଲିସ ତାଙ୍କୁ ଗିରଫ କରିଛି ଓ କମ୍ପାନୀରୁ ଚୋରି କରି ପଳାଇଥିବା ନେଇ କମ୍ପାନୀ ଦର୍ଶାଇଛି ବୋଲି ସେ କହିଛନ୍ତି।

# ଜଳୁଛି ରାଜନଗର ଜଙ୍ଗଲ, ବନ ବିଭାଗର ଦେଖାନାହିଁ



**ଡେରାବିଶ, ୨୦।୩ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ ରାଜନଗରଠାରେ ଥିବା ଜଙ୍ଗଲ ଶୁକ୍ରବାର ସକାଳୁ ଜଳୁଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ସକାଳୁ ଏହାକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ମାତ୍ର କୌଣସି ଅଧିକାରୀ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଗ୍ରାମର ସ୍ୱେଚ୍ଛାସେବୀ ଦୈତାରୀ ଯେନାଙ୍କଠାରୁ ଖବରପାଇ ଡେରାବିଶ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛନ୍ତି।

କେନ୍ଦ୍ରାପଡ଼ା ବନବିଭାଗର ରେଞ୍ଜ ଅଧୀନରେ ଥିବା ରାଜନଗରଠାରେ ୯୯ ଏକର ପରିବ୍ୟାପ୍ତ ଜମିରେ ଜଙ୍ଗଲ ରହିଛି। ଏହି ଜଙ୍ଗଲକୁ ବିଭାଗ ପକ୍ଷରୁ ସଂରକ୍ଷିତ କରାଯିବା ସହ ପ୍ରତ୍ୟେକ ବର୍ଷ ବନ ମହୋତ୍ସବ ସପ୍ତାହରେ ମୂଲ୍ୟବାନ ଚାରା ରୋପଣ କରାଯାଇଥାଏ। ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ୧୦୦ ମିଟର ଦୂରରେ ବନପାଳଙ୍କ କାର୍ଯ୍ୟାଳୟ ମଧ୍ୟ ରହିଛି। ବହୁ ପୁରୁଣା ମୂଲ୍ୟବାନ ଗଛ ଏହି ଜଙ୍ଗଲରେ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଏଥିପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଜଙ୍ଗଲକୁ ଆହୁରି ସମୃଦ୍ଧ କରିବା ପାଇଁ ଗ୍ରାମର ଯୁବ ସ୍ୱେଚ୍ଛାସେବୀ ଦୈତାରୀଙ୍କ ନେତୃତ୍ୱରେ ଅଞ୍ଚଳର ଯୁବକମାନେ କିଛିବର୍ଷ ହେବ ଅଞ୍ଚଳରୁ ଆମ୍ବ ଟାକୁଆ ସଂଗ୍ରହ କରି ବହୁସଂଖ୍ୟାରେ ଚାରା ମଧ୍ୟ ରୋପଣ କରିଛନ୍ତି। ତେବେ କାହିଁକି ଓ କେଉଁ କାରଣରୁ ଏହି ନିଆଁ ଲାଗିଛି ସେ ନେଇ ଗ୍ରାମବାସୀ ଚିନ୍ତା ପ୍ରକଟ କରିଥିବାବେଳେ ଏଠାରେ ଅବସ୍ଥାପିତ ଥିବା ବନପାଳ ନିଜ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଜଙ୍ଗଲରୁ କାଠ ମାଫିଆ ବହୁସଂଖ୍ୟାରେ ମୂଲ୍ୟବାନ ଗଛ କାଟି ନିଆଯାଉଛନ୍ତି। ଏ ସମ୍ପର୍କରେ ମଧ୍ୟ କେନ୍ଦ୍ରାପଡ଼ା ରେଞ୍ଜର ଓ କଟକ ଡିଏଫ୍ଓଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛନ୍ତି ବୋଲି ଦୈତାରୀ କହିଛନ୍ତି। ଏହି ଅଗ୍ନିକାଣ୍ଡ ଯୋଗୁ ସାଗୁଆନ, ଆକାଶୀ, ଶାଳ ଓ ପିଆଶାଳ ଭଳି ବହୁ ପୁରୁଣା ମୂଲ୍ୟବାନ ଗଛ ଗୁଡ଼ିକ ପୋଡ଼ି ଯାଇଥିବା ବେଳେ ଗ୍ରାମର ଯୁବକମାନଙ୍କ ଦ୍ୱାରା ଲାଗାଯାଇଥିବା ଆମ୍ବଗଛ ଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏ ସମ୍ପର୍କରେ କେନ୍ଦ୍ରାପଡ଼ା ରେଞ୍ଜ ଅଧିକାରୀ ରବୀନ୍ଦ୍ର ନାୟକଙ୍କୁ ପଚାରିବାରେ ଏ ବିଷୟରେ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ। ବୁଝିଲା ପରେ ଯାହା କିଛି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# ଯଯାତି ମହୋତ୍ସବ ପାଇଁ ମା' ବିରଜାଙ୍କ ଆଜ୍ଞାମାଳ



ଯଯାତି ମହୋତ୍ସବ ପାଇଁ ମା' ବିରଜାଙ୍କ ଆଜ୍ଞାମାଳ ଅଣାଯାଉଛି।

ଯାଜପୁର, ୨୦।୩ (ହର୍ଷବର୍ଦ୍ଧନ ବେହେରା) ଐତିହ୍ୟ ଓ ପରମ୍ପରାର ଅନନ୍ୟ ସମନ୍ୱୟରେ ଶୁକ୍ରବାର ଶୁଭାରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ ଯଯାତି ମହୋତ୍ସବ ଏବଂ ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ପରିସରରୁ ଜିଲାପାଳ ଅମ୍ବର କୁମାର କର ଏବଂ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ ଏକ ବିରାଟ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା। ଘଣ୍ଟଘଣ୍ଟା, ଶଙ୍ଖଧ୍ୱନି ଏବଂ 'ଜୟ ମା' ବିରଜା' ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ଉପଜିଲାପାଳ ଦେହୁରୀଙ୍କ ଦ୍ୱାରା ମା'ଙ୍କ ପବିତ୍ର ଆଜ୍ଞାମାଳକୁ ପ୍ରଶାସନିକ ଭବନ ପଡ଼ିଆରେ ନିର୍ମିତ ଭବ୍ୟ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଅଣାଯାଇଥିଲା। ମନ୍ତ୍ରୋଚ୍ଚାରଣ ଓ ଶାସ୍ତ୍ରୀୟ ବିଧିବିଧାନ ମଧ୍ୟରେ ଆଜ୍ଞାମାଳକୁ ରଙ୍ଗମଞ୍ଚରେ ସ୍ଥାପନ କରାଯିବା ପରେ 'ଯଯାତି ୨୦୨୬' ମହୋତ୍ସବର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ, ସ୍ଥାନୀୟ ମହିଳାମାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅନିତା



@ ଭାରତ



@ ଦୀପକ



@ ପପୁ



@ କାଳିଆ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁବକଙ୍କ ମୃତଦେହ ଜବତ

**ବଡ଼ଚଣା, ୨୦।୩ (ଦିଲୀପ କୁମାର ମହାନ୍ତି):** ବଡ଼ଚଣା ଥାନା ଚଣ୍ଡିତଳ ପଞ୍ଚାୟତ ଶିଖର ଚଣ୍ଡୀପାହାଡ଼ରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଉକ୍ତ ଥାନା ଖଇରା ପଞ୍ଚାୟତ ନୂଆଶାସନ ଗାଁର ନକୁଳ ଦାସଙ୍କ ପୁଅ କାହ୍ନୁଚରଣ(୨୬)। ଗୁରୁବାର ସେ କେଉଁଆଡେ ପଳାଇଥିଲେ। ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଶିଖରଚଣ୍ଡୀ ପାହାଡ଼ରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀ ଜଗଦୀଶ କର ସଦଳବଳ ପହଞ୍ଚି ଛାନଭିନ କରିବା ପରେ ଯୁବକଙ୍କ ପରିଚୟ ମିଳିଥିଲା। ମୃତ ଯୁବକଙ୍କ ହାତ କୌଣସି ଧାରୁଆ ଅସ୍ତ୍ରରେ କଟାଯାଇଥିବା ଦେଖିବାକୁ ମିଳିଛି। ଏହା ଏକ ପ୍ରେମ ଜନିତ ଆତ୍ମହତ୍ୟା ବୋଲି ପୋଲିସ କହିଛି। ଏନେଇ କାହ୍ନୁଚରଣଙ୍କ ଭାଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୧୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ମାଣ୍ଡୁକା ପାହାଡ଼ରୁ ମୋରମ୍ ଲୁଟ୍ ମାମଲା**

# ଲିଜ୍‌ଧାରୀଙ୍କୁ ସିଆ ପକ୍ଷରୁ ଜବାବ ତଲବ

**ଯାଜପୁର, ୨୦।୩ (ହର୍ଷବର୍ଦ୍ଧନ ବେହେରା)**

ପରିବେଶଗତ ଅନୁମତିର ଉଲ୍ଲଂଘନ ଏବଂ ମଞ୍ଜୁରଠାରୁ ପ୍ରାୟ ୧୦୦ ଗୁଣ ଅଧିକ ମୋରମ୍ ଲୁଟ୍ ମାମଲାରେ ଷ୍ଟେଟ୍ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ସିଆ) ପକ୍ଷରୁ ମାଣ୍ଡୁକା ପାହାଡ଼ ମୋରମ ଲିଜ୍‌ଧାରୀଙ୍କୁ ଜବାବ ତଲବ କରାଯାଇଛି। ନୋଟିସର ୧୫ ଦିନ ମଧ୍ୟରେ ଲିଜ୍‌ଧାରୀ ହରପ୍ରସାଦ ସେନାପତି ସନ୍ତୋଷଜନକ ଉତ୍ତର ରଖି ନ ପାରିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଦର୍ଶାଯାଇଛି।

ଯାଜପୁର ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ପାଇଁ କେତେଜଣ ପ୍ରଭାବଶାଳୀଙ୍କ ସହଯୋଗରେ ଏବେ ଏକ ପ୍ରକାର ଅଘୋଷିତ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ସରକାରଙ୍କ ନୀତିନିୟମ, ପ୍ରତିଶ୍ରୁତି ଚପିଯାଉଛି। ଫଳରେ ଖୁବ୍ ଅଳ୍ପ ଦିନରେ ଏଠାରେ ଲଘୁ ଖଣିଜ ଦ୍ରବ୍ୟ ଶୂନ୍ୟ ହୋଇଯିବ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ଗତ ୨୫ ବର୍ଷ ମଧ୍ୟରେ ଜିଲାରୁ ଯେଉଁ ପରିମାଣରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ହୋଇଛି ଏବଂ ଯେଉଁ ପରିମାଣରେ କମ୍ପାନୀମାନେ ଏହାର ଉତ୍ତୋଳନ ବୃଦ୍ଧି କରିବାରେ ଲାଗି ପଡ଼ିଛନ୍ତି, ସେସବୁ ହିସାବକୁ ନେଲେ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଜିଲା ଖଣିଜ ସମ୍ପଦ ଶୂନ୍ୟ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ଏଠାରେ ଦର୍ପଣ ତହସିଲ ଅନ୍ତର୍ଗତ ମାଣ୍ଡୁକା ଗ୍ରାମର ମୋରମ ଖଣିକୁ ଉଦାହରଣ




ଭାବେ ନିଆଯାଇପାରେ। 'ସିଆ'ର ନୋଟିସ ଅନୁସାରେ ମାଣ୍ଡୁକା ଗ୍ରାମର ୧୨ ଏକର ପରିମିତ ମୋରମ ଖାଦାନ ପାଇଁ ୧୩।୫।୨୦୨୧ରେ ମାଣ୍ଡୁକା ମୋରମ ଖଣି ଉତ୍ତୋଳନ ପାଇଁ ପରିବେଶ ମଞ୍ଜୁରୀ(ଇସି) ମିଳିଥିଲା। ଇସି ସର୍ତ୍ତାବଳୀ ଅନୁଯାୟୀ ବାର୍ଷିକ ୩୩,୭୨୧ ଘନମିଟର ଏବଂ ୫ ବର୍ଷ ମଧ୍ୟରେ ୧,୬୮,୬୦୫ ଘନମିଟର ମୋରମ ଉତ୍ତୋଳନ କରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ଇସି ସର୍ତ୍ତାବଳୀର ବିଭିନ୍ନ ଦିଗକୁ ଲିଜ୍‌ଧାରୀ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ଗୋଟିଏ ମାତ୍ର ମୋରମ ଖାଦାନକୁ ଅନୁମତି ମିଳିଥିବାରୁ ଏଠାରୁ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟରେ ମନଇଚ୍ଛା ମୋରମ୍ ବ୍ୟବହାର ହୋଇଛି। ଏହାବାଦ ପରିବେଶଗତ ସର୍ତ୍ତାବଳୀର କୌଣସି ଅନୁପାଳନ ପରିବେଶ ପୋର୍ଟାଲରେ ଦାଖଲ କରାଯାଇନାହିଁ। ଏହି ମର୍ମରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୨୧୬/୨୦୨୬/ଇଜେଡ୍ ନମ୍ବରରେ ଏକ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁସାରେ ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ଜମିରେ କୌଣସି ବାଡ ଦିଆଯାଇ ନ ଯାଇ ଅନ୍ୟ ସ୍ଥାନରୁ ମଧ୍ୟ ମୋରମ ଉତ୍ତୋଳନ ହୋଇଛି। ଏହାସହ ମୋରମ ବଦଳରେ ମୂଲ୍ୟବାନ ଖଣ୍ଡୋଲାଇଟ ପଥର ଚୋରି କରାଯାଇଛି। ସୁରକ୍ଷାକୁ ଦୃଷ୍ଟି ନ ଦେଇ ଗଭୀର ଖନନ ହୋଇଛି। ଲିଜ ଅଞ୍ଚଳ ବାହାରେ ଚାରାରୋପଣ କରିବାର ନିୟମ ରହିଥିବାବେଳେ ତାହାର ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଛି। ପ୍ରଦୂଷଣ ନିୟମକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ପୂର୍ବରୁ ଯାଜପୁର ଜିଲାପାଳ ଆବଶ୍ୟକ ତଦନ୍ତ କରି ଓଡ଼ିଶା ସ୍ପେସ୍ ଆପ୍ଲିକେସନ ସେଣ୍ଟର(ଓଆର୍‌ଏସ୍‌ଏସି) କର୍ତ୍ତୃପକ୍ଷଙ୍କ ଦ୍ୱାରା ମାପଚୁପର ରିପୋର୍ଟ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିଛନ୍ତି।

# ପୁରୁଣା ଚିନିକଳ ମାଟିରେ ମିଶିଲାଣି | ନୂଆ କେଉଁଠି ହେବ ସ୍ପଷ୍ଟ ହେଉନି

ନୟାଗଡ଼,୨୦।୩(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ପାଣିପୋଇଲାଠାରେ ଥିବା ପୁରୁଣା ଚିନିକଳ ମାଟିରେ ମିଶିଲାଣି। ନୂଆ ଚିନିକଳ କେଉଁଠାରେ କରାଯିବ ପ୍ରଶାସନିକସ୍ତରରେ ଅଥବା ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଉନି। ନୟାଗଡ଼ରେ ଚିନିକଳ କରାଯିବା ନେଇ ବର୍ତ୍ତମାନର ପୁରୀ ଏମ୍‌ପି ନିର୍ବାଚନ ପୂର୍ବରୁ ଓ ପରେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ହେଁ କାର୍ଯ୍ୟକାରୀ ହୋଇ ନ ପାରିବାରୁ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି। ନୟାଗଡ଼ ବ୍ଲକ ଗମେଇରେ ନୂଆ ଚିନିକଳ ହେବ ବୋଲି ପ୍ରଶାସନିକସ୍ତରରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ନୟାଗଡ଼ ତହସିଲ ପକ୍ଷରୁ ଗମେଇ ଅଞ୍ଚଳରେ ୪୦ ଏକର ଜମି ଚିହ୍ନଟ କରି ପ୍ରଶାସନକୁ ଅବଗତ କରାଯାଇଥିଲା। ନୂଆ ଚିନିକଳ ପାଇଁ ସ୍ଥାନ ଚିହ୍ନଟ ପରେ ୨୦୨୫ ମେ ୨୦ରେ ତତ୍କାଳୀନ ନୟାଗଡ଼ ଜିଲାର ନୋଡାଲ ଅଫିସର ଦେବେନ୍ଦ୍ର ପ୍ରସାଦ ଦାସ ଜିଲାପାଳଙ୍କ କାର୍ଯ୍ୟାଳୟରେ ନୂଆ ଚିନିକଳ କରାଯିବା ନେଇ ସମୀକ୍ଷା କରିଥିଲେ। ନୂଆ ଚିନିକଳର ଡିପିଆର ପ୍ରସ୍ତୁତ କରିବାକୁ କହିଥିଲେ। ଗମେଇରେ ଚିନିକଳ ହେଲେ ସୁବିଧା, ଅସୁବିଧା କ'ଣ ହେବ ସେନେଇ ପଚାରି ବୁଝିଥିଲେ। ତତ୍କାଳୀନ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଡିଆରସିଏସ୍ ଅନନ୍ତ ନାୟକ, କୃଷି ବିଭାଗର ଅଧିକାରୀ ପ୍ରମୁଖ ସମ୍ପୃକ୍ତ ବୈଠକରେ ଉପସ୍ଥିତ ଥିଲେ।



ନୟାଗଡ଼ ଚିନିକଳ।

ସୂଚନାଯୋଗ୍ୟ, ୧୯୯୨ରେ ପାଣିପୋଇଲାଠାରେ ୧୪୩ ଏକର ଜମିରେ ଚିନିକଳ ସ୍ଥାପିତ ହୋଇଥିଲା। ରାଜ୍ୟ ସରକାର ଚିନି ଶିଳ୍ପ ପାଇଁ ୧୭ କୋଟି ୩୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଚିନିକଳର ମୁଖ୍ୟ ଲକ୍ଷ୍ୟ ଥିଲା ନୟାଗଡ଼ ଜିଲାରେ ଆଖୁଚାଷର ବହୁଳ ପ୍ରସାର କରିବା। ଅନ୍ୟପକ୍ଷେ ଆଖୁ ଚାଷୀ ଓ କୃଷି ଶ୍ରମିକଙ୍କ ଆୟ ବୃଦ୍ଧି ମଧ୍ୟ ଅନୁରୂପ ଲକ୍ଷ୍ୟ ରହିଥିଲା। ନବେ ଦଶକର ପ୍ରଥମ ଭାଗରେ ସମବାୟ ବିଭାଗ ଓଡ଼ିଶା ସରକାର ଏହାର ପରିଚାଳନା ଭାର ନେଇଥିଲେ। ପରେ ୧୯୯୧ରୁ ୧୯୯୭-୯୮ ପର୍ଯ୍ୟନ୍ତ ଧରଣୀ ସୁଗାର ଲିମିଟେଡ ପରିଚାଳନା ଭାର ନେଇଥିଲା। ୧୯୯୮-୯୯ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପୁଣି ସମବାୟ ବିଭାଗ ଓଡ଼ିଶା ସରକାର ପରିଚାଳନା ଭାର ନେଇଥିଲେ। ୨୦୦୦ରୁ ୨୦୦୩-୦୪ ପର୍ଯ୍ୟନ୍ତ ଚିନିକଳରେ ତାଲା ଝୁଲିଥିଲା। ୨୦୦୪-୦୫ରୁ ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡ ଏହାର ପରିଚାଳନା ଭାର ନେଇଥିଲା। ନୟାଗଡ଼ ସମବାୟ ଚିନି ଶିଳ୍ପ ପ୍ରତିଷ୍ଠା ହେବା ଦିନଠାରୁ ନିଜସ୍ୱ ପରିଚାଳନା ପରିଷଦ ଦ୍ୱାରା ୨୦।୬।୨୦୦୪ ପର୍ଯ୍ୟନ୍ତ ସମବାୟ ଆଇନ ୧୯୬୪ ଧାରା ଅନୁସାରେ ପଞ୍ଜୀକୃତ ହୋଇ ପରିଚାଳନା ହେଉଥିଲା। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୨୫୦ ଟିସିଡି ରହିଥିଲା। ଏଠାରେ ରିଫାଇନ ଚିନି ଉତ୍ପାଦନ ହେଉଥିଲା। ଚିନିଶିଳ୍ପର ଦୈନିକ ପେଷଣ କ୍ଷମତା ୧୨୫୦ ମେଟ୍ରିକ ଟନ ଥିଲା। ନୟାଗଡ଼ ସମବାୟ ଚିନିଶିଳ୍ପକୁ ୫ କୋଟି ୨୨ ଲକ୍ଷ ଟଙ୍କାରେ ସେଲ୍ ଆଣ୍ଡ ପରଚେସ୍ ଏଗ୍ରିମେଣ୍ଟ ଦ୍ୱାରା ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡକୁ ୨୦।୬।୨୦୦୪ରେ ହସ୍ତାନ୍ତର କରାଯାଇଥିଲା। ତେବେ ୨୦୧୪ ଶେଷ ସମୟରେ ଚିନିଶିଳ୍ପରେ ତାଲା ଝୁଲିଥିଲା। ଚିନି ଶିଳ୍ପ ଉପରେ ୟୁକୋ, ଇଣ୍ଡିଆନ ଓ ଏଚଡିଏଫସି ଆଦି ୩ଟି ବ୍ୟାଙ୍କର ୨୫କୋଟି ଋଣ ଥିବା ଜଣାପଡିଛି। ସେହିପରି ଆଖୁଚାଷୀଙ୍କର ପ୍ରାପ୍ୟ ୪ କୋଟି ଟଙ୍କା, ଶ୍ରମିକ ଓ କର୍ମଚାରୀ ମଜୁରି ୬ କୋଟି ଟଙ୍କା ରହିଥିବା କୁହାଯାଉଛି। କିନ୍ତୁ ଆରଟିଆଇ ରିପୋର୍ଟ ଅନୁସାରେ ଆଖୁଚାଷୀଙ୍କ ପ୍ରାପ୍ୟ ୨ କୋଟି ୮୯ ଲକ୍ଷ ୩୫୨ ଟଙ୍କା ବାକି ରହିଛି।

ପୁରୁଣା ଚିନିକଳ ଅଡୁଆ ସୂତାରେ ଛନ୍ଦି ହୋଇ ପଡିଥିବାବେଳେ କୋର୍ଟରେ ୮୪୦ କୋଟିର ମାମଲା ଚାଲିଛି। ଏଣୁ ପୁରୁଣା ଚିନିକଳର ନିଲାମ ହୋଇ ପାରିବନି ବୋଲି କୁହାଯାଉଛି। ତେବେ ଚିନିକଳର ସମ୍ପତ୍ତି ୩ ଥର ଆକଳନ ହୋଇ ସାରିଲାଣି। ଚିନିକଳ ସମସ୍ୟା କୋର୍ଟ କଚେରୀ ଓ ସମ୍ପତ୍ତି ଆକଳନ ପରେ ଚିନିକଳରୁ ଯନ୍ତ୍ରାଂଶ ବାରମ୍ବାର ଚୋରି ହୋଇ ଚାଲିଲା। ଚିନିକଳର ଚୋରିକୁ ପ୍ରଶାସନ ରୋକିବାରେ ଆଖି ବୁଜି ଦେବା ପରେ ମାଟିରେ ମିଶିଗଲା। ସେପଟେ ନିର୍ବାଚନ ଜିତିବାର ୧୦୦ଦିନ ଭିତରେ ନୂଆ ଚିନିକଳ ପାଇଁ ପ୍ରସ୍ତୁତି ହେବ ବୋଲି ପୁରୀ ଏମ୍‌ପି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ୨୦୨୪ ଜିଲା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ନୟାଗଡ଼ରେ ନୂଆ ଚିନିକଳ ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନୂଆ ଚିନିକଳ ନିର୍ମାଣ ପ୍ରସଙ୍ଗ ନେଇ ଜିଲାରେ ସମାଲୋଚନା ଚାଲିଥିବାବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କର ଚିନି ଶିଳ୍ପ ନେଇ ଘୋଷଣା ସାଧାରଣରେ ଆଗ୍ରହ ବଢ଼ାଇଥିଲା।

### ଅନୁଧ୍ୟାନ ପାଇଁ ଆଜି ଆସୁଛନ୍ତି ଆଇପିଏଲ୍ ଟେକ୍‌ନିକାଲ୍ ଟିମ

ନୟାଗଡ଼ରେ ଚିନିଶିଳ୍ପ ଖୋଲିବା ନେଇ ମାର୍ଚ୍ଚ ୬ରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଘୋଷଣା କରିଥିଲେ। ଏପରିକି ଚିନି ଶିଳ୍ପ ଖୋଲିବା ନେଇ ଇଣ୍ଡିଆନ୍ ପଟାସ୍ ଲିମିଟେଡକୁ ଦାୟିତ୍ୱ ଦିଆଯାଇଛି ବୋଲି ସ୍ପଷ୍ଟ କରିଥିଲେ। ମନ୍ତ୍ରୀଙ୍କର ଘୋଷଣାର କେଇ ଦିନ ପରେ ଶନିବାର ନୟାଗଡ଼କୁ ଇଣ୍ଡିଆନ୍ ପଟାସ୍ ଲିମିଟେଡର ଏକ ଟେକ୍‌ନିକାଲ୍ ଟିମ ଚିନିକଳ ସ୍ଥାପନ ସମ୍ପର୍କରେ ଅନୁଧ୍ୟାନ ପାଇଁ ଆସୁଛନ୍ତି। ପୁଣି ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଓ କିଛି ପଦାଧିକାରୀ ଆସୁଥିବା ଜଣାପଡିଛି। ଇଣ୍ଡିଆନ୍ ପଟାସ୍ ଲିମିଟେଡର ଟେକ୍‌ନିକାଲ୍ ଟିମର ନୟାଗଡ଼ ଗସ୍ତକୁ ଜିଲା ପ୍ରଶାସନ ଲୁକ୍କାୟିତ ରଖି ଚିନି ଶିଳ୍ପ କେଉଁଠି କରାଗଲେ ଭଲ ହେବ ସେନେଇ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡିଛି। ଅପରପକ୍ଷେ ଶୁକ୍ରବାର ନୟାଗଡ଼ ଜିଲାପାଳ ମଧୁମିତା ରଥ ମଧ୍ୟ ପୁରୁଣା ଚିନିକଳ ଅଞ୍ଚଳ ଗସ୍ତ କରି ଫେରିଛନ୍ତି। ଜିଲାପାଳଙ୍କ ସହ ନୟାଗଡ଼ ତହସିଲଦାର ଯାଇଥିବା ଜଣାପଡିଛି।

## ବିଦ୍ୟୁତ୍ ଶର୍ଟ୍‌ସର୍କିଟରୁ ଅଗ୍ନିକାଣ୍ଡ: ୨ ବଖରା ଜଳିଗଲା


ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର।

ଗଣିଆ, ୨୦।୩ (ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ବେଲପଡ଼ା ପାଟଣା ପଞ୍ଚାୟତ ରାଉତପଡ଼ା ନୂଆସାହି ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୨ ବଖରା ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ଗ୍ରାମରେ ଶାନ୍ତିଲତା ସାହୁଙ୍କ ୧ ବଖରା ଓ ପ୍ରତାପ ସାହୁଙ୍କ ୧ ବଖରା ପୋଡ଼ିଯାଇଛି। ଏଥିସହ ଘରେ ଥିବା ସମସ୍ତ ଧାନ, ଚାଉଳ, ଲୁଗାପଟା, ଆସବାବପତ୍ର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଘରେ କେହି ନ ଥିବା ସମୟରେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଖବରପାଇ ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ କୌଣସି ଜିନିଷ ଉଦ୍ଧାର ହୋଇ ପାରି ନ ଥିଲା। ଖବର ପାଇ ବେଲପଡ଼ାପାଟଣା ସରପଞ୍ଚ ସୁକାନ୍ତ ଗଣ୍ଡିଆ ୪ ହଜାର ଟଙ୍କା ସହାୟତା ଦେବାସହ ଏକ ସପ୍ତାହ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗଣିଆ ବିଡିଓ ୫ ହଜାର ଟଙ୍କା ଓ ଗଣିଆ ଭାଜପା ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରତି ଅଗ୍ନି ବିପନ୍ନ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଲେଖାଏଁ ଆର୍ଥିକ ସହାୟତା ଓ ଜରିପାଲ ଯୋଗାଇ ଦେବାକୁ ଗଣିଆ ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟି କହିଛନ୍ତି।

## ପଖାଳ ବଜାୟ ରଖିଛି ସ୍ୱତନ୍ତ୍ରତା

ନୟାଗଡ଼,୨୦।୩(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ପ୍ରତାପପ୍ରସାଦ ଭୈରବୀ ମନ୍ଦିର, ନୟାଗଡ଼ ନିର୍ବାଚନମଣ୍ଡଳୀ ଭାଜପା କାର୍ଯ୍ୟାଳୟରେ ଓ ଇଟାମାଟିସ୍ଥିତ ଆଇଆଇଏମ୍‌ଏସ୍ କଲେଜ ପରିସରରେ ପଖାଳ ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକସ୍ଥାନରେ ମତ ପ୍ରକାଶ ପାଇଥିଲା ଓଡ଼ିଆମାନଙ୍କର ପ୍ରିୟ ଖାଦ୍ୟ ପଖାଳ। ସଭ୍ୟତା ଯେତେ ଆଗକୁ ଗଲେ ମଧ୍ୟ ସମ୍ପୃକ୍ତ ପାରମ୍ପରିକ ଖାଦ୍ୟ ନିଜର ସ୍ୱତନ୍ତ୍ରତା ବଜାୟ ରଖି ପାରିଛି। ପଖାଳ କେବଳ ଖାଦ୍ୟ ନୁହେଁ ଓଡ଼ିଆ ଘରର ସ୍ମୃତି, ଚାଷୀର ଖାଦ୍ୟ, ମା'ର ମମତା, ଗ୍ରୀଷ୍ମରେ ଶରୀରକୁ ଶୀତଳ କରିବାର ପ୍ରାକୃତିକ ଉପାୟ। ଆଜିର ଯୁବ ପିଢ଼ି ଫାଷ୍ଟଫୁଡରୁ ଦୂରେଇ ପାରମ୍ପରିକ ଖାଦ୍ୟକୁ ଆଲିଙ୍ଗନ କଲେ ସ୍ୱାସ୍ଥ୍ୟ ଓ ସଂସ୍କୃତି ଉଭୟ ରକ୍ଷା ହୋଇପାରନ୍ତା ବୋଲି କହିଥିଲେ।

ପ୍ରତାପପ୍ରସାଦ ଭୈରବୀ ମନ୍ଦିରରେ ଗିଭ ବ୍ଲଡ ସେଭ ଲାଇଫ ପକ୍ଷରୁ ପଖାଳ ଦିବସ ପାଳନ ହୋଇଯାଇଛି। ଆୟୋଜିତ ପଖାଳ ଦିବସ ସାମାଜିକ କର୍ମୀ ଭାଗୀରଥି ବାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଭୈରବୀ ମନ୍ଦିରରେ ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ୱଳନ ହୋଇଥିଲା। ଏଥିରେ ଅତିରିକ୍ତ ଏସ୍‌ପି ଜ୍ୟୋତି ରଞ୍ଜନ ସମାନ୍ତରାୟ, ଶିକ୍ଷାବିତ୍ ଅଶୋକ ନାୟକ, ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ସିଡିଏମ୍‌ଓ ରାଜ କିଶୋର ବରାଡ, ବ୍ୟବସାୟୀ ବିଶ୍ୱନାଥ ମହାପାତ୍ର, ଆଇଏମ୍‌ସ୍‌ର ପ୍ରତିଷ୍ଠାତା ସଞ୍ଜିତ ରୋଷନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏଠାରେ ସଜ ପଖାଳ, ବାସି ପଖାଳ, ଦହି ପଖାଳ, ଲେମ୍ବୁ ପଖାଳ, ଅଦା, ଜିରା ଫୁଟଣର ପଖାଳ ସହ ଘରୋଇ ଭଜା, ଆଳୁ ଭର୍ତ୍ତା, ବାଇଗଣ ପୋଡା, ଟମାଟ ପୋଡା, ଟମାଟ କଟା, ଶଜନା ଶାଗ, ଇଚ୍ଛା ଅନୁସାରେ ମାଛ ଭଜା, ଲୁଣ, ଲଙ୍କା, ପିଆଜ ବ୍ୟବସ୍ଥା ରହିଥିଲା। ଶେଷରେ ପଖାଳ ଆମର ଗର୍ବ ଓଡ଼ିଆ ଆମର ପରିଚୟ ବୋଲି ସ୍ଲୋଗାନ ଦିଆଯାଇଥିଲା। ସେହିଭଳି ନୟାଗଡ଼ ନିର୍ବାଚନମଣ୍ଡଳୀ ଭାଜପା କାର୍ଯ୍ୟାଳୟରେ ପଖାଳ ଦିବସ ଅବସରରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ଜିଲା ସାଧାରଣ ସମ୍ପାଦକ ରଞ୍ଜନ ପଣ୍ଡା, ଜିଲା ଉପସଭାପତି ପ୍ରହ୍ଲାଦ ବରାଡ, ଜିଲା କୃଷକ ମୋର୍ଚ୍ଚା ସଭାପତି ସଞ୍ଜୟ ନାୟକ, ପୂର୍ବତନ ଜିଲା କୃଷକ ସଭାପତି ଶ୍ରୀନିବାସ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ପଟ୍ଟନାୟକ, ବରିଷ୍ଠ ନେତା ଜଗନ୍ନାଥ ପାଣିଗ୍ରାହୀ, ଇଟାମାଟିର ଯୁବନେତା ଚନ୍ଦନ ଦାଶ, ପ୍ରଫୁଲ୍ଲ ଖୁଣ୍ଟିଆ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧିଜୀବୀ, ସାହିତ୍ୟିକ, ଲେଖକ, ସାମାଜିକ କର୍ମୀ ଓ ଖବରଦାତା ଯୋଗ ଦେଇଥିଲେ। ଅନ୍ୟପକ୍ଷେ ଇଟାମାଟିସ୍ଥିତ ଆଇଆଇଏମ୍‌ଏସ୍ କଲେଜ ପରିସରରେ ବିଶ୍ୱ ଓଡ଼ିଆ ପରିବାରର ପ୍ରତିଷ୍ଠାତା ସଜ୍ଜନ ଶର୍ମା, ଆର୍‌ଏସ୍‌ଏସ୍‌ର ଉପସଭାପତି ଭବେନ୍ଦ୍ର ପଣ୍ଡା, ଏଫଏମ୍ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ଡ. କୁମାରବର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ, ଡେପୁଟି କଲେକ୍ଟର ତପତି ରାଜ, ଚେୟାରମ୍ୟାନ ପଦ୍ମଲୋଚନ ଦାଶ ପ୍ରମୁଖ ଯୋଗଦେଇଥିଲେ। କଲେଜର ସମ୍ପାଦକ ଶିଶିର କୁମାର ପଟ୍ଟନାୟକ ଓ ଉପଦେଷ୍ଟା ରବୀନ୍ଦ୍ର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଇଟାମାଟିସ୍ଥିତ ଆଇଆଇଏମ୍‌ଏସ୍ କଲେଜ ପରିସରରେ ପଖାଳ ଦିବସରେ ସଜ୍ଜନ ଶର୍ମା ଓ ଅନ୍ୟମାନେ।

## କାଗଜକଲମରେ ସୀମିତ ପଲିଥିନ୍ କଟକଣା

ଖଣ୍ଡପଡା, ୨୦।୩
(ଅଜୟ କୁମାର ମହାରଣା)



ଗାଁ ହେଉ ଅବା ସହର ସବୁଠି ପଲିଥିନର ମୋହ ତୁଟାଇ ପାରୁନାହାନ୍ତି ଗ୍ରାହକ କି ଦୋକାନୀ ଅବା ବ୍ୟବସାୟୀ। ବିଭିନ୍ନ ସାମଗ୍ରୀ ସହିତ ମାଛ, ମାଂସ, ବିସ୍କୁଟ, ମିକ୍ସଚର, ଗୃହ ସାମଗ୍ରୀ, ପନି ପରିବା ପ୍ରଭୃତି ଆଣିବା ପାଇଁ ଗ୍ରାହକମାନେ ଘରୁ ବ୍ୟାଗ ନେବା ଦରକାର ପଡୁନି। ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନେ ଯେତେ ବାରଣ କଲେ ମଧ୍ୟ ଗ୍ରାହକ ବାଧ୍ୟ କରୁଛନ୍ତି ପଲିଥିନରେ ସାମଗ୍ରୀମାନ ଦିଅ। ବ୍ୟବସାୟ ଦୃଷ୍ଟିରୁ ଦୋକାନୀ ବାଧ୍ୟ ହୋଇ ପଲିଥିନି ଖଣ୍ଡେ ଦେଉଛନ୍ତି। ଫଳରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଖଣ୍ଡପଡ଼ା ଏନ୍‌ଏସି ସମେତ, ଖଳିସାହି, କଣ୍ଟିଲୋ ବାଣପୁର, ସିଧାମୂଳା କୋସକା, ଢୋଲମରା, କୁମ୍ଭାରପଡ଼ା, ବନମାଳିପୁର, ଜଗନ୍ନାଥପ୍ରସାଦ ଆଦି ପଞ୍ଚାୟତ ଅଞ୍ଚଳରେ ଥିବା ବ୍ୟବସାୟ ପ୍ରତିଷ୍ଠାନରେ ପଲିଥିନର ବହୁଳ ବ୍ୟବହାର କରାଯାଉଛି। ପଲଥିନର ଅତ୍ୟଧିକ ବ୍ୟବହାର ଯୋଗୁ ଆଉ କେହି କାଗଜ ଠୁଙ୍ଗା ପ୍ରସ୍ତୁତ କରୁନାହାନ୍ତି। ପୂର୍ବରୁ ପଲିଥିନର ପ୍ରଚଳନ ନ ଥିବା ବେଳେ କେତେଜଣ ଲୋକ କାଗଜ ଠୁଙ୍ଗା ତିଆରି କରି ପରିବାର ପ୍ରତିପୋଷଣ କରୁଥିଲେ। ରାଜ୍ୟ ସରକାର ୨୦୧୮ ଅକ୍ଟୋବର ୨ରୁ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରିଥିବା ବେଳେ ବ୍ୟବସାୟୀମାନେ ଏହାର ଖୋଲାଖୋଲି ଉଲ୍ଲଘଂନ କରୁଛନ୍ତି। ଏହି ନିୟମକୁ ଉଲ୍ଲଘଂନ କରୁଥିବା ସଂସ୍ଥା ଓ ବ୍ୟବସାୟୀଙ୍କୁ ଜେଲ ଏବଂ ଜରିମାନା କରିବାକୁ ଥିବାବେଳେ ଏହା କେବଳ ସରକାରୀ ନାଳିଫିତା ତଳେ ଚାପି ହୋଇ ରହିଛି। ବିପୁଳ ପରିମାଣର ପଲିଥିନି ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ପର୍ଯ୍ୟଟନସ୍ଥଳୀଗୁଡିକରେ କୁଢ଼ କୁଢ଼ ପଲିଥିନି ପଡି ରହି ପରିବେଶ ପ୍ରଦୂଷିତ ହେଉଛି। ବିଭିନ୍ନ ସ୍ଥାନରେ ପଡିଥିବା ଆବର୍ଜନା ମଧ୍ୟରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପ୍ରତିଶତ କେବଳ ପଲିଥିନି। ନାଳ ନର୍ଦ୍ଦମାଠାରୁ ଆରମ୍ଭ କରି ଡଷ୍ଟବିନ ପର୍ଯ୍ୟନ୍ତ ପଲିଥିନି ଯୁକ୍ତ ଆବର୍ଜନା। ସେହିପରି ବାହାରେ ପଡୁଥିବା ପଲିଥିନିକୁ ଗୋରୁ ଖାଇ ରୋଗାକ୍ରାନ୍ତ ହୋଇ ପଡୁଛନ୍ତି। ଜିଲା ପ୍ରଶାସନ ପଲିଥିନି ବ୍ୟବହାର ଉପରେ କଟକଣା ଜାରି କରି ଏହାର ବ୍ୟବହାରକୁ ବନ୍ଦ କରିପାରିଲେ ପରିବେଶ ସୁରକ୍ଷିତ ରହି ପାରିବ। ଏ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଏହା ବ୍ୟତିତ କାଗଜ ଠୁଙ୍ଗା ପ୍ରସ୍ତୁତ କରୁଥିବା ବ୍ୟବସାୟୀଙ୍କ ପୁନରୁଦ୍ଧାର ହୋଇ ପାରନ୍ତା।

## ନାଟକରେ ସମୁଦ୍ରରେ ସଭ୍ୟତା, ସଂଘର୍ଷର ଅପୂର୍ବ ସମନ୍ୱୟ

ନୟାଗଡ଼,୨୦।୩(ଲୋକନାଥ ମିଶ୍ର)

ନୟାଗଡ଼ ସହରର ପଠାଣି ସାମନ୍ତ ଅଡ଼ିଟୋରିୟମରେ ନାଟ୍ୟଧାରା ପକ୍ଷରୁ ଚାଲୁ ରହିଛି ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ। ମହୋତ୍ସବର ୬ଷ୍ଠ ଦିବସରେ 'ସୂର, ସମ୍ବଲପୁର' ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ସମ୍ବଲପୁରୀ ନାଟକ 'ସମୁଦ୍ର' ମଞ୍ଚସ୍ଥ ହୋଇଯାଇଛି। ଡ. ପ୍ରସନ୍ନ କୁମାର ସାହୁଙ୍କ ଲିଖିତ ନାଟକଟି ନିଜର ନିଆରା କଥାବସ୍ତୁ ଓ ଜୀବନ୍ତ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଥିଲା। ନାଟକର କାହାଣୀ ଜଙ୍ଗଲୀ ଯୁବକ କମ୍ବୁ ଓ ଜାହାଜ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା 'କ୍ୟାପଟେନ କିଶନ'ଙ୍କ ସଂଘର୍ଷମୟ ଜୀବନକୁ ନେଇ ଗତିଶୀଳ ହୋଇଥିଲା। ଜଙ୍ଗଲୀ ଯୁବକ 'କମ୍ବୁ ନିଛାଟିଆ ଦ୍ୱୀପରେ ଏକାକୀ ଓ ଅନାଥ ଭାବେ ବଢିଥିଲେ। ପ୍ରକୃତିର ନିର୍ମାତା ମଧ୍ୟରେ ପଶୁ ପ୍ରକୃତିର ଜୀବନ ଯାପନ କରୁଥିବା କମ୍ବୁ ସ୍ୱପନିଙ୍କୁ ବିବାହ କରନ୍ତି। ଯାହାକି ତାଙ୍କର ଏକାକୀ ଜୀବନର ଦୁଃଖ ଦୂର କରି ସାଥିତ୍ୱର ଅନୁଭୂତି ପ୍ରଦାନ କରେ। କିଛିଦିନ ପରେ ଏକ ଦୁଃଖଦ ଘଟଣା ଘଟେ। କ୍ୟାପଟେନ କିଶନଙ୍କ ପରିବାର ଯାଉଥିବା ଜାହାଜ କମ୍ବୁ ବାସ କରୁଥିବା ଦ୍ୱୀପ ପାଖରେ ଦୁର୍ଘଟଣା ହୁଏ। ଦୁର୍ଘଟଣାରେ କ୍ୟାପଟେନ କିଶନଙ୍କ ପତ୍ନୀ ସିମନ୍ତିନୀ ନିହତ ହୁଅନ୍ତି। କ୍ୟାପଟେନ କିଶନ ଓ ପୁଅ କେତନ ମୃତ୍ୟୁ ମୁଖରୁ ବଞ୍ଚି ଅଭିଶପ୍ତ ଜୀବନଯାପନ କରନ୍ତି। ବାପ ପୁଅଙ୍କ ପାଇଁ ଦ୍ୱୀପର ସମସ୍ୟା ଅସହ୍ୟ ହେଉଥିବା ବେଳେ କମ୍ବୁଙ୍କ ସହ କ୍ୟାପଟେନ କିଶନଙ୍କ ଭେଟ ହୁଏ। କମ୍ବୁଙ୍କର ଆଦିମ ଜୀବନ ଓ ମଣିଷ ପ୍ରତି ରହିଥିବା ଅବିଶ୍ୱାସ ସତ୍ତ୍ୱେ କମ୍ବୁ ଓ କ୍ୟାପଟେନ କିଶନଙ୍କ ମଧ୍ୟରେ ବନ୍ଧନ ଗଢି ଉଠେ। କ୍ୟାପଟେନ କିଶନ ନିଜର ନେତୃତ୍ୱ, କ୍ଷତି ଓ ନୈତିକ ପରୀକ୍ଷାର ଅଭିଜ୍ଞତାରୁ କମ୍ବୁଙ୍କ ମାର୍ଗ ଦର୍ଶକ ହୋଇଯାଇଥାନ୍ତି। ବିଶେଷକରି ମହାଭାରତର ପ୍ରସଙ୍ଗ ମାଧ୍ୟମରେ କୃଷ୍ଣଙ୍କ ନୈତିକତାର ବାର୍ତ୍ତା ତଥା ମାର୍ଗ ଦର୍ଶକ ଉପରେ କମ୍ବୁଙ୍କୁ କ୍ୟାପଟେନ କିଶନ ଦିଅନ୍ତି। କ୍ୟାପଟେନ କିଶନଙ୍କ ପ୍ରେରଣାରେ କମ୍ବୁ ଦୀପର ଘଟୁଥିବା ଅସଦ ଘଟଣାର ପ୍ରତିରୋଧ କରେ। କମ୍ବୁ ମାନବ ସଭ୍ୟତାର ଭଲ ମନ୍ଦ ସବୁ କିଛି ବୁଝି ପାରନ୍ତି। କ୍ୟାପଟେନ କିଶନ ଓ କମ୍ବୁଙ୍କ ଚରିତ୍ର ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। କମ୍ବୁ ଚରିତ୍ର ଏଠାରେ ସମୁଦ୍ରକୁ ବୁଝାଉଛି। ସମୁଦ୍ରରେ ସଭ୍ୟତା ଓ ସଂଘର୍ଷର ଅପୂର୍ବ ସମନ୍ୱୟ ପରି କମ୍ବୁଙ୍କ ଜୀବନ ସମୁଦ୍ର ପରି ଗଢି ଉଠିଥିଲା। ନାଟ୍ୟଶ୍ରୀ ମାନସ ରଞ୍ଜନ ମିଶ୍ର ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ 'କମ୍ବୁ' ଭୂମିକାରେ ଏକ ଦମଦାର ଅଭିନୟ ପ୍ରଦର୍ଶନ କରିଥିଲେ। ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ସପନୀ ଭୂମିକାରେ ଦିବ୍ୟାନି ଚଇନିଙ୍କ ଭାବପୂର୍ଣ୍ଣ ଅଭିନୟ ତଥା କ୍ୟାପଟେନ କିଶନ ଭାବେ ସତ୍ୟନାରାୟଣ ସାହୁଙ୍କ ପରିପକ୍ୱ ଅଭିନୟ ଦର୍ଶକମାନଙ୍କୁ ବେଶ ବିମୋହିତ କରିଥିଲା। କେତନ ଭୂମିକାରେ ସତୀନ୍ଦ୍ର ନାୟକଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା। ନାଟକଟିକୁ ସଫଳ କରିବାରେ ବୃନ୍ଦାବନ ମିଶ୍ରଙ୍କ ଚମତ୍କାର ଆଲୋକ ସମ୍ପାଦନା ଓ ଶିବସାୟୀ ମିଶ୍ରଙ୍କ ହୃଦୟସ୍ପର୍ଶୀ ସଙ୍ଗୀତ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ପୁଷ୍ପାଞ୍ଜଳି ଦାଶ, ଜନାର୍ଦ୍ଦନ ପ୍ରଧାନ ଓ ବିକାଶ ଧ୍ରୁବଙ୍କ ଦ୍ୱାରା ପ୍ରସ୍ତୁତ ମଞ୍ଚ ସଜ୍ଜା ଦର୍ଶକଙ୍କୁ ପ୍ରକୃତ ଦ୍ୱୀପର ଅନୁଭୂତି ପ୍ରଦାନ କରିଥିଲା। ସମୁଦ୍ର କେବଳ ଦୁଇଟି କୂଳକୁ ପୃଥକ କରେନାହିଁ, ବରଂ ସଂଘର୍ଷ ଓ ସହନଶୀଳତା ମାଧ୍ୟମରେ ମଣିଷକୁ ଯୋଡ଼ିଥାଏ। ସମ୍ପର୍କ ବାର୍ତ୍ତା ସହ ନାଟକଟି ଶେଷ ହୋଇଥିଲା। ନାଟକକୁ ଉଦ୍‌ଘାଟକ ଭାବେ ଜିଲ୍ ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଜିଲାପାଳ ମଧୁମିତା ରଥ, ସମ୍ମାନିତ ଅତିଥି ଭାବେ ଜିଲାପରିସଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଏବଂ ଯୁବ ଶିଳ୍ପଦ୍ୟୋଗୀ ତାପସ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକ ମାନସ ରଞ୍ଜନ ମିଶ୍ରଙ୍କୁ ନାଟ୍ୟଧାରା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟଧାରା ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଏବଂ ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନ ଶେଷରେ ଉପସ୍ଥିତ ଅତିଥି ଓ ନାଟ୍ୟ ପ୍ରେମୀମାନେ କଳାକାରଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ସମ୍ବଲପୁରୀ ନାଟକ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ବୋଲି ମତ ପ୍ରକାଶ କରିଛନ୍ତି।


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅନିତା


@ ଭାରତ


@ ଦୀପକ


@ ପପୁ


@ କାଳିଆ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବର୍ତ୍ତମାନ ସରକାରରେ ୧୧୧ ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ: ଶିଳ୍ପମନ୍ତ୍ରୀ

## ଓଏମ୍‌ସିଇ ୨୦୨୬ ଏକ୍ସପୋର ୨ୟ ଦିନ



ଭୁବନେଶ୍ୱର,୨୦।୩(ଅନୁରାଧା ମହାରଣା)

ବର୍ତ୍ତମାନର ସରକାରଙ୍କ ଅଧୀନରେ ୧୧୧ଟି ଶିଳ୍ପ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହା ମଧ୍ୟରୁ ଅନେକ ଶିଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଚାଲିଥିବା ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକଶନ ଇକ୍ୱିପମେଣ୍ଟ ଏକ୍ସପୋ (ଓଏମ୍‌ସିଇ) ୨୦୨୬ ୨ୟ ଦିନରେ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶା କେବଳ ଖଣିଜ ପଦାର୍ଥ ଉତ୍ତୋଳନ ଉପରେ ଗୁରୁତ୍ୱ ଦେଉନାହିଁ ବରଂ ଖଣି କ୍ଷେତ୍ରରେ ମୂଲ୍ୟ ଯୋଗ ଉପରେ ମଧ୍ୟ ଧ୍ୟାନ ଦେଉଛି। ଆମେ ମଧ୍ୟ ପୃଥିବୀର ବିରଳ କ୍ଷେତ୍ରଗୁଡ଼ିକରେ ସ୍ଥିର ପ୍ରଗତି ହାସଲ କରୁଛୁ, ଯାହା ଭବିଷ୍ୟତର ଶିଳ୍ପ ଅଭିବୃଦ୍ଧି ପାଇଁ ଅନେକ ସମ୍ଭାବନା ଧାରଣ କରିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମ ଶିଳ୍ପଜଗତର ବିଶିଷ୍ଟ ବ୍ୟକ୍ତି, ନୀତିନିର୍ମାତା, ଟେକ୍ନୋଲୋଜି ପ୍ରଦାତାଙ୍କୁ ଅଭିନବ ସମାଧାନଗୁଡ଼ିକୁ ଆଲୋକିତ କରିବା ଏବଂ ସହଭାଗିତା ପାଇଁ ସୁଯୋଗଗୁଡ଼ିକୁ ବିକଶିତ କରିବା ପାଇଁ ଏକତ୍ରିତ କରିଛି। ଓଡ଼ିଶାର ଶିଳ୍ପ ପ୍ରଗତି ଉପରେ ଆଲୋକପାତକରି ମନ୍ତ୍ରୀ ସ୍ୱାଇଁ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଦ୍ରୁତ ଭିତ୍ତିଭୂମି ବିକାଶ ବୈଷୟିକ ଦୃଷ୍ଟିରୁ ଉନ୍ନତ ଖଣି ଓ ନିର୍ମାଣ ଉପକରଣ ପାଇଁ ଚାହିଦାକୁ ପ୍ରୋତ୍ସାହିତ କରୁଛି। ଦ୍ରୁତ ଶିଳ୍ପାୟନ ଓ ଭିତ୍ତିଭୂମି ସମ୍ପ୍ରସାରଣ ସହ ଅତ୍ୟାଧୁନିକ ଉପକରଣ ପାଇଁ ଆବଶ୍ୟକତା ବୃଦ୍ଧି ପାଉଛି। ସିଆଇଆଇ ଓଏମ୍‌ସିଇ ଭଳି ପ୍ଲାଟ୍‌ଫର୍ମଗୁଡିକ ସହଭାଗିତା କରିବା, ବିଚାରଧାରାର ଆଦାନପ୍ରଦାନ ଓ ନୂତନ ବ୍ୟବସାୟ ମାର୍ଗ ଅନ୍ୱେଷଣ କରିବା ପାଇଁ ହିତାଧିକାରୀଙ୍କ ଲାଗି ଏକ ଚମତ୍କାର ସୁଯୋଗ ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ସିଆଇଆଇ ଓଏମ୍‌ସିଇ ୨୦୨୬, ୧୫୦ରୁ ଅଧିକ ପ୍ରଦର୍ଶକଙ୍କୁ ଆକର୍ଷିତ କରିଥିବା ବେଳେ ୨୦୦୦୦ ବର୍ଗମିଟର ଅଞ୍ଚଳରେ ୧୦୦୦୦ରୁ ଅଧିକ ବ୍ୟବସାୟିକ ପରିଦର୍ଶକ ପରିଦର୍ଶନ କରିଛନ୍ତି । ଏହି ଏକ୍ସପୋ ଖଣି, ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରରେ ଏକ ବିସ୍ତୃତ ଶୃଙ୍ଖଳାର ଅତ୍ୟାଧୁନିକ ଟେକ୍ନୋଲୋଜି ଓ ସମାଧାନଗୁଡ଼ିକୁ ପ୍ରଦର୍ଶିତ କରିଛି।

# ପୁରୀକୁ ୨ ଏକ୍ସପ୍ରେସ୍ ଟ୍ରେନ୍ ସେବା ପୁନଃ ସ୍ଥାପନ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ପୁରୀକୁ ୨ ଏକ୍ସପ୍ରେସ୍ ଟ୍ରେନ୍ ସେବା ପୁନଃ ସ୍ଥାପନ ହୋଇଛି। ପୂର୍ବତଟ ରେଳପଥ ଘୋଷଣା କରିଛି ଯେ ପୁରୀ ଷ୍ଟେଶନରେ ହୋଇଥିବା ପ୍ଲାଟ୍‌ଫର୍ମ ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହାଓଡା-ପୁରୀ-ହାଓଡା ଏକ୍ସପ୍ରେସ୍ ଟ୍ରେନ୍‌ର ପରିଚାଳନାରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ପୁରୀ ଷ୍ଟେଶନରେ ପ୍ଲାଟ୍‌ଫର୍ମ କାମ ଯୋଗୁ ଏହି ଟ୍ରେନ୍‌ଗୁଡ଼ିକ ମାଳତୀପାଟପୁରରେ ସ୍ୱଳ୍ପ ଅବସାନ ଓ ସ୍ୱଳ୍ପ ଉତ୍ପତ୍ତି ହେଉଥିବା ବେଳେ ଏବେ ସେବା ପୁରୀ ଷ୍ଟେଶନକୁ ପୁନଃ ସ୍ଥାପନ କରାଯାଇଛି। ୧୨୮୩୭ (ହାଓଡା-ପୁରୀ ଏକ୍ସପ୍ରେସ୍) ମାର୍ଚ୍ଚ ୨୧ଠାରୁ ମାଳତୀପାଟପୁର ବଦଳରେ ପୁରୀରେ ଅବସାନ କରିବ ଏବଂ ୧୨୮୩୮ (ପୁରୀ-ହାଓଡା ଏକ୍ସପ୍ରେସ୍) ମାର୍ଚ୍ଚ ୨୨ ଠାରୁ ପୁରୀରୁ ଯାତ୍ରା ଆରମ୍ଭ କରିବ। ଅସ୍ଥାୟୀ ଭାବେ ଟ୍ରେନ୍ ନମ୍ବର ୧୨୮୩୮ ମାର୍ଚ୍ଚ ୨୨ ରୁ ମେ ୧୫ ପର୍ଯ୍ୟନ୍ତ ପୁରୀରୁ ସନ୍ଧ୍ୟା ୮ଟା୧୫ ବଦଳରେ ରାତି ୯ଟା ୩୦ରେ ଛାଡ଼ିବ।

# କିଟ୍‌ରେ ଇଫ୍‌ତାର ପାଳିତ




ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଇଫ୍‌ତାର ପାଳିତ ହୋଇଯାଇଛି। କିଟ୍‌ରେ କାର୍ଯ୍ୟରତ ମୁସଲମାନ ସମ୍ପ୍ରଦାୟର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରୀଛାତ୍ରଙ୍କୁ ନେଇ ଇଫତ୍‌ର ପାର୍ଟିରେ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ। କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବସିତ ଦୁଇଟି ଶିକ୍ଷାନୁଷ୍ଠାନ। ଛାତ୍ରୀଛାତ୍ରମାନେ ଅନ୍ୟକୁ ଭଲ ପାଇବା, ଅନ୍ୟମାନଙ୍କଠାରୁ ଭଲ ପାଇବା ସହ ସ୍ନେହ ପାଇବା ପାଇଁ ଚେଷ୍ଟା କରିବାକୁ ସେ ପରାମର୍ଶ ଦେଇଥିଲେ। ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂରହୋଇପାରିବ ବୋଲି ସାମନ୍ତ କହିଥିଲେ। ଏହାକୁ ସମସ୍ତେ ଆପଣାଇବା ସହ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ଡା. ସି.ବି.କେ. ମହାନ୍ତି, ପ୍ରଫେସର କେ.ଡି. ରାଜୁ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

# ଶିଳ୍ପ ଅଭିବୃଦ୍ଧିରେ ମନ୍ଥରତା

## ୩ ମାସର ସର୍ବନିମ୍ନ ସ୍ତରକୁ ଖସିଲା ମୁଖ୍ୟ ୮ କ୍ଷେତ୍ରର ପ୍ରଦର୍ଶନ

ନୂଆଦିଲ୍ଲୀ, ୨୦।୩ (ପି.ଟି.)

ଦେଶର ୮ଟି ମୁଖ୍ୟ ଭିତ୍ତିଭୂମି କ୍ଷେତ୍ର (କୋର୍ ସେକ୍ଟର) ର ଅଭିବୃଦ୍ଧି ହାର ଫେବୃଆରୀରେ ୨.୩ ପ୍ରତିଶତକୁ ଖସି ଆସିଛି, ଯାହା ଗତ ୩ ମାସ ମଧ୍ୟରେ ସର୍ବନିମ୍ନ। ଏହି ମନ୍ଥରତା ପଛର ପ୍ରମୁଖ କାରଣ ହେଉଛି ଶକ୍ତି ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ ହ୍ରାସ। ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍ ଏବଂ ରିଫାଇନେରି ଉତ୍ପାଦନରେ ହ୍ରାସ ଯୋଗୁ ଏହି ସ୍ଥିତି ଉପୁଜିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଗତ ବର୍ଷ ଏହି ସମୟରେ ଅଭିବୃଦ୍ଧି ହାର ୩.୪% ଥିବାବେଳେ ଏବର୍ଷ ତାହା କମିଛି। ସରକାରୀ ତଥ୍ୟ ଅନୁଯାୟୀ, ଚଳିତବର୍ଷ ଫେବୃଆରୀରେ ଶିଳ୍ପ ଅଭିବୃଦ୍ଧି ୨.୩% ରହିଛି, ଏହା ଜାନୁଆରୀରେ ୪.୭% ଥିଲା। ଅନ୍ୟପକ୍ଷରେ ୨୦୨୫ ଫେବୃଆରୀରେ ଏହି ଅଭିବୃଦ୍ଧି ୩.୪% ରହିଥିଲା। 'ଆଇସିଆର୍‌ଏ'ର ମୁଖ୍ୟ ଅର୍ଥଶାସ୍ତ୍ରୀ ଅଦିତି ନାୟାରଙ୍କ କହିବାନୁଯାୟୀ ମୁଖ୍ୟ କ୍ଷେତ୍ରଗୁଡ଼ିକରେ ମନ୍ଥରତା ଯୋଗୁ 'ଶିଳ୍ପ ଉତ୍ପାଦନ ସୂଚକାଙ୍କ' (ଆଇଆଇପି) ମଧ୍ୟ ଫେବୃଆରୀରେ ୪% କୁ ଖସିବା ଆଶଙ୍କା ରହିଛି, ଯାହା ଜାନୁଆରୀରେ ୪.୮% ଥିଲା। ଯଦି ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଜାରି ରହେ, ତେବେ ଇନ୍ଧନ ଦର ବଢ଼ିବ ଏବଂ ଏହା ଆଗାମୀ ଆର୍ଥିକ ବର୍ଷ (୨୦୨୬-୨୭) ରେ ଭାରତର ଜିଡିପି ଅଭିବୃଦ୍ଧି ଉପରେ ଖରାପ ପ୍ରଭାବ ପକାଇପାରେ। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ସିମେଣ୍ଟ (୯.୩%) ଏବଂ ଇସ୍ପାତ (୭.୨%) କ୍ଷେତ୍ରରେ ଭଲ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ହେଲେ ଶକ୍ତି କ୍ଷେତ୍ରରେ ବଡ଼ଧରଣର ହ୍ରାସ ଦେଖିବାକୁ ମିଳିଛି। ଅଶୋଧିତ ତୈଳ ଉତ୍ପାଦନରେ ୫.୨% ଏବଂ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ୫% ହ୍ରାସ ଘଟିଛି। ବିଦ୍ୟୁତ୍ ଉତ୍ପାଦନ ମାତ୍ର ୦.୫% ବଢ଼ିଛି, ଯାହା ଅର୍ଥନୀତି ପାଇଁ ଭଲ ସଙ୍କେତ ନୁହେଁ ବୋଲି କୁହାଯାଉଛି।

# ଦ୍ରୁତ ପରିବେଷଣ ଅପେକ୍ଷା ସଠିକତା ଜରୁରୀ

## ବିଜିୟୁରେ ଜାତୀୟ ସମ୍ମିଳନୀ



ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଓ ଆଡ୍‌ଫ୍ୟାକ୍ଟର୍ସ ପିଆର୍ ମିଳିତ ସହଯୋଗରେ 'ରିଇମାଜିନିଂ କମ୍ୟୁନିକେଶନ ମ୍ୟାନେଜମେଣ୍ଟ ଇନ୍ ଏ ଡାଟା-ଡ୍ରିଭେନ୍, ପ୍ଲାଟ୍‌ଫର୍ମ ଇକୋନୋମି' ଶୀର୍ଷକକୁ ନେଇ ୨ ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଆଡ୍‌ଫ୍ୟାକ୍ଟର୍ସ ପିଆର୍‌ର ନିର୍ଦ୍ଦେଶକ ଡ. ସମୀର କପୁର ମୁଖ୍ୟ ଅତିଥି ଏବଂ ଆଇଆଇଏମ୍ କୋଝିକୋଡ୍‌ର ହ୍ୟୁମାନିଟିଜ୍ ଆଣ୍ଡ୍ ଲିବରାଲ୍ ଆର୍ଟସ ବିଭାଗର ସହଯୋଗୀ ପ୍ରଫେସର ଡ. ଅନୁପମ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବାଲୁନୀ କାର୍ଯ୍ୟକ୍ରମରେ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ଆବାହକ ତଥା ସହକାରୀ ପ୍ରଫେସର ସୁରେଶ କୁମାର ଗୋଲ୍ଲେ ଉଦ୍‌ଘାଟନୀ ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ। ଡିନ୍ ଡ. ଶିବଶଙ୍କର ଦାସ ତଥ୍ୟ ଅଧାରିତ ଯୋଗାଯୋଗର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତକରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଡ. ସମୀର କପୁର କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ସଂଳାପଭିତ୍ତିକ ଯୋଗାଯୋଗର ଅଭ୍ୟୁଦୟ ଉପରେ ଗୁରୁତ୍ୱାରୋପକରି ସୂଚାଇଥିଲେ ଯେ, ବର୍ତ୍ତମାନ ଦ୍ରୁତ ପରିବେଷଣ ଅପେକ୍ଷା ସଠିକତା ଏବଂ ବିଶ୍ୱାସନୀୟତା ଅଧିକ ଜରୁରୀ। ଏହି ଅବସରରେ 'ଏମ୍‌ବିଏ ଇନ୍ କମ୍ୟୁନିକେଶନ ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସମାରୋହ ଶେଷରେ ଡ. ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଅଶୋକ ଲେଲାଣ୍ଡର ୩୫୩୨ ଟୌରସ ଟିପ୍ପର ଲଞ୍ଚ



ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ଅଶୋକ ଲେଲାଣ୍ଡର ଟୌରସ ମଡେଲର ଏକ ପ୍ରକାର, ଶକ୍ତିଶାଳୀ ହେଭି-ଡ୍ୟୁଟି ୩୫୩୨ ଟିପ୍ପର ଶୁକ୍ରବାର ସମ୍ବଲପୁର ସହରର ଗୋଟିଏ ହୋଟେଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଲଞ୍ଚ କରାଯାଇଛି। ଅଶୋକ ଲେଲାଣ୍ଡର ଅଧିକୃତ ଡିଲର ଜାଲାନ ଅଟୋମୋବାଇଲ ପକ୍ଷରୁ ଏହା ଲଞ୍ଚ ହୋଇଛି। ସୂଚନା ଥାଉକି, ଏହା ଭାରତର ପ୍ରଥମ ୮-ଲିଟର ଇଞ୍ଜିନଚାଳିତ ୩୫୩୨ ଟିପ୍ପର (ଟୌରସ) ଯାହାକୁ ପଶ୍ଚିମ ଓଡ଼ିଶାରେ ଲଞ୍ଚ କରାଯାଇଛି। ଏହି ହେଭିଡ୍ୟୁଟି ଟିପ୍ପର ସ୍ୱତନ୍ତ୍ର ଭାବରେ ଭାରିଯାନ ନିର୍ମାଣ ପ୍ରୟୋଗ ପାଇଁ ଡିଜାଇନ କରାଯାଇଛି, ଯାହା ଉତ୍କୃଷ୍ଟ ଶକ୍ତି ଏବଂ ଦକ୍ଷତା ପ୍ରଦାନ କରେ। ଜାଲାନ ଅଟୋମୋବାଇଲ୍ସର ଚେୟାରମ୍ୟାନ ଅଶୋକ ଜାଲାନ, ଏମ୍‌ଡି ଯୋଗେଶ ଜାଲାନ, ନିର୍ଦ୍ଦେଶକ ମନୀଷ ଚୌଧୁରୀ କହିଥିଲେ, ଏହା କେବଳ ସମ୍ବଲପୁର ନୁହେଁ ବରଂ ସମଗ୍ର ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହି ଭାରିଯାନ ଶିଳ୍ପକୁ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଶକ୍ତି ପ୍ରଦାନ କରେ। ସେ ଆହୁରି ମଧ୍ୟ କହିଛନ୍ତି, ଗୁରୁପାଦ ଅଟୋମୋବାଇଲ୍ସ ମଧ୍ୟ ସମ୍ବଲପୁରରେ ଏହାର ପ୍ରଥମ ଡେଲିଭରି କରିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାହକମାନଙ୍କୁ ଯାନର ବୈଶିଷ୍ଟ୍ୟ ଏବଂ ବୈଷୟିକ ନିର୍ଦ୍ଦିଷ୍ଟକରଣ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଅବସରରେ କମ୍ପାନୀର ଜେଡ୍‌ଏମ୍ ଦୀପକ ରାଜଦାନ, ଆର୍‌ଏମ୍ ଅଭିନ୍ନ ପ୍ରତୀକ , ଏଏମ୍ ପ୍ରିୟରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ପିଇବା ପାଣିବୋତଲ ଦର ବଢ଼ିଲା

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ ଭାରତରେ ପଡ଼ିବାକୁ ଲାଗିଛି। ରଏଟର୍ସ ରିପୋର୍ଟ ଅନୁଯାୟୀ କ୍ରୁଡ୍ ଅଏଲ ଦର ବଢ଼ିବାରେ ପ୍ଲାଷ୍ଟିକ୍ ପ୍ୟାକେଜିଂ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଭାରତରେ ବୋତଲ ବନ୍ଦ ପାଣିର ଦର ପ୍ରାୟ ୧୧% ବଢ଼ିଯାଇଛି। କିଛି ମାସ ପୂର୍ବେ ବୋତଲବନ୍ଦ ପାଣି ଉପରେ ଟ୍ୟାକ୍ସ ୧୮%ରୁ ୫%କୁ ହ୍ରାସକରି କେନ୍ଦ୍ର ସରକାର ଗ୍ରାହକଙ୍କୁ ଆଶ୍ୱସ୍ତି ଦେଇଥିଲେ। ମାତ୍ର ଏବେ ପାଣିବୋତଲ ଦର ବୃଦ୍ଧିପାଇଛି। ଗବେଷଣା ଅନୁଯାୟୀ ଦେଶର ପ୍ରାୟ ୭୦% ଭୂଗର୍ଭ ଜଳରେ ପ୍ରଦୂଷଣ ଥିବାରୁ ବୋତଲବନ୍ଦ ପାଣିର ଚାହିଦା ଲଗାତର ବଢୁଛି, ଯାହାର ବଜାର ମୂଲ୍ୟ ପ୍ରାୟ ୫ ବିଲିୟନ ଡଲାର ଏବଂ ବିସ୍‌ଲେରି, କୋକାକୋଲା(କିନ୍‌ଲେ), ପେପ୍‌ସିକୋ(ଆକ୍ୱାଫିନା), ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଓ ଟାଟା ଗ୍ରୁପ୍ ଭଳି ବଡ଼ କମ୍ପାନୀ ଏଥିରେ ପ୍ରତିଯୋଗିତା କରୁଛନ୍ତି। କ୍ରୁଡ୍ ଅଏଲ ଦର ବୃଦ୍ଧି ଯୋଗୁ ପ୍ଲାଷ୍ଟିକ୍ ବୋତଲ ତିଆରିରେ ବ୍ୟବହୃତ ପଲିମରର ଲଗାତର ୫୦% ବଢ଼ି ୧୭୦ ଟଙ୍କା ପ୍ରତି କିଲୋଗ୍ରାମ ହୋଇଛି। ବୋତଲ ଖୋଳ ଦର ୨ଗୁଣରୁ ଅଧିକ ବଢ଼ି ୦.୪୫ ଟଙ୍କା ପ୍ରତି ପିସ୍ ହୋଇଛି ଏବଂ ଲେବଲ ଓ ଟେପ ମଧ୍ୟ ମହଙ୍ଗା ହୋଇଛି। ବଜାରର ପ୍ରାୟ ଏକ-ତୃତୀୟାଂଶ ଧରିଥିବା ବିସ୍‌ଲେରି ୧୧% ଦର ବଢ଼ାଇଛି, ଯାହାଦ୍ୱାରା ୧ ଲିଟରର ୧୨ ବୋତଲର ଏକ ବକ୍ସ ଏବେ ୨୪୦ ଟଙ୍କାରେ ମିଳୁଛି ଯାହା ପୂର୍ବରୁ ୨୧୬ ଟଙ୍କାର ଥିଲା

# ବାଲିକୁଦାରେ ଖୋଲିଲା ଅତୁଲ ଅଟୋ ଶୋ'ରୁମ୍

କଟକ,୨୦।୩(କାର୍ତ୍ତିକ ସାହୁ)



ଭବରସାଇ ଭେନ୍‌ଚ୍ୟୁର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ତିନିଚକିଆ ଅତୁଲ ଅଟୋ ଶୋ'ରୁମ୍ କଟକ ବାଲିକୁଦା ଟ୍ରାଫିକ୍ ଛକ ନିକଟରେ ଖୋଲିଛି। ଡିଜେଲ, ସିଏନ୍‌ଜି ଓ ଇଭି ମଡେଲର ଯାତ୍ରୀବାହୀ ଓ ମାଲବାହୀ ଅଟୋ ଶୋ'ରୁମ୍‌ରେ ଉପଲବ୍ଧ ରହିଛି। ଆକର୍ଷଣ ଡିଜାଇନ ସାଙ୍ଗକୁ ଅଧିକ ଜ୍ଞାନକୌଶଳଯୁକ୍ତ ଓ ସୁହାଇବା ଭଳି ମୂଲ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଉଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତୁଲ ଅଟୋ କମ୍ପାନୀର ସିନିୟର ଜେନେରାଲ ମ୍ୟାନେଜର ଯୋଗେଶ ରଞ୍ଜନ ଯୋଗଦେଇ ଶୋ'ରୁମ୍ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତୁଲ କମ୍ପାନୀର ସହକାରୀ ଜେନେରାଲ ମ୍ୟାନେଜର ଚିନ୍ମୟ ସ୍ୱାଇଁ, ସହକାରୀ ଜେନେରାଲ ମ୍ୟାନେଜର ଶାନ୍ତିପ୍ରସାଦ ପଣ୍ଡା, ଡେପୁଟି ଜେନେରାଲ ମ୍ୟାନେଜର ପ୍ରବୀର ବିଶ୍ୱାସ ଏବଂ ଭବରସାଇ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ସୁଜିତ ସାମଲ, ମ୍ୟାନେଜିଂ ଡାଇରେକ୍ଟର ଅଜିତ ସାମଲ, ସେଲ୍‌ସ ମ୍ୟାନେଜର ଅମିୟ ରଞ୍ଜନ ବେହେରା ଯୋଗଦେଇଥିଲେ।

# କୋଡ଼ିଙ୍ଗାମାଳି ଖଣିରେ ବେଦାନ୍ତର ଇଭି ନିୟୋଜିତ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର କୋଡ଼ିଙ୍ଗାମାଳି ବକ୍ସାଇଟ ଖଣିରେ ବୈଦ୍ୟୁତିକ ଯାନ(ଇଭି) ଲୋଡର ନିୟୋଜନକରି ଡି-କାର୍ବୋନାଇଜେଶନ ମାଇଲଖୁଣ୍ଟ ହାସଲ କରିଛି, ଯାହା ଏହାର ଲୋଡିଂ କାର୍ଯ୍ୟକଳାପରୁ ୫୦% ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିପାରିଛି। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୨୦୫୦ ସୁଦ୍ଧା ମୋଟ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଦିଗରେ କମ୍ପାନୀର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହି ପରିବର୍ତ୍ତନ ଦ୍ୱାରା ଅଧା ଲୋଡିଂ ବ୍ୟବସ୍ଥା ଡିଜେଲରୁ ବିଦ୍ୟୁତ୍‌କୁ ସ୍ଥାନାନ୍ତରିତ ହୋଇଛି। ସିଙ୍ଗାରାମ ସାଇଡିଂରେ ପୂର୍ବରୁ ୬ଟି ଡିଜେଲ ଲୋଡର ଉପରେ ନିର୍ଭର କରିବାକୁ ପଡୁଥିଲା। ନୂତନ ୩.୩ ଡିଜେଲରୁ ଇଭି ବ୍ୟବସ୍ଥା ସହ ଅଙ୍ଗାରକାମ୍ଳ ନିର୍ଗମନ ଘଣ୍ଟା ପ୍ରତି ୧୨୦ କିଲୋଗ୍ରାମ ହ୍ରାସ ପାଇଛି, ଯାହା ସ୍ୱଚ୍ଛ ଏବଂ ଅଧିକ ଦକ୍ଷ ଖନନରେ ଯଥେଷ୍ଟ ଯୋଗଦାନ ଦେଇଛି। ଏହି ପରିବର୍ତ୍ତନ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ହ୍ରାସ, ଉଚ୍ଚ ଶକ୍ତି ଦକ୍ଷତା ଏବଂ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତା ହ୍ରାସ ସହ ପରିବେଶଗତ ଲାଭ ମଧ୍ୟ ଆଣିଦେଇଛି । ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଏହି ସଫଳତା ଆମର ନେଟ୍ ଜିରୋ ଯାତ୍ରାକୁ ସୁଦୃଢ଼ କରିବା ସହ ଏହା ପ୍ରମାଣିତ କରୁଛି ଯେ ବିନା ଆପୋସ ବୁଝାମଣାରେ ସ୍ଥାୟୀ ନବସୃଜନ ଖଣି କ୍ଷେତ୍ରର ଉତ୍କର୍ଷକୁ ଆଗେଇନେଉଛି ।

# ନର୍ସିଂ ଅଫିସରଙ୍କ ସେବା ଔଷଧଠାରୁ ଅଧିକ କାମ କରିଥାଏ




## କଳିଙ୍ଗ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ଉତ୍ସବ

ଭୁବନେଶ୍ୱର, ୨୦।୩ (ବନ୍ଦନା ସେଠୀ)

କଳିଙ୍ଗ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର (ଇଭେଣ୍ଟ ସ୍କୋୟାରଠାରେ) ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟର କଷ୍ଟକୁ ନିଜ କାନ୍ଧରେ ବୋହି ନେଉଥିବା ପ୍ରକୃତ ସେବା ପ୍ରଦାନକାରୀ ହେଉଛନ୍ତି ନର୍ସିଂ ଅଫିସର। ରୋଗୀମାନଙ୍କ ପ୍ରତି ସେମାନଙ୍କର ସେବା, ସେମାନଙ୍କ କଥା ଔଷଧର ହଜାରେ ଗୁଣରୁ ଅଧିକ କାମ କରିଥାଏ। ସେମାନେ ରୋଗୀମାନଙ୍କ କଷ୍ଟକୁ ବାସ୍ତବରେ ଅନୁଭବ କରିବା ସହ ମନରୁ ସେମାନଙ୍କର ସେବା କରିଥାନ୍ତି ବୋଲି ବିଧାୟିକା କହିଥିଲେ। ନାଲ୍‌କୋର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ଡ. ତପନ କୁମାର ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବାଠାରୁ ବଳି ମହତ୍ତ୍ୱପୂର୍ଣ୍ଣ ଆଉ କିଛି ନାହିଁ ବୋଲି କହିଥିଲେ। ଆପୋଲୋ ହସ୍ପିଟାଲର ଡେପୁଟି ଜେନେରାଲ ମ୍ୟାନେଜର (ନର୍ସିଂ) ସୁରଚିତା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ନର୍ସିଂ ଅଫିସରମାନଙ୍କ ସେବାକୁ ଭୂୟସୀ ପ୍ରଶଂସାକରିବା ସହ ନୂତନ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲଙ୍କ ପରି ନିଜର ଜୀବନକୁ ନିଷ୍ଠାପର ସେବା ଯୋଗାଇବାରେ ବିନିଯୋଗ କରିବେ ବୋଲି ଉପଦେଶ ଦେଇଥିଲେ। କଳିଙ୍ଗ ହସ୍ପିଟାଲ ଫାଉଣ୍ଡେଶନର ଟ୍ରଷ୍ଟି ତଥା ପୂର୍ବତନ ଭାରତୀୟ ରାଜସ୍ୱ ସେବା ଅଧିକାରୀ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଲେଖକ ଓ ମାର୍ଗଦର୍ଶକ ବିରଜା ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ନିଜର ମତ ରଖିଥିଲେ। କଳିଙ୍ଗ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ସୁଜାତା ସ୍ୱାଇଁ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିବା ସହ ନୂତନ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଷ୍ଟୁଡେଣ୍ଟ ନର୍ସିଂ ଆସୋସିଏସନର ଉପଦେଷ୍ଟା ରଶ୍ମିରଞ୍ଜିତା ଅଧିକାରୀ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ସସ୍ମିତା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକା କଳ୍ପନା ପୁଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ରେଳଯାତ୍ରୀଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଦେବ ଏଆଇ କ୍ୟାମେରା

## ଯାତ୍ରୀ ସୁବିଧା ଓ ସୁରକ୍ଷାର ସମୀକ୍ଷାକଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)



ଅଶ୍ୱିନୀ ବୈଷ୍ଣବ

ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ରେଳ ଭବନରେ ବରିଷ୍ଠ ରେଳ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ବୈଠକରେ ଷ୍ଟେଶନରେ ପ୍ରବେଶ, ଯାତ୍ରୀ ସୁବିଧାର ଉନ୍ନତୀକରଣ ଏବଂ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ସହ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ସୁଦୃଢ଼ୀକରଣର ଅଗ୍ରଗତି ଆକଳନ କରିବ। ଏହି ବୈଠକରେ ପ୍ରବେଶ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ପ୍ରଯୁକ୍ତିବିଦ୍ୟା ପରିଚାଳିତ ତଦାରଖ ଏବଂ ଷ୍ଟେଶନ ପରିସର ମଧ୍ୟରେ ସହଜ ଯାତାୟାତ ଭଳି ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସଂସ୍କାରଗୁଡ଼ିକ ପ୍ରଥମେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଲାଗୁ କରାଯିବ ଏବଂ ଏହାଦ୍ୱାରା ମିଳିଥିବା ଅନୁଭୂତି ଆଧାରରେ ପରବର୍ତ୍ତୀ ସମୟରେ ଅନ୍ୟ ଷ୍ଟେଶନଗୁଡ଼ିକରେ ମଧ୍ୟ କାର୍ଯ୍ୟକାରୀ ହେବ । ଏଆଇ ଚାଳିତ କ୍ୟାମେରା ନେଟ୍‌ୱର୍କ ଦ୍ୱାରା ୨୪ଘଣ୍ଟିଆ ନଜର ସୁନିଶ୍ଚିତ କରାଯିବ । ପ୍ଲାଟ୍‌ଫର୍ମ, କନ୍‌କୋର୍ସ, ପ୍ରବେଶ-ପ୍ରସ୍ଥାନ ପଏଣ୍ଟ ଏବଂ ଅନଧିକୃତ ପ୍ରବେଶ ଆଶଙ୍କା ଥିବା ଅଞ୍ଚଳ ସମେତ ଷ୍ଟେଶନ ପରିସରର ସମସ୍ତ କୋଣ ଅନୁକୋଣକୁ ଆଚ୍ଛାଦନକରି କ୍ୟାମେରା ମାଧ୍ୟମରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ବ୍ୟାପକ ଏଆଇଚାଳିତ ତଦାରଖ ନିୟୋଜିତ କରାଯିବ। ଏକ ଆବଶ୍ୟକ ମୁତାବକ ଇଭେଣ୍ଟ ଡିସ୍‌ପ୍ଲେ-ଆଧାରିତ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବ ଯେଉଁଠାରେ ସିଧାସଳଖ କ୍ୟାମେରା ଫିଡର ଏଆଇ ପ୍ରକ୍ରିୟାକରଣ ନିରୀକ୍ଷଣ କର୍ମଚାରୀଙ୍କୁ ଠିକଣା ସମୟରେ ଅସ୍ୱାଭାବିକ କିମ୍ବା ଅସୁରକ୍ଷିତ ଘଟଣା ବିଷୟରେ ସତର୍କ କରିବ। କେନ୍ଦ୍ରମନ୍ତ୍ରୀ କ୍ୟାମେରାଗୁଡ଼ିକୁ 'ଆଖି' ଏବଂ ଏଆଇକୁ ଏହି ବ୍ୟବସ୍ଥାର 'ମସ୍ତିଷ୍କ' ବୋଲି ବର୍ଣ୍ଣନାକରି ଗୁରୁତ୍ୱାରୋପ କରିଥିଲେ ଯେ ସର୍ବାଧିକ ତଦାରଖ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ୟାମେରାର କଭରେଜ ଜୋନ୍‌କୁ ପର୍ଯ୍ୟାପ୍ତ ଆଲୋକିତ କରାଯିବା ଆବଶ୍ୟକ। କେବଳ ଟିକେଟ ଥିବା ଯାତ୍ରୀମାନେ ଷ୍ଟେଶନ ପରିସରରେ ପ୍ରବେଶ କରିବା ସୁନିଶ୍ଚିତ କରିବା ପାଇଁ ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍)କୁ ଅତିରିକ୍ତ ଭାବେ ନିୟୋଜିତ କରାଯିବ, ଯାହା ମାନବ ଆଧାରିତ ଯାଞ୍ଚରୁ ଇ-ଆଧାରିତ ଯାଞ୍ଚକୁ ପରିବର୍ତ୍ତିତ ହେବ। ଷ୍ଟେଶନରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କ ପାଇଁ ଏକ ରଙ୍ଗିନ କୋଡେଡ୍ ଚିହ୍ନଟ ପ୍ରଣାଳୀ ନିର୍ଦ୍ଦେଶ ଦିଆଯାଇଛି। ରେଳପଥ କର୍ମଚାରୀଙ୍କ ଦ୍ୱାରା ଫ୍ଲୁରୋସେଣ୍ଟ ଜ୍ୟାକେଟ ପିନ୍ଧାଯିବ, ଯେତେବେଳେ ବିକ୍ରେତା, ଷ୍ଟେଶନ ସହାୟକ, ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ଆଇଆର୍‌ସିଟିସି କର୍ମଚାରୀଙ୍କ ସମେତ ଅଣ-କର୍ମଚାରୀମାନେ ମଧ୍ୟ ଭିନ୍ନ ଭିନ୍ନ ରଙ୍ଗର ରଙ୍ଗିନ କୋଡେଡ୍ ଜ୍ୟାକେଟ ପିନ୍ଧିବେ। ଷ୍ଟେଶନ ପରିସରରେ ଉପସ୍ଥିତ ଯାତ୍ରୀ, କର୍ମଚାରୀ ଏବଂ ଅନ୍ୟ ଅଣ କର୍ମଚାରୀ ଯେପରିକି କୁଲି, ସାମଗ୍ରୀ ବିକ୍ରେତାଙ୍କ କର୍ମଚାରୀ, ଖାଦ୍ୟ, ସଫେଇ, ପାର୍ସଲ ଏବଂ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ତ୍ୱରାନ୍ୱିତ ଚିହ୍ନଟକୁ ସକ୍ଷମ କରିବା ପାଇଁ ଏହା କରାଯାଉଛି, ଯାହା ସହ ସୁରକ୍ଷା କର୍ତ୍ତୃପକ୍ଷ ଏବଂ ଟିକେଟ ଯାଞ୍ଚ କର୍ମଚାରୀ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ସମୟରେ ନିୟୋଜିତ ହୁଅନ୍ତି । ନୂଆଦିଲ୍ଲୀ ଷ୍ଟେଶନ ମଡେଲ ଭାବରେ କାର୍ଯ୍ୟ କରିବ ଏବଂ ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ଭାଗରେ ଏହା ଲାଗୁହେବ । ନୂଆଦିଲ୍ଲୀ ରେଳ ଷ୍ଟେଶନରେ କ୍ୟୁଆର୍ କୋଡ୍ ଆଧାରିତ ପ୍ରବେଶ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଦୀପାବଳି ଏବଂ ଛଟ୍ ସମୟରେ ଆଶା କରାଯାଉଥିବା ପାର୍ବଣ ଭିଡ଼ ପୂର୍ବରୁ ଏକ ପାଇଲଟ ପ୍ରକଳ୍ପ ଭାବରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଏକ କ୍ୟୁଆର୍ କୋଡ୍ ଆଧାରିତ ପ୍ରବେଶ ପରିଚାଳନା ବ୍ୟବସ୍ଥା ଆରମ୍ଭ କରାଯିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜଙ୍ଗଲ ସୁରକ୍ଷା ପ୍ରତି ସଚେତନତା ଜରୁରୀ

## ଆଜି ବିଶ୍ୱ ବନ ଦିବସ



ପ୍ରାଣିଜଗତ ଏବଂ ଜଙ୍ଗଲ ବା ବନର ସମ୍ପର୍କ ବେଶ୍ ପ୍ରାଚୀନ। ଦିନ ଥିଲା ଆଦିମ ମାନବ ବଣ ଜଙ୍ଗଲରେ ରହୁଥିଲା। ଧୀରେ ଧୀରେ ସମୟ ସହ ପାଦ ମିଶାଇ ଆଜି ଅତ୍ୟାଧୁନିକ ଯୁଗରେ ପହଞ୍ଚିଛି। ବର୍ତ୍ତମାନ ସମଗ୍ର ବିଶ୍ୱରେ ଜଙ୍ଗଲ ସୁରକ୍ଷା ଏକ ପ୍ରମୁଖ ସମସ୍ୟା ଭାବରେ ଉଭାହୋଇଛି। ଏ ନେଇ ଅଧିକ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୧କୁ 'ବିଶ୍ୱ ବନ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ଏହି ଦିବସ ଲାଗି ପ୍ରସଙ୍ଗ ରହିଛି-'ଜଙ୍ଗଲ ଏବଂ ଅର୍ଥନୀତି'। ଜଙ୍ଗଲରୁ ଆମେ ବିଭିନ୍ନ ଜିନିଷ ପାଇଥାଉ। ଫଳମୂଳ, ଫୁଲ ବ୍ୟତୀତ ଅନେକ ଔଷଧୀୟ ବୃକ୍ଷ ମଧ୍ୟ ଏହା ଭିତରେ ରହିଛି। ଜଙ୍ଗଲ ଆମର କେତେ ଉପକାରରେ ଲାଗେ ତାହା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ କଳକାରଖାନା, ବାସଗୃହ ଆଦି ଲାଗି ଜଙ୍ଗଲ କାଟିବା ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲ ସୁରକ୍ଷିତ ରହିଲେ ତାହାର ସୁପ୍ରଭାବ ପରିବେଶ ଉପରେ ପଡ଼ିବା ସହ ଭଲ ବର୍ଷା ହୁଏ। ତେଣୁ ବର୍ତ୍ତମାନ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଉପଲବ୍ଧି କରିବା ସହ ଏହି ପ୍ରାକୃତିକ ସମ୍ପଦକୁ ଆମେ ସୁରକ୍ଷିତ କରି ରଖିବା ନିହାତି ଆବଶ୍ୟକ।

''ଜଙ୍ଗଲ ଏକ ଅମୂଲ୍ୟ ସମ୍ପଦ। ଏହା କେବଳ ମଣିଷଙ୍କ ବ୍ୟବହାର ପାଇଁ ନୁହେଁ ଏହା ବହୁ ଜୀବଜନ୍ତୁଙ୍କ ଘର। ତେଣୁ ମଣିଷମାନେ ଜଙ୍ଗଲ ଉପରେ ଏକଚାଟିଆ ଅଧିକାର ଜାହିରକରିବା ଠିକ୍ ନୁହେଁ। ଜଙ୍ଗଲ ଆମକୁ ବହୁ କିଛି ଦେଉଛି। ବିଶେଷକରି ଜଙ୍ଗଲଜାତ ଦ୍ରବ୍ୟ ଆମର ଅର୍ଥନୀତିକୁ ସୁଦୃଢ଼ କରୁଥିବାବେଳେ ତାହାର ସୁରକ୍ଷା ଦରକାର। ତେବେ ଅଧିକାଂଶ ସ୍ଥାନରେ ଜଙ୍ଗଲରୁ ମିଳୁଥିବା ସାମଗ୍ରୀରୁ ଏଠାକାର ଅଧିବାସୀମାନେ ଲାଭବାନ୍ ହେବା ବଦଳରେ ଏଥିରୁ ବାହାର ଲୋକେ ବା କର୍ପୋରେଟ ସେକ୍ଟର ଅଧିକ ଲାଭବାନ୍ ହେଉଛନ୍ତି। ସେହିପରି ଜଙ୍ଗଲ ଭିତରେ ବେଆଇନ କାରବାର ରୋକିବା ସହ ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦରକାର।''

**-ଆକାଶ ରଞ୍ଜନ ରଥ, ପ୍ରତିଷ୍ଠାତା ଜଙ୍ଗଲ ଲୋର୍ ଫାଉଣ୍ଡେଶନ ତଥା ପୂର୍ବତନ ଅବୈତନିକ ୱାଇଲ୍ଡଲାଇଫ୍ ୱାର୍ଡନ, ପୁରୀ**

୫ମ ପୃଷ୍ଠାର ଅବଶିଷ୍ଟାଂଶ

## ଚତୁର୍ଥ ଦିନରେ...

ଦେଇ ଗୃହରେ କମ୍ପମାନ କରିଥିଲେ। ଏହାକୁ ନେଇ ବାଚସ୍ପତି ୧୦ଟା ୫୨ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ସେହିପରି ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀମାନେ ସମାନ ଢଙ୍ଗରେ ଗୃହର ମଧଭାଗକୁ ଆସି ହଟ୍ଟଗୋଳ ଜାରି ରଖିଥିଲେ। ଏହି ସମୟରେ ଭାଜପା ସଦସ୍ୟ ଲକ୍ଷ୍ମଣ ବାଗ୍, ଗୌରୀଶଙ୍କର ମାଝୀ ଓ ରୁପୁ ଭତ୍ରା ପ୍ରମୁଖ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସଦସ୍ୟ ଟଙ୍କଧର ତ୍ରିପାଠୀ ବିରୋଧୀଙ୍କୁ ଟାର୍ଗେଟ କରି ତୀବ୍ର ନିନ୍ଦା କରିଥିଲେ। ସେ କହିଥିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏସ୍‌ସିବି ପ୍ରସଙ୍ଗରେ ଦୁଇଟି ଅନୁସନ୍ଧାନକାରୀ କମିଟି ଗଠନ କରାଯିବା ସହିତ ୪ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏହାସହିତ ଡିଏମ୍‌ଇଟିଙ୍କୁ ବଦଳି କରାଯିବା ସହିତ ତଦନ୍ତ ଜାରି ରହିଛି। ଏହି ଘଟଣାରେ ଯିଏ ବି ଦୋଷୀ ସାବ୍ୟସ୍ତ ହେବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାତ୍ର ବିରୋଧୀ ଗୋଟିଏ ପ୍ରସଙ୍ଗକୁ ନେଇ ଗୃହରେ ଅଯଥାରେ ହଟ୍ଟଗୋଳ କରି ଗୃହ ଚଳାଇ ଦେଉନାହାନ୍ତି। ସେ କହିଥିଲେ, ପୂର୍ବ ସରକାର ବଡ଼ ମେଡିକାଲକୁ ବିଶ୍ୱସ୍ତରୀୟ ହସ୍ପିଟାଲ କରିବେ ବୋଲି କହି ଲୋକଙ୍କୁ ଅନ୍ଧକାର ଭିତରେ ରଖିଥିଲେ, ମାତ୍ର ଭାଜପା ସରକାର ଏଦିଗରେ ତ୍ୱରିତ ପଦକ୍ଷେପ ନେବା ସହିତ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ଏହି ମୃତ୍ୟୁ ପାଇଁ ଭାଜପା ସରକାର ନୁହେଁ, ପୂର୍ବର ବିଜେଡି ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ଟଙ୍କଧର କହିଥିଲେ। ଏହି ସମୟରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମକୁ ବାଡ଼େଇବା ସହିତ ଗୃହରେ ପ୍ରବଳ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଗୃହକୁ ସ୍ୱାଭାବିକ ସ୍ଥିତିକୁ ଆଣିବା ଲାଗି ବାଚସ୍ପତି ସର୍ବଦଳୀୟ ବୈଠକ ଡାକିବା ସହିତ ୧୧ଟା ୪୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ କୌଣସି ନିର୍ଯାସ ନ ବାହାରିବାରୁ ଅପରାହ୍ନ ଗୋଟାଏରେ ଉପ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଗୃହ ବାହାରେ ବିଜେଡି ସଦସ୍ୟ ଅରୁଣ ସାହୁ କହିଥିଲେ, ଏସ୍‌ସିବିରେ ରୋଗୀଙ୍କୁ ମାରିଥିବା ଅଧିକାରୀଙ୍କୁ ସରକାର କାହିଁକି ଘଣ୍ଟ ଘୋଡାଇବା ପାଇଁ ଚାହୁଁଛନ୍ତି, ତା'ର ସତ୍ୟ ଆମେ ଲୋକଲୋଚନକୁ ଆଣିବାକୁ ଚାହୁଁଛୁ। ଏସ୍‌ସିବିରେ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଅଧିକାରୀ ଗୌତମ ଶତପଥୀ ହେଉଛନ୍ତି ଜଣେ କନିଷ୍ଠ ପ୍ରଫେସର। ପୂର୍ବରୁ ସେ ପ୍ରାଇଭେଟ ପ୍ରାକ୍ଟିସ୍ ପାଇଁ ନିଲମ୍ବନ ହୋଇଥିଲେ। ସେ ୬୦ଜଣ ଡାକ୍ତରଙ୍କଠାରୁ କନିଷ୍ଠ ଥିବାବେଳେ ଏହି ପଦ ପାଇଁ ତାଙ୍କ ପାଖରେ ୫ବର୍ଷର ଅଭିଜ୍ଞତା ନାହିଁ। ସେହିପରି ପୂର୍ବ ସରକାର ସମୟରେ ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣାରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଥିବାବେଳେ ସରକାରୀ ହସ୍ପିଟାଲରେ ଏତେବଡ଼ ଘଟଣାରେ ବିଭାଗୀୟ ମନ୍ତ୍ରୀ କାହିଁକି ଇସ୍ତଫା ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି କଂଗ୍ରେସ ସଦସ୍ୟ ମଙ୍ଗୁ ଖିଲ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରବଳ ବର୍ଷିଥିଲେ।

## ସଂରକ୍ଷିତ ଅଞ୍ଚଳରେ...

ପରିମିତ ଏହି ଅଭୟାରଣ୍ୟ ୩ ରାଜ୍ୟ ଯଥା ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଉତ୍ତର ପ୍ରଦେଶ ସୀମାରେ ରହିଛି। ୩ ରାଜ୍ୟ ଦ୍ୱାରା ସଂରକ୍ଷିତ ଓ ପରିଚାଳିତ ଏହି ଅଞ୍ଚଳ କେବଳ ପର୍ଯ୍ୟଟନସ୍ଥଳୀ ନୁହେଁ, ବରଂ ଅନେକ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ଶେଷ ଆଶ୍ରୟସ୍ଥଳ। ଲମ୍ବା ମୁହଁବିଶିଷ୍ଟ ସ୍ୱତନ୍ତ୍ର ଘଡ଼ିଆଳ କୁମ୍ଭୀର ପ୍ରଜାତି ପାଇଁ ଏହି ସ୍ଥାନ ବିଶ୍ୱପ୍ରସିଦ୍ଧ। ସେହିପରି ଅତ୍ୟନ୍ତ ବିରଳ ପ୍ରଜାତିର ନାଲି ମୁକୁଟବିଶିଷ୍ଟ କଇଁଛ ଏଠାରେ ଦେଖିବାକୁ ମିଳନ୍ତି। ଜଳଚର ପ୍ରାଣୀ ଗଙ୍ଗା ଡଲଫିନ ମଧ୍ୟ ଅଭୟାରଣ୍ୟ ଅଧୀନ ଚମ୍ବଲ ନଦୀର ସ୍ୱଚ୍ଛଜଳରେ ଦେଖାଯାଆନ୍ତି। ଏବେ ଏହି ୩ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ବାସସ୍ଥଳୀ ସଙ୍କଟରେ ରହିଛି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଗତବର୍ଷ ଯେଉଁ ଅଞ୍ଚଳରେ ୧୦ ଘଡ଼ିଆଳ ଛାଡ଼ିଥିଲେ, ସେହି ଅଞ୍ଚଳରେ ମାଫିଆମାନେ ନିର୍ଭୟରେ ବାଲି ଖନନ କରୁଛନ୍ତି। ଏଥିପାଇଁ ସର୍ବୋଚ୍ଚ ଅଦାଲତ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ସମେତ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଗଣମାଧମ ରିପୋର୍ଟ ଏବଂ ପରିବେଶର ସଙ୍କଟଜନକ ସ୍ଥିତିକୁ ଦେଖି ସୁପ୍ରିମକୋର୍ଟ ନିଜଆଡ଼ୁ ଏହି ମାମଲା ରୁଜୁ କରିଛନ୍ତି। ବ୍ୟାପକ ବାଲି ଖନନ ଯୋଗୁ ନଦୀର ସୂକ୍ଷ୍ମ ପରିବେଶ ନଷ୍ଟ ହେଉଛି, ଯାହା ଘଡ଼ିଆଳ ଏବଂ ଡଲଫିନ ଭଳି ପ୍ରାଣୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ପରିବେଶ (ସଂରକ୍ଷଣ) ଆଇନ ଏବଂ ଜୈବବିବିଧତା ଆଇନ ଅନୁଯାୟୀ ମାମଲା ଚାଲିବ ବୋଲି ଖଣ୍ଡପୀଠ କହିଛନ୍ତି।

ସେହିପରି ଅଭୟାରଣ୍ୟ ଜମିର ସୀମା ନିର୍ଦ୍ଧାରଣକୁ ନେଇ ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି। ରାଜସ୍ଥାନ ସରକାର ଅଭୟାରଣ୍ୟର ପ୍ରାୟ ୭୩୨ ହେକ୍ଟର ଜମିକୁ ସୀମା ପୁନଃ ନିର୍ଦ୍ଧାରଣ ନାଁରେ ବାଦ୍ ଦେଇଥିବାରୁ କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋର୍ଟଙ୍କ ଏହି ପଦକ୍ଷେପ ସ୍ପଷ୍ଟ କରୁଛି ଯେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ କୌଣସି ପ୍ରକାରର ଅବହେଳାକୁ ସହ୍ୟ କରାଯିବ ନାହିଁ। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨କୁ ଧାର୍ଯ୍ୟ କରିଛନ୍ତି। ଅଦାଲତଙ୍କୁ ସହାୟତା କରିବା ପାଇଁ ଦୁଇଜଣ ବରିଷ୍ଠ ଆଇନଜୀବୀଙ୍କୁ 'ଆମିକସ୍‌କ୍ୟୁରି' ଭାବେ ନିଯୁକ୍ତ କରାଯାଇଛି।

## ମହାନଦୀ ସୌନ୍ଦର୍ଯ୍ୟକରଣ...

ଚଳାଚଳ ବ୍ୟବସ୍ଥା କରିବା ଲାଗି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଏ ସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆ, କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ୍ କୌର ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୭ ଇଦ୍ ପାଇଁ ପ୍ରସ୍ତୁତି ଚଳାଇଲେଣି ସଲମାନ

ମୁମ୍ବାଇ: ବଲିଉଡ୍‌ର 'ଭାଇଜାନ୍'ଭାବେ ପରିଚିତ ସଲମାନ ଖାନ୍ ନିଜର ଆଗାମୀ ଫିଲ୍ମ 'ମାତୃଭୂମି'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ପୂର୍ବରୁ ଏହି ଫିଲ୍ମର ନାମ 'ବ୍ୟାଟଲ ଅଫ୍ ଗଲୱାନ' ରଖାଯାଇଥିଲା। କିନ୍ତୁ ନିର୍ମାତା ଏବେ ଏହାର ନାମ ବଦଳାଇ 'ମାତୃଭୂମି' ରଖିଛନ୍ତି। ପ୍ରାୟତଃ ଇଦ୍‌ରେ ସଲମାନ ଅଭିନୀତ ଫିଲ୍ମ ରିଲିଜ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଏହି ଅବସରରେ ତାଙ୍କର କୌଣସି ଫିଲ୍ମ ରିଲିଜ ହୋଇନାହିଁ। ହେଲେ ଆସନ୍ତାବର୍ଷ ଇଦ୍ ପାଇଁ ଏବେଠୁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପ୍ରଯୋଜକ ଦିଲ୍ ରାଜୁ ଏବଂ ନିର୍ଦ୍ଦେଶକ ବାମଶୀ ପେଡିପଲ୍ଲୀଙ୍କ ସହ ଏକ ବଡ଼ ଆକ୍ସନ ଫିଲ୍ମ ଉପରେ ସଲମାନ ଆଲୋଚନା କରୁଛନ୍ତି। ଏହା ଏକ ମନୋରଞ୍ଜନଭିତ୍ତିକ କମର୍ସିଆଲ ଫିଲ୍ମ ହେବ, ଯେଉଁଥିରେ ଅଧିକ ଆକ୍ସନ ଏବଂ ହାଇ-ଲେଭଲ ଭିଏଫ୍‌ଏକ୍ସର ବ୍ୟବହାର କରାଯିବ। ଆସନ୍ତା ଏପ୍ରିଲରୁ ଏହି ଫିଲ୍ମର ଶୁଟିଂ ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହେବାକୁ ଯାଉଛି।






### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଶ୍ରୀକାନ୍ତ ଚରଣ ଦାସ**
Plot No. MB3, Badagada, Brit Colony, Bhubaneswar
ତିରୋଧାନ: ୩୧।୦୩।୨୦୨୫
ବାବା, ପ୍ରଥମ ବର୍ଷର ସମର୍ପଣ । ଆପଣଙ୍କ ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।
**ଦାସ ପରିବାର ଓ ବନ୍ଧୁବାନ୍ଧବ**
ଧ-୩୬୫୪

### ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରତ୍ନପ୍ରଭା ଦେବୀ**
(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍-୪, ଭୁବନେଶ୍ୱର
ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୭ । ତିରୋଧାନ: ୦୭।୦୪।୨୦୧୯
(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୩୭୦୭

### ଏକାଦଶାହ ଉପଲକ୍ଷେ



**୰ଗଣେଶ ଚନ୍ଦ୍ର ଦୀକ୍ଷିତ**
ଗ୍ରାମ: ୯୪/୪୨୯, ମହାବୀର ନଗର, ଭୁବନେଶ୍ୱର
ଆବିର୍ଭାବ: ୧୭।୧୦।୧୯୫୨
ତିରୋଧାନ: ୧୧।୦୩।୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଶୃଙ୍ଖଳିତ ଜୀବନ, ମାର୍ଗଦର୍ଶନ ଓ ଆଶୀର୍ବାଦ ଆମ ମାନଙ୍କ ପାଇଁ ଚିର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଆପଣଙ୍କ ଆତ୍ମା ଶାନ୍ତି ଓ ସଦ୍‌ଗତି ପ୍ରାପ୍ତ ହେଉ।
-:ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ:-
ଉମେଶ ଚନ୍ଦ୍ର ଦୀକ୍ଷିତ, ରମେଶ ଚନ୍ଦ୍ର ଦୀକ୍ଷିତ, ରାଜକିଶୋର ଦୀକ୍ଷିତ ଓ ଏଥି ସହ ସମସ୍ତ ପରିବାରବର୍ଗ ଓ ବନ୍ଧୁପରିଜନ।
ଧ-୬୧୯୮୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସୁହାସିନୀ ସାହୁ**
ତିରୋଧାନ- ୧୧।୦୩।୨୦୨୬
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର: ରାଜକିଶୋର ସାହୁ, ସନ୍ତୋଷ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ଆଶୁତୋଷ ସାହୁ (ନାତି)
ଧ-୩୬୯୬

# Classified Everyday
0674-2580101, 9692975378



## REAL ESTATE
### SALE

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡ଼ି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

3BHK Sophisticated Flat at BJB Nagar/ 2100sqft. Gharabari Land at Uttara, Bhubaneswar. Call- 8917520527. D-3671

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



Godown and Showrrom near Pathargadia, Sibamandira 200ft. Road. Mob. 9938060592. D-3544



## BUSINESS

Urgently required Second hand Racks for supermarket in Bhubaneswar, Contact: 8240127783. D-3703



All types of physiotherapy and massage contact 9556924059 / 7656969134. D-3668

## LOST

ମୁଁ, ଶ୍ରୀ ଲକ୍ଷ୍ମୀଧର ମହାନ୍ତି (୪୯) ବର୍ଷ, ପତ୍ନୀ- ମଞ୍ଜୁ ମହାନ୍ତି (୪୬) ବର୍ଷ, ସା- ବଳଭଦ୍ରପ୍ରସାଦ, ପୋ- ନୂଆପଡା, ଜିଲ୍ଲା- ନୟାଗଡ଼ ଜଣାଉଛି ମୋର ଘରବାରି ଦଲିଲ ନଂ. ୧୩୯୧୦୦୧୭୭୨, ତାରିଖ: ୦୬।୦୭।୧୦ଟି ବଳଭଦ୍ରପ୍ରସାଦଠାରେ ହଜିଯାଇଛି। ମୁଁ ମୋର ଦଲିଲ ବାଇକରେ ଏକ ବ୍ୟାଗରେ ରଖି ତହସିଲ କାର୍ଯ୍ୟାଳୟକୁ ଯାଉଥିବାବେଳେ ୧୫।୦୨।୨୦୨୨ ତାରିଖରେ ହଜିଯାଇଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ କମ୍ପ୍ଲେନ ନମ୍ବର- ୨୪୮୬୬୦୨୨୦୭୨ ୬୦୦୧୫ ରେ ମାମଲା ରୁଜୁ ହୋଇଛି। ଏଣୁ ନିବେଦନ କରେକି ଯଦି ଏହି ଦଲିଲ କେହି ପାଇଲେ ମୋର ନିମ୍ନୋକ୍ତ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।

ଶ୍ରୀ ଲକ୍ଷ୍ମୀଧର ମହାନ୍ତି
ଶ୍ରୀ ମଞ୍ଜୁ ମହାନ୍ତି
ସା- ବଳଭଦ୍ରପ୍ରସାଦ, ଖଣ୍ଡପଡ଼ା, ନୟାଗଡ଼, ଫୋନ ନମ୍ବର- ୬୩୭୦୬୭୮୭୧୨
ଧ-୩୭୦୪

## AFFIDAVIT

By virtue of an affidavit sworn before Notary Public, Kantabanji, dated 20.03.2026, I, MAMATA SAGRIA, D/o.- Bhagabana Sagria, At/ P.O.- Salemudgaon, P.S.- Turekela, Dist.- Bolangir, Odisha, PIN-767040 declare that I have changed my name from NAMITA SAGRIA (Old name) to MAMATA SAGRIA (New name). Henceforth, I shall be known as MAMATA SAGRIA for all purposes.
MAMATA SAGRIA
(New name).
D-3699

By virtue of an affidavit sworn before Executive Magistrate, Thuamul Rampur, dated 04.10.2025, I, Dashmini Naik, R/o. At/P.O.- Gopalpur, P.S.-Thuamul Rampur, Dist.- Kalahandi, Odisha, PIN- 766037 declare that I have changed my name from Dasmita Naik to Dashmini Naik. Henceforth, I shall be known as Dashmini Naik for all purposes.
Dashmini Naik
D-3701

By virtue of an affidavit sworn before Executive Magistrate, Kashipur, Rayagada dated 16.10.2025, I, Ramsingh Majhi, R/o. At- Bhatipas, P.O.- Munusgaon, P.S.- Kashipur, Dist.- Rayagada, Odisha, PIN- 765015 declare that I have changed the name of my son from Matu Majhi to Mantu Majhi. Henceforth, he shall be known as Mantu Majhi for all purposes.
Ramsingh Majhi
D-3702

I, Puspanjali Behera, D/o. Radharani Behera, At- Indipur, P.O.- Indipur, P.S.- Sadar, Dist.- Dhenkanal, PIN- 759025 solemnly declare that I have changed my name from PUSPANJALI DAS to PUSPANJALI BEHERA, dtd. 18.03.2026 before Executive Magistrate, Dhenkanal.
Puspanjali Behera.
D-3697

I, Nishamani Panda, W/o.- Late Somanath Panda, At- Thailo, P.O.- Alikanta, P.S.- Balikuda, Dist.- Jagatsinghpur, 754108, Odisha declare by affidavit No.- 2306, dtd.- 06.12.2025 before Executive Magistrate, Balikuda that I have changed my name from Nirupama Panda to Nishamani Panda. Nishamani Panda and Nirupama Panda is one and same person. Henceforth, I shall be known as Nishamani Panda for all purposes.
D-3700

By virtue of an affidavit Sworn before Notary Public, Kantabanji Dated 20.3.2026 I, Sajara Hati, S/o.- Rakshya Hati of Village- Tentulikhunti, P.O.- Ganrei, P.S.- Muribahal, Dist.- Bolangir, Odisha, declare that I have changed the name of my daughter from Niturupa Hati to Nirupama Hati. Henceforth, she shall be known as Nirupama Hati (New Name) for all purposes.
Sajara Hati
D-3698

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱରଙ୍କ ଅଦାଲତ ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଆର୍.ପି. କେସ୍ ନଂ.୧୬/୨୦୨୪

କପିଳ ରଣସିଂହ ଓ ଅନ୍ୟମାନେ ........ବାଦୀମାନେ
ବନାମ
ତହସିଲଦାର ଟାଙ୍ଗୀ ଓ ଓଗେର ......ପ୍ରତିବାଦୀମାନେ

ପ୍ରତିବାଦୀ ନଂ.୩: ଚନ୍ଦ୍ର ରାଉଳ, ପ୍ରତିବାଦୀ ନଂ.୪: ମଧୁ ରାଉଳ ଦୁଇଜଣଙ୍କର ପିତା: ଦୀନା ରାଉଳ, ପ୍ରତିବାଦୀ ନଂ.୫: ଚିନ୍ତାମଣି ସାହୁ, ପିତା: ଅର୍ଜୁନ ସାହୁ, ପ୍ରତିବାଦୀ ନଂ.୬: ପ୍ରାଣନାଥ ସାମନ୍ତରାୟ, ପିତା: ସତ୍ୟବାଦୀ ସାହୁ, ଏମାନଙ୍କ ଠିକଣା: ସା- ବୋଡଙ୍ଗରା ପାଟଣା, ଥାନା- ନିରାକାରପୁର, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ଉପରୋକ୍ତ ଆର୍.ପି. କେସ୍ ବାଦୀ କପିଳ ରଣସିଂହ ଓ ଅନ୍ୟମାନେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ ଭୁବନେଶ୍ୱର, ଅଦାଲତଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୩, ୪, ୫ ଓ ୬ଙ୍କ ଠିକଣାରେ ଚିଠି ଯାଇ ପୋଷ୍ଟାଲ ଏଣ୍ଡୋର୍ସମେଣ୍ଟ ଜରିଆରେ, ସେମାନେ ମୃତ ବୋଲି ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱରଙ୍କ ଅଦାଲତ କାର୍ଯ୍ୟାଳୟଠାରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର ହୋଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଟାଙ୍ଗୀ, ଥାନା: ନିରାକାରପୁର, ମୌଜା: ବଡ଼ପୋଖରିଆ
ସାବିକ ଖାତା ନଂ.୩୨୮, ପ୍ଲଟ୍ ନଂ.୯୭୮, ରକବା: ଏ୧.୨୦୩ ଡି., ପ୍ଲଟ୍ ନଂ.୯୮୧, ରକବା: ଏ୦.୨୩୫ ଡି., ପ୍ଲଟ୍ ନଂ.୯୮୪, ରକବା: ଏ୦.୧୩୨ ଡି., ପ୍ଲଟ୍ ନଂ.୯୯୧, ରକବା: ଏ୨.୦୯୫ ଡି., ମୋଟ ଚାରି ଗୋଟି ପ୍ଲଟ୍, ମୋଟ ରକବା: ଏ୩.୬୬୫ ଡି., ହାଲ୍ ଖାତା ନଂ.୩୨୦, ପ୍ଲଟ୍ ନଂ.୪୨୦୭, ରକବା ଏ୨.୦୨୦ ଡିସିମିଲ, ପ୍ଲଟ୍ ନଂ.୪୨୩୨, ରକବା: ଏ୦.୩୯୦ ଡି., ପ୍ଲଟ୍ ନଂ. ୪୨୩୫, ରକବା: ଏ୧.୦୮୫ ଡି., ପ୍ଲଟ୍ ନଂ.୪୨୩୭, ରକବା: ଏ୦.୧୮୯ ଡି., ମୋଟ ଚାରି ଗୋଟି ପ୍ଲଟ୍, ମୋଟ ରକବା: ଏ୩.୬୮୪ ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୩, ୪, ୫ ଓ ୬ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସେମାନେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶଗ୍ରହଣ କରିପାରିବେ। ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଭୁବନେଶର — କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତଙ୍କ ଆଦେଶକ୍ରମେ
ତା.୧୧।୦୩।୨୦୨୬ — ସ୍ୱା./- କୋର୍ଟ ଅଫିସର
ଚକବନ୍ଦୀ ଓ ବନ୍ଦୋବସ୍ତ କୋର୍ଟ ଭୁବନେଶର
ଧ-୩୭୦୫

# ଭୁଲାମନ



**ଗଳ୍ପ**

**ପ୍ରତାପ ବିଶ୍ୱାଳ**

ଏଇ ଭୁଲିଯିବାଟା ତା'ର ଗୋଟାଏ ରୋଗ ହୋଇଗଲାଣି। କୌଣସି କଥା ଠିକ୍ ସମୟରେ ମନେପଡୁନି। ଅଫିସ୍ ଆସିବାକୁ ଅଧା ବାଟ ଅତିକ୍ରମି ଆସିଛି ହଠାତ୍ ତା' ମନକୁ ଆସିଲା ସେ ଆସିଲାବେଳେ ଘରେ ତାଲା ବୋଧେ ପକେଇନି। ସ୍ତ୍ରୀ ବାପଘରକୁ ଯାଇଛି କାଲିଠାରୁ। ଘରେ ଏକୁଟିଆ ଏକୁଟିଆ ଫିଲ୍ କଲା ବୋଲି ଶୀଘ୍ର ଆଜି ଟିକେ ବାହାରିଆସିଛି ଘରୁ। ନ'ଟା ବାଜିଛି ଲାଗୁଛି ଯେମିତି ଖରାବେଳ। ହାତରେ ସମୟ ଥିଲେ ବି ଗାଡ଼ିର ଗତି ଦ୍ରୁତ। ସେ ତାଲା ପକେଇଛି କି ନାହିଁ ଚିନ୍ତା କଲାବେଳେ ଗାଡ଼ିର ଗତି କମିଗଲାଣି। ତାଲା ପକେଇବାକୁ ଭୁଲିଯାଇଛି ନା ପକେଇଛି ସଂଶୟରେ। ପୁଣି ମନକୁ ଆସିଲା ସେ ନିଶ୍ଚେ ତାଲା ପକେଇବାକୁ ଭୁଲିଯାଇଛି। ସେ ନିଜକୁ ଧିକ୍କାରି ମନେମନେ କହିଲା, ମିଛରେ ସେ ସିନା ତା' ସ୍ତ୍ରୀ ଉପରେ ବିରକ୍ତ ହୁଏ ସ୍ତ୍ରୀ କିନ୍ତୁ ଯାହା କୁହେ ସେଇଟା ଅପ୍ରିୟ ସତ। ତା'ର କାଳେ ଭୁଲାମନ।

ଅଗତ୍ୟା ଫେରିଲା ସେଇ ଅଧାବାଟରୁ ଭଡ଼ାଘରକୁ। ଯାହାଙ୍କ ଘରେ ସିଏ ଭଡ଼ାରେ ଅଛି, ତାଙ୍କ ଘରେ ବୁଢ଼ାବୁଢ଼ୀ ମାତ୍ର ଦୁଇଜଣ। ରୋଷେଇବାସ, ବୁଢ଼ାବୁଢ଼ୀଙ୍କୁ ଦେଖାଶୁଣା କରିବାକୁ ସ୍ତ୍ରୀଲୋକଟିଏ ଅଛି। ବାସନ୍ତୀ। ତା' ସ୍ତ୍ରୀ କୁହେ ବାସନ୍ତୀଟା ଭଲ ଲୋକ ନୁହେଁ। ତା'ର ହାତଉଠା ପଣ ଅଛି। ବୁଢ଼ାବୁଢ଼ୀଙ୍କ ସଉଦାପତ୍ରରୁ ଲୁଚେଇ କିଛି କାଳେ ତା' ଘରକୁ ପଠେଇଦିଏ। କିନ୍ତୁ ସେ ଜାଣେ ସେ ନଥିଲା ବେଳେ ବାସନ୍ତୀର ତାଙ୍କ ଘରକୁ ଅବାଧ ପ୍ରବେଶ। ଏକୁଟିଆ ସ୍ତ୍ରୀ ଲୋକଟା ବା କେତେ ଚିଭି, ମୋବାଇଲ ସାଙ୍ଗରେ ଦିନକାଟନ୍ତା! ବାସନ୍ତୀ ତାଙ୍କ ଘରକୁ ଆସେ, ଦୁହେଁ ବସି ଗପନ୍ତି। ସେ ଯଦି କବାଟରେ ତାଲା ନ ପଡ଼ିଥିବା ଦେଖି ଘରକୁ ଆସିଥିବ କଳାକନା ବୁଲାଇ ଦେଇଥିବ।

ଘର ଗେଟ୍ ପାଖରେ ପହଞ୍ଚି ଯେତେବେଳେ ସେ ଦ୍ୱାର ମୁହଁ ପାଖକୁ ଆସିଲା, ଗାଡ଼ି ଗେଟ୍ ପାଖରେ ରହିବା ଶବ୍ଦ ଶୁଣି ହେଉ କିମ୍ବା ବାହାରକୁ ସେ ଆସିଥିଲା, ତାକୁ ଦେଖି ବାସନ୍ତୀ ପଚାରିଲା– କ'ଣ କିଛି ଛାଡ଼ିଯାଇଥିଲେ କି ବାବୁ?

ସେ ବାସନ୍ତୀକୁ ଚାହିଁ ଟିକେ ହସିଦେଇ କହିଲା– ହଁ। ଯାଇ କୋଲପକୁ ଦୁଇଥର ଟାଣିଲା। ଦେଖିଲା ଠିକ୍ ଅଛି। ସେତେବେଳେ ସେ ଅନୁଭବ କଲା, ଭିତରେ ଗଞ୍ଜି ତା'ର ଝାଳରେ ଓଦା ହୋଇଯାଇଛି। ବୁଝିପାରିଲାନି ଭାରାକ୍ରାନ୍ତ ମନ ପାଇଁ ନା ଖରା ପାଇଁ ତା' ଦେହ ଏମିତି ଝାଳରେ ଜୁଡୁବୁଡୁ। ଚାବି ଖୋଲି ଭିତରକୁ ଯିବ ନା ଫେରିଯିବ, ଫେରିଗଲେ ବାସନ୍ତୀ ପୁଣି ଯଦି ପଚାରେ ବାବୁ କ'ଣ ଘର ନ ଖୋଲି ସେମିତି ପଳେଇଗଲେ? ସେ ଘର ମାଲିକଙ୍କ ଦ୍ୱାର ଆଡ଼କୁ ଚାହିଁଲା। ଦେଖିଲା ବାସନ୍ତୀର କାହିଁ ଦେଖାନାହିଁ। ବୋଧେ ଘର ଭିତରକୁ ଗଲାଣି। ଘର ଭିତରକୁ ନ ଯାଇ ସେ ପୁଣି ଆସି ଗାଡ଼ି ଷ୍ଟାର୍ଟ କଲା।

ଏମିତି ହୋଇଥିଲା, ତିନି ଦିନ ହୋଇନି। ସ୍ତ୍ରୀ ବାପଘରକୁ ଯିବ ବୋଲି ସନ୍ଧ୍ୟାରେ ଦୁହେଁ କିଛି କିଣାକିଣି କରିବାକୁ ଘରେ ତାଲା ପକାଇ ମାର୍କେଟ ଯାଇଥିଲେ। କିଣି ସାରିଲା ପରେ ସ୍ତ୍ରୀ କହିଥିଲେ– ମୁଁ ଏଇଠି ଅଛି, ତୁମେ ପରିବା ମାର୍କେଟରୁ କିଛି ପରିବା ନେଇଆସ। ଡେରି କରିବନି। ସେ ପରିବା ମାର୍କେଟ୍ ଯାଇ ପରିବା କିଣିଲାବେଳେ ଦେଖା ହୋଇଯାଇଥିଲା ଜଣେ ସାଙ୍ଗ। ତା' ସାଙ୍ଗରେ ଗପୁଗପୁ ଡେରି ହୋଇଗଲା ବୋଲି ପରିବା ବ୍ୟାଗ୍‌କୁ ଧରି ସିଧା ପଳାଇ ଆସିଥିଲା ଘରକୁ। ଘରେ ଆସି ଦୁଆର କବାଟରେ ତାଲା ପଡ଼ିଥିବା ଦେଖି ହଠାତ୍ ତା'ର ସ୍ତ୍ରୀ କଥା ମନେପଡ଼ିଯାଇଥିଲା। ପୁଣି ଦୌଡ଼ିଥିଲା ମାର୍କେଟ୍। ମାର୍କେଟ୍‌ରେ ଯେଉଁଠି ସ୍ତ୍ରୀକୁ ଛାଡ଼ି ପରିବା କିଣିବାକୁ ଯାଇଥିଲା ସେଠାକୁ ଯାଇ ଖୋଜିଲା। ଦେଖିଲା ସେଠି କେଉଁଠି ସେ ନାହାନ୍ତି। ଭାବିଲା ଫୋନ୍ କରିବ ସ୍ତ୍ରୀକୁ। ପକେଟ୍‌ରେ ହାତ ପୂରାଇ ଦେଖେ ତ ମୋବାଇଲ ନାହିଁ। ଭାବିଲା କି ଦୁର୍ଯୋଗ! ପରିବା କିଣିବା ଭିତରେ ବୋଧେ ମୋବାଇଲ୍‌ଟା କେଉଁଠି ପକେଟ୍‌ରୁ ଖସିପଡ଼ିଛି। ପୁଣି ପରିବା ମାର୍କେଟ୍ ଯାଇ ସବୁ ଗଳିକନ୍ଦି ଖୋଜିବାକୁ ଲାଗିଲା। ମୋବାଇଲ ନ ମିଳିବାରୁ ହତାଶ ହୋଇ ଆସି ପୁଣି ଥରେ ସ୍ତ୍ରୀକୁ ଖୋଜିଲା। ପାଇଲା ନାହିଁ। ଏହା ଭିତରେ ଦୁଇ ଘଣ୍ଟାରୁ ଅଧିକ ସମୟ ଅତିବାହିତ ହୋଇସାରିଥିଲା। ଭାବିଲା କ'ଣ ସେ କରିବ। ଶେଷକୁ ଠିକ୍ କଲା ଘରକୁ ଯାଇ ତାଲା ଭାଙ୍ଗିବ। ଆଉ ଜଣେ କାହାକୁ ସାଙ୍ଗରେ ନେଇ ସ୍ତ୍ରୀ ହଜିଯାଇଛି ବୋଲି ଥାନାରେ ଏତଲା ଦେବ।

ବ୍ୟସ୍ତ ହୋଇ ଘରକୁ ଫେରିଆସି ଦେଖେ ତ ଘରର ଦାଣ୍ଡକବାଟ ବନ୍ଦ ଥିଲେ ବି ବାହାରେ ଲାଇଟ୍ ଜଳୁଛି। ସେ ଆଶ୍ଚର୍ଯ୍ୟ ହୋଇ କବାଟପାଖକୁ ଯାଇ ଦେଖେ ତ କବାଟରେ ତାଲା ନାହିଁ। କବାଟ ଠେଲି ଭିତରକୁ ପଶିଲା। ଦେଖିଲା ସବୁଘରେ ଲାଇଟ ଜଳୁଛି। ଏହି ସମୟରେ ରୋଷେଇଘରୁ ସ୍ତ୍ରୀଙ୍କ ପାଟି ଶୁଭିଲା: ଭଲ ଲୋକ ତୁମେ! ପରିବା କିଣିବାକୁ ଯାଇଥିଲ ନା ପରିବା ମାର୍କେଟ୍‌କୁ କିଣିବାକୁ ଯାଇଥିଲ?

ସେ ସୋଫାରେ ବସିପଡ଼ି କହିଲା– ତୁମେ କେତେବେଳୁ ଆସିଲଣି। ମୁଁ ତୁମକୁ କେତେ ଖୋଜିଲିଣି?

ଖୋଜୁଥିଲ! କେତେ ସମୟ ତୁମକୁ ଆଉ ଅପେକ୍ଷା କରିଥା'ନ୍ତି? ଅପେକ୍ଷା କରି କରି ଶେଷକୁ ପରିବା ମାର୍କେଟ୍‌ର ଗଳିକନ୍ଦି ଖୋଜିଲି। ଫୋନ୍ ଆଠ ଦଶ ଥର କଲି। ଉଠେଇଲନି। କେଉଁଠି ଥିଲ ତୁମେ? କେମିତି କହିବ ସେ ସମୟରେ ହୁଏତ ସେ ଭୁଲିଯାଇ ବସାକୁ ଫେରିଆସିଛି। କହିଲା– ସାଙ୍ଗଟାଏ ଦେଖା ହୋଇଗଲା ତ ତା' ସାଙ୍ଗରେ କଥା ହେଉ ହେଉ ଟିକେ ଡେରି ହୋଇଗଲା।

ସାଙ୍ଗ ସହିତ କଥା ହେଉଥିଲ ବୋଲି କ'ଣ ଫୋନ୍‌ଟା ବାଜୁଥିବ ଶୁଭିଲାନି। ବାଧ୍ୟ ହୋଇ ଅଟୋଟାଏ କରି ଚାଲିଆସିଲି।

ସେ କହିଲା– ସେଇଆକୁ ତ ଖୋଜୁଖୋଜୁ ଏତେ ସମୟ ଗଲା। ପରିବା କିଣିଲାବେଳେ ଅସାବଧାନତାବଶତଃ ଫୋନ୍‌ଟା କୁଆଡ଼େ ପଡ଼ିଗଲା ଯେ ଖୋଜିଖୋଜି ଆଉ ପାଇଲି ନାହିଁ।

ସ୍ତ୍ରୀ ତା'ର ରୋଷେଇଘରୁ ବାହାରି ଆସି କହିଲା– ଫୋନ୍‌ଟିକୁ ହଜାଇ ଦେଇଆସିଛ! ବର୍ଷେ ହୋଇନି କିଣିଥିଲ। ପନ୍ଦର ହଜାରେ ଟଙ୍କା ପାଣିରେ ପକାଇ ଦେଇ ଆସିଲ? ଏମିତିକା ମଣିଷ ମୁଁ ମୋ' ଜୀବନରେ କେବେ ଦେଖିନାହିଁ।

ସେ ଆଉ କିଛି କହିବା ପୂର୍ବରୁ ଘର ଭିତରୁ ଫୋନ୍‌ଟା ରିଂ ହେଲା। ସେ ସୋଫାରୁ ଉଠିପଡ଼ିଲା। ତା'ରି ଫୋନ୍‌ର ରିଂ ଟୋନ୍ ତ! ତା'ହେଲେ ସେ କ'ଣ ମାର୍କେଟ ଗଲାବେଳେ ଫୋନ୍‌ଟାକୁ ନେଇ ନଥିଲା! ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ କହିଲା– ତୁମ ଫୋନ୍ ତ ଘର ଭିତରେ ରିଂ ହେଉଛି, ମାର୍କେଟ୍‌ରେ ପୁଣି ହଜିଲା କେଉଁଠି? କି ଭୁଲାମନର ମଣିଷ ତୁମେ। ପରିବା ବ୍ୟାଗ୍ କାହିଁ? ଆଣିଛ ନା କେଉଁଠି ଛାଡ଼ିଦେଇ ଆସିଛ?

ହଠାତ୍ ତା'ର ମନକୁ ଆସିଲା ଆରେ ସତେ ତ ପରିବା ବ୍ୟାଗ୍‌ଟାକୁ ତ ସେ ଗାଡ଼ି ଡିକି ପାଖରେ ଝୁଲାଇଲା ପରି ମନେପଡୁଛି ନା ଆଉ କେଉଁଠି ଛାଡ଼ିଦେଇ ଆସିଲା। ଫୋନ୍ ରିଂ ହେଉଥିଲା। ସେ ଆଉ ଫୋନ୍ ପାଖକୁ ନ ଯାଇ ସିଧା ଦୌଡ଼ିଲା ପରି ଆସିଲା ବାହାରେ ରଖିଥିବା ବାଇକ୍ ପାଖକୁ। ରକ୍ଷା, ବ୍ୟାଗ୍‌ଟା ଟଙ୍ଗାହୋଇଛି ଡିକି ପାଖରେ। ବ୍ୟାଗ୍‌ଟାକୁ ଖୋଲି ଘରକୁ ନେଇ ଥୋଇଦେଇ ସ୍ତ୍ରୀକୁ କହିଲା– ପାଣି ଗ୍ଲାସେ ଦିଅ ତ ଆଗ। ପାଣି ଗ୍ଲାସକ ପିଇ ନିଜକୁ ଟିକେ ହାଲୁକା ଅନୁଭବ କଲା।

ଭାବୁ ଭାବୁ ଆସି ପହଞ୍ଚି ଯାଇଥିଲା ସେ ଅଫିସ୍ ଗେଟ୍ ପାଖରେ। ପକେଟ୍‌ରୁ ମୋବାଇଲ ବାହାର କରି ଦେଖେ ତ ଅଧଘଣ୍ଟା ବିଳମ୍ବ ହୋଇଗଲାଣି। ଦ୍ରୁତ ବେଗରେ ନିଜ ସିଟ୍ ପାଖକୁ ଯାଇ କାମରେ ମନଦେଲା। କିଛି ସମୟ ଯାଇଛି ହଠାତ୍ ବଡ଼ବାବୁ ତା' ପାଖକୁ ଆସି ପଚାରିଲେ– ତୁମେ ଆସିଛଟି! ବାଇମେଟ୍ରିକ ସିଷ୍ଟମରେ ଉପସ୍ଥିତି କାହିଁ ଜାରି କରିନ? ସେକ୍ରେଟାରୀ ବର୍ତ୍ତମାନ ମୋତେ ପଚାରୁଥିଲେ ତୁମେ ଲିଭ୍ ଆପ୍ଲିକେଶନ ଦେଇନ, ତୁମକୁ ଛୁଟି କିଏ ଦେଇଛି ବୋଲି ମୋତେ ତାଗିଦା କରୁଥିଲେ।

ସେ ମନଦୁଃଖରେ ଉଠି ଛିଡ଼ା ହୋଇ କହିଲା– ମୁଁ ତ ଅନେକବେଳୁ ଆସି କାମ କରୁଛି। ଅବଶ୍ୟ ବାଇମେଟ୍ରିକ୍‌ରେ ଟିପ ଦେବା କଥାଟା ଭୁଲିଯାଇଛି। ଆପଣ ତ ଦେଖୁଛନ୍ତି ମୁଁ ମୋ ସିଟ୍‌ରେ ଅଛି। ବଡ଼ବାବୁ କହିଲେ– ସେ କଥା କିଏ ବୁଝିବ? ଯାଅ ସେକ୍ରେଟାରୀଙ୍କୁ କହିବ ନହେଲେ ସେ ଶୋ' କଜ୍ ନୋଟିସ୍ କରି ଦରମା ବନ୍ଦ କରିଦେବେ। ଅଫିସ୍‌ର ଏ ସାଧାରଣ ନିୟମଟାକୁ କେମିତି ଭୁଲିଯାଉଛ! ଅଫିସର ଗୋଟାଏ ଶୃଙ୍ଖଳା ଅଛି ନା ନାହିଁ?

ବଡ଼ବାବୁ କହି କହି ଚାଲିଗଲେଣି। ସେ ଦେଖିଲା ଅନ୍ୟମାନେ ତା' ବିକଳ ମୁହଁକୁ ଚାହିଁ ରହିଛନ୍ତି। କେମିତି, କାହାକୁ ସେ କହିବ ମୋ' ମୁହଁକୁ ଚାହିଁଛ କ'ଣ ଏବେ ମୋତେ ଗୋଟାଏ ନୂଆ ରୋଗ ଆଟାକ୍ କରିଛି 'ଭୁଲିଯିବା'। ସେ ପୁଣି ତା' ସିଟ୍‌ରେ ବସିଗଲା। ଭାବିଲା ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କୁ ଦେଖାଇବାକୁ ପଡ଼ିବ। ବରଂ ଆଜି ସେ ଛୁଟି ନେଇଯିବ। ଟେବୁଲ ଡ୍ରୟାରରୁ କାଗଜ ବାହାର କରି ଛୁଟି ଦରଖାସ୍ତ ଲେଖିବାକୁ ଲାଗିଲା।

ମୋ: ୯୪୩୭୭୪୫୯୮୩

## ପୁସ୍ତକ ପରିଚୟ

### ଓଡ଼ିଆ ପୁରାଣସାହିତ୍ୟର ଇତିହାସ: ସାରଳା ଖଣ୍ଡ





**ଲେଖକ:** ଡ. ସୁଧାକର ଦାସ
**ପ୍ରକାଶକ:** ପ୍ରଜ୍ଞା ଶିରୋମଣି ପ୍ରତିଷ୍ଠାନ, ମହାନଦୀ ବିହାର, କଟକ
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୪୦୦/–

ଆଲୋଚ୍ୟ ଗ୍ରନ୍ଥରେ ୪ଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦରେ ପୁରାଣର ପ୍ରାଚୀନତା, ସଂସ୍କୃତ ପୁରାଣମାନଙ୍କର ସଂଖ୍ୟା ଓ ପ୍ରକାରଭେଦ ତଥା ସଂସ୍କୃତ ଉପପୁରାଣଗୁଡ଼ିକର ପରିଚୟ ରହିଛି। ଦ୍ୱିତୀୟ ପରିଚ୍ଛେଦରେ ରହିଛି ଭାଷା–ସାହିତ୍ୟ ବିକାଶରେ ସଂସ୍କୃତ ପୁରାଣଗୁଡ଼ିକର ଦେଶୀୟ ସଂସ୍କରଣ, ଓଡ଼ିଆ ପୁରାଣ ରଚନାର ପୃଷ୍ଠଭୂମି, ସଂସ୍କୃତ ପୁରାଣ ଓ ଓଡ଼ିଆ ପୁରାଣ ମଧ୍ୟରେ ଥିବା ସାମ୍ୟ ଓ ବୈଷମ୍ୟ ଚର୍ଚ୍ଚା। ତୃତୀୟ ପରିଚ୍ଛେଦରେ ସ୍ଥାନିତ କଳିଙ୍ଗୋତ୍କଳ ସାମ୍ରାଜ୍ୟ, ଗଙ୍ଗକାଳୀନ ସମାଜ, ଶ୍ରୀଜଗନ୍ନାଥ ଓ ଉତ୍କଳର ଓଡ଼ିଆ ଭାଷା ସମ୍ପର୍କରେ ଆଲୋଚନା। ଚତୁର୍ଥ ପରିଚ୍ଛେଦରେ ସାରଳା ମହାଭାରତରେ ଥିବା ରାମାୟଣ ପ୍ରସଙ୍ଗର ବିଶ୍ଳେଷଣ କରାଯାଇଛି। ଆଦି ଓଡ଼ିଆ ପୁରାଣକାର ଭାବେ ସାରଳାଦାସଙ୍କୁ ବିବେଚନା କରି ପୁରାଣର ପଞ୍ଚ ଲକ୍ଷଣ କିପରି ସାରଳାଙ୍କ ରଚନାରେ ରହିଛି, ତା'ର ଅନୁସନ୍ଧାନ ଲେଖକ ପୁଙ୍ଖାନୁପୁଙ୍ଖ ଭାବେ ଏହି ଗବେଷଣା ଗ୍ରନ୍ଥଟିରେ କରିଛନ୍ତି। ''ମୋ କଥା''ରେ ଲେଖକ କହିଛନ୍ତି: ''ବିଚିତ୍ର ରାମାୟଣ, ମହାଭାରତ, ଚଣ୍ଡୀ ପୁରାଣ ଆଦି ଗ୍ରନ୍ଥ ଅଧ୍ୟୟନ କରି ଆଦି ପୁରାଣକାର ଭାବେ ସାରଳାଦାସଙ୍କୁ ବିଚାରକୁ ନେଇଛି।'' ପୁଣି ମୁଖବନ୍ଧରେ କହିଛନ୍ତି: ''ମୋ ଜାଣିବାରେ ସାରଳାଙ୍କୁ ଜଣେ ପୁରାଣକାରଭାବେ ଓଡ଼ିଶାର ଆଲୋଚକମାନେ ଆଲୋଚନାକୁ କେବେ ନେଇନାହାନ୍ତି। କାଁ ଭାଁ ତାଙ୍କ ସମ୍ପର୍କରେ ଯେଉଁଠି ବା ବର୍ଣ୍ଣନା କରାଯାଇଛି, ତାହା ଖଣ୍ଡିତ, ଦୁର୍ବଳ ଓ ରସଶୂନ୍ୟ। ଅତଏବ ଆମର ଏଇ ଗ୍ରନ୍ଥରେ x x ସାରଳାଙ୍କ ସମ୍ୟକ୍ ପରିଚୟ ପରେ ତାଙ୍କ ସୃଷ୍ଟି ସକଳକୁ ପୁରାଣ ରୂପେ ବିଚାର କରିଛୁ।'' ପୁସ୍ତକଟି ତଥ୍ୟଗର୍ଭୀ ଓ ଆଶା କରାଯାଏ ଏହା ସାଧାରଣ ପାଠକ ଓ ଗବେଷକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

### ତୃତୀୟ ନୟନ





**କବି:** ଶମ୍ଭୁନାଥ ରାଉଳ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୬, **ମୂଲ୍ୟ:** ଟ.୨୫୦/–

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୫୪ଟି କବିତା ସ୍ଥାନିତ, ଯାହା କବିଙ୍କ ସମକାଳ ଓ ସମାଜର ନାନା ପରିଦୃଶ୍ୟ ଓ ଅନୁଭବକୁ ନେଇ ପରିକଳ୍ପିତ। ବିଶିଷ୍ଟ ନାଟ୍ୟକାର ଓ କବି ରମେଶ ଦାସ ଗ୍ରନ୍ଥାରମ୍ଭରେ କବି ଓ ତାଙ୍କ କବିତା ସମ୍ପର୍କରେ କହନ୍ତି: ''କବି ଶମ୍ଭୁନାଥ x x କବିତା ଲେଖନ୍ତି ନାହିଁ, କବିତା ବଳେବଳେ ତାଙ୍କ ଭିତରୁ ସଞ୍ଚରିତ ହୋଇଯାଏ। x x ଆଚାର, ବିଚାର, ଆସ୍ପୃହା ତଥା ଆଲୋଡ଼ନ ତାଙ୍କ କବିତା ଭିତରକୁ ପଶିଆସନ୍ତି। x x ସାରା ବିଶ୍ୱର ବାର୍ତ୍ତା ଦେବାକୁ ଯେମିତି ତାଙ୍କ କବିତା ଉନ୍ମୁକ୍ତ।'' 'ପ୍ରହସନ' ଶୀର୍ଷକ କବିତାରେ କବି ଆତ୍ମବ୍ୟଙ୍ଗ କରିଛନ୍ତି ନିଜକୁ, କହିଛନ୍ତି– 'ମୁଁ ପ୍ରହସନର ଏକ ମୂର୍ତ୍ତିମନ୍ତ ପ୍ରତୀକ' ଓ 'ମୁଁ ବଶବର୍ତ୍ତୀ କରିପାରେ ମୋର ସରଳ ଗ୍ରାହକଙ୍କୁ'। 'ଅନ୍ନଦାତା' ଶୀର୍ଷକ କବିତାରେ ତାଙ୍କର ସ୍ୱର ଭିନ୍ନ, ଭୂମିଲଗ୍ନ। ତାଙ୍କ ଭାଷାରେ ''ଅନ୍ନଦାତାଙ୍କର ଯେତେ ବି ଜୟଗାନ କଲେ/ କମ୍ ଲାଗେ/ ଯେତେ ବି ଆଶୀର୍ବାଦର ହାତ ବଢ଼ାଇଲେ/ ଅସମ୍ପୂର୍ଣ୍ଣ ରହିଗଲା ଭଳି ଲାଗେ/ ଅନ୍ନଦାତାଙ୍କ ରତିଭରି ଅହଂକାର ନାହିଁ/ କରିଥିବା ପୁଣ୍ୟଫଳର/ ପ୍ରତ୍ୟାଶା ନାହିଁ/ ସେ ସବୁବେଳେ ଖାଣ୍ଟିସୁନା।'' (ପୃ: ୧୯)। ଯୁଦ୍ଧ ଓ ଆତଙ୍କ ତାଙ୍କ କବିତାର ଭାଷା ହୋଇଉଠେ ବି କେବେକେବେ। ଯଥା: ''ପୃଥିବୀର ଯେଉଁ ଦିଗକୁ ଚାହିଁଲେ/ କାନ ଡେରିଲେ ଯୁଦ୍ଧର ଭେରୀ ଶୁଣାଯାଏ/ ଏବେ ବିବାହ ଉତ୍ସବର ବାଣ ଫୁଟେଇଲେ/ ମନେହୁଏ ଆତଙ୍କର ପାଦଶବ୍ଦ।'' ('ଯୁଦ୍ଧ ଓ ଆତଙ୍କ'–ପୃ: ୭୩)। ବହିର ନାମକରଣ ସମ୍ପର୍କରେ ବକ୍ତବ୍ୟ ରଖି କବି କହନ୍ତି: ''ତୃତୀୟ ନୟନ ମହାପ୍ରଭୁ ମହାଦେବଙ୍କୁ ନଜରରେ ରଖି ଦେଇନାହିଁ। ସାରା ସମାଜକୁ ଧ୍ୟାନରେ ରଖି ମନକୁ ଆଣିଛି। ଏ ସଂସାରରେ ଓ ସମାଜରେ ଯାହାସବୁ ଘଟଣା ଘଟୁଛି, ଆମ ଗୋଚରରେ ହେଉ ବା ଅଗୋଚରରେ, କେହି ଜଣେ ନିଶ୍ଚୟ ଦେଖୁଛନ୍ତି।'' କବିତାରେ ମନସ୍ଥ କରି କବି ଅଳଂକରଣ ଖଞ୍ଜନ୍ତି ନାହିଁ। ତାହା ସ୍ୱତଃ। ବିଷୟ ଓ ଅବତାରଣା– ଉଭୟ ଦୃଷ୍ଟିରୁ ବହିଟି ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା।

## କବିତା

### ପ୍ରଜାପତି

**ଶ୍ରୀହରି ଧଳ**

ସେ ଯୁଦ୍ଧ ବୁଝେନା
ଯୁଦ୍ଧର ବିଭୀଷିକା ଜାଣେନା।
ଗୋଟେ ଧ୍ୱଂସ ଗଦା ଉପରେ ଥାଏ
ସ୍ୱପ୍ନଭୂକ୍ କବି।

କବିତା ମନସ୍କତାରେ
ପୁନଶ୍ଚ ପୃଥିବୀର ଚିତ୍ର ଗଢ଼େ ଗୀତରେ।
ଡେଣାରେ ନିଆଁକୁ ବସାଏ, ମୃତ୍ୟୁକୁ ବସାଏ
ଗୋଟେ ଦୂରନ୍ତ ଶାନ୍ତିର ପରିଧିଯାଏ
ଉଡ଼ିଯିବାଯାଏ।

ସେ ଜୟ ବୁଝେନା
ପରାଜୟ ବୁଝେନା
ମୀମାଂସାହୀନ ଗଣିତ ବୁଝେନା।
ପ୍ରଜାପତିଟେ ହସୁଥାଏ
ଧୂଳି, ଧୂଆଁ, ବାରୁଦ ଭିଡ଼ରେ।

ମୃତ ସୈନିକ ଓଠ ଦାଢ଼ରେ
ଉଇଁ ଆସୁଥିବା ସୂର୍ଯ୍ୟ ଭିତରେ
ଜୀବନ ଖୋଜେ
ଯୁଦ୍ଧ ବିରତିର ସୂତ୍ର ଖୋଜେ।
ଡେଣାରେ ଟଙ୍ଗେଇଥାଏ ଗୋଟେ
ଯୁଦ୍ଧ ବିରତିର ସନ୍ଧିପତ୍ର।
ଆଖିରେ ନୂଆ ଜୀବନର ଅଧିବାସ।

– ତାଉଁତରା, କପାସି, ଚିତାଳୋ, ଯାଜପୁର
ମୋ: ୮୧୧୭୦୮୧୯୦୬

### ତନ୍ତ୍ର

**ଗଜାନନ ମିଶ୍ର**

ପ୍ରଚେଷ୍ଟା ସତ୍ତ୍ୱେ
ହେଉନି ରପ୍ତାନି।
ପଛେ ହେବ ବିଚାର
ସଫଳ କିଏ କେତେ।

କାର୍ଯ୍ୟବାହୀଙ୍କର ବେପରୁଆ
ଅଣଦେଖାରେ ଠପ୍ ବ୍ୟବସ୍ଥା।
ଭଲ ଖରାପ ଦେଖୁଦେଖୁ ବିଗିଡ଼େ
ମାଟି ଆକାଶ ଏକାଥରକେ।

ପ୍ରସ୍ତୁତିରେ ହଜେ ହିସାବ
ପାରମ୍ପରିକ ବିକ୍ରିବଟାରେ।
ଏକକାଳୀନ ପୈଠ ହେଲାବେଳେ
ଦିଶେ ଭିତର ବାହାର।

ଧୂପକାଠି ମସଲାର
ନ ଥାଏ ଆବଶ୍ୟକତା।
ବିନିଯୋଗ ହୁଏ ସମ୍ମାନ
ସୌନ୍ଦର୍ଯ୍ୟ ବାଟସାରା।

– ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୩୬୬୬୪୪

### ଆଞ୍ଜୁଳାଏ ଜୀବନ

**ମିନାକ୍ଷୀ ଦ୍ୱିବେଦୀ**

ଆଞ୍ଜୁଳାଏ ପାଣି ଏ ଜୀବନ,
ଧରି ରଖିବାକୁ ଚେଷ୍ଟା କଲେ ବି
ଆଙ୍ଗୁଠି ସନ୍ଧି ଦେଇ
ଧୀରେ ଖସିଯାଏ ସମୟ।

ନିଜସ୍ୱ କିଛି ନାହିଁ ଏଠି, ସବୁ ଋଣକରା ସ୍ମୃତିର ସମ୍ପତ୍ତି
କିଛି ହସ, କିଛି ଲୁହ,
ଆଉ କିଛି ଅଧାଗଢ଼ା ସ୍ୱପ୍ନର ପାହାଚ
କେବେ ଏହା ଶାନ୍ତ ପୋଖରୀର ଜଳ
ତ କେବେ ଅଶାନ୍ତ ସମୁଦ୍ରର ଢେଉ।

ଖୋଜୁଖୋଜୁ ନିଜକୁ ଏ ଭିଡ଼ ଭିତରେ,
ପାଇଯାଏ କେବେ ଏକାକୀତ୍ୱର ସ୍ୱର,
ସାଉଣ୍ଟିବାକୁ ଗଲେ ଅତୀତର ଖଣ୍ଡିତ ଆଇନା
ରକ୍ତାକ୍ତ ହୁଏ ପାପୁଲି।

ଜୀବନ ତ ଏକ ସଞ୍ଜ ନଇଁବା ପୂର୍ବର ଖେଳ,
ଯେଉଁଠି ଜିତିବାର ମୋହ ନାହିଁ କି ନାହିଁ ହାରିବାର ଭୟ,
ସବୁ ସେହି ମାଟିର ମାୟା
ବଳକା କେବଳ କିଛି ଅକୁହା କଥା
ଆଉ, ପବନରେ ଭାସୁଥିବା ଆଞ୍ଜୁଳେ ଶୂନ୍ୟତା।

ତଥାପି...
ଏଇ ଆଞ୍ଜୁଳାଏ ଜୀବନକୁ ନେଇ ଗର୍ବ ଅନେକ,
ଯେ ପର୍ଯ୍ୟନ୍ତ ଶେଷ ବୁନ୍ଦାଟି ଖସିନାହିଁ
ସେ ପର୍ଯ୍ୟନ୍ତ ବଞ୍ଚିବାର ଜିଦ୍
ଆଉ ଅଳ୍ପ ଟିକେ ବାକିଥାଏ।

ମୋ: ୭୯୭୮୦୮୨୮୩୪

**ଗୀତି–କବିତା**

### କିଏ ଜାଣିଥିଲା ଶେଷ ବସନ୍ତରେ

**ହରିଶ୍ଚନ୍ଦ୍ର ବେହେରା**

କିଏ ଜାଣିଥିଲା ଶେଷ ବସନ୍ତରେ
ଆସିବ ତା' ଶେଷ ଚିଠି
ଡାକବାଲା ଆଉ ଆସିବନି ଦିନେ
ତା' ପାଖକୁ ଚିଠି ବାଣ୍ଟି।

କାଲିରେ ନୁହେଁ ସେ ଆଖିର ଲୁହରେ
ଉଚ୍ଛୁଳା ଆବେଗ ଦେଇ
ଯେତେ ସ୍ନେହ ବାକିଥିଲା ତା' ଅନ୍ତରେ
ଦେଇଛି ଝିଅଟି ପାଇଁ
ଫି' ସାଲେ ପୁଣି ଆସିବ ବସନ୍ତ
ନ ଥିବ ସେନେହ ତା'ଠି।

ନିଷ୍ଠୁର ନିୟତି ସେ କାହୁଁ ବୁଝିବ
ସ୍ନେହ ମମତାର ମାନେ
ଝରିଗଲେ ଫୁଲ କେତେ ଯେ ବେଦନା
ଲତା ହିଁ କେବଳ ଜାଣେ
ନଈ ଜାଣେ ତା'ର ଅନ୍ତରର ଦୁଃଖ
ଆସିଲେ ଜୁଆର ଭାଟି।

ହୃଦୟ ଫରୁଆ ଭିତରେ ରଖିବ
ତା' ମାଆର ଶେଷ ଚିଠି
ହୁଏତ ବା ଦିନେ ଆସିବ କିଏ ସେ
ବଜେଇ ମରଣଘଣ୍ଟି
ମା' ପରା ତୋତେ ବସିଛି ଚାହିଁରେ
ସାଉଁଳି ଦେବ ତୋ' ପିଠି।

ମୋ: ୯୪୩୭୮୧୩୭୦୮

## କାଳକାଳକୁ



**''ଘର ତାହା, ଯାହା ପାଦ ଦେବା ମାତ୍ରେ ଆଦରି ନିଏ।''**
**– ରବର୍ଟ ଫ୍ରଷ୍ଟ୍**

**ରବର୍ଟ ଫ୍ରଷ୍ଟ୍‌ଙ୍କ** ଜନ୍ମ ୨୬ ମାର୍ଚ୍ଚ ୧୮୭୪ରେ ସାନ୍ ଫ୍ରାନ୍‌ସିସ୍କୋରେ ଓ ପରଲୋକ ୨୯ ଜାନୁଆରୀ ୧୯୬୩ରେ, ବୋଷ୍ଟନ୍‌ରେ। ବିଶ୍ୱବିଦିତ ଏହି ଆମେରିକୀୟ କବିଙ୍କ କବିତାରେ ଗ୍ରାମ୍ୟଜୀବନର ବାସ୍ତବତା ଧରାଦିଏ। ଆମେରିକୀୟ ଲୋକଭାଷା ହୋଇଉଠେ ତାଙ୍କ କବିତାର ଭାଷା। ଜଟିଳ ସମାଜ ଜୀବନ ଓ ଦର୍ଶନ ତାଙ୍କ କବିତାର ଅନ୍ୟତମ ଆଭିମୁଖ୍ୟ। ତାଙ୍କ ରଚିତ ପ୍ରସିଦ୍ଧ ପୁସ୍ତକଗୁଡ଼ିକ ଭିତରେ ଅନ୍ତର୍ଭୁକ୍ତ 'ଏ ବୟ'ଜ୍ ଉଇଲ୍', 'ନର୍ଥ ଅଫ୍ ବୋଷ୍ଟନ୍' ଓ 'ନିଉ ହାମ୍ପସାୟର୍'। ଇଂଲିଶ୍ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ଏହି କବି 'ପୁଲିଜର ପୁରସ୍କାର'ରେ ସମ୍ମାନିତ। ସେ କହନ୍ତି: ୧. ''ଲେଖକର ଲୁହ କି ପାଠକର ଲୁହ ; ଲେଖକର ବିସ୍ମୟ କି ପାଠକର ବିସ୍ମୟରେ ମୋ' କବିତା ନ ଥାଏ, ଥାଏ ଅନନୁଭୂତ ସ୍ମୃତି–ଆବିଷ୍କାରର ଆନନ୍ଦରେ।'' ୨. ''ଯୌବନରେ ବିପ୍ଳବୀ ହେବାକୁ ମୁଁ ସାହସ କରି ପାରେ ନାହିଁ ଏଇ ଡରେ ଯେ, ବାର୍ଦ୍ଧକ୍ୟରେ ଏହା ମୋତେ ରକ୍ଷଣଶୀଳ ସାବ୍ୟସ୍ତ କରିଦେଇପାରେ।''

# ଅମୃତଲଗ୍ନ

**ଲଘୁଗଳ୍ପ**

**ରତ୍ନପ୍ରଭା ନାଥ**

ବନ୍ଦନା ଚାତକ ପରି ଚାହିଁ ରହିଥାଏ ଆଶୁତୋଷଙ୍କୁ। କେତେ ସମୟ ହେବ ଗଲେଣି, ଏଯାଏ ଫେରିନାହାନ୍ତି। ଅପେକ୍ଷାର ସମୟ ବଡ଼ କଷ୍ଟକର। ଯେତିକି ଡେରି ହେଉଥାଏ, ବନ୍ଦନାର ବ୍ୟଗ୍ରତା ସେତିକି ବଢୁଥାଏ। ବେଳେବେଳେ ଉଦାସ ମଧ୍ୟ ହୋଇଯାଉଥାଏ। ବାହାଘର ଦଶବର୍ଷ ହୋଇଗଲା, ମାତ୍ର ମାତୃତ୍ୱ ସୁଖରୁ ସେ ବଞ୍ଚିତ। ତାଙ୍କର କେଉଁଥିରେ କିଛି ଅଭାବ ନ ଥିଲା। ଭଗବାନ ସବୁ ଦେଇଥିଲେ– ଭଲ ଘର, ଗାଡ଼ି, ଧନସମ୍ପତ୍ତି, ପ୍ରେମରେ ଓଦା କରିଦେଉଥିବା ସ୍ୱାମୀ। କେତେ ଡାକ୍ତର ବୈଦ୍ୟଙ୍କୁ ପରାମର୍ଶ କରି କେତେ ଔଷଧ ଖାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ଶେଷରେ ଆଇ.ଭି.ଏଫ୍. ମଧ୍ୟ କରିଥିଲେ। ସେଥିରେ ମଧ୍ୟ ବିଫଳ ହେଲେ। ତାଙ୍କ ଅକ୍ଷମତାକୁ ନେଇ ଧୀରେ ଧୀରେ ଲୋକଙ୍କର କଟୁ କଥା, ଲାଞ୍ଛନା ବଢ଼ିବାକୁ ଲାଗିଲା। ସେଥିପାଇଁ ସେ ଲୋକମାନଙ୍କ ସହ ଏବେ କମ୍ ମିଳାମିଶା କରୁଥିଲେ। ତାଙ୍କ ମାନସିକତାର ମଧ୍ୟ ପରିବର୍ତ୍ତନ ହେବାକୁ ଲାଗିଲା। ଦିନ ଥିଲା ଛୋଟ ପିଲାମାନଙ୍କୁ ଦେଖିଲେ ମନରେ ଆନନ୍ଦ ଖେଳିଯାଉଥିଲା। ଏବେ ଛୋଟ ପିଲାଙ୍କୁ ଦେଖିଲେ ଚିଡ଼ିଚିଡ଼ା ହୋଇଯାଉଛନ୍ତି। ଗର୍ଭବତୀ ମହିଳାଙ୍କୁ ସହ୍ୟକରି ପାରୁନଥିଲେ। ତାଙ୍କର ଇଚ୍ଛା ହେଉଥିଲା ସବୁ ନିଆଁ ଲାଗିଯାଆନ୍ତା କି? ଯେଉଁ ସୁଖରୁ ସେ ବଞ୍ଚିତ, ସେ ସୁଖ ପାଇବାର ଅଧିକାର କାହାର ବି ନାହିଁ। ଏହିପରି ଗୁଡ଼ାଏ ଦୁର୍ଭାବନା ତାଙ୍କୁ କବଳିତ କରିବାରେ ଲାଗିଥାଏ।

ରକ୍ଷଣଶୀଳତାର ଊର୍ଦ୍ଧ୍ୱରେ କେତେ ଜଣ ଶୁଭେଚ୍ଛୁ, ବନ୍ଧୁ ଅନାଥାଶ୍ରମରୁ ପିଲାଟିଏ ଆଣିବା ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ବନ୍ଦନା ଏହା ସହଜରେ ଗ୍ରହଣ କରିପାରି ନାହାନ୍ତି। ଭିନ୍ନ ରକ୍ତର ପିଲାକୁ ସେ କିପରି ନିଜର ସନ୍ତାନ ବୋଲି ଭାବିପାରିବେ! ବନ୍ଦନା ଆଶାବାଦୀ ଅଛନ୍ତି, ଏଥର ପ୍ରିଗ୍ନାନ୍ସି ରିପୋର୍ଟ ନିଶ୍ଚିତ ପଜିଟିଭ୍ ଆସିବ। ଆଶୁତୋଷ ଏଯାଏ ଫେରିନାହାନ୍ତି। ବନ୍ଦନାଙ୍କ ଉଦ୍‌ବେଗ ବଢ଼ିଚାଲିଥାଏ। ହଠାତ୍ ଝଡ଼ବେଗରେ ଆଶୁତୋଷ ଆସି କହିଲେ, 'ବନ୍ଦନା, ଶୀଘ୍ର ବାହାରିପଡ଼। ଡାକ୍ତର ତୁମକୁ ଦେଖାକରିବାକୁ ଚାହୁଁଛନ୍ତି।'

''ଆରେ ଆରେ! ରିପୋର୍ଟ କ'ଣ ଆସିଲା କୁହ। ଏ କରୋନା ସମୟରେ ମୁଁ ବାହାରକୁ ଯିବାକୁ ଚାହୁଁନାହିଁ'' ବନ୍ଦନା ବ୍ୟସ୍ତହୋଇ କହିଲେ। ଆଶୁତୋଷ କିଛି ନ ଶୁଣିଲା ପରି କହିଲେ 'ତୁମେ ଶୀଘ୍ର ବାହାରିପଡ଼, ଆମକୁ ଡାକ୍ତର ଅପେକ୍ଷା କରିଛନ୍ତି ଯେ!'

ଆଶା, ଆକାଂକ୍ଷା ଓ ଦ୍ୱନ୍ଦ୍ୱ ଭିତରେ ବନ୍ଦନା ବାହାରି ଆଶୁତୋଷଙ୍କ ସହିତ ଡାକ୍ତରଙ୍କ କ୍ୟାବିନ୍‌କୁ ଗଲେ। ସେ ଏହି ଡାକ୍ତରଙ୍କ ପାଖରେ ପ୍ରାୟ ପାଞ୍ଚ ସାତବର୍ଷ ହେବ ଚିକିତ୍ସିତ ହେଉଛନ୍ତି। ଡାକ୍ତର ସେମାନଙ୍କୁ ଦେଖି କହିଲେ 'ମୋ ସହିତ ଆସ'। ଜଣେ ବୃଦ୍ଧା ମହିଳାଙ୍କ ୱାର୍ଡ଼କୁ ସେମାନଙ୍କୁ ନେଇ କହିଲେ 'ଏ ମହିଳା ଜଣକ ଏକ ଉଚ୍ଚପଦସ୍ଥ ସରକାରୀ ଚାକିରିରୁ ଅବସର ନେଇଛନ୍ତି। କ୍ୟାନ୍‌ସରରେ ଏଠାରେ ଚିକିତ୍ସିତ ହେଉଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ପୁଅବୋହୂ ତାଙ୍କୁ ଥରେମାତ୍ର ଦେଖାକରିବାକୁ ଆସିନାହାନ୍ତି। ବୃଦ୍ଧାଙ୍କ ଅପେକ୍ଷା ନିରାଶାରେ ପରିଣତ ହୋଇଛି। ତାଙ୍କ ରକ୍ତର ସନ୍ତାନ ଏପରି ହୋଇପାରେ ବୋଲି ସେ ବିଶ୍ୱାସ କରିପାରୁ ନାହାନ୍ତି। ବନ୍ଦନା ହତଚକିତ ହୋଇ ଚାହିଁରହିଥିଲେ।

ଡାକ୍ତର ସେମାନଙ୍କୁ ଶିଶୁ ବିଭାଗ ୱାର୍ଡ଼କୁ ନେଇଗଲେ। ନର୍ସ ଗୋଟିଏ ସଦ୍ୟ ଜନ୍ମିତ ଶିଶୁକୁ ବୋତଲରେ କ୍ଷୀର ପିଆଇବାକୁ ଚେଷ୍ଟା କରୁଥାନ୍ତି। ପିଲାଟି କାନ୍ଦୁଥାଏ। ଡାକ୍ତର ନର୍ସଙ୍କଠାରୁ ଛୁଆଟିକୁ ଆଣି ବନ୍ଦନାଙ୍କ ହାତରେ ଧରାଇଦେଲେ। କେମିତି ଏକ ଅପୂର୍ବ ଆନନ୍ଦ ଓ ପରିପୂର୍ଣ୍ଣତାରେ ତାଙ୍କ ଦୁଇହସ୍ତ ପୂରିଉଠୁଥାଏ। ଡାକ୍ତର କହିଲେ– 'ଶିଶୁଟିର ବାପା ପ୍ରଥମେ କରୋନାରେ ଚାଲିଗଲେ। ଏ ପିଲାଟିକୁ ଦୁଇଦିନ ତଳେ ଜନ୍ମଦେଇ ତା' ମାଆଟି ମଧ୍ୟ କରୋନାରେ ଚାଲିଗଲା। ତେବେ ସୁଖର କଥା, ଶିଶୁଟି କରୋନାମୁକ୍ତ।

ଡାକ୍ତର କହିଲେ– ତୁମେ ଦୁହେଁ ଶିଶୁଟିର ଉପଯୁକ୍ତ ଅଭିଭାବକ ହୋଇପାରିବ ବୋଲି ମୋର ବିଶ୍ୱାସ। ସେଦିନ ସେ ଅମୃତଲଗ୍ନ କ'ଣ ଥିଲା କେଜାଣି, ଦିହେଁଯାକ କନ୍ୟାରତ୍ନଟିକୁ ଘରକୁ ଧରି ଆସୁଥିଲେ। ବନ୍ଦନାଙ୍କ ଆଖିରେ ଆନନ୍ଦାଶ୍ରୁ। ଦୀର୍ଘ ଦଶବର୍ଷ ପରେ ଆଶୁତୋଷ ଓ ବନ୍ଦନାଙ୍କ ପ୍ରିଗ୍ନାନ୍ସି ରିପୋର୍ଟ ଏତେ ସୁନ୍ଦର ଓ ରକ୍ତମାଂସର ହୋଇପାରେ ବୋଲି ବନ୍ଦନାଙ୍କର ବିଶ୍ୱାସ ହେଉ ନ ଥିଲା।



– ଜାଗମରା, ଭୁବନେଶ୍ୱର
ମୋ: ୮୨୪୯୯୨୯୭୬୨

Divisa
ଆଖିକୁ ଦିଅନ୍ତୁ ପ୍ରାକୃତିକ ଆଇ ମନ୍ତ୍ରା
100% Ayurvedic
Helps In:
• Eye Strain • Eye Dryness
• Eye Tiredness • Eye Freshness • Eye Cleanliness
ପ୍ରଭାବ ପ୍ରଥମ ଦିନରୁ
EYE Mantra EYE Drop
100% Ayurvedic Eye Relief Drops
Dr. Juneja's EYE Mantra
Clinically Tested*
12 ଗୁଣକାରୀ ଆୟୁର୍ବେଦିକ ଔଷଧ ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୁଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍‌ସ ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସକରି ତାହାକୁ ସୁସ୍ଥ ଓ ଶୀତଳ ରଖିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।
ପ୍ରୟୋଗ ବିଧି: 2 ରୁ 3 ଡ୍ରପ୍‌ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁସାରେ ବ୍ୟବହାର କରନ୍ତୁ।
24x7 Helpline: 8196822222 • www.eyemantra.com • Available at all leading medical stores



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଟି-୫୩ ବର୍ଗର ପୁରୁଷ ୪୦୦ ମିଟର ଇଭେଣ୍ଟ ଅବସରରେ ଓଡ଼ିଶାର କମଳାକାନ୍ତ ନାୟକ। (ଫଟୋ: ବିକାଶ ନାୟକ)

# ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ, ୩ ରୌପ୍ୟ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

### ଜାତୀୟ ପାରା ଆଥଲେଟିକ୍ସ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରି ୧ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ଲଙ୍ଗଜମ୍ପରେ ଟି୩୬ ଇଭେଣ୍ଟରେ ଜୟପ୍ରକାଶ ବାରିକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୪.୮୩ ମିଟର ଜମ୍ପ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ପୁରୁଷ ୪୦୦ ମିଟର ଟି୧୧ ଇଭେଣ୍ଟରେ ଯଦୁନାଥ ମାଝି ଚମତ୍କାର ପ୍ରଦର୍ଶନ କରି ରୌପ୍ୟ ପଦକ ଜିତିଛନ୍ତି। ସେ ୫୭.୭୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ୪୦୦ ମିଟର ଟି୪୭ ଇଭେଣ୍ଟରେ ଜୟନ୍ତି ବେହେରା ୧:୦୪.୩୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଛନ୍ତି। ପ୍ରଥମ ଦିବସରେ ସେ ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ପୁରୁଷ ଲଙ୍ଗଜମ୍ପ ଟି୧୩ରେ ମଙ୍ଗତ ହେମ୍ବ୍ରମ ରୌପ୍ୟ ଜିତିଛନ୍ତି। ସେ ୬.୩୩ ମିଟର ଜମ୍ପ କରିଛନ୍ତି। ଅନ୍ୟପକ୍ଷରେ ପିପୁର କୁମାର ସାହୁ ୫.୭୧ ମିନିଟ ନେଇ ୫ମ ଓ ପଙ୍କଜ ଭୁଏ ୫.୨୪ ସେକେଣ୍ଡ ସହିତ ୮ମ ସ୍ଥାନରେ ରହିଛନ୍ତି। ଏହା ପାରା ସ୍ପୋର୍ଟ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କ ଦକ୍ଷତାକୁ ପ୍ରଦର୍ଶିତ କରୁଛନ୍ତି। ଓଡ଼ିଶାକୁ ପ୍ରଥମ ଦିବସରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ମିଳିଥିଲା। ଫଳରେ ଦ୍ୱିତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୯ରେ ପହଞ୍ଚିଛି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ।



ଜୟପ୍ରକାଶ ବାରିକ



ଯଦୁନାଥ ମାଝି



ମଙ୍ଗତ ହେମ୍ବ୍ରମ



ଜାତୀୟ ପାରା ଆଥଲେଟିକ୍ସର ମହିଳା ୧୦୦ ମି. ଟି୧୨ ବର୍ଗର ପୁରସ୍କାର ପ୍ରଦାନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମା'ଙ୍କୁ ନିଜ ସ୍ୱର୍ଣ୍ଣ ପଦକ ପିନ୍ଧାଇ ଦେଇଛନ୍ତି ଜାନକୀ ଓରାମ।

# ମହିଳା ବିଶ୍ୱକପ୍ ପାଇଁ ଫିଫାର ନୂଆ ନିୟମ

**ଜୁରିଚ୍, ୨୦।୩ (ଏପି):** ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା 'ଫିଫା'ର ଏକ ନୂଆ ନିୟମ ଅନୁମୋଦନ ଲାଭ କରିଛି, ଯଦ୍ୱାରା ଏଣିକି ମହିଳା ବିଶ୍ୱକପ୍ ଓ ଅନ୍ୟ ଟୁର୍ନାମେଣ୍ଟଗୁଡ଼ିକରେ ମହିଳା ଫୁଟ୍‌ବଲ କୋଚ୍‌ମାନେ ଅଧିକ ସୁଯୋଗ ପାଇବେ। ଫିଫା କହିଛି, ଏହାର ମହିଳା ଟୁର୍ନାମେଣ୍ଟଗୁଡ଼ିକରେ ପ୍ରତ୍ୟେକ ଦଳରେ ଅତିକମ୍‌ରେ ଜଣେ ମୁଖ୍ୟ କୋଚ୍ କିମ୍ବା ସହକାରୀ କୋଚ୍ ରହିବେ। ୨୦୨୩ ମହିଳା ବିଶ୍ୱକପ୍‌ରେ ଭାଗ ନେଇଥିବା ୩୨ ଦଳ ମଧ୍ୟରୁ ମାତ୍ର ୧୦ଟିରେ ଜଣେ ମହିଳା ମୁଖ୍ୟ କୋଚ୍ ଥିଲେ। ସେମାନଙ୍କ ମଧ୍ୟରେ ଫାଇନାଲରେ ପରାଜିତ ଇଂଲଣ୍ଡ ଦଳର ସାରିନା ୱିଗ୍‌ମାନ ଅନ୍ୟତମ। ଫିଫାର ଚିଫ୍ ଫୁଟ୍‌ବଲ ଅଫିସର ଜୁଲ୍ ଏଲିସ୍ ତାଙ୍କର ଏକ ବିବୃତିରେ କହିଛନ୍ତି, ଆମକୁ ଅଧିକ କାମ କରିବାକୁ ହେବ, ଯଦ୍ୱାରା ପରିବର୍ତ୍ତନର ବେଗ ଦ୍ରୁତତର ହେବ। ୟୁରୋପୀୟ ଫୁଟ୍‌ବଲ ପରିଚାଳନା ସଂସ୍ଥା 'ୟୁଫା' ମହିଳା ଖେଳକୁ ଅଧିକ ଉନ୍ନତ କରିପାରିଛି। ମହିଳା ୟୁରୋପିଆନ ଚାମ୍ପିୟନଶିପ୍‌ରେ ଭାଗ ନେଉଥିବା ୧୬ଟି ଦଳ ମଧ୍ୟରୁ ଯଦିଓ ମାତ୍ର ୭ଟି ଦଳରେ ଜଣେ ଲେଖାଏ ମହିଳା ମୁଖ୍ୟ କୋଚ୍ ଅଛନ୍ତି, ଯେଉଁ ଦଳରେ ପୁରୁଷ ମୁଖ୍ୟକୋଚ୍ ଅଛନ୍ତି, ସେହି ଦଳରେ ଜଣେ ମହିଳା କୋଚ୍ ଅନିବାର୍ଯ୍ୟ। ୱିଗ୍‌ମ୍ୟାନଙ୍କ ନେତୃତ୍ୱରେ ଇଂଲଣ୍ଡ ୟୁରୋପିଆନ ଟାଇଟଲ ବଜାୟ ରଖିଥିଲା, ଯାହା କି ତାଙ୍କର କ୍ରମାଗତ ତୃତୀୟ।

# ଆଇପିଏଲ୍ ଉପରେ ଜାତୀୟ ଚୟନକର୍ତ୍ତାଙ୍କ ନଜର

**ନୂଆଦିଲ୍ଲୀ, ୨୦।୩ (ପି.ଟି.)**

ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଉପରେ ଜାତୀୟ ଚୟନକର୍ତ୍ତାଙ୍କ ନଜର ରହିବ। ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ଆହୁରି ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ଥିଲେ ମଧ୍ୟ ଟି୨୦ରେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିଙ୍କ ଉପରେ ଚୟନକର୍ତ୍ତାମାନେ ନଜର ରଖିବେ। ଏଥିରୁ ଆଗାମୀ ଦିନିକିଆ ବିଶ୍ୱକପ ଲାଗି ସମ୍ଭାବ୍ୟ ଦଳ ଚୟନ ହେବା ସମ୍ଭାବନା ଅଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଜାତୀୟ ଚୟନ କମିଟି ପ୍ୟାନେଲରେ ଆରପି ସିଂ, ଶିବସୁନ୍ଦର ଦାସ, ଅଜୟ ରାତ୍ରା ଓ ପ୍ରଜ୍ଞାନ ଓଝା ରହିଛନ୍ତି। ଏହି ପ୍ୟାନେଲ ସଦସ୍ୟମାନେ ଆଇପିଏଲ୍ ଅବସରରେ ନିଜ ନିଜ କ୍ଷେତ୍ରରେ ଥିବା ଷ୍ଟାଡିୟମରେ ଉପସ୍ଥିତ ରହିବେ ଏବଂ ଅନ୍ୟ ମ୍ୟାଚଗୁଡ଼ିକୁ ଟିଭି ମାଧ୍ୟମରେ ଦେଖିବେ। ଆଗାମୀ ବିଶ୍ୱକପ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମ୍ବିୟାର ମିଳିତ ଆୟୋଜନରେ ଅନୁଷ୍ଠିତ ହେବ। ଆଗାମୀ ୨୮ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ ସହ ଆଇପିଏଲ୍ ଆରମ୍ଭ ହେବ।

ଭାରତ ଟି୨୦ ବିଶ୍ୱକପ ଜିତିଥିବାରୁ ଆଗାମୀ ଦିନିକିଆ ବିଶ୍ୱକପ ପର୍ଯ୍ୟନ୍ତ ଅଜିତ ଅଗରକରଙ୍କ କାର୍ଯ୍ୟକାଳକୁ ବଢ଼ାଯିବ ବୋଲି ଶୁଣିବାକୁ ମିଳୁଛି। ମାତ୍ର ଏପରି ଖବରକୁ ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ଖଣ୍ଡନ କରିଛନ୍ତି। ଚୟନ କମିଟି ପ୍ୟାନେଲ ବିସିସିଆଇର ଏକ ସବ୍-କମିଟି। ବର୍ତ୍ତମାନର ଚୟନକର୍ତ୍ତାଙ୍କ ଚୁକ୍ତି ସମୟ ଚଳିତ ବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ରହିଛି। "ଅଜିତଙ୍କ ଚୁକ୍ତି ସେପ୍ଟେମ୍ବରରେ ଶେଷ ହେବ। ଏହାପରେ ବିସିସିଆଇ ସମ୍ପାଦକ ଓ ଅଜିତ ମିଶି ଏ ସମ୍ପର୍କରେ ନିଷ୍ପତ୍ତି ନେବେ। ସମ୍ବିଧାନ ଅନୁସାରେ ଜଣେ ସିନିୟର ଚୟନକର୍ତ୍ତା ୪ ବର୍ଷ ପର୍ଯ୍ୟନ୍ତ ରହିପାରିବେ। ତେଣୁ କାର୍ଯ୍ୟକାଳ ବୃଦ୍ଧିର ଆବଶ୍ୟକତା ନାହିଁ" ବୋଲି ସେ କହିଛନ୍ତି। ଅଗରକର ୨୦୨୩ ଜୁଲାଇରେ ଚୟନକମିଟି ମୁଖ୍ୟ ଦାୟିତ୍ୱରେ ଅଛନ୍ତି। ୨୦୨୮ରେ ଟି୨୦ ବିଶ୍ୱକପ ହେବ। ଏହା ପୂର୍ବରୁ ଅଲିମ୍ପିକ୍ସରେ ଭାରତ ଖେଳିବ। ତେଣୁ ଟି୨୦ରେ ଭଲ ଖେଳି ଆସୁଥିବା ଖେଳାଳିଙ୍କ ଉପରେ ଚୟନକର୍ତ୍ତା ନଜର ରଖିବେ। ପାଖାପାଖି ୨୦ ଖେଳାଳିଙ୍କୁ ଏଥିରୁ ଚୟନ କରାଯିବ, ଯେଉଁମାନଙ୍କ ମଧ୍ୟରୁ କିଛି ଦିନିକିଆ ଦଳରେ ସାମିଲ ହେବେ। ୫୦ ଓଭରପାଇଁ ଯେଉଁମାନେ ସ୍ପେଶାଲିଷ୍ଟ ଖେଳାଳି ସେମାନେ ବିଶେଷ ଜଣାଶୁଣା।

## ଆଫଗାନିସ୍ତାନ ଟେଷ୍ଟ ଲାଗି ପୂର୍ଣ୍ଣ ଶକ୍ତିସମ୍ପନ୍ନ ଦଳ

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଗୋଟିଏ ଟେଷ୍ଟ ଜୁନ ୬ରୁ ୧୦ ପର୍ଯ୍ୟନ୍ତ ମୁଲାନପୁରରେ ଅନୁଷ୍ଠିତ ହେବ। ଏହା ଯଦିଓ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ମିଳିବ ନାହିଁ ତେବେ ଭାରତ ପୂର୍ଣ୍ଣ ଶକ୍ତିସମ୍ପନ୍ନ ଦଳ ଖେଳାଇବ। ଆସନ୍ତା ଅଗଷ୍ଟରୁ ୨୦୨୭ ମାର୍ଚ୍ଚ ମଧ୍ୟରେ ଭାରତ ୯ଟି ଟେଷ୍ଟ ଖେଳିବ। ତେଣୁ ସମସ୍ତ ଶୀର୍ଷ ସ୍ଥାନୀୟ ଖେଳାଳିମାନେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ପାଇଁ ଉପଲବ୍ଧ ହେବେ।

# ଆଇପିଏଲ୍ ୨୦୨୬: ଚାମିରା, ନିସାଙ୍କା, କାମିନ୍ଦୁ ମେଣ୍ଡିସଙ୍କୁ ଏନ୍‌ଓସି

**କଲମ୍ବୋ, ୨୦।୩ (ପି.ଟି.)**

ଆଇପିଏଲ୍-୨୦୨୬ରେ ଅଂଶଗ୍ରହଣ କରିବା ପାଇଁ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ଶୁକ୍ରବାର ଦୁଷ୍ମନ୍ତ ଚାମିରା, ପାଥୁମ ନିସାଙ୍କା ଓ କାମିନ୍ଦୁ ମେଣ୍ଡିସଙ୍କୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପ୍ରଦାନ କରିଛି। ଏହି ୩ଜଣ ସଫଳତାର ସହିତ ଏସ୍‌ଏଲ୍‌ସିର ଫିଜିକାଲ ପର୍‌ଫର୍ମାନ୍ସ ଟେଷ୍ଟରେ ଉନ୍ନୀତ ହୋଇପାରିଛନ୍ତି। ଆସନ୍ତା ଆଇପିଏଲ୍ ପାଇଁ ପେସର ଚାମିରା ଏବଂ ଓପନର ନିସାଙ୍କା ଦିଲ୍ଲୀ କ୍ୟାପିଟାଲ୍ସର ସଦସ୍ୟ ରହିଥିବାବେଳେ ସନ୍‌ରାଇଜର୍ସ ହାଇଦ୍ରାବାଦ ଅଲରାଉଣ୍ଡର କାମିନ୍ଦୁ ମେଣ୍ଡିସଙ୍କୁ ରିଟେନ କରିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ ଅଂଶଗ୍ରହଣ ଲାଗି ଅନୁମତି ପାଇଁ ଆବେଦନ କରିଥିବା ଖେଳାଳିମାନଙ୍କୁ ଏସ୍‌ଏଲ୍‌ସିର ଫିଜିକାଲ ପର୍‌ଫର୍ମାନ୍ସ ଟେଷ୍ଟରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ।

# ଓଡ଼ିଶା ଏଫ୍‌ସିର ସହଜ ବିଜୟ

**ଗୁଆହାଟୀ (ଆସାମ) ୨୦।୩**

### ରାହୁଲ କେପିଙ୍କ ଡବଲ୍ ଗୋଲ

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୨୦୨୫-୨୬ର ଏକ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ସହଜ ବିଜୟ ହାସଲ କରିଛି। ଦଳ ରାହୁଲ କେପିଙ୍କ ଡବଲ୍ ଗୋଲ ସହାୟତାରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ୪-୧ ଗୋଲରେ ପରାସ୍ତ କରିଛି। ରାହୁଲ ୬ଷ୍ଠ ଓ ୬୫ତମ ମିନିଟ୍‌ରେ ଏବଂ ଶୁଭମ ଭଟ୍ଟାଚାର୍ଯ୍ୟ ୨୪ତମ ମିନିଟରେ ଗୋଲ୍ ସ୍କୋର କରିଥିବା ବେଳେ ବେକି ଓରାମ ୬୮ତମ ମିନିଟ୍‌ରେ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଚଳିତ ସିଜନରେ ଓଡ଼ିଶା ଏଫ୍‌ସିର ଏହା ହେଉଛି ପ୍ରଥମ ବିଜୟ। ଦଳ ବର୍ତ୍ତମାନ ୫ ପଏଣ୍ଟ ସହ ପଏଣ୍ଟ ଟେବୁଲର ୯ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ୬ପଏଣ୍ଟ ସହ ଏହାର ୭ମ ସ୍ଥାନ ବଜାୟ ରଖିଛି। ରାହୁଲ କେପି ତାଙ୍କ ଡବଲ୍ ଗୋଲ୍ ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚ ପାଇଁ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ମୁଖ୍ୟ କୋଚ୍ ଜୁଆନ ପେଡ୍ରୋ ବେନାଲି ତାଙ୍କ ଷ୍ଟାର୍ଟିଂ ଇଲେଭେନ୍‌ରେ ଏକମାତ୍ର ପରିବର୍ତ୍ତନ କରିଥିଲେ। ମିକ୍ବେଲ ଜାବାକୋଙ୍କ ସ୍ଥାନରେ ଅଶିର ଅଖତାରଙ୍କୁ ଦଳରେ ସ୍ଥାନିତ କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଟି.ଜି. ପୁରୁଷୋଥମନ ଦୁଇ ପରିବର୍ତ୍ତନ କରିଥିଲେ। ସେ ୧୯ ବର୍ଷୀୟ ବାମହାତୀ ଶୁଭମ ଭଟ୍ଟାଚାର୍ଯ୍ୟଙ୍କୁ ପଦାର୍ପଣର ସୁଯୋଗ ଦେଇଥିବା ବେଳେ ମିଡ୍‌ଫିଲ୍ଡର ଲାଲ୍‌ରିନ୍‌ଫେଲା ଖିଆଙ୍ଗେଟ୍‌ଙ୍କୁ ସୁଯୋଗ ଦେଇଥିଲେ।



ଗୁଆହାଟୀରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଓଡ଼ିଶା ପୁରୁଷ ଦଳକୁ ବ୍ରୋଞ୍ଜ, ମହିଳା ୪ର୍ଥ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

### ଜାତୀୟ ୟୁଥ୍ ଭଲିବଲ ଉଦ୍‌ଯାପିତ

### ପୁରୁଷରେ ପଞ୍ଜାବ ଓ ମହିଳାରେ କେରଳ ଚାମ୍ପିୟନ

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୨୬ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଜାତୀୟ ଭଲିବଲ ଇତିହାସରେ ଓଡ଼ିଶା ଏଥର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତିଥିବାବେଳେ ମହିଳା ଦଳ (ଚତୁର୍ଥ ସ୍ଥାନ) ଟପ୍-୪ରେ ରହିବାରେ ସକ୍ଷମ ହୋଇଛି। ୩-୪ ପୋଜିଶନ ମ୍ୟାଚରେ ଓଡ଼ିଶା ପୁରୁଷ ଦଳ ଦିଲ୍ଲୀକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ମହିଳା ଦଳ ପୋଜିଶନ ମ୍ୟାଚରେ ହରିୟାଣା ନିକଟରୁ ହାରି ଯାଇଛି। ମହିଳା ବର୍ଗର ଫାଇନାଲରେ କେରଳ ୩-୦ (୨୫-୧୬, ୨୫-୧୯, ୨୫-୧୪)ରେ ତାମିଲନାଡୁକୁ ହରାଇ ଟାଇଟଲ ହାସଲ କରିଛି। ଅନ୍ୟପକ୍ଷରେ ତୀବ୍ର ସଂଘର୍ଷପୂର୍ଣ୍ଣ ପୁରୁଷ ଫାଇନାଲରେ ପଞ୍ଜାବ ୩-୨ (୨୧-୨୫, ୨୧-୨୫, ୨୫-୧୫, ୨୫-୨୨, ୧୫-୧୩)ରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)କୁ ପରାସ୍ତ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ତଥା କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏମ୍‌ଜିଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଏବଂ ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରଣଜିତ ସିଂ ଓ ପୂର୍ବତନ କୁଳପତି ଏନ୍.ଏଲ୍.ମିତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ଦଳର ପ୍ରଦର୍ଶନରେ ଅଚ୍ୟୁତ ସନ୍ତୋଷ ପ୍ରକାଶ କରିବା ସହ ସଫଳ ଆୟୋଜନ ପାଇଁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ରାଜ୍ୟ ସଂଘର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦,୦୦୦, ରନରଅପ୍‌କୁ ୨୦,୦୦୦ ଓ ତୃତୀୟ ସ୍ଥାନ ପାଇଁ ୧୫,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସ୍ୱତନ୍ତ୍ର ପୁରସ୍କାର ଭାବେ ଓଡ଼ିଶା ପୁରୁଷ ଦଳକୁ ୭୫,୦୦୦ ଏବଂ ମହିଳା ଦଳକୁ ୫୦,୦୦୦ ଟଙ୍କା ଦିଆଯାଇଥିଲା। ଭାରତୀୟ ଭଲିବଲରେ ପ୍ରଥମଥର ପାଇଁ କିଟ୍ ଇନ୍‌ଡୋର ହଲ୍‌ର ୬ଟି କୋର୍ଟରେ ଏକସଙ୍ଗେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ କିଟ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।







ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶା ମହିଳା (ଉପର) ଓ ପୁରୁଷ ଭଲିବଲ ଦଳ।

# ହର୍ଷିତ ରାଣା ଆଇପିଏଲରୁ ବିଦା

**କୋଲକାତା, ୨୦।୩ (ପି.ଟି.)**

ଇଞ୍ଜୁରୀ କାରଣରୁ ଆଇପିଏଲ୍ ୨୦୨୬ରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛନ୍ତି ପେସ୍ ବୋଲର ହର୍ଷିତ ରାଣା। ଶୁକ୍ରବାର ଏକଥା ସ୍ପଷ୍ଟ ହେବାପରେ କୋଲକାତା ନାଇଟ ରାଇଡର୍ସ (କେକେଆର)କୁ ଶକ୍ତ ଧକ୍କା ଲାଗିଛି। ନିକଟରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ୱାର୍ମଅପ୍ ମ୍ୟାଚ ଖେଳୁଥିବା ସମୟରେ ହର୍ଷିତଙ୍କ ଡାହାଣ ଆଣ୍ଠୁରେ ଏକ ଲିଗାମେଣ୍ଟ ଇଞ୍ଜୁରୀ ହୋଇଥିଲା। ପରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା, ଯାହା ଫଳରେ ତାଙ୍କୁ ଏକ ବ୍ୟାପକ ରିହାବିଲିଟେଶନ ପ୍ରକ୍ରିୟାର ଆବଶ୍ୟକ ପଡ଼ିଥିଲା। ଏହି ପରିପ୍ରେକ୍ଷୀରେ କେକେଆର ମୁଖ୍ୟକୋଚ୍ ଅଭିଷେକ ନାୟାର କହିଛନ୍ତି, ହର୍ଷିତ ରାଣା ଗତ ଦୁଇ ସିଜନ ହେଲା ଦଳର ଜଣେ ଅବିଚ୍ଛେଦ୍ୟ ଅଂଶ ହୋଇ ରହି ଆସିଛନ୍ତି। ହର୍ଷିତ କେବେ ଖେଳକୁ ଫେରିବେ ତାହାର ପୂର୍ବାନୁମାନ କରି ହେଉନାହିଁ। ଆମେ ସବୁବେଳେ ତାଙ୍କ ଅଭାବ ଅନୁଭବ କରିବୁ। ତାଙ୍କ ସ୍ଥାନ ପୂରଣ କରିବା ସହଜ ନୁହେଁ। କେକେଆର୍‌ର ଟିମ୍ ମ୍ୟାନେଜମେଣ୍ଟ ବର୍ତ୍ତମାନ ନବଦୀପ ସଇନି, ଆକାଶ ମାଧ୍ୱାଲ, ସିମରଜିତ୍ ସିଂ, ସନ୍ଦୀପ ୱାରିଅର ଓ କେଏମ୍ ଆସିଫ୍‌ଙ୍କ ମଧ୍ୟରୁ ଜଣଙ୍କୁ ବାଛିପାରେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ